


odia.org

# ଭଡ଼ାଘର

ସିନ୍ଦୂର-ଗାର, ଅସରନ୍ତ, ହୃଦୟର ବନ୍ଧନ, ପଥୁକ,
ଭୁଠ-ପଥର, ପ୍ରେମର ନପୃତି, ସପନ ଲୁହଝୁଡ଼ି,
ପଞ୍ଜୁରୀ ପକ୍ଷୀ, ଭସାମେଦ୍ଧ, ନଶାଣ ଖୁଣ୍ଟ,
ସଞ୍ଜୀବରୀ, ବରହ୍ମଣୀ, ପ୍ରେମିକର ଡାଏରୀ,
କଳ୍ପନାର ଫୁଲ, ଚଲ୍‌ବାଟ, ଶାଳଗ୍ରାମ,
ପ୍ରେମିକାର ଡାଏରୀ, ଅଷ୍ଟମୀ ଗୃନ୍ଦ,
କଳା ପରଦା, ପଥରଢିମା
ପ୍ରଭୃତି ପୁସ୍ତକର

ଲେଖକ

**ଶ୍ରୀ ରାଜକିଶୋର ପଟ୍ଟନାୟକ**

ପ୍ରଥମ ପ୍ରକାଶ
ଅକ୍ଟୋବର ୧୯୫୮

ମୂଲ୍ୟ ତିନିଟଙ୍କା
ଅତିରିକ୍ତ ନାହିଁ

ପ୍ରକାଶକ — କୌମୁଦୀ ପ୍ରକାଶନୀ, ପୁରୀ

ପ୍ରଚ୍ଛଦପଟ ଶିଳ୍ପୀ — ଶ୍ରୀ ଦାଶରଥି ପ୍ରସାଦ ଦାସ

ମୁଦ୍ରାକର — ପ୍ରଭାତୀ ପ୍ରେସ୍, କଟକ-୨

ପ୍ରାପ୍ତିସ୍ଥାନ — ଶାନ୍ତିନିବାସ ବାଣୀ ମନ୍ଦିର
ପୁଷ୍ପଘାଟ ରୋଡ୍, କଟକ-୨

ପ୍ରଥମ ପ୍ରକାଶ — ୧୫ । ୧୦ । ୫୮

( ପରବର୍ତ୍ତୀ ମୁଦ୍ରଣ ଓ ସଂସ୍କରଣ ଲେଖକଙ୍କର ଅନୁମତିସାପେକ୍ଷ )

ଉପହାର

'ଭଙ୍ଗାଘର' ଗଳ୍ପ ସଞ୍ଚୟନର ଗଳ୍ପଗୁଡ଼ିକ ବିଶିଷ୍ଟ କଳାକାର ଓ ସାହିତ୍ୟିକ ଶ୍ରୀଯୁକ୍ତ ଦାଶରଥି ପ୍ରସାଦ ଦାସ ବାଛି ଦେଇଥିଲେ । ଆବଶ୍ୟକୀୟ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ପୁସ୍ତକଟିର ମୁଦ୍ରଣବେଳେ ତାହାର କ୍ରମ ଓ ଅନ୍ୟ କେତେକ ପରିମାର୍ଜନା ସାହିତ୍ୟିକ ଓ ସାମ୍ବାଦିକ ବନ୍ଧୁ ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତି କରିଦେଇଛନ୍ତି ।

ସେମାନଙ୍କ ନିକଟରେ ମୁଁ ଋଣୀ ।

ପ୍ରଣେତା

ଅମଡ଼ାବାଟ, କା, କୃଷ୍ଣ,
ଗୋଦାନ, ଭଙ୍ଗାହାଡ଼ ଏବଂ
ନନ୍ଦକିଶୋର ଗ୍ରନ୍ଥାବଳୀ,

ମାନ୍ୟମାନ୍ୟେଷୁ,

ଚଳିତ ବର୍ଷର ଓଡ଼ିଆ ପୁସ୍ତକର ନିଖିଳ ଭାରତୀୟ ସାହିତ୍ୟର ଆଞ୍ଚଳିକ ନିର୍ବାଚନରେ ଆପଣ ଛ'ଜଣ ବର୍ଣ୍ଣାନୁକ୍ରମେ ସର୍ବୋତ୍କୃଷ୍ଟ ବିବେଚିତ ହୋଇଛନ୍ତି ।

ତେଣୁ 'ଭଡ଼ାଘର' ପ୍ରଣତି ଜଣାଉଛି ।

ଶାନ୍ତି ନିବାସ
ପୁରୀଘାଟ ରୋଡ୍
କଟକ-୧

ରାଜକିଶୋର ପଟ୍ଟନାୟକ
ତା ୭ । ୧୦ । ୫୮

## ମୋର କହିବାର କଥା—

ମୋର କହିବାର କଥା ଅଳ୍ପରେ ମୋର ଉତ୍ସର୍ଗ ପତ୍ରରେ କହିଛି ।

ଏଣିକି ଲେଖିବାକୁ ଭିତରୁ ପ୍ରେରଣା ବଦଳରେ ଭୟ ଆସୁଛି । ପ୍ରତ୍ୟେକ ନୂତନ ପୁସ୍ତକରେ ପୂର୍ବ ପରିଚିତ ସ୍ଥାନ ନିମ୍ନଗାମୀ ହେଉଛି । ଯୁଗ-ଉନ୍ନତିର ଏହାଠାରୁ ଭଲ ଲକ୍ଷଣ କ'ଣ ଆଉ ହୋଇପାରିବ ?

ଦୀର୍ଘ ଚବିଶି ବର୍ଷରେ କ୍ଷୁଦ୍ର ଗଳ୍ପ ପାଞ୍ଚଶହ ଲେଖିଲା ପରେ ଆଜି ଅତୀତ ଯେମିତି କୁହୁଡ଼ି-ଘେରା; ଭବିଷ୍ୟତ୍ ବି ଠିକ୍ ସେମିତି ।

ସେଥିପାଇଁ ମନରେ ଦ୍ୱିଧା ଆସିଲାଣି— ଆଉ ଲେଖିବାର ପ୍ରୟୋଜନ ଅଛି କି ?

ରାଜକିଶୋର ପଟ୍ଟନାୟକ
ତା ୭।୧୦।୪୮

# ଗଳ୍ପ ସୂଚୀ ଓ ରଚନା କାଳ


| | | | |
|---|---|---|---|
| ୧ । | ଭଡ଼ାଘର | ୧୯୪୫ | ୧ |
| ୨ । | ସାଙ୍ଗ | ୧୯୫୪ | ୮ |
| ୩ । | ନୂଆବର୍ଷ | ୧୯୪୬ | ୧୯ |
| ୪ । | ପ୍ରତିଧ୍ୱନି | ୧୯୪୬ | ୩୧ |
| ୫ । | ସୁଧା | ୧୯୫୭ | ୪୩ |
| ୬ । | କଣ୍ଟାବାଡ଼ | ୧୯୪୭ | ୫୩ |
| ୭ । | ମୂର୍ଖ | ୧୯୪୬ | ୬୦ |
| ୮ । | ପ୍ରେମର ମୂଲ | ୧୯୪୧ | ୬୮ |
| ୯ । | କାନ୍ଥ | ୧୯୪୫ | ୮୪ |
| ୧୦ । | ମାଛକାଠି | ୧୯୪୪ | ୯୭ |
| ୧୧ । | ମାୟା ଡୋଙ୍ଗା | ୧୯୪୧ | ୧୧୨ |
| ୧୨ । | କାଠ | ୧୯୪୫ | ୧୨୦ |
| ୧୩ । | ଦୁନିଆର ବାଟ | ୧୯୫୬ | ୧୨୮ |
| ୧୪ । | ଘୋଡ଼ା ଦାଗ | ୧୯୪୪ | ୧୪୩ |
| ୧୫ । | ଏମାନେ ବି ମଣିଷ | ୧୯୪୬ | ୧୫୬ |
| ୧୬ । | ଖାଲି ହାତ | ୧୯୪୭ | ୧୬୪ |

# ପଢ଼ିବା ଲୋକର ମତାମତ

# ଭଙ୍ଗାଘର

ତରୁଣ ବଟକୃଷ୍ଣର କଲେଜ-ଫେରନ୍ତା ରାସ୍ତାରେ ହଠାତ୍ ଗୋଟିଏ ଅଧାଭଙ୍ଗା ସନ୍ତସନ୍ତିଆ ନୁଆଁଣିଆ ଛପରଘର ସହରର ଏତେ କୋଠା ଓ କୁଡ଼ିଆ ଭିତରେ ହଠାତ୍ ଝଟକି ଉଠିଥିଲା ।

ସେଦିନ ବର୍ଷା ହୋଇ ରାସ୍ତାରେ ନାଳପାଣି ଲହରୀ ଭାଙ୍ଗୁଥିଲା । ପ୍ରାୟ ଶହେ ହାତ ଗୋଟିଏ ଗଡ଼ିଆ ପରି ପୂରି ରହିଥାଏ । ସେହି ପାଣିଅରାକୁ ବଟକୃଷ୍ଣ ବର୍ଷା କୋଟ୍ ପିନ୍ଧି ସାଇକଲ୍‌ରେ ପାର ହେଉଥିଲା ବେଳେ ଖସି ପଡ଼ିଯାଇ ସେହି ଘରଟିର ପରିଚୟ କରିଥିଲା । ଦୁଇପାଖେ ପ୍ରାୟ ଶହେ ହାତଯାଏ ଆଉ କାହାର ଘର ନ ଥିଲା—ଖାଲି ଏଣୁ ତେଣୁ ବଣ ବୁଦା ଓ ଖୋଲା ଜାଗା ।

ଉଠି ଠିଆ ହେଲାବେଳେ ଦେଖିଲା, ଘରଟିର ଦୁଆର ବନ୍ଧ ମଝିରେ ଗୋଟିଏ ଯୁବତୀ ଠିଆହୋଇଛି । ଯୁବତୀର ଆଖି ଅଚଞ୍ଚଳ । ମୁହଁରେ ବିଦ୍ରୂପ କି ହସ ନାହିଁ । ବରଂ ବଟକୃଷ୍ଣ ସେଠି ସହାନୁଭୂତିର କ୍ଷୀଣରେଖା ଦେଖିଥିଲା ।

ବଟକୃଷ୍ଣ ଏମିତି ଗୋଟିଏ ସ୍ଥାନରେ ବାଟ୍ଟୁ ହୋଇ ପଡ଼ିବା ଯୋଗୁଁ ନିଜକୁ ଧିକ୍କାର ଦେଇ ସାଇକଲ୍‌ର ବଙ୍କା ହ୍ୟାଣ୍ଡେଲ୍ ଠିକ୍ କଲାବେଳେ ଇଚ୍ଛା କରୁଥିଲା—ଅନୁମତି ମିଳିଲେ ବର୍ଷାଟାରେ ସେହି ପିଣ୍ଡାରେ ଟିକିଏ ରହିଯାନ୍ତା ।

ଯୁବତୀଟିର ସ୍ଥିର ଦୃଷ୍ଟି ସେମିତି ଅପରିବର୍ତ୍ତିତ ରହିଲା । ବଟକୃଷ୍ଣ ତାହାର ରାସ୍ତାରେ ଆଗେଇ ଗଲାବେଳେ ବେକ ବୁଲାଇ, ଥରକ ପାଇଁ ତାହାର ଦୁର୍ଦ୍ଦଶାର ଏକମାତ୍ର ସାକ୍ଷୀ ସେହି ପ୍ରତିମାଟିକୁ ଥରେ ଚାହିଁଦେଇ ଗଲା ।

ଘରେ ଓଦାଲୁଗା ବଦଳି ବିଛଣା ଉପ୍ଭୋଗ କଲାବେଳେ ତରୁଣ ବଟକୃଷ୍ଣ କେତେ କଳ୍ପନା ମିଶାଇ ସେହି ଅପରିଚିତା କଥା ଭାବିଗଲା । ସେ ତାହାର ଦୁଃଖର ସାକ୍ଷୀ — ତେଣୁ ସାଥୀ ।

ତେଣିକି ବଟକୃଷ୍ଣର କଲେଜଯିବା ରାସ୍ତା ବଦଳିଗଲା ସେହି ଘର ଆଗ ଦେଇ ।

ଆଉ କିନ୍ତୁ କାହାରି ଦେଖା ପାଏ ନାହିଁ । କିନ୍ତୁ ସେହି ଘର ପାଖରେ ଅକାରଣ ଓ ସକାରଣ ବଟକୃଷ୍ଣର ସାଇକଲ୍ ଘଣ୍ଟି ବାଜି ଉଠେ । କେହି ଆସେ ନାହିଁ ଦୁଆର ପାଖକୁ ।

ତାଙ୍କରି ଘର ଆଗ ଦେଇ ଗଡ଼ିଯାଇଥିବା ଘରର ନର୍ଦ୍ଦମା ପାଣି ବଟକୃଷ୍ଣ ମନରେ ସେହି ବର୍ଷାଦିନଟିର ପାଣିସୁଅର ସ୍ମୃତି ଭସାଇଆଣେ । ମନେ ମନେ ସେ ଖୋଜେ ପୁଣି ଥରେ ସେହି-ଦିନ ପରି କଚଡ଼ା ବର୍ଷା । ତାହାହେଲେ କାଳେ ଦେଖା ମିଳି ପାରିବ । କିନ୍ତୁ କିଛି ହୁଏ ନାହିଁ ।

ହଠାତ୍ ପ୍ରାୟ ମାସକ ପରେ ସନ୍ଧ୍ୟାବେଳେ ଯାଉଁଯାଉଁ ବଟକୃଷ୍ଣ ଦେଖିଲା ସେହି ଘରୁ ଯୋଡ଼ିଏ ସ୍ତ୍ରୀ ଲୋକ ବାହାରି ଆସୁଥିଲେ । ସେ ତାହାର ସେହି ଅପରିଚିତାକୁ ସେଥିଭିତରେ ଦେଖି ଚିହ୍ନିଗଲା । ତେଣୁ ବି ସେମିତି ଆଶ୍ଚର୍ଯ୍ୟ ହୋଇଯିବାର ଗୋଟିଏ ଗୃହାଣୀ ମିଳିଲା । ହଠାତ ରାସ୍ତାରେ ପରିଚିତର ମୁହଁ ଦିଶିଗଲେ ଯେମିତି ଅପଣାଛାଏଁ ଆଖିଭିତରର ପୁଅ ନାଚିଯାଏ ଦୁଇଜଣ ଲୋକଙ୍କର ।

ବଟକୃଷ୍ଣ ତାଙ୍କର ପୋଷାକପତ୍ରରୁ ଭାବିଲା ଯେ ସେମାନେ ସ୍ୱଚ୍ଛଳ ଅବସ୍ଥାର ନୁହନ୍ତି । ପ୍ରଥମ ଦେଖାରେ ସେ ତାହାକୁ ସତେଜ ଓ ପ୍ରଫୁଲ୍ଲ ଦେଖିଥିଲା । ଏଥର ଶୁଖିଯାଇଛି । ଭାବିଗଲା, 'କଣ ଚିନ୍ତାରେ — ? ନା, ବୋଧହୁଏ ଦେହ ଖରାପ ଥିଲା । ସେଥିପାଇଁ ଦେଖା ମିଳୁ ନ ଥିଲା ଏତେ ଦିନଯାଏ ।'

ବଟକୃଷ୍ଣର ରାଗ ହେଲା ଘରଟି ଉପରେ । ତାହାର ନୁଆଣିଆ ଚାଳ, ସନ୍ତସନ୍ତିଆ କାନ୍ଥ ବଟକୃଷ୍ଣର ପ୍ରେମପାତ୍ରର ସ୍ୱାସ୍ଥ୍ୟଭଙ୍ଗର କାରଣ ବୋଲି ଧରିନେଲା ସେ । ବଟକୃଷ୍ଣ ବିଦ୍ୟା ଖୋଜିଗଲା-ବେଳେ ରାସ୍ତା ଉପରୁ ତାହାର ମାନସୀ ପ୍ରତିମାଟି ଗୋଟେଇ ପାଇଲା ।

ତେଣିକି ବଟକୃଷ୍ଣ ତାହାକୁ କେବେ କେମିତି ଦୁଆର ପାଖେ ଦେଖେ । ତାହାର ଦୃଷ୍ଟି ସେମିତି ନିର୍ବିକାର ଓ ସପ୍ରତିଭ । କିନ୍ତୁ ବଟକୃଷ୍ଣ ଲାଜରେ ଲାଲ ପଡ଼ିଯାଏ । ରକ୍ତ ଚଞ୍ଚଳ ହୋଇ ଉଠି ସାଇକଲକୁ ସତେ ଯେମିତି ପେଲିଦିଏ ଆଗକୁ ଜୋରରେ । ସେ ଦୂର ହୋଇଯାଏ ।

ମନରେ ଅପୂର୍ଣ୍ଣ ଆଶାର ତୀବ୍ରତା ନେଇ ଗଲାଆଇଲା ବେଳେ ବଟକୃଷ୍ଣ ସେହି ଘରକୁ ଅତି ଅଧିକ ଚିହ୍ନିଗଲା । ଯେତେ ଲୋକ ସେହି ଘରକୁ ଉଠନ୍ତି ଓ ସେଠି ଓହ୍ଲାନ୍ତି ସେହି ସମସ୍ତଙ୍କୁ — ପଡ଼ିଆ ବକାଲୀ, ପାନବାଲା, କଂସା ମରାମତିବାଲା ଓ ଭଦ୍ରଲୋକ ସମସ୍ତଙ୍କୁ ଚିହ୍ନିଗଲା—କଞ୍ଚା ମାଟିରେ ଦାଗ ବସିଗଲାପରି ।

କିନ୍ତୁ ଅପରିଚିତାଟି ପରିଚୟର ସେତିକି ତଫାତ୍‌ରେ ରହିଛି । କେବଳ ତାହାର ରହିବା ଘର ଖଣ୍ଡିକ ବଟକୃଷ୍ଣର ଅତି ଆପଣାର ହୋଇ ଉଠିଥିଲା ।

ଆଉ କିଛି ଦିନପରେ ବିଧି ନିର୍ଦ୍ଦିଷ୍ଟ ପରି ବଟକୃଷ୍ଣ ସେହି-ବାଟ ଦେଇ ଗଲାବେଳେ ଗୋଟିଏ ଘୋଡ଼ାଗାଡ଼ି ମାଲପତ୍ର ଲଦି ସେହିଘରୁ ବାହାରିବାର ଦେଖିଲା । ହଠାତ୍ ଛାତି ଭିତରେ କିଏ ଯେମିତି ଥରେଇ ଦେଇ କହିଗଲା — 'ସେ ଚାଲିଯାଉଛି ।'

ଘୋଡ଼ାଗାଡ଼ିର ଝରକାରୁ ଗୋଟିଏ ସ୍ତ୍ରୀର ହାତ କହୁଣୀ ସଦାକୁ ବାହାରିଥିଲା । ଗାଡ଼ିଭିତରେ ପୁରୁଷ, ସ୍ତ୍ରୀ ଓ ପିଲା ସମସ୍ତେ-ଥିଲେ । ଗାଡ଼ିଟି ପରିବାରର ସମସ୍ତ ମଣିଷ ଓ ଘରକରଣା ଜିନିଷ ନେଇ ଆଗକୁ ଚାଲିଲା ବଟକୃଷ୍ଣଠାରୁ ଦୂରକୁ । କିଛି ବାଟ ସେମିତି ଯାଇ ଅସୁନ୍ଦର ଦିଶୁଛି ବୋଲି ଭାବିବାରୁ ବଟକୃଷ୍ଣ ଫେରିଆସିଲା । କିନ୍ତୁ ଜାଣିଲା ସେହି ନାଲି ରାସ୍ତାରେ ସେ ଯାହାକୁ ଦେଖି ଦେଖି ହଜିଗଲା ଆଉ ଫେରିପାଇବ ନାହିଁ ।

ତହିଁଆରଦିନ କଲେଜ ଗଲାବେଳେ ଦେଖିଲା ଘରଟିରେ ତାଲା ବନ୍ଦ । ତଥାପି ଆଶାକୁହୁଡ଼ିରେ ଆଉ କେତେଦିନ ଧାଇଁଲା ସେହିବାଟେ; କିନ୍ତୁ ଘରଟିର ତାଲା ଖୋଲି ଆଉ ତାହାର ମାନସୀ ପ୍ରତିମା ସେହି ଘରକୁ ଫେରିଲା ନାହିଁ ।

ତଥାପି ସେ ଆସେ ଆଉ ଯାଏ । ଗଲାଅଇଲା ବେଳେ ତାହାର ମନରେ ସେହି ରଙ୍ଗୀନ୍ ସ୍ୱପ୍ନ ନାଚିଯାଏ ।

ସେହି ପରିଚିତ ଘରଟିରେ ଆହୁରି ଅପରିଚିତ ଲୋକ ଆସି ରହିଲେ । ବଟକୃଷ୍ଣ ଯେମିତି ତାହାର କଳ୍ପନା ପ୍ରେୟସୀଠାରୁ ଆଉରି ଦୂରକୁ ଫୋପାଡ଼ି ହୋଇଗଲା ।

ଘୃଣାରେ ସେ ଭାବିଲା ସେଇଟା ଭଡ଼ାଘର — ଯେମିତି ପ୍ରେମିକା ପାଖରେ ପ୍ରେମ ପାଇଁ ପ୍ରାର୍ଥୀ ହୋଇ ହତାଶ ହେଲେ ପ୍ରେମିକ କହେ, ସେ ସ୍ତ୍ରୀଟି ଦୁଷ୍ଟା ଓ ଭ୍ରଷ୍ଟା ।

ଅଭ୍ୟାସ ଯୋଗୁଁ ଫିବା ଆସିବା କରୁକରୁ ହଠାତ୍ ଦିନେ ଦେଖିଲି ତାହାର ବନ୍ଧୁ ପରିଚିତା ସୁରେଖା ସେହି ଘରକୁ ଆସିଛି । ପାଞ୍ଚବର୍ଷତଳେ ବିବାହ ବେଦୀରୁ ଜଣେ ଅଚିହ୍ନା ଲୋକର ହାତ ଧରି ସୁରେଖା ଚାଲି ଯାଇଥିଲା ।

ଦେଖାହେଲା । ସ୍ମୃତିର ପାଚିଆରୁ ସେହି ଅତୀତର କେତେ ସୁଖଦୁଃଖ ଆଣି ଅଜାଡ଼ିଦେଲା । ତାହାର ଅଭାବ ଅଭିଯୋଗ କହିଗଲା । ତାହାର ସ୍ୱାମୀ ଦରିଦ୍ର—ଦରମା ପାଆନ୍ତି ଅଳ୍ପ ।

ସ୍ୱାମୀପ୍ରତି ଅନାଦର ହେତୁ ସୁରେଖା ଅତି ଅଧିକ ଭଲପାଇ ବସିଲା ବଟକୃଷ୍ଣକୁ । ଆଜି ସେହି ଘରଟିରେ ସୁରେଖାକୁ ଦେଖି ସେହିଘରେ ବସି କଥା କହିଲାବେଳେ ବଟକୃଷ୍ଣର ମନେହୁଏ ତାହାର ମାନସୀ ସେହିଘରେ ଅଛି । ଦୁହେଁ ଦୁହିଁଙ୍କୁ ଭଲ ପାଆନ୍ତି । ବିଭିନ୍ନ କାରଣରୁ ହେଲେ ମଧ୍ୟ ଦୁହିଁଙ୍କର ବିମଳ ପ୍ରେମ ପରସ୍ପରର ପାଦତଳେ ଅଜାଡ଼ି ଦିଅନ୍ତି ।

ସୁରେଖାର ଧୂଅଟିର ଦେହ ଖରାପ ହେଲା । ଦିନକୁ ଦିନ ଅଧିକ ହେବାକୁ ଲାଗିଲା । ସମ୍ବଳ ଅଭାବରୁ ସୁରେଖା ତାହାର ଚିକିତ୍ସା ଯଥାବିଧି କରି ପାରିଲା ନାହିଁ । ଶେଷରେ ପରିବାରଟିକୁ କାନ୍ଦେଇ ପିଲାଟି ଚାଲିଗଲା ।

ସୁରେଖା ଦୋଷ ଦିଏ ସେହି ଘରଟିକୁ । ସେହି ଘର ତାହାର କୋଳରୁ ପିଲାଟିକୁ ଛଡ଼େଇ ନେଲା । ସେ ପୁଣି ଫେରିଗଲା ବଟକୃଷ୍ଣଠାରୁ ତାହାର ଦରିଦ୍ର ସ୍ୱାମୀ ଆଡ଼କୁ । କାରଣ ସୁରେଖାର ଦୁଃଖରେ ବଟକୃଷ୍ଣ ଉପରିଆ ଲୋକର ମନରଖା କଥା ଦୁଇ ଚାରୋଟି କହିଲାବେଳେ ସ୍ୱାମୀଟି ଛୁଟି ମିଳେଇ ଏକା ପ୍ରାଣରେ କାନ୍ଦଣା କାନ୍ଦି ପାରିଥିଲା ।

ବଟକୃଷ୍ଣ କିନ୍ତୁ ଧାଏଁ, କାରଣ ଘରଟିର ଶବପଟ ଉପରେ ସେହି ଅପରିଚିତା ଛବିଟିକୁ ଘେରି ସୁରେଖା ଠିଆ ହୋଇଗଲାଣି । ଘରଟିର ମାୟା ଖୁବ ଟାଣରେ ବଟକୃଷ୍ଣକୁ ଘେରିଗଲାଣି ।

ହଠାତ ସେହି ପ୍ରେମ-ତୀର୍ଥଟିକୁ ଅପବାଦ ଦେଇ ସୁରେଖା ତାହାର ପୁଡ଼ାପସ ଧରି ଚାଲିଗଲା, ଘରେ ପୁଣି ତାଲା ପଡ଼ିଲା ।

ବଟକୃଷ୍ଣ ଦ୍ୱିତୀୟ ଥର ପାଇଁ ଛୁଟି ହୋଇଗଲା ପୁଣି ରାସ୍ତା ଉପରକୁ ।

ତାହାପରେ ସେହିବାଟ ଦେଇ ଗଲାବେଳେ ବଟକୃଷ୍ଣର ମନେହୁଏ ସେହି ଦଦରା ଘରଟିର ଭଙ୍ଗାମାଟି, ଭଙ୍ଗାଚଟାଣ ତାହାକୁ ଉପହାସ କରୁଛି । ତାହାର ଆଉ ଉଦ୍‌ବେଗ ଆସେ ନାହିଁ । ସେ ସ୍ଥିର ଦୃଷ୍ଟିରେ ଘର ଭିତରକୁ ଚାହିଁଲେ ସତେ ଯେମିତି ତାହାର ଦୃଷ୍ଟି ସେହି ଘରକୁ ଭେଦ କରି ଦୂରକୁ ଚାଲିଯାଏ ।

ତାହାର ଇଚ୍ଛାହୁଏ, ସାମର୍ଥ୍ୟ ଥିଲେ ସେହି ଘରଟିକୁ ସେ କିଣି ନିଅନ୍ତା । କେତେ ଉଦ୍‌ବେଗ ଓ ଉତ୍କଣ୍ଠାର ମଧୁର ଛବି ସେଥିରେ ସେ ଆଙ୍କି ସାରିଛି । ସେଇଟିକୁ ସେ ତାହାର ବିଶ୍ରାମଘର କରି ରଖନ୍ତା ।

କେବେ ସେ ଭାବେ ନାହିଁ ଯେ ଘରଟି ଅଭିଶପ୍ତ । ସେହିଟି ତାହାର ପ୍ରତ୍ୟେକ ଗରାଖକୁ ଦଗା ଦେଇ ଦେଇ ଯିବ ।

ଅନେକ ଦିନ ପରେ—

ବଟକୃଷ୍ଣର ଅନ୍ତରଙ୍ଗ ବନ୍ଧୁ ଦରିଦ୍ର ଦାମୋଦର ଅଧାବୟସରେ ଯକ୍ଷ୍ମା ରୋଗାକ୍ରାନ୍ତ ହୋଇ ଚିକିତ୍ସା ପାଇଁ ସେଠି ଆଶ୍ରୟ ନେଲେ ।

ବଟକୃଷ୍ଣର ଆଶଙ୍କା ଓ ଘୃଣା ଆସିଲା ଘରଟି ପ୍ରତି । ସେ ଘରଟିକୁ ତାହାର ଆଖପାଖ ଧୂଳି ପବନକୁ ମଧ୍ୟ ଭୟ କଲା । ଶଙ୍କି ଶଙ୍କି ସେ ଘରଟିରେ ପଶିଲାବେଳେ ଆଉ ଅପରିଚିତାଟିର କମ୍ରା ସୁରେଖାର ଛବି ମନକୁ ଆସେ ନାହିଁ । ସେଠି ସେ ଆନନ୍ଦ ବଦଳରେ ମରଣର ଛବି ଦେଖେ । ତାହାର ବନ୍ଧୁଟିକୁ ଧୀରେ ଧୀରେ ମରଣ ଟାଣୁଛି । ସେ ଚାଲିଛି ।

ବନ୍ଧୁଟି କରୁଣ ଦୃଷ୍ଟିରେ ଚାହେଁ ସୁସ୍ଥ ବଟକୃଷ୍ଣ ଆଡ଼େ । ବଟକୃଷ୍ଣର ଭୟ ହୁଏ । ସୁରେଖାର ସ୍ୱାମୀଟି ସେଠି ମରଣର କୋଳକୁ ଚାଲିଯାଇଛି । ତାହାର ମାନସୀ ପ୍ରତିମା ସେହି ଘର ଗୁଡ଼ ପକାଇଛି । ସେହି ଅଭିଶପ୍ତ ଘର ବନ୍ଧୁଟିକୁ ମଧ୍ୟ ଖାଇବ ।

କାଳର କବଳରେ ବନ୍ଧୁ ଦାମୋଦରର ମଧ୍ୟ ମେଲାଣି ହୋଇଗଲା । ତାହାର ଜୀବନଦୀପ ସେହି ଦଦରା ଘରଟିରେ ଲିଭିଗଲା ।

କେବେ କେମିତି ସେଆଡ଼େ ଗଲେ ଦେଖା ପଡ଼େ ଘରଟି ତାଲାବନ୍ଦ । ଯକ୍ଷ୍ମାରୋଗୀ ଥିଲା ବୋଲି ଅପବାଦ ହୋଇ ଯାଇଛି । ଆଉ କେହି ଆସୁ ନାହାଁନ୍ତି ।

ବଟକୃଷ୍ଣ ମଧ୍ୟ ଦୂରରେ ରହେ । ଘରଟିକୁ ଘୃଣା କରେ । ଘରଟିକୁ ଦେଖିଲେ ଆଉ ତାହାର କଳ୍ପନାରେ ରଙ୍ଗ ଉଠେ ନାହିଁ । ସେହି ଘରର ଓ ସେଥିରେ ରହିଥିବା ଲୋକଙ୍କର ଚିତ୍ର ପ୍ରଖର ହୋଇ ତାହାର ମନରେ ଆନନ୍ଦ ଆଣେ ନାହିଁ ।

# ସାଙ୍ଗ

ଅନେକ ଦିନ ତଳେ ଘରର ଚଉଦବରଷର ଗୃହକର ଟୋକା କୃଷ୍ଣ ଓରଫ କୁଶିଆ ସାଙ୍ଗରେ ବାବୁ ପିଲା କୃଷ୍ଣଚନ୍ଦ୍ର ମିତ ବସି-ଥିବାରୁ ବାପାଙ୍କଠାରୁ ମାଡ ଖାଇଲା ବେଳେ ବାପାଙ୍କର ଉପଦେଶ ଶୁଣିଲା, 'ଏତେ ପଢିସାରି ବି ଗୃହକର ଟୋକା ଛଡ଼ା ଆଉ କେହି ମିଳିଲା ନାହିଁ—ସାଥୀ ଓ ମିତ ହେବା ପାଇଁ ।'

କୃଷ୍ଣଚନ୍ଦ୍ରର ବୟସ ସେତେବେଳେ ସେହି ଚଉଦ ପନ୍ଦର । ସେ ମାଟ୍ରିକୁଲେସନ୍ ପଢ଼େ । ସେ ବୁଝିପାରିଲା ନାହିଁ ଯେ ପଢ଼ା ପିଲାର ମୂର୍ଖ ସାଙ୍ଗରେ ମିତ ବସିବା କପରି ଅନ୍ୟାୟ ଓ ଗର୍ହିତ ।

କୁଶିଆ ବି ମାଡ଼ ଖାଇଲା ଯେ ଏତେ ବଡଟେ ପିଲା ହୋଇ ବାବୁ ପିଲାକୁ ଅବାଟକୁ ନେଉଛି । କୁଶିଆ ନିଜେ ମିତ ହେବା ପାଇଁ ମନାସି ନ ଥିଲା । କୃଷ୍ଣବାବୁ ଏହି ଖେଳ ଆରମ୍ଭ କଲେ । ମାଡ ଥରେ ଦି'ଥର ମିତ ଡାକୁ ନ ଡାକୁଣୁ ସେ ଖାଇଲା ମାଡ଼ । ତେବେ ସେ ବୁଝିଗଲା ଯେ ବାବୁ ପିଲାଠାରୁ ସେ ଫରକ୍ । ସେ ବି ତ ଦେଖିଛି ତାହାର ଭଳି ଗରିବ ପିଲାଙ୍କ ସାଙ୍ଗରେ ବାବୁଙ୍କ ପିଲା ସାଙ୍ଗ ହେଲେ ଘରୁ ମାଡ ହୁଏ ନାହିଁ କାହାର ଉପରେ ।

କୁଶିଆ ସେଠୁ ଗୃହକରି ଛାଡ଼ିଲା । ପାଖରେ ଆଉ ଜଣକ ଘରେ କରି ଆରମ୍ଭ କଲା । କୃଷ୍ଣବାବୁଙ୍କ ସାଙ୍ଗରେ ଆଉ ମିଳାମିଶା କରେ ନାହିଁ । ତେବେ ଆଖିର ଦେଖାରେ ଅନେକ ଭାବ ବିନିମୟ ହୁଏ । କୃଷ୍ଣବାବୁ ପାସ୍ କରି କଲେଜରେ ପଢ଼ିଲେଣି ।

କୁଶିଆ ତାହାର ଗୃହକର ଚଳାଇଥାଏ । କାମ ଭଲ କରେ ବୋଲି ଦରମା ବଢ଼ି ବର୍ଷକୁ ବର୍ଷ—ଆଠଅଣା ଲେଖା ମାସ ପିଚ୍ଛା । ତାହାର ସ୍ତ୍ରୀକୁ ଦେଇନ ସେହି ବାପଅଜାଙ୍କ କୁଡ଼ିଆରେ ସେ ଭଲମନ୍ଦ କରେ । ବାବୁଙ୍କର ମୋଟା ବହି, ମୋଟା ଚଷମା, ମୋଟା କୋଟ କି ନୂଆ ସାଇକଲ କାହାକୁ ସେ ଖାତର କରେ ନାହିଁ ।

କୃଷ୍ଣବାବୁ ଘରର କାଇଦାରେ ପାଠ ପଢ଼ି ଆଖିର ଶକ୍ତି ହରେଇଛନ୍ତି । କୁଶିଆର ବର୍ଷିକିଆ ଦରମା ବଢ଼ିଲା ପରି ତାଙ୍କର ଆଖିର ପାୱାର ବଢ଼ୁଛି । ଦିନକୁ ଦିନ ସେହି ଆଖି କୋରଡ଼ରେ ପଶୁଛି । ଉପନ୍ୟାସ ଓ କବିତାର ମନ ଉପରେ ହେଉଥିବା ମାରାତ୍ମକ ଆକ୍ରମଣ ପାଇଁ ତାଙ୍କର ଦେହର ଶକ୍ତି କମ୍ ହେଲାଣି—ସେ ଗୃହଲକ୍ଷ୍ମୀ ବଙ୍କା ହୋଇ, ଦୁର୍ବଳ ମୁହଁ ଭିତରୁ କେଇଟି ଦାନ୍ତ ସବୁବେଳେ ନିକୁଟି ହୋଇ ଦିଶେ । ସେ ସଦାବେଳେ କୋଟ କମିଜ ପିନ୍ଧି ଦେହକୁ ଥଣ୍ଡା ଓ ଗରମରୁ ରକ୍ଷା କରୁଥାନ୍ତି ।

କୁଶିଆର ଦେହର ଶକ୍ତି ବଢ଼ିଚି, ମୁଣ୍ଡ ମଧ୍ୟ କାହିଁ ଭଲ ହୋଇଛି । ପିଲାଦିନେ ଯାହା ସବୁ ବୁଝିପାରୁ ନ ଥିଲା ବୋଲି ସେ ମୂର୍ଖ ବୋଲି ଗଣା ହେଉଥିଲା, ଏଣିକି ସେ ସବୁ ନାହିଁ । ସେ ଭାଗବତ ପଢ଼ିପାରେ । ଓଡ଼ିଆ ଖବରକାଗଜ ପଢ଼ି ତାହାର ସାଙ୍ଗମାନଙ୍କୁ ଠାକୁରଙ୍କ ଗୁରୁବଚନ ଓ ନେତାମାନଙ୍କ ଉପଦେଶ ଶୁଣାଇପାରେ । ସେଥିପାଇଁ ତା ଅଞ୍ଚଳରେ ସେ ବୁଦ୍ଧିଆ ଆଉ ମାମଲତକାର ।

ଏଣୁ କିନ୍ତୁ କୃଷ୍ଣଚନ୍ଦ୍ରଙ୍କର ମୁଣ୍ଡ ଭିତରେ ମାଲମସଲା ଅଧିକ ହେଉଥିବା ପ୍ରମାଣ ରୂପେ ଉପରେ ଶିଆଳଖିଆ ଆରମ୍ଭ ହୋଇଛି । କିନ୍ତୁ ଦେହର ଶକ୍ତି ଏଣେ ତେଣେ କମିଛି ।

ମୋଟରେ କୁଶିଆ ସାଙ୍ଗରେ ମିତ ବସିବା ଦିନରୁ ଛ'ବର୍ଷ ଭିତରେ କୁଶିଆର ଦେହ ଓ ମନ ଉଭୟ ଉନ୍ନତି କରିଥିଲେ ମଧ୍ୟ କୃଷ୍ଣବାବୁଙ୍କର ମନରେ ଯାହା କିଛି ଉନ୍ନତି ହୋଇ ଥାଉନା କାହିଁକି, ଦେହ ଭାଙ୍ଗିଚି ।

ଉଭୟେ ଏଣିକି ଖରାପ ବାଟକୁ ଗଲେ । କୁଶିଆ ଗଞ୍ଜେଇ ଖାଏ । କାମ ଭଲ କରି ପାରିବ ବୋଲି ଗଞ୍ଜେଇ ଆରମ୍ଭ ହୋଇ-ଥିଲା । ଆଶାନୁରୂପ ଫଳ ମିଳିବାରୁ ଗଞ୍ଜେଇର ମାତ୍ରା ବଢ଼ିଲା । ସେ ଦିନକୁ ଦିନ ଖରାପ ଆଡ଼କୁ ଗଲା – ତାହାର ଦେହ ଦୃଷ୍ଟିରୁ ।

କୃଷ୍ଣ ବାବୁ ବି ମନର ଚିନ୍ତା ଦୂର କରିବା ପାଇଁ ସିଗାରେଟ ଆଉ ପାଇପ୍ ଖାଆନ୍ତି । ବେଳେ ବେଳେ ସେଥିରେ ଗଞ୍ଜେଇ ଅର୍କ ଭିଜେଇ ସେ ଖାଆନ୍ତି । ତାଙ୍କର ମନର ଆରାମ ହେବ ବୋଲି । ସେ କୁଶିଆର ଗଞ୍ଜେଇ ଖିଆ ପସନ୍ଦ ନ କରି ତାକୁ ଉପଦେଶ ଦିଅନ୍ତି ଯେ, ଦେଖି ଗୁହିଁ ନ ଖାଇଲେ ଗଞ୍ଜେଇ-ଖିଆରେ ମରଣ ପାଖେଇ ଆସିବ ।

କୁଶିଆ ପ୍ରତିବାଦ କରି କହେ "ଏକା ଗଞ୍ଜେଇ ତ । ଅରକରେ ବେଶି ପିନା ନିଶା ହେଉଥିବ, କମି ତ ହେବ ନାହିଁ । ଗଞ୍ଜେଇ ଖାଇଲେ କୁଶିଆ ଯଦି ମରିବ, କୃଷ୍ଣବାବୁ କଣ ବଞ୍ଚିବେ ? ········ନାହିଁ, ବାବୁ, ଗଞ୍ଜେଇ-ଖିଆରେ ଲୋକ ମରୁଥିଲେ, ଏତେ ଲୋକ କଣ ସେହି ବେପାର କରୁଥାନ୍ତେ ?

କୃଷ୍ଣବାବୁ ବିରକ୍ତ ହୋଇ ଗୁଲିଯାଆନ୍ତି, ତାଙ୍କର ଗଞ୍ଜେଇ ଅର୍କ ଭିଜା ତମାଖୁକୁ ପାଇପ୍‌ରେ ଟାଣି ଟାଣି । ମନେ କରନ୍ତି, କୁଶିଆ ପାଠପଢ଼ି ନାହିଁ—ତେଣୁ ମରିବ ।

କୁଶିଆ ତାହାର ନାଲି ମନ୍ଦାର ପରି ଆଖିକୁ ଏପାଖ ସେପାଖ କରି ବାଟରେ ଗଲାବେଳେ ଭାବେ, କ'ଣ ଦି'ଧାଡ଼ି ପାଠ ପଢ଼ିଚନ୍ତି ବୋଲି ଏମାନେ ଆମକୁ ମୂର୍ଖ ମଣୁଛନ୍ତି ।

କୁଶିଆ ଦାଣ୍ଡ ଘର ଖୋଜିଲା । ଘର ତାହାକୁ ଭଲ ଲାଗିଲା ନାହିଁ । ବାବୁ କୃଷ୍ଣଚନ୍ଦ୍ର ପାଠ ପଢ଼ିଥିଲେ ବୋଲି ବିବାହ ନ କରି ସେହି ବାଟରେ ଅନେକ ଦିନରୁ ବାଟେଇ ଥିଲେ । ଆଉ ଘରର ପୋତା ଧନରୁ କିଛି କିଛି ନିଜର ପାଠୁଆ ବଗିଚାରେ ସେଠି ଶ୍ରାଦ୍ଧ କରୁଥିଲେ ।

କୁଶିଆ ତାହାର ମୁଣ୍ଡଖାଲିବୁଢ଼ା ଧନ ନେଇ ସେଇବାଟେ ଯା' ଆସ କଲା ଉତ୍ସବରେ ଏକା ତୀର୍ଥରେ କୃଷ୍ଣବାବୁଙ୍କ ସାଙ୍ଗରେ ଭେଟ ହେଲା । ସାଥୀ ହୋଇ ଫେରିଲେ ।

କୃଷ୍ଣବାବୁ ଉପଦେଶ ଦେଲେ, 'କୁଶିଆ କରେ—ଏଣେ ଗୃହଲକ୍ଷ୍ମୀ କି ? ତୋର ଘର ଖଣ୍ଡିକ ତାହା ହେଲେ ଗଲା । ରୋଗ ବୈରାଗ ଅଛି ଏହି ବାଟରେ—କେହି ପଚାରିବେ ନାହିଁ ।'

ସେଦିନ ବି କୁଶିଆ କିଛି ବୁଝି ପାରିଲା ନାହିଁ । ଏକା ତୀର୍ଥରୁ ଫେରି କଣ ଫରକ ଜ୍ଞାନ ଏମିତି ହେଲା ଯେ, କୃଷ୍ଣବାବୁ ଅବଧାନ ସାଜିଲେଣି ।

ନିଜର ବିରକ୍ତି ନ ଦେଖାଇ କୁଶିଆ କହିଲା, 'ଗଞ୍ଜେଇ ଖିଆରେ ମୋର ବଳ ଆସେ । ମୁଁ ଆଉ ଯେଉଁ ଆଠଅଣା ଟଙ୍କାଏ ଅଧିକା ରୋଜଗାର କରି ପାରୁଚି, ସେଥିରେ ଏତକ ଠିକଏ ବେଳେ ବେଳେ ହେଲେ କିଆଁ ଏତେ ବିପତ୍ତି ପଡ଼ିବ ?'

ଆଉ କହିଲା ନାଇଁ ଯେ, କୃଷ୍ଣବାବୁଙ୍କର ଗୃହକର ଏପାଏଁ ତ ହେଲା ନାଇଁ । ଘର ଦୁଆର ହେଲା ନାଇଁ । ବାପ ବୋଉ ମଲାରୁ ସିନା ତାଙ୍କର ହାତ ଫାଙ୍କିରୁ ଏମିତି ମଉଜ ଚାଲିଚି । ସେ ତାହାର ମୂଲିଆ ମୁଣ୍ଡକୁ ଏବେ କୋଉ ସମାନ ?

କୃଷ୍ଣବାବୁ କହିଲେ ଯେ, ସେ ଦେହର ହ୍ରାସ୍ୟକଥା କରି ଜାଣନ୍ତି । ପ୍ରତିକାର କରି ଏହି ବାଟରେ ଚାଲନ୍ତି—ଯେମିତି ଆଗ

ଦେହକୁ କଲଲେ ଗୁଣିଆ ପାଏଁ ମଶାଣୀର ଭୂତ ପ୍ରେତ ମେଳକୁ । କୁଶିଆ କିଛୁ ଜାଣେ ନାହିଁ । ତେଣୁ ମଶାଣୀକୁ ଦେଖି ଭେଟଣା ହେବ — ଆଉ ଏଠି ଦାଷ୍ଣ ସାହ୍ବରେ ବ ରୋଗରେ ପଡ଼ିବ ।

କୁଶିଆ ତାହାର ଦେହର ବଳ ସାଙ୍ଗରେ ବାବୁର ହାଡ଼ ଗିଜଗିଜ ବଙ୍କା ଦେହକୁ ମନେ ମନେ ତୁଳନା କର ଖୁସିଟାଏ ହୋଇଗଲା । ଖାଲି ପଦେ କହିଲା — 'ଦେଖାଯାଉ' ।

ଦୁହେଁ ରୋଗରେ ପଡ଼ିଲେ । ଦେହର ଅତ୍ୟାଗ୍ଭର ପାଇଁ ରୋଗ । କୃଷ୍ଣବାବୁଙ୍କ ଦେହ ଆଉ ସହିଲା ନାହିଁ । ସେ ବୁଢ଼ା ହୋଇ ଆସିଲେ । ତେଣୁ ସେ ବୈଦ୍ୟ ଖୋଜିଲେ ପୁଣି ଯୌବନ ଫେରାଇ ଆଣିବାକୁ । ସେ ଖବର ବଡ଼ ଗୁପ୍ତ ରହିଲା — କାରଣ ସେ ବାବୁ ।

କୁଶିଆ ବାବୁଙ୍କୁ ତାଙ୍କର ଜାଗାରେ ନ ଦେଖି ଜାଣିଲା ଯେ ବାବୁଙ୍କର ଦେହ ଭଲ ନାହିଁ । ଦେଖା କରିବାରେ ବୁଝିଲା ବାବୁଙ୍କୁ ରୋଗ ଧରିଚି । ଆଉ ସେ ଚିକିତ୍ସା କରାଉଚନ୍ତି । ଭାବିଲା, ତାହାର ବାବୁ ପାଠପଢ଼ା ବୁଦ୍ଧିରେ ପ୍ରତିକାର କରୁଥିଲେ ବୋଲି ବଡ଼େଇ କରୁଥିଲେ । କିନ୍ତୁ ପାରିଲେ ନାହିଁ ତ ।

ବାବୁ ବିରକ୍ତି ନ ଜଣାଇ କହିଲେ, ଦେହର ଦୁର୍ବଳତା ପାଇଁ ସେ କିଛି ପ୍ରତିକାର କରି ପାରିଲେ ନାହିଁ । ଯାହା ପାଇଁ ସବୁ ସେ ପ୍ରତିକାର କରିଥିଲେ, ସେ ରୋଗ ଧରି ପାରିଲା ନାହିଁ । ସେତେବେଳେ ସେ କୁଶିଆର ଦେହର ତାରିଫ୍ କଲେ ।

କୁଶିଆ ଭାବିଲା, 'ପାଠ ନ ପଢ଼ିଲେ ବି ତାହାର କ'ଣ ବୁଦ୍ଧି କି ବଳର ଅଭାବ ଘଟିଚି ? ସେ ଟଙ୍କା ଆଣି ପାରୁଚି ପାଠ ନ ପଢ଼ି । ଆଉ ଗୁରୁ ସାଜିଥିବା ବାବୁ ପାଠ ପଢ଼ି ସାରି ଟଙ୍କାର ଖରଚରେ ଲାଗି ଯାଇଚନ୍ତି ।

କୁଶିଆକୁ ରୋଗ ଧରିଲା । ସେ କଥା ଜଣାପଡିଲା । ସେ ଗ୍ରୋଟେଇ ଗ୍ରୋଟେଇ ଚାଲିଲା । ଦେହ ଫୁଲିଗଲା । କୋଷକୁ ଅପରେସନ୍ କଲା । ହାସପାତାଲରେ ରହି ଭୋଗିଲା ଦୁଇମାସ ।

ଫେରିବାବେଳେ ଆଉ ସେ ପୂର୍ବ ସ୍ୱାସ୍ଥ୍ୟ ପାଇଲା ନାହିଁ । ପୂର୍ବ କାମ ପାଇଲା ନାହିଁ । ପେଟ ଅଚଳକୁ ସେ କାମ ଖୋଜିଲା । ସେତେବେଳକୁ କୃଷ୍ଣବାବୁ ଗୋଟିଏ ଗୋଦାମରେ କିରାଣୀ ହେଲେଣି । ଦେହ ବି ଭଲ ହୋଇଯାଇଚି ତାଙ୍କର ।

ସେହି ଗୋଦାମରେ ଆଗରୁ ସେ ବୋଝବୁହା କାମ କରୁଥିଲା । ଏଥର ବାବୁଙ୍କ ସୁପାରିସ୍‌ରେ ସେଠି ସେ କାମ କଲା । କାମକୁ ପାରେ ନାହିଁ । ତେବେ ବାବୁଙ୍କର ଦୋଷ ଜାଣିଥିବାରୁ କୁଶିଆର ଦୋଷକୁ ସେ ସବୁ ଚାଙ୍କନ୍ତି ।

କୁଶିଆ ସେତେବେଳେ ଜାଣିଲା ପାଠ ପଢ଼ିଲେ ମଣିଷର ମନ ଯେ ସବୁବେଳେ ନିର୍ଭୟ ଓ ନିଦକ ହେବ, ଏକଥା କୁହାଯାଇ ନ ପାରେ । ଯାହା ସବୁ କରିଚି ବୋଲି ତାହାର ମନରେ ଛନକା ପଶି ନାହିଁ, ସେହିସବୁ ଲୁଚେଇ ଛପେଇ କରି ବି କୃଷ୍ଣବାବୁ ହେଉଚନ୍ତି ଗ୍ରେର ପର ।

କୁଶିଆର ଦେହ ପୁଣି ଥରେ ଭାଙ୍ଗିପଡ଼ିଲା । ସେ ପୁଣି ଗଲା ଡାକ୍ତରଖାନା । ବାବୁଙ୍କର କିନ୍ତୁ ଆଉ ନୂଆ ରୋଗ ହେଲା ନାହିଁ ।

ଏଥିପାଇଁ ସେ ବାବୁଙ୍କର ପାଠକୁ ତାରିଫ୍ କରେ ନାହିଁ । କାରଣ କୃଷ୍ଣବାବୁଙ୍କ ପରି ତାହାର ଠଙ୍କା ଥିଲେ ଓ ଗଧଖାଟେଣୀ ଦରକାର ନ ହେଉଥିଲେ ସେ କଣ ଡାକ୍ତରଖାନା ଗ୍ଲୁଲଥାନ୍ତା ?

କୁଶିଆ ପୁଣି ଅନେକ ଦିନ ଭୋଗି ଭୋଗି ଆସିଲା । ଖାଲି ପଞ୍ଜରା ହାଡ଼ କେଇଖଣ୍ଡ ଦେନା । ଗୋଟିଏ ଆଖିକ ଆଉ ଦିଶୁ ନାହିଁ । ଆଉ ନିତିରେ ଜାଲଜାଲିଆ ଦିଶୁଛି ।

ସେ ଦେଖିଲା ନିଜର ଘର ଭାଙ୍ଗିଛି । ସ୍ତ୍ରୀ ଆଉ ଜଣକ ସାଥିରେ ଗ୍ଲଲିଗଲାଣି, ତା ପିଲା ଦିଓଟିଙ୍କୁ ଘେନି । ଆଉ ତା'ଘେନି ମନ ମାନୁନାହିଁ ।

ଘରଭିତରେ କେଇଦିନ ରହିବା ପରେ ସେ ଗ୍ଲକିରି ଖୋଜିଲା । କୃଷ୍ଣବାବୁଙ୍କୁ ମଧ୍ୟ କାମ ସହିଲା ନାହିଁ, ସେ ଘରେ ବସି ବସି ଗଞ୍ଜେଇ ଫୁଙ୍କୁଚନ୍ତି ।

ତାଙ୍କର ପାଖକୁ ଯାଏ । ସେ କିଛି ସାହାଯ୍ୟ କଲେ । କୁଶିଆ ଭାବିଲା ଯେ ପିଲାଦିନର ଚହ୍ଲା ଓ ଏକାପରି ଗଞ୍ଜେଇ ଓ ଦାଗିସାହି ଦେଖିଚନ୍ତି ବୋଲି କୃଷ୍ଣବାବୁ ତାହାକୁ ଭଲ ପାଆନ୍ତି ।

କିନ୍ତୁ ତାହାକୁ ସାହାଯ୍ୟ ଦେଲାବେଳେ କୃଷ୍ଣବାବୁଙ୍କର ମନେ ହେଉଥିଲା, କୁଶିଆ ନ ମଲା କାହିଁକି ? ତାଙ୍କର ଏତେ ଦୋଷ ଜାଣିଚି ଯେ, ସେ ନ ମଲେ ଭୂତ ପରି ଲାଗିଥିବ ବାବୁଙ୍କ ସଙ୍ଗରେ ।

ବାବୁଙ୍କର ପାଠ କେଉଁ କୁଳକୁ ବି ସାହା ହେଲା ନାହିଁ ।

ପଇସା ଅଣ୍ଟେ ନାହିଁ । କୃଷ୍ଣବାବୁଙ୍କର ଅଭାବ ଅଧିକରୁ ଅଧିକ ହୁଏ । ସେଥିରୁ ଯାହା ବେଳେବେଳେ ସେ କୁଶିଆକୁ ଦାନ କରନ୍ତି, ସେଥିରେ କୁଶିଆର ନଅଣ୍ଟ ହୁଏ, ତେଣୁ କୁଶିଆ ଭିକ ମାଗିବା ଆରମ୍ଭ କଲାଣି ।

କୃଷ୍ଣବାବୁ ଭାବନ୍ତି ଯେ, ଏତେ କଷ୍ଟ ଭିତରେ କୁଶିଆ କାହିଁକି ଆତ୍ମହତ୍ୟା କରୁନାହିଁ ? ନିଜେ ଅନେକ ଦିନ ହେଲା ଭାବିଲେଣି, ଜୀବନ ହାରି ଦେବେ ବୋଲି; କିନ୍ତୁ ଶିକ୍ଷିତ ଲୋକ କି ନା, କେତେବେଳେ କଣ ସୁବିଧା ସୁଯୋଗ ମିଳିଯିବ, ସେଥିପାଇଁ ସେ ଡେରଡେରି କରୁଚନ୍ତି ।

କୁଶିଆ ତାହାର ଭିକମଗା ବେଉସା ସଇଲେ ସେଠିକି ଆସେ । ଦିହିଁକର ବର୍ତ୍ତମାନ ଏକାବାଟ—ଆତ୍ମହତ୍ୟା କରିବା ।

କୁଣିଆ କହନ୍ତୁ ଉଠ ଉଠି କହେ 'ବାବୁ, ମଣିଷ ଜନ୍ମକୁ ସାରଦେବା ···ପୁରାଣରେ ମନା ଅଛି' ।

କୃଷ୍ଣବାବୁ ବୁଝାନ୍ତି, ଗଞ୍ଜେଇ ଟିକଏ ଦେଇ । କୁଣିଆ ଆଉ କ'ଣ ତୋର ଅଛି କହ ; ସ୍ତ୍ରୀ ଗଲା—ଘର ଭାଙ୍ଗିଲା—ବେଉସା ଗଲା । ଦେହ ଭାଙ୍ଗିଗଲା । ଭିକ ମାଗିଲୁ । ଆଉ କ'ଣ ଭଲ ଅଛି ମଣିଷ ଜନ୍ମରେ ?—ପୁରାଣ ଲେଖା ହେଲାବେଳେ ଲୋକେ ଭଲରେ ଚଳୁଥିଲେ । ସେଥିଯୋଗୁଁ ମଣିଷ ଜନ୍ମଟା ତାଙ୍କୁ ଅପୂର୍ବ ଲାଗୁଥିଲା । ଏମିତି ଧନ ଦୁଃଖୀ ଦେଖିଥିଲେ ସେମାନେ ବି କହିଥାନ୍ତେ ମଣିଷ ଆତ୍ମହତ୍ୟା କଲେ ପାପ ଲାଗିବ ନାହିଁ ।

କୁଣିଆ ତଥାପି ଅବୁଝା ହୋଇ ପ୍ରତିବାଦ କରେ । ସେ କହୁଛି ନୁହେଁ—ଏହି କଥା ଶୁଣିଲେ କୃଷ୍ଣବାବୁଙ୍କୁ କହେ ଆପଣ ତମେ କଅଁ କରୁ ନାହଁ, ସେ କଥା । ଟଙ୍କା ସଇଲାଣି—ଘର ବଂଧା ଦେଲାଣି, ଗୁଳକର ନାଇଁ । ଘର ଦୁଆର କରି ପାରିଲ ନାହିଁ ।—ମୁଁ ତ ସବୁ ପାଇଥିଲି । ହରେଇଚି ଆଜି । ତମର କିଛି ନାହିଁ ତ ।

କୃଷ୍ଣବାବୁ ପ୍ରତିବାଦ କରି କହନ୍ତି ମୋର ସବୁ ଅଛି । ପୁଣି ସବୁ ଫେରିପାରେ । କୁଣିଆର କିଛି ଫେରିବ ନାହିଁ ।

କୁଣିଆ କହେ 'ବାବୁ ଏ ପାଠର ଗରମ ନୁହେଁ—ଗୁନ୍ଧର ଗରମ । ଆଉ କେଇ ଦିନରେ ଜଣାଯିବ ଯେ ।'

କୃଷ୍ଣବାବୁ ରାଗିଲେ । ଦେହ ଥରି ଉଠିଲା । ତଥାପି ଚୁପ ରହିଲେ—ଭିଖାରିର ସାହସ ଦେଖି ।

ଏକା ଦାଣ୍ଡ, ଏକା ଲୋକ ଗହଳିରେ ଭିକ ମାଗିଲେ ଭିକ ମିଳିବା କମ୍ ହୁଏ । କୁଣିଆ ଅଭାବ ଦିନକୁ ଦିନ ବଢ଼ି ଚାଲିଲା ।

ବଢ଼ିଲା ନଈ । ବନ୍ଧ ଉପରେ ସଞ୍ଜବେଳେ ଠିଆ ହୋଇ ରାତି ଅଧପାକେ ଯାବେ; କୃଷ୍ଣବାବୁ କହିଥିବା ଅନୁସାରେ ସେ

ପାଣିରେ ଝାସ ଦେବ । ତାହାର ମନ ଭାଙ୍ଗିପଡ଼େ । ପାରେ ନାହିଁ । ଖଣ୍ଡିଆ ଜୀବନ ତାହାକୁ ଟାଣି ରଖେ । ମରିବାର ଆଶା ମନରେ ମରେ ।

ସେ ଖାଲି ସ୍ମରଣ କରେ ବାବୁ ତ ଡେଇଁ ନାହାନ୍ତି ପାଣିକୁ । ସେ ଆସି ତଳତଳାନ୍ତ ହେଲେଣି । ସେ କଣ ଏତେ ତଳକୁ ଖସିଲାଣି ? — ବାବୁପର ।

ବାବୁ ବି ଆସି ଦିନେ ନଈକୂଳରେ ବୁଲି ଦେଖିଯାନ୍ତି । ଏତେ ଗମ୍ଭୀର — ଏତେ ପଥର — ବଳ ଅଛି । ମୁଣ୍ଡଟା ଛତୁ ହୋଇଯିବ । ସେ ମରଣଠାରୁ ଟୋପାଏ ଅଫିମ ଧରିବା ଭଲ —

କାରଣ ସେ ପାଠ ପଢ଼ିଛନ୍ତି । ଔଷଧ ଖାଇ ମରିବେ । ବନ୍ଧରୁ ଡେଇଁ କି ଗଛରେ ଦଉଡ଼ି ଦେଇ ମରିବେ କୁଶିଆ ପରି ଲୋକ ।

ଜୀବନର ମମତା ଦୁହିଁଙ୍କୁ ସମାନ ଟାଣିଛି । ଆଶା ଦୁହିଁଙ୍କ ହୃଦୟରେ ସମାନ ରାଜୁତି କରୁଛି । କୁଶିଆ ତା ଭିକାରି ଜୀବନରେ ଆନନ୍ଦ ପାଉଛି । କୃଷ୍ଣ ବାବୁ ତାଙ୍କ ଦେଉଳିଆ ଜୀବନରେ ମଧ୍ୟ ଆଶା ରଖିଛନ୍ତି । ତଥାପି କୃଷ୍ଣବାବୁ ଭାବନ୍ତି ଯେ କୁଶିଆ ମୂର୍ଖ— ସେଥିପାଇଁ ବଞ୍ଚିଛି । ଆଉ କୁଶିଆ ଭାବେ, କୃଷ୍ଣବାବୁ ଜୀଇଁଛନ୍ତି ବୋଧହୁଏ ଟଙ୍କା ଧରି ନାଇଁ — ସବୁ ଆସିବଣି ।

ହଠାତ୍ ଦିନେ ଶୁଣିଲା କୃଷ୍ଣବାବୁ ଜୀବନ ହାରିଦେଲେ । ଘରଭିତରେ କାଣିକଉଡ଼ିଟିଏ ରଖି ନାହାଁନ୍ତି । ଗଞ୍ଜେଇ ଖାଉଥିଲେ, କିନ୍ତୁ ଅଫିମ ଖାଇ ମଲେ । ଘରଟା ଉଜାଡ଼ି କରି ଦେଇଛି । ଖଣ୍ଡେ କାଗଜରେ ଲେଖି ରଖି ଯାଇଛନ୍ତି, 'ମୋ' ପାଇଁ କେହି କାନ୍ଦିବ ନାହିଁ ।

ଭିକାରୀ କୁଣିଆ ସେହି ଚାହା ଘରକୁ ଯାଇ ପିଣ୍ଡାତଳେ ବସିଥାଏ । ଅଜଣା ଅଶୁଣା ଲୋକ ପୁଲିସ ଲୋକ ଯାଆସ କରୁଥାନ୍ତି । ସେଥିରୁ ସେ ବାବୁ ବିଷୟରେ କେତେ ନୂଆ ନୂଆ କଥା ଶୁଣିଲା । ବାବୁ ମାଇକିନିଆ ଦୁ' ଗଣ୍ଡା ରଖିଥିଲା । ପ୍ରତିଦିନ ଗୁରି ଭରି ଗଞ୍ଜାଇ ଖାଏ । ପାଗଳ ହୋଇଯାଇ ଅଫିମ ଖାଇଲା··· ଆଉ ଲେଖିଦେଇ ଯାଇଚି — କେହି କାନ୍ଦିବେ ନାହିଁ ତାହା ପାଇଁ ।

ଆହା — ହା । ପାଠ ପଢ଼ିଚି କି ନା ସେଥିପାଇଁ ସେକଥା ଲେଖିଗଲା । ପାଠ ସିନା ଥିଲା, କିନ୍ତୁ ବୁଦ୍ଧି ନ ଥିଲା । ନଇଲେ କଅଁ ଲେଖନ୍ତା — ତାହାପାଇଁ କେହି କାନ୍ଦିବେ ନାହିଁ ।··· କିଏ ଅଛି ଯେ କାନ୍ଦିବ ?

ଭିକାରୀ କୁଣିଆର ହାଡ଼ୁଆ ଗାଲଉପର ଦେଇ ଲୁହଧାର ବହୁଥିଲା, ସେତକ କାହାରି ଦୃଷ୍ଟିକୁ ଆସି ନାହିଁ । ସେ ବୁଝୁଥିଲା ଯେ ଚିଠିଟା ବାବୁ ଲେଖିଯାଇଛନ୍ତି କୁଣିଆ ପାଇଁ । ଭିକାରୀ ଟୋକା ମୂର୍ଖ ବୋଲି ସେ ଲେଖିଦେଇ ଗଲେ—କେହି ହେଲେ ପଢ଼ି ପଦାରେ କହିଲେ କୁଣିଆ ଜାଣିପାରିବ ।

ଯେତେବେଳେ ସମସ୍ତେ କହିଲେ କୃଷ୍ଣଚନ୍ଦ୍ର ବାବୁ ଜଣେ ପାଗଳ ଓ ମୂର୍ଖ, ସେତେବେଳେ କୁଣିଆ ଭାବୁଥିଲା ଯେ, ସେ ଜଣେ ହୃଦୟବାନ୍ ପଣ୍ଡିତ ଲୋକ । ମଲାବେଳେ ବି ଭିକାରୀ କୁଣିଆକୁ ଭୁଲି ନାହାନ୍ତି ।

କୁଣିଆ ଜାଣିଲା, ତା ଜୀବନର ଶେଷ ଆଶ୍ରୟଟି ଭାଙ୍ଗିଗଲା । ବାବୁ ବୁଦ୍ଧିମାନ୍ ବୋଲି ତାକୁ ଠକିଦେଇ ଗୁଲିଗଲେ । ସେ ପ୍ରକୃତରେ ମୂର୍ଖ ବୋଲି ନଈର ପାଣିକୁ ଝାସଦେଇ ପାରିଲା ନାହିଁ । ବାବୁ କିନ୍ତୁ ଆରାମରେ ଗୁଲିଗଲେ ।

ତାହାର ଯେମିତି ଜ୍ଞାନୋଦୟ ହେଉଥିଲା । ମଣିଷ ପାଠରୁ ଶିଖେ ନାହିଁ—ଜୀବନର ଅନୁଭବରୁ ଶିଖେ ।

ବାବୁ ପାଠ ପଢ଼ିଥିଲେ ଟଙ୍କା ଥିଲା ବୋଲି । ଆଉ ପାଠ ପଢ଼ିଲେ ଟଙ୍କା ବ ହୁଏ । ସଂସାରଟା ଏହି ପାଠ ଆଉ ଟଙ୍କାର ଟଣା-ଟଣିରେ ଚାଲିଚ ।

ତାହାର ନଜର କିଛି ନାହିଁ—କେହି ନାହିଁ । ଆଉ କଣ ପାଇଁ ସେ ବଞ୍ଚିବ ?—ବହୁତ ଶିଖିଲାଣି । ମନେପଡ଼ିଲା ପୁରୁଣା ପୁରାଣର ପଦ ସବୁ—ମଣିଷ ଦେହ ମାଟି ଧୂଳିର ।

ଉପରକୁ ଚାହିଁ ସେ ଥକ୍‌କା ହୋଇ ରହିଥିଲା । ତାହାର ଅଜାଣତରେ ତାହାର ଆତ୍ମା ଭକାଶୀର ବେଗ ଜରଜର ଦେହ ଛାଡ଼ି ଚାଲିଯାଇଚ ।

# ନୂଆବର୍ଷ

ବର୍ଷଟିଏ ସରିଆସିଲା ବେଳକୁ କେମିତି ଲାଗେ ଯେ—ମନ ଭିତରେ ଅନେକ ଗୋଳମାଳ ସଜଡ଼ା ହୋଇପାରିଲା ନାହିଁ । ଘରଟା ବି ଅସନା ଲାଗେ ଓ ଟେବୁଲ ଉପର ଅଳିଆ ଦିଶେ । ସେହି ଅଭ୍ୟାସରୁ ବୋଧହୁଏ ସେଇବର୍ଷ ଆରମ୍ଭ ହେଲାବେଳେ ନରେଶକୁ ସେମିତି ଲାଗିଥିଲା ।

ନୂଆ ବର୍ଷ ଆରମ୍ଭ ହେଲେ ଯେତେବେଳେ କାନ୍ଥ କାଲେଣ୍ଡର ବଦଳିଯାଏ ଓ ନରେଶ ତାହାର ଚିଠି ଲେଖା ଓ ଦସ୍ତଖତ ସବୁଥିରେ ନୂଆ କରି ତାରିଖ ଲଗାଏ, ସେତେବେଳେ ତାହାର ମନେପଡ଼େ—ପଚିଶ ବର୍ଷ ତଳର ଅଳକା କଥା—ଆଜି ତାହାର ପିଲାଙ୍କୁ ହୁଏ ତ ସେହି ପଚିଶି ପାଖାପାଖି ହେଲାଣି । ତଥାପି ଅଳକାର ବୟସ ନରେଶ ଆଖିରେ ସେହି ଷୋଳ ସତରରେ ରହିଯାଇଛି ।

ନରେଶ ହିସାବ କଲା ଯେ ପଚିଶ ବର୍ଷ ଏପାଖ ସେପାଖ ହୋଇଗଲାଣି । ଗାଁର ଝିଅ ଅଳକା ତାହାଠାରୁ ସାତ ବର୍ଷ ବଡ଼ । ପଚିଶ ବର୍ଷ ତଳେ ସେ ଯେତିକ ଦୂରରେ ଥିଲା ଠିକ ସେତିକ ଦୂରରେ ରହିଛି—ବୟସରେ, ମନରେ ଓ ସମ୍ବନ୍ଧରେ ମଧ୍ୟ ।

ଅଳକା ନରେଶକୁ ପ୍ରଥମେ ଶିଖେଇଦେଇଥିଲା ବର୍ଷ କେମିତି ଚାଲିଗଲେ ନୂଆ ତାରିଖ ଲେଖାହୁଏ । ଛୋଟ କଥାଟିଏ । ତଥାପି

ପ୍ରତିଥର ବର୍ଷଟିଏ ଚାଲିଗଲେ ନରେଶର ମନେ ପଡ଼ିଯାଏ ଅଳକା କଥା । ପିଲାଦିନର ପ୍ରେମିକା ଅଳକା ତାହାକୁ ଶିଖେଇ ଦେଇଥିଲା ତାରିଖ ଲେଖିବା । ସେଥିପାଇଁ ନରେଶ ତାହାର ନୂଆ ବର୍ଷ ଆରମ୍ଭ କରେ ଅଳକାକୁ ସ୍ମରଣ କରି । ସେକଥା ସେ ଅଳକାକୁ କହିଥିଲା ଅନେକ ଥର । ଅଳକା ହସେ—ଭାରି ଖୁସି ହୁଏ । ସ୍ୱାମୀ ଯେତେ କୋଠା, ମଟର, ଟଙ୍କା, ପିଲା ଆଣି ଜମାକରିଗଲେ ବି ଅଳକାକୁ ସୁଖୀ କରିପାରିଲେ ନାହିଁ ।

କେବେ କେବେ ଅଳକାର ମନେପଡ଼େ ନରେଶ କଥା । ତେବେ ସେଇଟା ନୂଆ ପୁରୁଣା ବର୍ଷ ଦୁଇଟିର ପାରଗୁଣ୍ଠାର ହେଲା-ବେଳେ ନୁହେଁ । ସମୟ ସମୟରେ ନରେଶକୁ ଦେଖିଲେ ଅଳକାର କେତେବେଳେ କେମିତି ମନେପଡ଼ିଯାଏ । ସେ ହସେ ଓ ପଚାରେ ଆଜି କେତେ ତାରିଖ ? ନରେଶ ତାରିଖ କହେ । କେହି ବୁଝେ ନାହିଁ । ଅଳକାର ସ୍ୱାମୀ ବୁଢ଼ା ହେଲେଣି । ଅଳକାର ପିଲାମାନେ ଚାକିରି କରି ବାହା ହେବାକୁ ବାହାରିଲେଣି, କିନ୍ତୁ କେହି ବୁଝିନ୍ତି ନାହିଁ । ଅଳକାର ଗାଲ ଉପରେ ସିନ୍ଦୂରିଆ ରଙ୍ଗ ଉଠେ ।

ଏହି ହେଲା ପ୍ରେମିକର ସଂସାର ।

କିନ୍ତୁ ହିସାବୀ ଲୋକ ଆଖିରେ ସେହି ଅର୍ଥ ଉଠେ ନାହିଁ । ସେଥିପାଇଁ ଟଙ୍କା, ସୁନା, କୋଠା, ଜମି, ମଟର, ପିଲାଙ୍କୁ ଦେଇ, ସଂସାର ଗଢ଼ାଯାଏ ନାହିଁ, କିନ୍ତୁ ଗଢ଼ାଯାଇଥିଲା ପରି ଦିଶେ । ପଚିଶ ବର୍ଷର ବାହାଘର ବିତେଇସାରି ସେହି ଅଳକା ସ୍ୱାମୀ ପାଖରେ, ପିଲାଙ୍କ ପାଖରେ, ଯେଉଁ ପ୍ରକାର ହେଉ ନା କାହିଁକି ନରେଶ ପାଖରେ ସେ ରହିଯାଏ ତାହାର ସେହି ଷୋଳ ସତର ବର୍ଷର ମନ ନେଇ । ତାହାର ଓଠକଣରେ ପୁଣି ମହକ ଉଠେ,

ଆଖି କଣରେ ଲାଲସା ଦିଶେ । କିନ୍ତୁ ସେହି ସେତକ ହିସାବୀଙ୍କୁ ଦିଶେ ନାହିଁ । କାରଣ ତାଙ୍କର ଆଖି ନାହିଁ ।

ସ୍ୱପ୍ନର ସଂସାର ପଚିଶି ବର୍ଷ ତଳେ ବୋଧହୁଏ ଚଳୁଥିଲା । ଏବେ ଆଉ ସ୍ୱପ୍ନର ଓ କଳ୍ପନାର ମାତବରୀ ନାହିଁ । ନ ହେଲେ ପ୍ରେମିକ ନରେଶର ମନ ବଦଳିଲା କିପରି ?

ଭାରତ ସ୍ୱାଧୀନ ହେଲାପରେ ନରେଶ ରହି ରହି ଭାବୁଥିଲା କେଡ଼େ ଅସାର ତାହାର ସ୍ୱପ୍ନ । ପଚିଶ ବର୍ଷରେ ହାରାହାରି ଭାରତୀୟ ଲୋକ ମରିଯାଏ ବୋଲି ଲେଖାହେଉଛି । କିନ୍ତୁ ତାହାର ପଚିଶ ବର୍ଷର ସାଧନା ଯେତିକି ଦୂରରେ ରହିଥିଲା, ଠିକ୍ ସେତିକରେ ରହିଗଲା ।

ଅଳକା ତାହାକୁ ପ୍ରତିଥର ଟାଣି ନେଇଛି ମନ୍ତ୍ରଶକ୍ତି ପରି । କିନ୍ତୁ ଯେତିକି ବ୍ୟବଧାନ ରହିବା କଥା ସେତିକିରେ ଥୋଇ-ଦେଇଛି । ନରେଶକୁ ଲାଗେ ଯେମିତି ଅଳକାର ଘରଆଡ଼େ କାଚଘେରା—ନରେଶ ସେହି କାଚ ସେପାଖେ ମାଛିପରି ବୁଲୁଛି । ଭିତରେ ସବୁ ଦେଖୁଛି, ସ୍ୱାଦ ପାଉ ନାହିଁ କି ସ୍ପର୍ଶ ପାଉ ନାହିଁ ।

ନରେଶ ସେଥିପାଇଁ ସେହିବର୍ଷ ଭାବୁଥିଲା ଆଇନ୍ଦା ବର୍ଷକୁ ତାହାର ପ୍ରେମର ପଚିଶ ବର୍ଷ ପୂରିଯିବ । ସେହିଦିନ ଯାଇ ସେ ଅଳକାକୁ ସବୁ କଥା କହି ଛୁଟିଦେବ । ପ୍ରେମିକ ନରେଶର ମେଲାଣି ଦରକାର ।

ବର୍ଷ ସରିଆସିବାର ଚାରିମାସ ଆଗରୁ ନରେଶ ତାହାର ଦଉଡ଼ାଧାପଡ଼ା ବନ୍ଦ କରିଦେଇଥିଲା । ଅଳକାର ଦରକାର ପଡ଼େ ନାହିଁ । କେବେ କେବେ ମନର ସଉକ ହେଲେ ନରେଶକୁ ଡକେଇ ପଠାଏ । ଏଣୁ ତେଣୁ କଥା କହି, ହସି ହସେଇ, ଖିଆ-ପିଆ କରେଇ ଛାଡ଼ିଦିଏ । ପିଲାଙ୍କୁ କହେ ନରେଶକୁ ମାନ୍ୟ

କରିବାକୁ । ସେଗୁଡ଼ା ବି ବେଖାତିର କରିବା ଆରମ୍ଭ କଲେଣି— ମା' କଥାକୁ ଓ ମା ପାଖକୁ ଧାଉଁଥିବା ନରେଶକୁ । ତାର ଲାଗେ— କଥାଟା କେଡ଼େ ଅସୁନ୍ଦର ଦିଶିଲାଣି ।

ତଥାପି ନରେଶର ଧାଁଦଉଡ଼ କମି ନ ଥିଲା । ତାହାର କାରଣ ହେଉଛି ଅଳକାଦେବୀଙ୍କର ପ୍ରତିଭା । ଅଳକାର କଥା ଓ କାମ କେଡ଼େ ବିଚକ୍ଷଣ । ସବୁ ସନ୍ଦେହ, ସମସ୍ତଙ୍କର ଅଭିଯୋଗକୁ ସେ ଉଡ଼େଇଦିଏ । ଅଳକାର ସ୍ୱାମୀ ଓ ପିଲାମାନେ ଯେମିତି ଇଚ୍ଛା ସେମିତି ବ୍ୟବହାର ନରେଶକୁ ଦେଖାନ୍ତି । ନରେଶ ସବୁ ପାଇ ବି ଧାଇଁଥାଏ ଅଳକାର ମୁହଁ ଦେଖିବା ପାଇଁ ।

ଅଳକା ବି ଘରଣୀପଣର ହାବୁଡ଼ାରେ ଆସ୍ତୁ ପଚିଶି ବର୍ଷ ପାରକଲାଣି ବହୁତ ଦିନରୁ । ତାହାର ମାଇ ନିଶଗୁଡ଼ା ନ ପାଚଲେ ବି ସେମିତି ବୁଢ଼ାଳିଆ ଦିଶିଲାଣି । ନରେଶ ନିଶ କରଡ଼ା ହୋଇଛି । ଦାନ୍ତ ମୂଳର ମାଡ଼ି ଖାଇଯାଇ ଦାନ୍ତକୁ ଦେଢ଼ଗୁଣା ଲମ୍ବା କଲେଣି । ଦାନ୍ତ ଉପରେ ହଳଦିଆ ଛାଉବୋଳ ବସିଗଲାଣି । ମଝିରେ ମଝିରେ ଗୋଟାଏ ଗୋଟାଏ ହଲୁ ଛି । କଥା କହିଲାବେଳେ ଅଳକା ତାହାର ଦାନ୍ତକୁ ଆଙ୍ଗୁଠିରେ ଏପାଖ ସେପାଖ କରୁଥାଏ । ମୁଣ୍ଡ- ଉପରୁ ବାଳ ଛ'ପାଣି ଉଡ଼ିଗଲାଣି, କପାଳ ଉପରେ କେତେ ଗାର ତିଆରିହୋଇଛି । ଆଖି ଦୃଷ୍ଟିଆଡ଼ କାଉଗୋଡିଆ ହୋଇଗଲାଣି ।

ସେହି ଅଳକାର ହସ ନରେଶ ଆଖିରେ ସବୁଠାରୁ ସୁନ୍ଦର । ଏଠି ସେଠି ସେ ଯୁବତୀ ତରୁଣୀ ଅନେକ ଦେଖୁଛି, ମୁହଁରେ ଦାଗ ପଡ଼ି ନାହିଁ । କାହାର କାହାର ମନରେ ବି ଗୋଟିଏ ଗାର ପଡ଼ି ନାହିଁ । ତଥାପି ସେ ମାଦକତା ପାଏ ନାହିଁ । ଅସଲ ପ୍ରେମିକପଣ ସେ ଖୋଜେ ଅନୁଭୂତିର ଆନନ୍ଦ । ଯାହାର ଅନୁଭୂତି ନାହିଁ, ସେ

କ'ଣ ଆଣିଦେବ । ସେ ପ୍ରେମିକର ମାପକାଠିରେ ଅଳକାକୁ ସୁନ୍ଦର ବୋଲି ଭାବିଲାବେଳେ ତାହାର ମୁଣ୍ଡବାଳ ଗଣେ ନାହିଁ, ପାଟିର ଦାନ୍ତକୁ ମାପେ ନାହିଁ, କି ଆଖି ଉପରର ଗାରକୁ ନିରେଖି ଚାହେଁ ନାହିଁ ।

ଅଳକାର ହସ ଓ ଅଳକାର ମୁହଁ ନରେଶ ଆଖିରେ ଆକାଶର ପୂନେଇ ଚାନ୍ଦ ଉଠେଇଆଣେ । ତାହାର ଆଖି ଉଜ୍ଜଳ ଦିଶେ । ଅଳକା ଲାଜରେ ଝାଉଁଳି ପଡ଼ି ପଣତରେ ମୁହଁକୁ ଢାଙ୍କି କହେ 'ନରେଶ, ତତେ ଦେଖିଲେ ଡର ଲାଗୁଛି ।' ନରେଶ ତାହାର ସେହି ଗାଁ ଝିଅ ଅଳକାକୁ ଗାଁ, ଝିଅର ଡାକ ନାଁରେ କହେ, 'ହେ ଅଲି, ମୋ'ଠି କଅଣ ଡର? ଏତେ ବର୍ଷ ହେଇଗଲାଣି ଦୁଇପାଖେ । ଯାହା ଏତେଦିନ ସମ୍ଭବ ହୋଇ ନାହିଁ, ସେତକ କ'ଣ ଆଉ ସମ୍ଭବ ?

ଅଳକା ଉଠି ଚାଲିଯାଏ । ନରେଶକୁ ଡକେଇ ପଠାଏ ରୋଷେଇ ଘରକୁ । ଚୂଲିର ପାଖରେ ଅଳକା ବସି କାମରେ ଲାଗିଲା ପରି ବ୍ୟସ୍ତ ହୋଇପଡ଼େ । ନରେଶ ସେଠି ବସି ଖାଏ । ଅଳକା ପାନ ଭାଙ୍ଗେ— । ଲୁଚେଇ ସିଗାରେଟ୍ ଦେଇ କହେ ପଦାରେ ଖାଇବାକୁ ।

ଏମିତି ଗଡ଼ୁଛି ଏତେ ବର୍ଷ । ନରେଶର ବୁଦ୍ଧି ଅଳକାର ବିଚକ୍ଷଣତାକୁ ଟପିଲା ନାହିଁ । ଅଳକାର ଘର ଯେମିତି ଥିଲା ସେମିତି ରହିଛି । ସେଥିଭିତରେ ଅଦରକାରୀ ନରେଶ ଅଧା ଦରକାରୀ ହେଇ ଟହଲ ଠାକର ହେଉଛି ।

ତଥାପି ଦିନେ ହେଲେ ଏହାର ଅସାରତା କଥା ନରେଶ ଭାବି ନାହିଁ । କି ଅଳକା ମନରେ ସନ୍ଦେହ ଆସି ନାହିଁ । ତାହାର ନରେଶ ପ୍ରତି ଗୋଟାଏ ଜୀଅନ୍ତା ମାୟା ଯେମିତି ପ୍ରତିଦିନ

ବଢ଼ିଉଠୁଛି । ଅଳକା ତାହାର ସ୍ୱାମୀଙ୍କ ପାଖରେ, ପିଲାଙ୍କ ପାଖରେ ସ୍ତ୍ରୀ ହୁଏ ଓ ମା' ହୁଏ । କିନ୍ତୁ ନରେଶ ପାଖରେ ହୁଏ ଗାଁର ସେହି ପ୍ରେମଶୀଳା ଅଳି ।

ବୟସ ଅଳକାର ଯୌବନ ସାରିବାକୁ ଯେମିତି ତାଲ ତରବାର ନେଇ ଚାଲିଲାଣି । ଆଉ ଦି ଚାରିବର୍ଷରେ ଶେଷ ହୋଇ-ଯିବ । ନରେଶ ଜୀବନରେ ଠିକ ସେମିତି ଇସାରା ଦେଖିଲାଣି । ମୁଣ୍ଡ ବାଳ ପାଚି ଗଲାଣି । ହାତ ଗୋଡ଼ର ଶିର ମୋଟା ହୋଇଆସିଲାଣି । ମନ ଭିତର ଦମ୍ଭ ଭାଙ୍ଗିପଡ଼ିଲାଣି । ଆଉ ପାଞ୍ଚ ଦଶ ବର୍ଷରେ ତାହାର ବି ଆଉ ବଳକା ବୋଧହୁଏ କିଛି ରହିବ ନାହିଁ ।

ତଥାପି ତାହାର ମନେ ପଡ଼ିଯାଏ । ସେ କେମିତି ଅଳକା ପାଖେ ପାଖେ ରହୁଥିଲା । ଅଳକାର ମୁହଁ ହାତ ତାହାକୁ କେଡ଼େ ଧଳା ଦିଶୁଥିଲା । ଗୋରୁ ଘାସ ଚରିଲା ପରି ସେ କେମିତି ଚରିବାକୁ ଚେଷ୍ଟା କଲାବେଳେ ଅଳକା ଧମକ ଦେଉଥିଲା । ବୋଧହୁଏ ଅଳକା ସେତେବେଳେ ଭାବୁଥିଲା, ସବୁ ଗୋରୁ ସବୁ ଘାସ ଖାଆନ୍ତି ନାହିଁ । ନଇଲେ ନରେଶକୁ ସେହି ଘାସ ବାରଣ ହୋଇ ରଖା, ହୁଅନ୍ତା ନାହିଁ ।

ସେ ଦେହ ନାହିଁ । ତ୍ୱଚା ଶୁଖିଛି । ଭଙ୍ଗା ଘରପରି ଅଙ୍ଗଭିତର କଳା କୌଶଳ, ରକ୍ତ ମାଂସର ସୁରକି ଖସିପଡ଼ୁଛି । ମୂଳଦୁଆ ପଡ଼ିରହିଛି । କାହାରି ଦରକାରରେ ଲାଗିବ ନାହିଁ ଆଉ ଏହି ଜନ୍ମରେ । ସ୍ୱାମୀ ପରମାର୍ଥୀ ହେଲେଣି । ପିଲାମାନେ ଅନ୍ୟଆଡ଼େ ଚାହିଁଲେଣି । କାହାରି ଆଖି ତାହାଆଡ଼େ ଟାଣିହେଉ ନାହିଁ, କେବଳ ଜଣେ ନରେଶକୁ ଛାଡ଼ି ।

ଅଲକା ନିବିଡ଼ କୃତଜ୍ଞତାରେ ନରେଶକୁ ମନେପକାଏ । ଜଣେ ଲୋକ ସେହି ନରେଶ ହେଲା—ସେହି ଏକା ନାରୀର ନାରୀତ୍ୱ ବୁଝିଲା,ପ୍ରେମିକର ମର୍ଯ୍ୟାଦା ରଖିଲା । ଅଲକା ଭାବିଲା, ନୂଆ ବର୍ଷରେ ନରେଶକୁ ଡାକିବ ଓ କହିବ ତାହାକୁ କିଛି ଆଉ ବାରଣ ନାହିଁ ।

ଭାବିଲାବେଳେ ଅଲକାର ଓଠ ଥରିଗଲା । ମୁହଁ ଲାଲ ହୋଇ-ଆସିଲା । ସନ୍ଦେହ ହେଲା ନରେଶ ଉପରେ । ସେ କ'ଣ ତାହାର ସ୍ୱାମୀଙ୍କ ପରି ଜଣେ ପଶୁ ? ପ୍ରେମିକ ପଶୁ ହୋଇପାରେ ନା— ହୋଇପାରୁଥିଲେ ନରେଶ କଣ ପଚିଶି ବର୍ଷ ଅଲକା ମୁହଁରେ ହସ ଆଣିପାରିଥାନ୍ତା ? ନରେଶ କ'ଣ ଭୁଲ ବୁଝିବ ନାହିଁ ?

ଅଲକାର ମନରେ ଦ୍ୱନ୍ଦ୍ୱ ଆସିଲା—ହଁ ଓ ନାଁ ର ଦ୍ୱନ୍ଦ୍ୱ । କରିବା ନ କରିବାର ଦ୍ୱନ୍ଦ୍ୱ ।

ବଷଟି ସରିବାର ଶେଷ ମାସଟି । ଅଲକା ଓ ନରେଶ ଦିହେଁ ଭାବିଛନ୍ତି ପରସ୍ପର କଥା । ନରେଶ ଭାବୁଥିଲା ନୂଆ ବର୍ଷରେ ଯାଇ ମେଲାଣି ନେବ — ଚିରଦିନ ପାଇଁ ତାହାର ପ୍ରେମିକା ଅଲକାଠାରୁ ମେଲାଣି । ଅଲକା ଭାବୁଥିଲା ନରେଶକୁ ପାଖକୁ ନେବ । ଚିରଦିନ ଅଲକା ହେବ ନରେଶର — ଦେହରେ ଓ ମନରେ ।

କିନ୍ତୁ ଦୁହିଁଙ୍କ ମନରେ ଗୋଟିଏ ସନ୍ଦେହ । ଦୁହେଁ ଭାବନ୍ତି, ବୋଧହୁଏ ସେତକ ହୋଇପାରିବ ନାହିଁ । ନରେଶ ମନେକରେ ମେଲାଣି ନେଇ ଆସିବାକୁ; ତାହାର ସ୍ମୃତି କୁଳେଇବ ନାହିଁ । ଅଲକା ମନେକରେ ନରେଶକୁ କ'ଣ ବୁଝେଇପାରିବ ଯେ ସେ ତାହାର ଶେଷ ଦାନ ଦେବାକୁ ଅନୁରୋଧ ଜଣାଉଛି । ସତେ କ'ଣ ନରେଶ ତାହାକୁ ଗ୍ରହଣ କରିବ ?

ବର୍ଷର ଶେଷ ଦିନ ନରେଶର ଛୁଟି । ସେ ଶୀତଦିନ ଜାଡ଼ର ପେଖନା କରି କମ୍ବଳଭିତରେ ସେଇ ଅଳକା କଥା ଭାବୁଥିଲା । ଅଳକାର ସବୁ ଅଛି, ନରେଶର କିଛି ନାହିଁ । ଅଳକା ଯେତିକି ଗ୍ରହିଁଛି, ସେତକ ସେ ନେଇଛି ଏହି ପଚିଶି ବର୍ଷର ସବୁଦିନ । ନରେଶ ଯାହା ପଚିଶି ବର୍ଷ ତଳେ ମାଗିଥିଲା ସେତକ ଦିଆ-ହୋଇ ନାହିଁ ତାହାକୁ—ସେଇ ପଚିଶି ବର୍ଷରେ ।

ନରେଶ ଠିକ୍ କରିଛି, ନୂଆ ବର୍ଷରେ ଯାଇ ଅଳକା ପାଖରେ ପହଞ୍ଚିବ । ଅନେକ ଦିନରୁ ଯାଇ ନାହିଁ । ଅଳକାର ଦରକାର କିଛି ପଡ଼ି ନାହିଁ । ସୁଖ ଦେଉ ଦୁଃଖ ଦେଉ, ତାହାର ଯାହା ଇଚ୍ଛା ସେତକ କରିଯାଇଛି ।

ସେଇଦିନ ଅଳକାର ବହୁତ ବେଶି ମନେପଡ଼ୁଛି ପୁରୁଣା କଥା । କେତେ କାକୁତିରେ ନରେଶ ଅଳକା ପାଖରେ ଆସି ହାତ ପତେଇଛି, କିଛି ପାଇ ନାହିଁ । କାରଣ ପ୍ରେମିକ ଚିରଦିନ ଭିକାରୀ । ପ୍ରେମିକା ଯାହା ଦିଏ ସେତିକି ପ୍ରେମିକର ପ୍ରାପ୍ୟ । ସେଥିଭିତରେ ବିଧା, ଗୋଇଠା, ଯୋତା, ଚଟି, ଠେଙ୍ଗା, ସୁନା, ଯାହା ବି ଥାଉ । ପ୍ରେମିକା ହେଉଛି ଦାତା ଓ ପ୍ରେମିକ ହେଉଛି ଭିକାରୀ ।

ଅଳକାକୁ ଲାଗିଲା ଯେମିତି ନରେଶ ଆଉ ଆସିବ ନାହିଁ । ନ ଆସିବା କଥା ଭାବିଲେ, ଅଳକାର ସାରା ଦେହ, ଜୀବନର ଗୁଳଶି ବର୍ଷ ଯେମିତି ଦୋହଲିଆସେ । ତାହାକୁ ଡର ଲାଗିଲା । ସେ କ'ଣ ବାୟାଣୀ ହୋଇଯାଇଛି ?

ତାହାର ସ୍ୱାମୀ ପିଲାଙ୍କର ଫଟୋ ଆଣି କେତେଥର ଗ୍ରହିଁଲା । ଏହି ଏତକ ତାହାର ପୁଞ୍ଜି । ଈଶ୍ୱର ତାହାକୁ ସେତିକି ଦେଇଛନ୍ତି ଆଉ ସେମାନଙ୍କର ରହିବା ଓ ଚଳିବାର ସୁବିଧାପାଇଁ କେଇଟି

ଟଙ୍କା କେଇଅଣ୍ଠ ଜମି ଓ ଘର ଦେଇଛନ୍ତି । ସେଥିରେ ନରେଶ ନାହିଁ । ନରେଶ ଅଛି ତାହାର ଗୁମ୍ଫା ଭିତରେ । ନରେଶ ଯେଉଁ ବାହାରର ଗୁମ୍ଫାଟା ପାଇ ନାହିଁ, ସେହି ଗୁମ୍ଫା ଭିତରେ ସେ ରହିଯାଇଛି । ଅଳକା ସେଦିନ ନରେଶକୁ ପାଖରେ ପାଇଥିଲେ କ'ଣ କରିଥାନ୍ତା କେଜାଣି ?

ଆଖି ବନ୍ଦ ହେଲା ନାହିଁ ଅଳକାର । ସ୍ତ୍ରୀର ଆଖି ଏମିତି ତିଆରି । ଚାହିଁ ରହିବାର ଶକ୍ତି ନ ଥିଲେ କ'ଣ ଏତେ ଦୂର ଦୂରାନ୍ତରୁ ବାଟେଇ ଏତେଦିନ ଆସୁଥାନ୍ତେ ? ନରେଶ ଶୋଇପଡ଼ିଲା, କାରଣ ପଚିଶି ବର୍ଷ ସେ ଖାଲି ଫେରି ଫେରିଯାଇଛି । ଆଉ ଚାଲିବାକୁ ତାହାର ବଳ ନାହିଁ । ଏତେଦିନେ ଆସିଛି ବୋଲି ତହିଁଆରଦିନ ସକାଳେ ଯାଇ କହିଦେଇ ଆସିବ 'ଅଳି, ଏହି ଆମର ଶେଷ' ।

ନୂଆ ବର୍ଷର ସକାଳ—

ନରେଶ ତାହାର ପୁରୁଣା ବିଛଣା, ମଇଳା ମଶାରି ଭିତରୁ ମୁଣ୍ଡକାଢ଼ି ପଦାକୁ ଆସିଲା । ଚିନ୍ତାର କ୍ଳାନ୍ତି ଦୂର ହୋଇ ନାହିଁ । ଭାବିଲା—ପ୍ରତିବର୍ଷ ସେ ଆସି ସୂର୍ଯ୍ୟୋଦୟ ଦେଖେ; ଲାଲ୍ ହୋଇ ସୂର୍ଯ୍ୟ ଉଇଁଆସେ । ଅଳକା ଏମିତି ଦିଶୁଥିଲା ପିଲାଦିନେ ଗାଁରେ । ପରେ ସେ ଧଳା ହେଇଯାଇଛି । ଧଳା ଚମ ତଳୁ ରକ୍ତ କମିଯାଇ ଉପର ଗାରଗାର ହେଇଆସିଲାଣି ।

ଆଉ ଅଳକା କଥା ଭଲ ଲାଗିଲା ନାହିଁ । ନରେଶର ମନଟା ଟାଣ ହେଇଆସୁଥାଏ । ଅଳକାର ପୁଅ ରାସ୍ତାରେ ମୋହିଁଥିଲା କୁଆଡ଼େ । ବୋଧହୁଏ ନୂଆ ବର୍ଷ କରିବ ବୋଲି ତରତର ଥିଲା । ରହିଯାଇ ନରେଶକୁ ଦେଖି କହିଲା 'ଏ ହେଁ, ମୁଁ ଆପଣଙ୍କ ସାଙ୍ଗରେ

ଆଜ ନୂଆ ବର୍ଷ କରେଁ – ମୁଁ ତ ଆପଣଙ୍କ ପରି ଜଣେ ଅଫିସର ହୋଇଗଲିଣି ।'

ମୁହଁ ବିରକ୍ତରେ ନରେଶ କହିଲା 'ହେଲଣି ବାବୁ, ଭଲ ଭଲ । ତମ ଘରେ ଆଜ ନୂଆବର୍ଷ କରିବା – ମୁଁ ଯିବି, ବୋଉ ଭଲ ଅଛି ?......'

ଅଳକାର ପୁଅ ପୁଣି କହିଲା 'ଆଜ ଅ ସିବେ ?...... ମୁଁ ତ ନ ଥିବି । ମୋର ଅନେକ ଲୋକଙ୍କ ଘରକୁ ଯିବା କଥା । ଆଚ୍ଛା ଦେଖିବା......'

ସେ ଚାଲିଗଲା । ନରେଶ ଠିଆହୋଇ ଭାବିଲା, ଅଳକା ପାଖକୁ ଯିବା ତାହାର କ'ଣ ପାଇଁ ଆଉ ଦରକାର ? ଅଳକାର ପୁଅ ଆସି ସକାଳୁ ନୂଆବର୍ଷ କରିବାକୁ ଝଗଡ଼ିଲାଣି । ଅଳକା କଥା ମେଥିରେ ଉଠେଇଲେ ସୃଷ୍ଟିକୁ ପ୍ରହସନ କଲାପରି ଲାଗେ ।

ସୂର୍ଯ୍ୟ ଆକାଶରେ ଉଇଁଆସୁଥିଲେ । ତାଙ୍କର ରଙ୍ଗ ଲାଲରୁ ଧଳାକୁ ବଦଳିଆସୁଥିଲା । ନରେଶ ମୁହଁର ଭାଙ୍ଗଗୁଡାକ ସେଥିରେ ଉଜ୍ଜ୍ୱଳ ହୋଇ ଦିଶୁଥିଲା ।

ଅଳକା ସେତେବେଳେ ବିଛଣାରେ ଶୋଇ ଶୋଇ ଭାବୁଥିଲା ନରେଶ କଥା । ତାହାର ଚହଲା ମନ ଧୀର ହୋଇଆସିଥିଲା ସେତେବେଳକୁ । ତଥାପି ଇଚ୍ଛା ହେଲା ନରେଶକୁ ଦେଖିବା ପାଇଁ ।

ଖଣ୍ଡେ ବାଲି କାଗଜରେ ଧାଡ଼ିଏ ଲେଖିଲା, "ନରେଶ, ଅନେକ କାମ ଅଛି – ଆଜ ସକାଳେ ଏଠି ଖାଇବୁ । ନିଶ୍ଚେ ଆସିବୁ ।" ସେତକ ଚାକରକୁ ଦେଇ ବରାଦ କଲା ଯେ ନରେଶକୁ ହାତେ ହାତେ ଦେଇ ଡାକ ଆଣିବାକୁ । ପୁଅ କୁଆଡ଼େ ଗଲାଣି । ବାବୁ ଆସିବେ ଦୁଇଦିନ ଛୁଡ଼ ।

ନରେଶ ଛୁଟି ପାଇଲାବେଳେ ତାହାର ଆଖିରେ ସେଥର ସେହି ବାଲି କାଗଜ ଖାଲି ଦିଶିଲା । ଅଲକା ଏହି କାଗଜ ପରି ହେଲାଣି । କଥା ବୋଧହୁଏ ସରିଲାଣି, ଧାଡ଼ିଏ ଲେଖିଛି । ମନ ବୋଧ ହୁଏ ମରିଗଲାଣି । ପୁଅକୁ ନ କହି ଚାକର ହାତରେ ଡକେଇଛି...

ନରେଶ ଆଉରି ଭାବିଥାନ୍ତା ବୋଧହୁଏ, ଚାକର ଖାଲି ତନା ଘନା ଲଗେଇଲା ଯିବାପାଇଁ । ନରେଶ ଟିକିଏ ଶଙ୍କାଶଙ୍କା କରି କରି ଆସି ପହଞ୍ଚିଲାବେଳେ ଅଲକା ଭାବୁଥିଲା ଦର୍ପଣ ଆଗରେ ଠିଆହୋଇ – କେଡ଼େ ଅସୁନ୍ଦର ହୋଇଗଲାଣି ।

ନରେଶର ଡାକ ଯେମିତି ତାହାକୁ ଶୁଭିଗଲା । ଭାବିଥିଲା, ଲୁଗା ଖଣ୍ଡେ ସେଦିନ ଭଲ କରି ପିନ୍ଧି ନରେଶକୁ ଚମକେଇଦବ । —ବେଳ ହେଲା ନାହିଁ ।

ନରେଶକୁ ଦେଖି ତାହାର ମୁହଁରେ ସେଇ ଦୂର ପରିଚିତ ହସ ଉଠିଲା ନାହିଁ । ଭାବନା ଓ କଳ୍ପନା ସେଥିରେ ବାଧା ହେଲା । ଅଲକାକୁ ଦେଖି ନରେଶର ଆଖି ବି ତରଳିଲା ନାହିଁ । ତାହାକୁ ଦିଶୁଥିଲା ବାଲି କାଗଜର ସେହି ଲେଖା ଧାଡ଼ିକ ।

ଅଧଘଣ୍ଟାଏ ଗପ କଲା ପରେ ବି ଦିହେଁ ଭାବିଲେ ଯିବା— ଅନ୍ୟ କାମ ଅଛି । ନରେଶର ଖାଇବାକୁ ଇଚ୍ଛା ନାହିଁ । ଅଲକାର ବି ଖାଇବାକୁ ଦବା ପାଇଁ ଆଉ ମନ ନାହିଁ ।

ତଥାପି ଚାକର ଜଳଖିଆ ଆଣି ଥୋଇଲା ବେଳେ ନରେଶ ଫେରାଇଦେଲା । ସେଦିନ ତାହାର ଉପବାସ । ଅଲକା ହସି ହସି ପଚାରିଲା ଉପାସ କ'ଣ ପାଇଁ ?

ନରେଶ କହିଲା 'ଆଜି ପରା ନୂଆବର୍ଷ । ପଚିଶି ବର୍ଷ ତଳେ ଶିଖିଥିଲି ବର୍ଷ କେମିତି ଆସେ ଯାଏ । ତାରିଖ କେମିତି ବଦଳେ ।

ମଣିଷ କେମିତି ଗୋଟିଏ ବର୍ଷ ପାରହୋଇ ନୂଆକୁ ଗୃଲେ । କିଏ ଶିଖେଇଥିଲା କହି ଲଭ ନାହିଁ ।······ଆଜ ଆସିଛୁ, ଛୁଟି ନବାକୁ ସକାଳୁ କେମିତି ମନେହେଉଛୁ ବର୍ଷଟା ନୂଆ ହେଉ ନାହିଁ ।···

ଅଲକାକୁ ଗୃହିଁ ନରେଶ ଚମକପଡ଼ିଲା । ଅଲକାର ଆଖି ଧୂଆଁ ଳଆ ଦଶୁଛୁ । ନରେଶର ଅଜାଣତରେ ଆଖିରୁ ପାଣି ନଗିଡ଼ି ଆସିଲା । ସେ ଗୃଲଗଲା ହଠାତ୍ । ଅଲକା ତାହାକୁ ଅଟକେଇଲା ନାହିଁ ।

ନରେଶ ଓ ଅଲକା ଯେତେବେଳେ ପରସ୍ପରଠାରୁ ଚରଦନ ପାଇଁ ମେଲଣି ହୋଇଗଲେ ଦହିଁଙ୍କ ଆଖିରେ ଲୁହର ସୁଅ ବୋହୁଥିଲା । ନରେଶ ଭାବୁଥିଲା—ଅଲକା କେଉଁଦନ ନରେଶକୁ ବୁଝି ନ ଥିଲା । ସେଦନ ଅବା କ'ଣ ବୁଝନ୍ତା ? ଅଲକା ତେଣେ ଭାବୁଥିଲା—ନରେଶ କେଉଁଦନ ସ୍ତ୍ରୀର ମନ ବୁଝିପାରୁ ନ ଥିଲା । ସେଦନ ଅବା ଅଧିକ କଣ ବୁଝିଥାଆନ୍ତା ?

ପ୍ରେମ ଦେବତାଙ୍କର ଜୟ ହୋଇଛୁ । ଉଭୟେ ଉଭୟଙ୍କୁ ଅବୁଝା ରହିଲେ । ଦୁହିଁଙ୍କର ଆଖି ଓଦା ହେଲା । ଦୁହିଁଙ୍କ ଜୀବନରୁ ଯେମିତି ପଚଶ ବର୍ଷର ତିଆର ଜନଷ ଖଣ୍ଡେ ଖଣ୍ଡେ ଭୁସୁଡ଼ି-ପଡ଼ିଲା । ଉଭୟେ ସେଦନ ଈଶ୍ୱରଙ୍କୁ ଡାକଥିଲେ ଏହି ଗୋଲକ-ଧନ୍ଦାରୁ ବାହାରିଯିବା ପାଇଁ ।

କନ୍ତୁ ଦୁଃଖର ରାସ୍ତା ସେହି ଦୁଃଖ ଆଡ଼କୁ ହିଁ ପଡ଼ଥାଏ ।

---

## ପ୍ରତିଧ୍ୱନି

ଖରାପ କଥାଟିଏ ଭଲକରି କହିବା କଷ୍ଟ । ଜଣକୁ ଘୃଣା କରୁଥିଲେ ତାକୁ ସେମିତି ଭଲପାଇବା ଭାରି କଷ୍ଟ । ତେବେ ବି ସେହି ମହୀୟସୀ ମହିଳା ଖରାପ କଥାଟିକୁ ଭଲକରି କହିପାରିଥିଲେ । ଆଉ ସେହି କଥା ଭିତରେ ତାଙ୍କ ପ୍ରତି ହେଉଥିବା ଘୃଣାକୁ ନିଜର ଆକର୍ଷଣରେ ବୁଡ଼ିବେଇଦେଇ, ତାଙ୍କ ପ୍ରତି ଭଲପାଇବା ଅସୁଲ କରି ନେଇଥିଲେ । ଏହି ହେଉଛି ପ୍ରୀତିର ଧାରା ।

ସେହି ନାରୀଙ୍କ ପରିଚୟ କହି ଲାଭ ନାହିଁ । ସେ ପରିଚୟ ଦେଇଥିଲେ ନିଜକୁ ସ୍ତ୍ରୀ ବୋଲି । ନାଁ ଜାଣିଲେ ଲାଭ କ୍ଷତି ସମାନ । ଗୌରବମୋହନ ପଚାରିଥିଲେ କଣ ବୋଲି ଡାକିବି ?

—ଡାକିବ ? ଡାକିବାକୁ ଇଚ୍ଛା ହେଉଛି ? ହଉ, ଯଦି ଡାକିବାକୁ ମନ କହେ ଆଉ ଡାକିବାକୁ ଯଦି ତମର ମନ ଭିତରେ ମୋ ପାଇଁ ଶ୍ରଦ୍ଧା ଆସେ, ତେବେ ମୋତେ ଡାକିବ 'ଦେବୀ' ବୋଲି । ଡାକିପାରିବ ତ ?

ହସି ପୁଣି କହିଥିଲେ — ସତେ ଶ୍ରଦ୍ଧାରେ କଣ ଥାଏ କେଜାଣି, ଶ୍ରଦ୍ଧା କରୁଥିବା ଲୋକ ଡାକିଲେ ସେହି କଥା ପଦକରେ ଫୁଲର ମହକପରି, ମହୁର ମିଠାପରି, ସୁନା ଉପରର ଝଲପରି ସତେ ଯେପରି ଡାକିବା ଲୋକର ମନଭିତରୁ ବେନାଏ ସେହି କଥା ପଦକରେ ବୋଲିହୋଇ ବାହାରିଆସେ । ତୁମେ କାହାକୁ କେବେ ଡାକିଛ କି ?

ଗୌରମୋହନଙ୍କ ରଙ୍ଗ ପଡ଼ିଆସିଲା । ତାହାର ରକ୍ତ ଯେମିତି ହଠାତ୍ ଛୁଟିଗଲା ମୁହଁ ଉପରକୁ—କହିବାକୁ, କଥା ପଦେ କୁହାଇ-ବାକୁ, ଆଉ ଶ୍ରୀମତୀଙ୍କ କଥାର ଉତ୍ତର ଦେବାକୁ । ତେବେ ବି ପାଟି ଫିଟିଲା ନାହିଁ । କଥା କହିବାକୁ ମନ ଯେତେ ତାଗିଦ କଲେ ବି କଣ୍ଠସ୍ୱର ଥରିଉଠିଲା ନାହିଁ ।

—ହଉ, କହିପାରୁ ନାହିଁ । ଲାଜ ଆସୁଛି ! ଥାଉ ଲାଜଟା ଭଲ ମଣିଷର ଲକ୍ଷଣ, ମନର ନିର୍ମଳତାର ମାପକାଠି । ଯେଉଁମାନେ ମୂକ, କେବଳ ତାଙ୍କର ହୃଦୟ ଅଛି, କେବଳ ତାଙ୍କର ଚରିତ୍ର ଅଛି । ଆହା, ମୋର ହେଲେ ସେମିତି ହୃଦୟ ଥାନ୍ତା ! ତୁମେ କହୁଥାନ୍ତ । ମୁଁ ଜବାବ ଦେଇ ନ ପାରି ଏମିତି ଲାଜରେ ଝାଉଁଳିଯାଉଥାନ୍ତି, କେଡ଼େ ଭଲ ନ ହୁଅନ୍ତା . ସତେ ଗୌରମୋହନ, ତୁମକୁ ଭାରି ଭଲ ଲାଗୁଛି—କହି ଗୌରମୋହନକୁ ଆଉଁସିଦେଲେ ।

ଗୌରମୋହନ ଚଞ୍ଚଳ ହୋଇଉଠିଲା । ଦେହ ଉପରେ ବର୍ଷା ପାଣି ବୁନ୍ଦାଏ କି ଉଡ଼ନ୍ତା ପୋକ ଅବା ପିମ୍ପୁଡ଼ି ଚଢ଼ିଗଲେ ଯେମିତି ଦେହ ଥରିଉଠେ, ଚମରେ ଚମକ ଲାଗେ । ଠିକ ସେମିତି ଗୌରମୋହନ ଟିକିଏ ହଲିଗଲା । ଶ୍ରୀମତୀ ହାତ କାଢ଼ିନେଲେ ।

—ଖରାପ ଲାଗିଲା କି ? ଲାଗିଥିବ ତ ! ପ୍ରଥମ କରି ପାନ ଖାଇଲାବେଳେ, ପହିଲ ପାଠ ପଢ଼ିଲାବେଳେ ଭାରି ଅସଜ ଲାଗେ । ତୁମେ ସତରେ ବଡ଼ ନିଷ୍ପାପ । ତୁମର ମନ ଏବଯାଏଁ ନିର୍ମଳ । କେହି କଣ ତୁମକୁ ଭଲପାଇ ନାହିଁ ? କେହି କଣ ତୁମକୁ ତା'ର ମନର ଶ୍ରଦ୍ଧା ଦେଇ ନାହିଁ ?

ମନଭିତରେ ଗୌରମୋହନ ଏଣୁ ତେଣୁ ବହୁତ ଭାବି ଯାଉଥିଲା । ଶ୍ରୀମତୀ ଦେବୀଙ୍କ ମନରେ ଯେ ଶ୍ରଦ୍ଧା ଅଛି—ଏତିକି ସେ

କେବେ ଭାବିପାରୁ ନ ଥିଲି । କବିତା ପଢିଲାବେଳେ କି ଗୀତ ଶୁଣିଲାବେଳେ ମନ ଭିତରେ ଆସେ କଅଁଳ, ନରମ ଢେଉ । ଭଲପାଇବା କଥା ଭାବିଲାବେଳେ ଆଖି ଆଗରେ ଭାସିଆସେ ତରୁଣ ହୃଦୟ, କଅଁଳ ମନ ଆଉ ନରମ ଗୁଡି । ମୁହଁ ଦିଶେ ଗୋଲାପୀ, —କଥା ଶୁଭେ ସୁନ୍ଦର ।

କିନ୍ତୁ ଶ୍ରୀମତୀଙ୍କର ଏ କଣ ! ତାଙ୍କର ଦେହ ଉପରଦେଇ ଯୌବନର ନଈ ବୋହିଯାଇଛି ମୁହାଣ ଆଡ଼କୁ । ମୁହାଣ-ମୁହାଁ ନଈ ଯେମିତି ଥିର ପଡ଼ିଯାଏ, ଯେମିତି କାତ ଅକାତ ପାଣିରେ ଫୁଲଉଠେ, ଆଉ ନିଜର ଅତଳ ଗର୍ଭର ଭିତରେ ଲୁଚାଇ ରଖିଥାଏ, ଅସଂଖ୍ୟ ଆବର୍ଜନା ଆଉ ଜୀବଜନ୍ତୁ—ଠିକ୍ ସେମିତି ଶ୍ରୀମତୀଙ୍କୁ ଦେଖିଲେ ତାଙ୍କର ବୟସଢଳା ଦେହ, ଚର୍ବି-ଢଳା ଶରୀର ଉପରେ ଧଳା କଳା ମିଶା, ବଡ ଗ୍ରୋଟ କେଶରାଶି ଏକାଠି ହୋଇ ସତେ ଯେମିତି କହୁଛି—ଏଇ ନାରୀର ଯୌବନ ସରି-ଯାଇଛି ।

ଏଥିରେ ସନ୍ଦେହ କରିବାର କିଛି ନାହିଁ । ନିଜେ ଶ୍ରୀମତୀ ଦେବୀ ସନ୍ଦେହ କରନ୍ତି ନାହିଁ । ମ୍ରିୟମାଣ ହୋଇ ସେ ବାରମ୍ବାର ନିଜକୁ ବୁଝାଇଛନ୍ତି ଯେ, "ମୋର କାମ ସରିଛି" । ତେବେ ବି ମନ ବୁଝେ ନାହିଁ । ସରକାରରେ ପେନସନ୍ ପାଇବାର ନିର୍ଦ୍ଦିଷ୍ଟ ଦିନରେ ବି ଲେଖାପଢ଼ା ମଣିଷ କେବେହେଲେ ନିଜର ମନକୁ ବୁଝାଇପାରେ ନାହିଁ—ଯେ ତା'ର କାମ ସରିଛି । ମରିବାର ଶେଷ ଦିନ ପୂର୍ବରୁ ମଣିଷ କେବେ ନିଜେ ହୃଦବୋଧ କରିପାରେ ନାହିଁ ଯେ ତା'ର ମଣିଷ ଦେହର କାମ ଶେଷ ହୋଇଛି ।

ତେବେ ବି ସଂସାର ତ ବୁଝେ ନାହିଁ । ସଂସାରର ମାନ୍ଦ୍ରୁର ଲୋକେ ବୟସ ବୁଝି ବିଦ୍ରୂପ କରନ୍ତି । ମୁଣ୍ଡ ଉପରର ଧଳା ବାଳକୁ;

ଆଖିପତା ଉପରର କଳାଦାଗ ଦେଖି ହଠାତ୍ ବର୍ଣ୍ଣର କର କହି-ହଅନ୍ତୁ — ଇଏ ଗୋଟିଏ ବଡ଼ମ୍ବନା ।

ଗୌରମୋହନର ମୁହଁ ଉପରେ ଭାବନାର ତୀବ୍ରତା ଢେଉ ପରି ଖେଳୁଯାଉଥିଲା — ଝଡ଼ ବେଳର ପାଣି ପରି ।

ହସି ଗୌରମୋହନ ମୁହଁକୁ ଚାହିଁ ଦୁଃଖମିଶା ସ୍ୱରରେ ଶ୍ରୀମତୀ ଦେବୀ କହିଲେ — କଣ ଭାବୁଛ ? ଭାବୁଛ କି ମୁଁ ଗୋଟିଏ ବଡ଼ମ୍ବନା ? ହଁ, ନ ଭାବିବ କାହିଁକି ? ଅଳ୍ପବୟସର ଲୋକ କେବେହେଲେ ବେଶି ବୟସର ଲୋକକୁ ବୁଝିପାରେ ନାହିଁ ।

ଗୌରମୋହନ ଚମକିପଡ଼ି କହିଲା — ନା, ନା ।

— 'ନା' କଣ ? ବୁଝିକରି କହୁଛ ନା ନାହିଁ । ଏଇ ସଂସାରରେ ଯେତେ ଆନ୍ଦୋଳନ, ଯେତେ ସଂଘର୍ଷ ଚାଲିଛି, ସବୁଥିରେ ଏଇ ଗୋଟିଏ କଥା — କମ୍ ବୟସର ଲୋକେ ବେଶି ବୟସର ଲୋକଙ୍କୁ ବୁଝନ୍ତି ନାହିଁ । ବେଶି ବୟସର ଲୋକେ କମ୍ ବୟସର ଲୋକଙ୍କର ମନ କଥା ମାପିପାରନ୍ତି ନାହିଁ । ମୋର ପୁଅଝିଅଙ୍କର ମନକଥା ମା ହୋଇ ମୁଁ ବୁଝିପାରୁ ନାହିଁ । ତୁମେ ମୋର ମନକଥା କଣ ବୁଝିବ ?

ଗୌରମୋହନ ମନରେ ଶ୍ରୀମତୀ ଦେବୀଙ୍କ ପ୍ରତି ଘୃଣା ତୀବ୍ରତର ହୋଇଉଠୁଥିଲା । ସେ ଜାଣିଥିଲେ ଶ୍ରୀମତୀ ଦେବୀ ସଂସାରର ଗୋଟିଏ ଉଦ୍ଭଟ ନାରୀ । ବହୁ ଅବସ୍ଥାରେ, ବହୁ ଶ୍ରେଣୀରେ ତାଙ୍କର ନା ଭଲ ସାଙ୍ଗରେ ତ ଯୋଡ଼ିହୋଇ ଶୁଣାଯାଏ ନାହିଁ, ଖରାପ ସାଙ୍ଗରେ ଯୋଡ଼ି ହୋଇ ଯେତିକି ଖରାପ — ତହିଁରୁ ଅଧିକ ଖରାପ ହୋଇ ଲୋକମୁଖରେ ପ୍ରଚାର ହେଉଛି । ଆଜି ତାଙ୍କ ଜୀବନରେ ଏହି ଶ୍ରୀମତୀଦେବୀ ହଠାତ୍ ଦେଖା ଦେଲେଣି ।

ତେବେ ବି ତ ଉତ୍ତର ଦେବାକୁ ହେବ। ମନର ଘୃଣା ଲୁଚାଇ ସାଧାରଣ ଭଦ୍ରତାର ଖୋଳପା ଭିତରେ ଶ୍ରୀମତୀ ଦେବୀଙ୍କୁ କହିବାକୁ ହେବ ଯେ ଗୌରମୋହନ ତାଙ୍କୁ ଭଲପାଏ।

ମନ କଥା ବୁଝିଲାପରି ଶ୍ରୀମତୀ ଦେବୀ କହିଲେ—ତୁମେ ଯାହା ମତେ କହିବ ମୁଁ ଜାଣେ। ମୋ କଥା ତୁମ ମନରେ ଯେଉଁ ଘୃଣା ଆଣୁଛି, ସେହି ଘୃଣାକୁ ଘୋଡ଼ା ଦେବାକୁ ତୁମେ ମନ ଭିତରେ ଖୋଜୁଛ—ଡାକ୍ତର ପିତା ଔଷଧ ଉପରେ କେଉଁ ପ୍ରକାରର ମିଠା, କେଉଁ ପ୍ରକାରର ମହକ ବୋଳିବ ବୋଲି ଯେମିତି ଅଣ୍ଡାଳି ହେଉଥାଏ।

—ନା, ନା।

ଶ୍ରୀମତୀଦେବୀ ହସିଲେ। ହସିଲାବେଳେ ବି ତାଙ୍କ ଶୁଖିଲା ଓଠ ଭିତରେ ବୟସର ଦାନ୍ତ କହି ଦେଉଥାଏ—ଏଇ ଓଠ, ଏଇ ଦାନ୍ତ, ଏହି ମୁହଁ ଯୌବନରୁ ଛୁଟି ନେଲେଣି।

ଗୌରମୋହନ ମୁହଁ ଉପରେ ନିଜର ଆଖି ସ୍ଥିର କରି ରଖି ଭାବଭାବି କହିଲେ—କହୁ କହୁ କହୁଛି ସିନା। ତୁମେ ଅନୁଭବୀ ହେଲାବେଳେ ମନେପକାଇବ ଯେ, ଭଲପାଇବା ମନ ଭିତରୁ ଆସେ। ଦେହର ଅବୟବ, ଦେହର ବୟସ ଭଲପାଇବାକୁ ବାନ୍ଧିପାରେ ନାହିଁ। ଉହୁଲା ନ ହୋଇଥିବା ପୋଖରୀରେ, ଘୁଣା ଲେଠା ଭିତରେ, ବୟସ ପଡ଼ିଯାଇଥିବା ଗଛ ଲଟାରେ ବି ଯୌବନ ଓ ଜୀବନର ଯେତିକ ଫୁଆରା ଫିଟେ ମଣିଷର ଠିକ୍ ସେତିକ।

ଗଛର ଶେଷ ଫୁଲ ସେହି ଏକା ଆଗ୍ରହରେ ବାହାରର ପୃଥିବୀକୁ ଚାହିଁ ରହିଥାଏ। ଦୃଷ୍ଟି ଶକ୍ତି କମି ଯାଇଥିବା ଆଖି ଆଉ ଅନୁଭୂତିର ପିତାରେ ଜରିଯାଉଥିବା ମନ ସେହି—ଏକା ଆଗ୍ରହରେ ସଂସାରକୁ ଦେଖୁଥାଏ। ମନର ଆକର୍ଷଣ ଚୁମ୍ବକ ପରି। ମନର ଶକ୍ତି

ଥିବାଯାଏ ସେ ବାରମ୍ବାର ଟାଣେ ଓ ଟାଣିହୁଏ । ଟାଣି ନ ପାରିଲେ ଅଥୟ ହୁଏ ।

—ମୋତେ ପାଗଳୀ ବୋଲି ଭାବବ ନାହିଁ । ସମସ୍ତଙ୍କର ମନରେ ପାଗଳାମି ଅଛି । କାହାର ଥାଏ ହୃଦୟ ଲୁଟାଇବାର ପାଗଳାମି—ଆଉ କାହାର ସେମିତି ଠାକୁରଙ୍କ ପାଖରେ ପହଞ୍ଚି ଯିବାକୁ ଅବା ପରର ସମ୍ପତ୍ତି ଆଣି ନିଜ ପେଟରେ ଭରିଦେବାକୁ, ଆଉ କାହାର ଅନ୍ୟ ପ୍ରକାରର ପାଗଳାମି ଥାଏ ।

—ଏହି ସବୁ ପାଗଳାମି ଭିତରେ ସବୁଠାରୁ ନିର୍ଦ୍ଦୋଷ ପାଗଳାମି ହେଉଛି—ଅନ୍ୟକୁ ଭଲପାଇବା । ମୋତେ ଭଲପାଇ ପାରିବ ?

ଗୌରମୋହନ ହଠାତ୍ ଯେପରି ଅସମ୍ଭବ ଆଉ ଅସଙ୍ଗତ କଥା ଶୁଣି ଚମକିପଡ଼ିଲା । ଅଳ୍ପ ଅନୁଭବୀର ଜୀବନରେ ଏହି ପ୍ରକାରର ଘଟଣା ଗୋଟାଏ ଅତି ଅଦ୍ଭୁତ । ଅଳ୍ପ ବେଗରେ ଗାଡ଼ି ଚଳାଉଥିବା ଲୋକ ଜୋର୍‌ରେ ଚଳାଇବାକୁ ବା ଅଳ୍ପ ଖାଉଥିବା ଲୋକ ହଠାତ୍ ବେଶି ଖାଇବାକୁ ଯେମିତି ବିବ୍ରତ ହୋଇପଡ଼େ ।

ମନ ଭିତରେ ସେହି ଶ୍ରୀମତୀ ଦେବୀଙ୍କର କଥା କେଇପଦ ରେଲଗାଡ଼ିର ଗତି ସାଙ୍ଗରେ ଯେମିତି ଏକାବେଳକେ ତାଳ ପକାଇ ଚାଲୁଥିଲା ।

—ବୁଝିଲ ବାବୁ, ଆଜି ଏହି ରେଲ ଗାଡ଼ିରେ ତୁମରି ସାଙ୍ଗରେ ହଠାତ୍ ଏମିତି ଦେଖାହୋଇଗଲା । ମନେରଖିବ ଯେ, ଜୀବନରେ ସବୁ ପ୍ରକାରର ଅନୁଭବ ସମ୍ଭବ । ଏମିତି ନିର୍ଜନ କୋଠରୀ ଭିତରେ ଏକ୍‌ସପ୍ରେସ୍ ଗାଡ଼ିର ଗୋଟିଏ ଷ୍ଟେସନରୁ ଆଉ ଗୋଟିଏ ଷ୍ଟେସନକୁ ଯିବା ଭିତରେ ଆମର ପୁରୁଣା ପରିଚୟ ନୂଆ ହୋଇଯାଇଛି ।

ଶ୍ରୀମତୀ ଦେବୀଙ୍କର ଦେହ ଉପରୁ ପବନ ବାରମ୍ବାର ତାଙ୍କ ଲୁଗାକୁ ଆକ୍ରମଣ କରୁଥାଏ । ସେ ବାରମ୍ବାର ପ୍ରତିବାଦ କରି କହୁଥାନ୍ତି—ଏହି ଆଲୁଅ ପବନ ଦେହ ସାଙ୍ଗରେ ବାଦ କରୁଛନ୍ତି । କିନ୍ତୁ ମନ ଯାଇ ବହୁତ ଦୂରରେ । ଦେହ ଉପରେ ପୋଷାକ ସେମାନଙ୍କର ଉତ୍ପାତକୁ ଏଡ଼ିବାକୁ ସମର୍ଥ । କିନ୍ତୁ ମନର ଉତ୍ପାତ ତହିଁରୁ ବହୁଗୁଣ ଅଧିକ । ତା'ର ପ୍ରତିକାର ନାହିଁ ।

ଗାଡ଼ି ଚାଲିଛି । ଷ୍ଟେସନ ଆସିବ । ସେହି ସମୟ ଭିତରେ ରେଲଗାଡ଼ିର ଗୋଟିଏ ଯାତ୍ରୀ ଗୌରମୋହନକୁ ଶ୍ରୀମତୀ ଦେବୀ ବୁଝେଇ ଦେଉଥିଲେ ଯେ ମନର ବୟସ ନାହିଁ—କୌତୂହଳର ଶେଷ ନାହିଁ ।

ତେବେ କି ପ୍ରତିଧ୍ୱନି କାହିଁ ? ସତେ ଯେପରି ଶ୍ରୀମତୀ-ଦେବୀଙ୍କର ସ୍ୱର ଦୁର୍ବଳ । ଯେଉଁକଥା କହିଲେ ଦିନେ ଶୁଣିବା ଲୋକ ବାଉଳା ହୋଇଯାଉଥିଲେ ଆଜି ସେହି ସ୍ୱର ବାଉଳା ହୋଇଛି, କିନ୍ତୁ ଆଜି ସେ ଉତ୍ତର ପାଉନାହିଁ ।

ଭଲ ପାଇବା କଥା ପଚାରିଥିଲେ ଯେ ପ୍ରଶ୍ନର ଉତ୍ତର ଆସି ନାହିଁ । ନିର୍ବେଦ ପରି ମୂକ ପରି ଗୌରମୋହନ ବସିଛି ।

ଗୌରମୋହନ ମନ ଭିତରେ ଥାକ ଥାକ କରି ଘୃଣା ଜମେଇଥିଲା । ତା'ର ଆଖିରେ ଶ୍ରୀମତୀ ଦେବୀ ସମସ୍ତ ସୌନ୍ଦର୍ଯ୍ୟ ହରାଇ କଦାକାର ଦିଶୁଥିଲେ । ତଥାପି ସେ ହଠାତ୍ ମନେ ପଡ଼ିଲା ପରି କହିଲା ସତେ, ଆପଣ ଭାରି ଭଲ । ମୋତେ ଭାରି ଭଲ ଲାଗୁଛି ।

ଗୌରମୋହନର କାନ୍ଧ ହଲାଇଦେଇ ଶ୍ରୀମତୀ ଦେବୀ ଅବଜ୍ଞାର ହସ ହସି କହିଲେ—ଦେଇ ଦେଖ ରାସ୍ତାକୁ । ଦୂରରେ ଧାନକିଆରୀ ତାଳଗଛ କେଡ଼େ ଶ୍ରେଷ୍ଠ ଦିଶୁଛି । ମଣିଷ ସେମିତି

ଯେତିକି ଦୂରରେ ନିଜକୁ ରଖେ ସେତିକି ଶ୍ରେଷ୍ଠ ଦିଶେ । ଯେତେ ପାଖକୁ ଆସେ ସେତେ ବଡ଼ ଦିଶେ ।

ମଣିଷର ଦୃଷ୍ଟିଶକ୍ତି 'ଯେମିତି ଆଖିର ବଳ ତା'ର ଭଲ ପାଇବାର ଶକ୍ତି ସେମିତି ତାର ମନର ବଳ । ଏଇ ସଂସାରରେ ତୁମେ ଯେତେ ବେଶି ଲୋକଙ୍କୁ ଆୟତ୍ତକୁ ଆଣିବ ତମର ଶକ୍ତି ସେତେ ଅଧିକ ହେବ । ସେ ଶକ୍ତିର ସୂତ୍ର ହେଲା ମନର ଭଲ-ପାଇବା । ତାକୁ କିଏ କହେ ଶ୍ରଦ୍ଧା କିଏ କହେ ପ୍ରୀତି, କିଏ କହେ ମାୟା ।

—ଯେଉଁ ନାଁରେ ତାକୁ ବୁଝ ତାକୁ ଭଲ କି ଖରାପ ଯାହା ଭାବ ମନର ଶ୍ରଦ୍ଧା ହେଉଛି ସେହି ଶ୍ରଦ୍ଧାର ଡୋର । ସେହି ସ୍ନେହର ବଳ ହେଉଛି ମଣିଷର ବଳ । ସ୍ତ୍ରୀ ମାନଙ୍କର ଦେହର ରଙ୍ଗ, କଣ୍ଠର କୋମଳତା, ଆଖିର ମଦିରା ଓ କହିବାର ଭଙ୍ଗୀ ସେହି ବଳରେ ଗଢ଼ା । ମୁଁ ବି ଗୋଟିଏ ନାରୀ—ବୁଝିଲ ?

— ମୋ କଥା କ'ଣ ଭୁଲ ହେଲା ? ଗାଡ଼ି ଆସି ପହଞ୍ଚିବା ଉପରେ ହେବଣି । ମୁଁ ତ ଓହ୍ଲାଇଯିବି ଏଇଠୁ । ତୁମେ ଯିବ ଆଗକୁ । ତୁମେ ଜାଣି ନାହଁ .....ହଁ, ନ ଯିବ କାହିଁକି । ଏହି ନିର୍ଜନ କୋଠରୀ ହୁଏତ ଆଉର ନିର୍ଜନ ହେବ । ନହେଲେ ଏହି କୋଠରୀରେ ପୁଣି ଯାତ୍ରୀ ଭରପୁର ହୋଇଯିବେ । ମୋ ଷ୍ଟେସନ ଦିଶିଲାଣି । ମୋର ଟିକଟ ସରିଆସିଲାଣି । ଶ୍ରୀମତୀ ଦେବୀଙ୍କର ସ୍ୱର ଥରିଲା ଥରିଲା ପରି ହେଲା ।

ଗୌରମୋହନର ମନ ଭିତରେ ସହାନୁଭୂତିର ରାଗିଣୀ ବାଜି ଉଠିଲା । ସତେ ତ ! ପଚାରି ନ ଥିଲା ସେ କେଉଁଠାଏ ଯିବେ । ଏତେ ପାଖ ହୋଇଗଲାଣି କ'ଣ ?

ପ୍ରଥମ ଥର ପାଇଁ ଉତ୍ସାହ ଦେଖାଇ ଗୌରମୋହନ କହିଲା—ସତେ, ଏତେ ଶୀଘ୍ର ଆପଣ ଓହ୍ଲାଇଯିବେ ! ଆହା ! ଆଉ ଅଧିକ ଦୂର ହୋଇଲେ ଯାଇଥାନ୍ତେ ଏକାଠି ! ଖୁବ ଭଲ ଲାଗୁଛି ।

—ଅଧିକ ଦୂର ? ଭୁଲ କହୁଛ । ତୁମକୁ ମୂଳରୁ କହିଥିଲି ମୋର ଟିକେଟ ବେଶି ଦୂର ନୁହେ । ମୋର ଯାତ୍ରାପଥର ଶେଷ ନିକଟରେ ପଡ଼ିବ । ସେତେବେଳେ ତୁମେ ବୁଝିପାରି ନାହିଁ । ସାନ ପିଲା ପରି ତୁମେ ଭାବୁଛ, ମୃତ୍ୟୁ ବହୁତ ଦୂରରେ—ବିଦାୟ, ବିଚ୍ଛେଦ ବହୁଦୂରରେ ।

—ଯେତେବେଳେ ଏହି ଷ୍ଟେସନରେ ତୁମେ ଭିତରକୁ ଆସିଲାବେଳେ ଅନ୍ୟ ଯାତ୍ରୀମାନେ ଓହ୍ଲାଇଯାଉଥିଲେ, ସେତେ-ବେଳେ ଭାବିଥିଲି ଖାଲି ଗୋଟିଏ ଷ୍ଟେସନ ଆମେ ଏକାଠି ଦୁଃଖ ସୁଖ ହୋଇ, ଆଜୀବନ ବନ୍ଧୁତାର ସ୍ମାରଣିକା ସାଙ୍ଗରେ ନେଇ, ପରସ୍ପରରେ ମନ ମିଳାଇ ବିଦାୟ ନେବା ।

— ସେ ଆଶା ବୃଥା ହୋଇଛି । ମଣିଷ ଆଶାରେ ବଞ୍ଚେ । ଆଜଯାଏ ସେହି ଆଶା ମୋତେ ନିଜକୁ ଭୁଲାଇଦେଇଛି । ମୋର ଅତୀତକୁ ପାଶୋରାଇଦେଇଛି, ମୋର ଭବିଷ୍ୟତକୁ ରଙ୍ଗେଇ ଦେଇଛି । ଆଜି ଏହି ରେଲଗାଡ଼ି ତା'ର ଶବ୍ଦ ଭିତରେ, ତା'ର ଗତି ଭିତରେ ମୋତେ କହିଦେଇଛି ଯେ, ଆଶା — ମଣିଷର ଆଶା — ଏହି ରେଲଗାଡ଼ିର ଗତି ପରି, ଏଇ ରେଲ ଚକର ଶବ୍ଦ ପରି ଯେତିକି ନିଷ୍ଫଳ, ସେତିକି ସଫଳ ।

— ଗଲାବେଳେ, ଅଭିନୟ ସରିଲାବେଳେ ଯେମିତି ପଛୁଆଣି ସବୁ ଦୃଶ୍ୟ ନାଚିଯାଏ, ଅତୀତ ଫେରିଯାଏ ଆଗକୁ, ଠିକ ସେମିତି ଏବେ ତୁମେ ମୋତେ ଜଣେଇଦେଇଛ ଯେ, ଶ୍ରୀମତୀ ଦେବୀ ବଞ୍ଚିଛି — ମରି ନାହିଁ, କିନ୍ତୁ ସେ ବଞ୍ଚିବାର ମୂଲ୍ୟ କଣ ?

ବହୁତ ମଇଳା ବସିଗଲେ ଯେମିତି ଆପଣା ଗୁଁକୁ ଖସି-ପଡ଼େ, ବହୁତ ଭ୍ରମ ଜମିଗଲେ ଯେମିତି ଆପଣା ମନକୁ ଆପଣାର ଶକ୍ତିରେ ଖସିଯାଏ; ଗୌରମୋହନ ମନରୁ ସେହିପର ଘୃଣାର ବୋଝ ଖସିଯାଇଥିଲା । ପୋଖରୀର ପଙ୍କ ଭିତରୁ ଫୁଲ ଗଛ ଉପରକୁ ଉଠିଆସିଲା ପରି ତା'ର ମନ ଭିତରେ ସେତେବେଳେ ଶ୍ରୀମତୀ ଦେବୀ ଗୋଟିଏ ନାୟିକା ରୂପେ ଦେଖାଦେଇଥିଲେ ।

ସେ ଜ୍ଞାନ ବିଳମ୍ବରେ ଆସିଛି । ସେ ଅନୁଭୂତି ମୂଲ୍ୟହୀନ । ପରୀକ୍ଷା ପରେ ଛାତ୍ରର ଜ୍ଞାନୋଦୟ ହେଲେ, ଖାତାରେ ରଦ୍ଦମାର୍କା ହୋଇସାରିଲା ପରେ ଚେତନା ଆସିଲେ ଅବା ଭୁଲ କରିସାରିବା ପରେ ବୁଝିପାରିଲେ ସେଥିରେ ଲାଭ ଭିତରେ ହୁଏ, ଖାଲି ବୃଥା ଅନୁତାପ ।

ଗାଡ଼ିର ଗତି କମିଆସିଲାଣି । ସେଥିପାଇଁ ପବନ ଆଉ ଶ୍ରୀମତୀ ଦେବୀଙ୍କ ଉପରେ ଉତ୍ପାତ କରୁ ନାହିଁ । ଶ୍ରୀମତୀଦେବୀ ମଧ୍ୟ କ୍ଲାନ୍ତ ହୋଇପଡ଼ିଲେଣି । ଗୌରମୋହନଙ୍କୁ ଚେର୍ କରିବାକୁ ତାଙ୍କର ଆଉ ଚେଷ୍ଟା ନାହିଁ । ସକାଳ ପହରର ପକ୍ଷୀଙ୍କର ଶବ୍ଦ ଆଉ ଶୋଇଥିବା ଲୋକର ନିଦ ଭାଙ୍ଗିବାକୁ ଚେଷ୍ଟା କରୁ ନାହିଁ ।

—ହଉ ଥାଅ । ଖୁସିରେ ଯିବ । ମୁଁ ତ ଏଠୁ ଓହ୍ଲାଇବି । ମୋ କଥା ମନେରଖିବ । ଭୁଲିଯିବ ନାହିଁ ତ ?

—ନାଁ, ଭୁଲିବି କେମିତି । ଆଉ କଣ ଦେଖାହେବ ନାହିଁ ?

—ଦେଖା ହେବ । ନା, ହୋଇପାରିବ ନାହିଁ । ମୋର ସଂସାର ଭିତରକୁ ପୁଣି ଥରେ ପଶିଗଲେ ମୁଁ ଆଉ ମୁକ୍ତି ପାଇବି ନାହିଁ । ନିଜର କର୍ମ ବନ୍ଧନ, ନିଜର କୁଟୁମ୍ବଙ୍କର ଶିଙ୍କୁଳିରେ ବାନ୍ଧି ହୋଇ ରହିବି । ଦୈବଯୋଗେ ବହୁଦିନରେ ଦିନେ ଆଜି ସ୍ୱାଧୀନ ହୋଇ ଏକାଠି ତୁମ ସାଙ୍ଗରେ ଟିକକ ପାଇଁ ଦେଖା—ଦେଖାହେଲା ବୋଲି ମନରେ ରାଗ ରଖିବ ନାହିଁ । ମୋ ଭଳି ପାଗଳୀର କଥା

କିଛି ଧରନ୍ତୁ ନାହିଁ । ତମେ କାହିଁକି ମୋ ଦୋଷ ଧରିବ ? କହି ଗୌରମୋହନର ମୁହଁକୁ ଧୀରେ ଧୀରେ ହଲାଇଦେଲେ । ସେ ମୁହଁକୁ ଉଠାଇନେଇ ନାହିଁ ହାତ ଉପରୁ, କିନ୍ତୁ ଶ୍ରୀମତୀଦେବୀ ଉଠି ଠିଆହେଲେ । ଷ୍ଟେସନ ହସିଲାଣି ।

—ଆଉ ତେବେ ଦେଖାହେବ ନାହିଁ ? ଗୌରମୋହନର କଣ୍ଠସ୍ୱର ଯେପରି ମନର ଆକୁଳତାରେ ବାନ୍ଧହୋଇଯାଇଛି ।

—ହଁ ଦେଖାହେବ । ନୂଆ ପରିସ୍ଥିତିରେ ଓ ଆଉ ନୂଆ ଭାବରେ । ଆମେ ଆଜିପରି ଏମିତି ପରସ୍ପର ମନକଥା ବୁଝି-ପାରିବା ନାହିଁ । ଜୀବନରେ ସମ୍ପଦ ଥରେ ଆସେ — କେବେ ଦୁଇଥର ଆସେ ନାହିଁ । ବାପା, ମା, ପୁଅ, ଝିଅ, ସୁଖଦୁଃଖ ସବୁ ଥରେ ଲେଖାଏଁ ମିଳନ୍ତି । କେତୋଟି ଥରେ — ଆଉ କେତୋଟି ବହୁତ ଥର ହେଲେ ବି ସବୁ ପ୍ରକାରରୁ ଥରେ ।

— ହଉ, ଯାଏଁ । ଗାଡ଼ି ରହିଲା । ପିଲାମାନେ ହସିଲେଣି ।

—ଆପଣଙ୍କୁ ମୁଁ ଭୁଲିପାରିବି ନାହିଁ । ମରିବା ଯାଏ ମନେ ରଖିବି । ଗୌରମୋହନ ଆଉ କହି ପାରିଲା ନାହିଁ । ତା'ର ଆଖିରୁ ଲୁହ ଖସିପଡ଼ୁଥିଲା । ଶ୍ରୀମତୀ ଦେବୀ ସେଇ କଥା କେଇପଦ ଭିତରେ ବହୁତ ଦିନ ପାଇଁ ବହୁତ କଥା ବୁଝାଇଦେଇ ଯାଇଥିଲେ ।

ହସି ଶ୍ରୀମତୀ ଦେବୀ କହିଲେ — ଏମିତି କ'ଣ ହେଉଛ ? ଛି — ଏସବୁ ଅତି ବାଜେ କଥା । କେବେହେଲେ ଅସମ୍ଭବ ଜିନିଷକୁ କାମନା କରିବ ନାହିଁ । ଭଲପାଇବାର ନିଷ୍ଫଳ ନିବେଦନ କେଉଁଠି କରିବ ନାହିଁ । ତୁମର ସାଙ୍ଗରେ ଆଜି ଏହି ଏତିକି ବାଟ ଏକାଠି ଯାଇ ଏହି ଗୋଟିଏ କଥା ବୁଝିଗଲି । ତୁମକୁ ଚିରଦିନ ମୁଁ ମନେରଖିବି । ଆଜିଯାଏ ଯାହା ମୋର ଅନୁଭବ ଭିତରେ ନ ଥିଲା ସେତକ ପାଇଗଲି । ଏତିକି ମଣିଷ ମଣିଷକୁ ମନେପକାଇବାଏ । ସବୁବେଳେ ତୁମର କଥା ଭାବିବି ।

ଗାଡ଼ି ବନ୍ଦ ହେଲା । ଗୌରମୋହନ ଅଧୀର ଗଳାରେ କହିଲା—ମୁଁ ବି ।

—ହିଁ, ଭଗବାନ ଅଛନ୍ତି । ମୋର ମନେ ହେଉଥିଲା ଯେ, ଶ୍ରଦ୍ଧାର ପ୍ରତିଦାନ ନାହିଁ । ଶବ୍ଦର ପ୍ରତିଧ୍ୱନି ନାହିଁ । ଏବେ ଜାଣିଲି ସବୁ ଅଛି ।

ପ୍ରତିଧ୍ୱନି ପରି ଭଲପାଇବା ନିଷ୍ଫଳ—କାରଣ ଶବ୍ଦ ପରେ ତାର ପ୍ରତିଧ୍ୱନି ଆସେ । ବିଜୁଳି ଚମକିଲା ପରେ ଯେଉଁ ଶବ୍ଦ ଶୁଭେ, ସେହି ବଜ୍ର ଗର୍ଜନରେ ବିଜୁଳିର ଝଲକ ନ ଥାଏ । ସେଠି ଥାଏ—ଲୁଚିଯାଇଥିବା ବିଜୁଳିର ଦାଗ ।

ମଣିଷର ଅନୁଭୂତି ଠିକ୍ ଏମିତି । ଘଟଣାର ବହୁବର୍ଷ ପରେ ବଜ୍ର ଗର୍ଜନ ପରି ବାଜୁଥାଏ । ଅବସ୍ଥା ଭେଦରେ, ଭିନ୍ନ ଭିନ୍ନ ରାଗ-ରାଗିଣୀରେ ବହୁଦିନର ପୁରୁଣା ଅନୁଭୂତି ମନଭିତରେ ବାଜିଉଠେ ।

ଏବେ ବି ଶ୍ରୀମତୀ ଦେବୀଙ୍କ କଥା ମନେପଡ଼ିଲେ ତାଙ୍କର ବୟସ ପାଶୋରିଯାଏ । ତାଙ୍କର ଧଳା ବାଳ, ତାଙ୍କର ବୟସ-ଚଷା ଦେହର ଚମ ଓ ଚିହ୍ନର ଆଳିମାଳିକା ଢାଙ୍କିହୋଇ ଦିଶେ—ଗୋଟିଏ ନାରୀ । ବହୁ ଯୁଗରୁ ଥିଲା । ବହୁ ଯୁଗ ଧରି ରହିବ ।

ଶ୍ରୀମତୀ ଦେବୀ ଓହ୍ଲାଇଯାଇଛନ୍ତି । ଗଲାବେଳେ ନ ଶୁଣିବାର ଛଳନା କରି ଶେଷ ଶୁଣାଣିରେ କହିଯାଇଥିଲେ—ଦୁର୍ଯୋଗ, ଯେ ଆଗରୁ ଦେଖାହୋଇ ନାହିଁ ।

ସେ ଚିହ୍ନ ମଳିନ ହୋଇ ନାହିଁ । ତାଙ୍କ କଥା ମନେ ପଡ଼ିଲେ, ତାଙ୍କ କଥା ଶୁଭିଯାଏ—ମୋତେ ଡାକିଲେ ଯଦି ମନ ଭିତରେ ମୋ ପାଇଁ ଶ୍ରଦ୍ଧା ଆସେ, ତେବେ ମୋତେ ଡାକିବ 'ଦେବୀ' ବୋଲି, —ଡାକିପାରିବ ତ ?

---

## ସନ୍ଧ୍ୟା

ଦୁଇ ବନ୍ଧୁ । ବନ୍ଧୁତା ଅଛି କି ନାହିଁ କହିହେବ ନାହିଁ । ଏକା ବ୍ୟବସାୟର ଲୋକ । ଏକାଠି ବୁଲିବାବେଳେ, ଚଳ-ପ୍ରଚଳ ହେଲାବେଳେ ଦୁନିଆକୁ ବନ୍ଧୁପରି ଦିଶନ୍ତି । କିନ୍ତୁ ମନ ଭିତରେ ଥାଏ ପରସ୍ପର ପ୍ରତି ଈର୍ଷା । ସେଇ ଈର୍ଷା ଦୁହିଁଙ୍କୁ ବନ୍ଧୁତାର ଡୋରରେ ବାନ୍ଧିଛି । ସେମିତି ବନ୍ଧୁ ହେଉଛନ୍ତି ଶଙ୍କର ଓ ଉଦ୍ଧବ । ଶଙ୍କର ଅଫିସ୍‌ରେ କାମ କରେ । ଉଦ୍ଧବ ବୀମା କମ୍ପାନୀର ଏଜେଣ୍ଟ୍ । କିନ୍ତୁ ବନ୍ଧୁ ହୋଇଛନ୍ତି — ଆଉରି ଗୋଟିଏ କାରଣରୁ । ସେ କାରଣଟି ହେଉଛି ଲେଖା ।

ବହୁତ ଦିନର ପରିଚୟ । କେବଳ ସାହିତ୍ୟ ପଦରୁ ଆରମ୍ଭ ହୋଇ ସମୟକ୍ରମେ ନିବିଡ଼ ହୋଇଯାଇଛି । ଦୁହେଁ ଦୁହିଁଙ୍କର ଲେଖାକୁ ନାପସନ୍ଦ କରନ୍ତି । ତଥାପି ପରସ୍ପରର ଲେଖା ଏକାଠି ପଢ଼ାହୁଏ । ଜଣେ ଆଉ ଜଣକୁ ତାରିଫ୍ କରେ, ଆଉ କହେ ଯେ ପ୍ରକୃତ ରସ ସୃଷ୍ଟି ଆଉ ଲୋକଟି କରୁଛି । କିନ୍ତୁ କେହି କାହାର ଶିଖି ଦେଖିପାରନ୍ତି ନାହିଁ । କିଏ କେତେଦୂର ଆଗେଇଛି କି ପଛେଇଛି ଜାଣିବା ପାଇଁ ବହୁତ ବେଳେ ଏକାଠି ମୁହାଁମୁହିଁ ହୋଇ ବସନ୍ତି ।

ବନ୍ଧୁତାର ଆଉ ଗୋଟିଏ ଖିଅ ଦୁହିଁଙ୍କ ଭିତରେ ଲାଗିଛି । ଦୁଇଜଣଯାକ ଅବିବାହିତ । ଦୁହିଁଙ୍କ ଭିତରେ ବହୁତ ଦୁଃଖସୁଖ

ହୁଏ । ସେହି କଥାଭାଷାର କେନ୍ଦ୍ର ହେଉଛି—ଧରାଦେଇ ନ ଥିବା ସ୍ତ୍ରୀଲୋକଗୁଡ଼ିକ । ସେଥିରେ ମଧ୍ୟ ପରସ୍ପର ପ୍ରତି ବହୁତ ଈର୍ଷା । ଲେଖାଠାରୁ ବଳି ଅଧିକ ଈର୍ଷା ।

ସ୍ତ୍ରୀ ନ ଥିଲେ ବି ସେମାନଙ୍କର ଜୀବନ ଅଚଳ ହୋଇ ନାହିଁ । ସ୍ତ୍ରୀ ନରଖି ଜୀବନ ଚଳାଇବାରେ ଉଭୟେ ଗୋଟିଏ ମାର୍ଗ ତିଆର କରିଛନ୍ତି । ତଥାପି ଦୁହିଁଙ୍କ ମନରେ ସେହି ଅଭାବର ଗୋଟାଏ ଭୂତ ଘେରିରହେ । ଦୁହେଁଯାକ ବସି ବସି ଆଲୋଚନା କରନ୍ତି । ଦୁହିଁଙ୍କର ମତ ହେଉଛି ଯେ ସ୍ତ୍ରୀ ନାହିଁ ଆଉ ଏଣେ ସ୍ତ୍ରୀ ନାୟିକା ହେଉ ଥିବାରୁ, ସେମାନଙ୍କର ଲେଖା ବାଧାପାଉଛି ।

ତେଣୁ ଦୁହେଁଯାକ ବିଭିନ୍ନ କାରଣରେ ଛୁତିକ ଦେଖାଇ ନାୟିକା ସନ୍ଧାନରେ ବୁଲନ୍ତି । ଦୁହିଁଙ୍କର ବନ୍ଧୁତା ସମାନ ପ୍ରକାରର ଆକାଙ୍କ୍ଷା ଓ କାମରେ ବାନ୍ଧିହୋଇ ରହିଯାଏ ।

ରବିବାର । ଶଙ୍କର ଦିନଯାକ ବସି ବସି କ୍ଲାନ୍ତହୋଇ ପଡ଼ିଥିଲା । ଅଫିସ୍‌ର ଜଞ୍ଜାଳ ନାହିଁ, କାମ କରିବାର ସ୍ୱଭାବରେ ହଠାତ୍ ବାଧାପାଇବାରୁ ତାକୁ ଭାରି ନିସ୍ସଠିଆ ଲାଗୁଥିଲା । ଅଫିସ୍‌ରେ ବହୁତ ଲୋକଙ୍କର ଘରୋଇ ମସୁଧା ଥାଏ । ସେମାନେ ସେହିସବୁ ବିଷୟର ବୁଝାଶୁଝା କରିବାକୁ ରବିବାର ଦିନଟି ବାଛି ନେଇଥାନ୍ତି । ଶଙ୍କର ଭାରି ଖୁସି ହୁଏ । ବାହାର ଲୋକ ଆସି ଅଫିସ୍ କଥା କହିଲେ ଶଙ୍କର ମନରେ ଗୃହକର୍ତ୍ତା କରୁଥିବାର ଭାବ ପୂର୍ଣ୍ଣ ମାତ୍ରାରେ ଦେଖାଦିଏ । ସେଦିନ କେହି ଆସି ନାହାନ୍ତି । ଜଣେ କହିଥିଲା ସନ୍ଧ୍ୟାବେଳେ ଆସିବ ବୋଲି, ଆଗରୁ ହେଲେ ଆସନ୍ତା ।

ଶଙ୍କର ତା'ର ଗ୍ରେଟିଆ ସାଇକେଲଟି ନେଇ ଧାଇଁ ଯାଇଥିଲା ବଜାରକୁ । କାଳେ କିଏ ଦେଖାହୋଇ ଅଫିସ୍ କଥା ପଚାରିବ । ଶଙ୍କରକୁ 'ବଡ଼ ବୋଲି' ହେଜେଇଦେବ । ଟିପି ଟିପି ବର୍ଷା ପଡ଼ୁଥାଏ,

ଆକାଶରେ କଳାମେଘ ପୁଳା ପୁଳା ହୋଇ ଧାଉଁଥାନ୍ତି । ଶଙ୍କର ଏଣେତେଣେ ବୁଲି, କିଛି କାମ ନ ପାଇ ସଉଦା କରି ଆଣିଲା ।

ନଗୁଡିଆ ମନ ଭିତରେ ଦେଖାଦେଇଥାଏ ସ୍ନେହ—ସ୍ନେହ ଦେବୀ । ସେ ସବୁବେଳେ କହେ ଲେଖା କଥା । ସ୍ନେହର ମତରେ ସାହିତ୍ୟଠାରୁ ବଳି ବଡ଼ ଜିନିଷ କିଛି ନାହିଁ । ଶଙ୍କରକୁ ଭଲ ଲାଗେ ନାହିଁ—ସ୍ନେହର ଏଇ ଅତ୍ୟାଗ୍ରହ । ସେ ଖୋଜେ ସ୍ନେହ ଆଉରି ବଡ଼ ହୋଇଥାନ୍ତା । ତା'ର ଅଫିସ୍‌ର ବଡ଼ ବାବୁଙ୍କ ଠାରୁ ଆଉରି ବଡ଼ ହୋଇଥାନ୍ତା । ତେବେ ତା' କଥାର ମୂଲ୍ୟ କେତେ ନ ହୁଅନ୍ତା ଶଙ୍କର ପାଖରେ ?

ସ୍ନେହ ଡାକି ଯାଇଥିଲା ସନ୍ଧ୍ୟାବେଳେ ତାଙ୍କ ଘରକୁ । ସ୍ନେହର ସଙ୍ଗୀସାଥି ସାହିତ୍ୟିକମାନେ ଆସିବେ । ଶଙ୍କର ବିରକ୍ତ ହୋଇ ମନା କରିଦେଇଥିଲା । ଦୁଃଖ କରି ସ୍ନେହ କହିଲା – ହଉ ନ ଆସନ୍ତୁ ! ଆଜି ରବିବାରଟା ମୋର ନଷ୍ଟ ହେଲେ ହେଉ ।

– ଆରେ ବହୁତ କାମ ଅଛି । ସେଥିପାଇଁ କହୁଥିଲି ନା !

– ଆପଣ ଆସି ଗୁଡ଼ାଏ ସାହିତ୍ୟ ଆଲୋଚନା କଲେ କୋଉ ମୋ'ଘର ଭରିଯିବ ? ଆପଣ ନ ଆସନ୍ତୁ । ମୁଁ ଉଦ୍ଧବ ବାବୁଙ୍କୁ ଡକାଇବି ।

– ଡକାଉ ନାହାନ୍ତି । ଉଦ୍ଧବ ବାବୁ, ସାହିତ୍ୟ କଲେ, – ସବୁବେଳେ ବସି ସାହିତ୍ୟ ଆଲୋଚନା କଲେ ମୁଁ'ତ ଖୁସି ହେବି ।

– ଖୁସି ହେବେ ? ହଁ, ମରଦ ପରା । ଇମିତି ନା ମରଦ ଖୁସି ନ ହେଲେ ଆଉ କିଏ ଖୁସି ହେବ ? ମନେ ରଖିଥାନ୍ତୁ । ଆପଣଙ୍କ ଲେଖା ପ୍ରତି ମୋର ଭାରି ଶ୍ରଦ୍ଧା । ସେଥିପାଇଁ ଏତେ ଅଧିକାର କରି କହୁଛି ।

—ହଁ, କ'ଣ ହେଲା ଉଦ୍ଧବ ବାବୁଙ୍କ କଥା ? ସେ ଆସୁଛନ୍ତି ନା ?

—ଆସିବେ ନାହିଁ ? ସେ କାମିକା ଲୋକ, କେଉଁ କାମ କଲେ ଉନ୍ନତି ହେବ, ଭଲ କରି ଜାଣନ୍ତି । ସେ ଆପଣଙ୍କ ପରି ବୁଦ୍ଧିହୀନ ନୁହନ୍ତି । ସେ ଆସନ୍ତି ମୋତେ କାମରେ ଲଗାଇବାକୁ । ସାହିତ୍ୟ ନାଁ କହି ଖାମା କମ୍ପାନୀ ପାଇଁ ଲୋକ ଯୋଗାଡ଼ କରିବାକୁ । ମୋତେ ଭଲ ଲାଗେ ନାହିଁ, ଆଉ ଜଣକ ପାଇଁ ଗଧ ଖଟଣି ଖଟିବାକୁ ।

—ଆଉ ମୋତେ ? ମୁଁ ଆସିଲେ କ'ଣ ହୁଏ ?

—ଭାରି ଆରାମ ଲାଗେ । ମୋର ଇଚ୍ଛା ହୁଏ—ଆପଣଙ୍କୁ ଗୋଟାଏ କୋଠରୀରେ ବନ୍ଦ କରି, ଖାଇବା ପାଇଁ, ପିଇବା ପାଇଁ ସବୁ ସାଜସରଞ୍ଜାମ ଥୋଇଦେଇ, ଆପଣଙ୍କୁ ଲେଖିବାକୁ ବାଧ୍ୟ କରନ୍ତି ।

—ଦେଖନ୍ତୁ, କାହାକୁ ବାଧ୍ୟ କରିବା ଭାରି ଭୁଲ । ଅତ୍ୟାଚାରର ଏଇ ଜଣେ ମଣିଷ ଆଉ ଜଣେ ମଣିଷକୁ ବାଧ୍ୟ କରିବାରୁ ଆରମ୍ଭ ହୁଏ। ସ୍ନେହର ଅତ୍ୟାଚାରର ଯେତିକ ଖରାପ, ବଳ୍ପର-ହୀନ କ୍ଷମତାର ଅତ୍ୟାଚାର ସେତିକ ଖରାପ । କେହି ବାଧ୍ୟ କଲେ ମୋ ଇଚ୍ଛା ହୁଏ ସବୁଦିନ ପାଇଁ ସେ କାମ ନ କରିବାକୁ । ସେଇଥିପାଇଁ ଆସୁ ନ ଥିଲି ଏତେଦିନ ।

—ହଁ ଆପଣଙ୍କର ଲେଖିବାକୁ ଇଚ୍ଛାହେଉ ନାହିଁ । ଗ୍ରହ ଖରାପ ପଡ଼ିଛନ୍ତି । ବୁଧରେ ବୃହସ୍ପତି ପଡ଼ୁ,—ଦେଖିବା, କେମିତି ଲେଖା ନ ହେବ ? ନ ଲେଖିଲେ ଭାରି ଗଣ୍ଡଗୋଳ କରିବି ଏକା ।

ଶଙ୍କର ହସିଥିଲ । ସ୍ନେହ ସେହିପରି ହସି କହିଲା—ହଉ ବାଜ ରହିଲା । ନ ଆସିବେ କେମିତି ଦେଖିବା ?

ଶଙ୍କର ବିରକ୍ତ ହୋଇ ମନେ ମନେ ସ୍ଥିର କରିଥିଲା, ଯିବ ନାହିଁ ସେଦିନ । ସବୁଦିନେ ସେଇ ଗୋଟିଏ କଥା, ଗୋଟିଏ ପ୍ରକାରର ପ୍ରଶଂସା—ଭକ୍ତିର ଗୋଟିଏ ପ୍ରକାରର ଜଣାଣ, ଭଲ ଲାଗେ ନାହିଁ ।

ଆଜି ପଛେ ବଜାରରେ ବୁଲିବା— ସନ୍ଧ୍ୟାବେଳଟା 'ରବିବାର ପ୍ରଜାତନ୍ତ୍ର' ପଢ଼ି କଟାଇବ । ସ୍ନେହ ଘରକୁ ଯିବା ନାହିଁ ।

ରାସ୍ତାରେ ଏପାଖ ସେପାଖ ହେଲାବେଳେ ସ୍ନେହ ଘରକୁ ନଯିବା ପାଇଁ ଗୋଟାଏ ପଡ଼ିଆରା ଦେଖାଇବାକୁ କେଜାଣି କେତେ ଲୋକଙ୍କୁ ନମସ୍କାର ଜଣାଇଛି—'ଭଲ' 'କେମିତି ଅଛନ୍ତି' ? ଖବର କ'ଣ ? ଆଦି ଅନେକ ପ୍ରକାରର କଥା କହିଛି । କେହି ଲୋକ ଅଟକିଲେ ନାହିଁ । ଶଙ୍କର ଫେରିଆସିଲା ଘରକୁ ।

ସାଇକେଲ ରହିବାର ଶବ୍ଦ । ବୋଧହୁଏ ସେ ବାବୁ ଆସିଲେ—ନା-ନା-ସେମିତି ତ ସେ ବୁଲନ୍ତି ନାହିଁ । ଆଉ କିଏ ? ସାଇକେଲଟା ରଖିଲା ଧୀରେ । ସେ ବାବୁ ଆସି ନାହାନ୍ତି । ଶଙ୍କର ଭ୍ରୂଲତା କୁଞ୍ଚିହୋଇ ଆସିଲା ।

—କି ଶଙ୍କର ବାବୁ ? ଏଇ ବର୍ଷା ପବନରେ ଆଜ ପଦାକୁ ଗୋଡ଼ ପଡ଼ି ନାହିଁ ନା ? ଆପଣଙ୍କୁ ମୁଁ ଶାରଦା ଦେବୀଙ୍କ ବାହା-ଘରରେ ଖୋଜୁଥିଲି । ଆସି ନ ଥିଲେ କି ? ଡକାହୋଇ ନଥିଲେ ?

—ହଁ ତ, ଡକାହୋଇଥିଲି, ମୁଁ ଯାଇପାରିଲି ନାହିଁ, ହେଇ ପରା ନିମନ୍ତ୍ରଣ ପତ୍ର—କହି ଶଙ୍କର ଖୋଜି ନିମନ୍ତ୍ରଣ-ପତ୍ରଟା କାଢ଼ିଲା ଦେଖାଇବାକୁ ଯେ ଶାରଦା ଦେବୀ ଶଙ୍କରକୁ ଭୁଲି ନାହାନ୍ତି ।

—କଫି ଖାଇବେ ?

ହସି ଉଦ୍ଧବ କହିଲା — ଏଇ ସନ୍ଧ୍ୟାବେଳେ ଜଣେ ସାହିତ୍ୟିକଙ୍କ ସାଙ୍ଗରେ ଦେଖାହେଲା । ଭାରି ଭଲ ଲୋକ ସେ । ମତେ ଗୁଡ଼ାଏ

ଖାଇବାକୁ ଦେଇଛନ୍ତି । ଶ୍ରୀଲନ୍ତୁ ଯିବା କୁଆଡ଼େ — କ'ଣ ବହୁତ କାମ ଅଛି ?

— ହଉ । ଯିବା। ତେବେ ଗଲେ କ'ଣ ହେବ — କୁଥାଟାରେ ସ୍ନେହ ଦେବୀଙ୍କ ଘରକୁ ଧାଇଁଲେ ।

— ମତେ ଏକୁଟିଆ ଯିବାକୁ ଭଲ ଲାଗୁ ନାହିଁ, ମୁଁ ଯାଇଥିଲି ରବିବାରକୁ ମିଶାଇ ଏଗାର ଦିନ ତଳେ । ଇଚ୍ଛା ଅଛି ଯିବାପାଇଁ ।

— ଆପଣ ଏକା ଯାଉନାହାନ୍ତି ? ଭଲ ହୁଅନ୍ତା । ସ୍ନେହ ଦେବୀଙ୍କୁ ଲକ୍ଷ୍ୟ କରନ୍ତେ । ହୁଏତ ଲେଖିବାର ସୁବିଧା ହୁଅନ୍ତା । ନାଟକ ଉପନ୍ୟାସ ଦୃଷ୍ଟିରୁ ଦେଖିବାପାଇଁ ହେଲେ ଜଣେ ଜଣେ ଲୋକ ଏକୁଟିଆ ସ୍ନେହ ଦେବୀଙ୍କ ଘରକୁ ଯିବା ଦରକାର ।

— ଏକୁଟିଆ ? ମୁଁ ପାରିବି ନାହିଁ । ମତେ ଭାରି ଖରାପ ଲାଗିବ । ଆପଣଙ୍କ ସାଙ୍ଗରେ ଗଲେ ମତେ ମଣ୍ଡ ମାଡ଼ିପଡ଼େ ନାହିଁ, ଶ୍ରୀଲନ୍ତୁ ।

— ହଁ ଯିବା ।

— ଆରେ, ଆଜି କ'ଣ ଦେହଟା ଖରାପ ଲାଗୁଛି । ବନ୍ଧୁଟି ବହୁତ ଖାଇବାକୁ ଦେଇଦେଲେ । ପେଟଟା ଖରାପ ଲାଗୁଛି ।

— କ'ଣ ଆପଣଙ୍କ ଘରବାଟେ ଯିବା ?

— ନାଁ, ଡେରି ହୋଇଯିବ । ଆଗ ସ୍ନେହ ଦେବୀଙ୍କ ଘର ହୋଇ ମୁଁ ଫେରିବି ଶୀଘ୍ର ।

ଦୁଇ ବନ୍ଧୁ ପହଞ୍ଚିଲା ବେଳେ ଦୁହିଁଙ୍କର ସାଇକେଲ ଅଟକିଯାଇଥିଲା ସ୍ନେହ ଦେବୀଙ୍କର ଘରଠାରୁ ପାଞ୍ଚହାତ ଦୂରରେ । ସ୍ନେହ ଦେବୀଙ୍କ ବସିବା ଘରେ ଆଲୁଅ ଜଳୁଛି । ଦୁଆର ବନ୍ଦ ଅଛି । ଉଦ୍ଧବ ପଚେଇଯାଇଥିଲା । ଶଙ୍କର ଆଗେଇଲା ନାହିଁ । ଦୁହେଁ ଯେପରି ସେଇ ରାସ୍ତାକୁ କହିବାକୁ ଗୃହାନ୍ତି ବିନା ଆଗ୍ରହରେ ଆସିଛନ୍ତି । କିଏ

ଆଗ ଡାକବ—ଏଇ ହେଉଛି ଦୁଇଟି ସାହିତ୍ୟକଙ୍କର ସେତେ-ବେଳର ଅସୁବିଧା—ସମସ୍ୟା ।

ଶଙ୍କିତ ଗୃହାଣୀରେ ଦୁହେଁ ଦୁହିଙ୍କୁ ଚାହିଁଲେ, ଆକାଶ ଅନ୍ଧାର । ରାସ୍ତାର ଆଲୁଅ ଏଠି ସେଠି ଚହଟେଇ ଦେଉଛି—ରାସ୍ତାର ଅବସ୍ଥିତ । ଶଙ୍କର ଝରକା ବାଟେ ମୁଣ୍ଡ ଟେକି ଦେଖିଲା ସ୍ନେହ ଦେବୀ ଉପନ୍ୟାସ ପଢୁଛନ୍ତି, ଧୀର ଗଳାରେ କହିଲା—ହେ ମିଷ୍ଟର, ହେ ମିଷ୍ଟର ।

ସ୍ନେହ ଦେବୀ ଚମକିପଡ଼ିଲେ, ଚାହିଁ ଶଙ୍କରକୁ ଦେଖି ହସିଲେ—ଆଜି ରବିବାର ସନ୍ଧ୍ୟା । ଆସୁ ନ ଥିଲେ ପରା ?

ଦୁଆର ଖୋଲିଲେ । ଘର ଭିତରର ଆଲୁଅ ରାସ୍ତାରେ ପଡ଼ିଲା-ବେଳକୁ ଉଦ୍ଧବକୁ ଦେଖି ହସି ପଚାରିଲେ—ମିଷ୍ଟର କ'ଣ ? ଆଜି କ'ଣ ଗୋଟାଏ ନୂଆ ଡାକ !

ଉଦ୍ଧବ କହିଲା—ଦୁଇଥର ଡାକିଲେ ପରା; ଜଣେ ବୁଝିବେ, ଦୁଇଜଣ ମିଷ୍ଟର ଆସିଛନ୍ତି ବୋଲି ।

—ହଉ ଆସନ୍ତୁ ।

—ଆଚ୍ଛା ସ୍ନେହ ଦେବୀ ! ଆଜି କହିଲେ, କିଏ କାହାକୁ ଡାକି ଆଣିଛି ? ଉଦ୍ଧବ ପଚାରିଲା ।

—ଆପଣ ।

—ବାଃ, ଆପଣ ଯେ ଏକାବେଳକେ ନ ଦେଖିବା କଥା କହିପାରୁଛନ୍ତି ।

ଶଙ୍କର କହିଲା—ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ସବୁବେଳେ ଏମିତି ଗଳ୍ପ ଉପନ୍ୟାସ ପଢୁଥିଲେ ଗତ ଆଗତ କଥା କହିବା କ'ଣ କଷ୍ଟ ? ସ୍ନେହ ଦେବୀଙ୍କ କଛି ତ କାମ ନାହିଁ ।

କଟାକ୍ଷ ହାଣି ସ୍ନେହ ଦେବୀ କହିଲେ—ଆଜ ମୋର ଛୁଟି ଦିନ । ମୋର ଆଜ ରବିବାର ।

ଉଦ୍ଧବ ଖୁସିହୋଇ କହିଲା—ବାଃ, କେଡ଼େ ଭଲ ଦିନ ! ଆଜ ମୋର ଗୋଟିଏ କାମ କରିଦେବେ, ମୋତେ ଆପଣଙ୍କ କେତେକ ସ୍ତ୍ରୀ ବନ୍ଧୁଙ୍କ ସହିତ ଆଳାପ କରାଇଦେବେ ?

—ମୁଁ କ'ଣ କରିବି ? ଆପଣଙ୍କର କ'ଣ ବନ୍ଧୁର ଅଭାବ ଅଛି ? ଆପଣଙ୍କ ଲେଖା ପଢ଼ି କେଜାଣି କେତେ ବନ୍ଧୁ ତିଆରି ହୋଇଯାଇଥିବେ । ଆପଣ ସେମାନଙ୍କୁ ଭୁଲି—

—ନାହିଁ । ସେମାନେ ହେବେ ନାହିଁ, ଆପଣଙ୍କର ସାଥି କିଏ କେଉଁଠି ଥିବେ ଚିହ୍ନାଇ ଦିଅନ୍ତୁ ।

—ଓଃ, ଆମର ସାଥି ? ହଁ, କାଲି ତ ଦୁଇଜଣଙ୍କୁ ଚିହ୍ନାଇ ଦେଇଥିଲି—ଶାରଦା ଦେବୀଙ୍କ ବିଭାଘରେ । ମୋର ଦୁଇଜଣ ବନ୍ଧୁ —ଉମା ଓ ଶ୍ୟାମାଙ୍କୁ ଚିହ୍ନାଇଦେଇଥିଲି ଆପଣଙ୍କୁ ।

—ସେମାନେ କ'ଣ କହିଲେ ?

—କିଛି ନାହିଁ, ଖାଲି ଚାହିଁଲେ କୋଠା ଉପରୁ ।

—କିଛି କହିଲେ ନାହିଁ ? ଉଦ୍ଧବ ବିରସ ଗଳାରେ କହିଲା ।

—ଆଉ କ'ଣ କୁଦାମାରି ନାଚନ୍ତେ ? ଝିଅମାନେ ସେମିତି ନୁହନ୍ତି ।

—ମୋତେ କିଏ ଚିହ୍ନିଲା ? ମୁଁ ତ ଦେଖିନାହିଁ କାହାକୁ ।

—ସେଇ ମ । ଯେ ଗୋଲାପୀ ସିଲ୍କ୍ ପିନ୍ଧିଥିଲା । ଆପଣ ତ ବହୁତ ବେଳୁଁ ଯାଇ ବସିଥିଲେ । ଦେଖିଥିବେ, ଶାରଦା ଦେବୀ ଆପଣଙ୍କର ବଡ଼ ବନ୍ଧୁ—ନା ?

—ଡାକଥିଲେ ବୋଲି ଯାଇଥିଲି । ଆପଣଙ୍କ ବନ୍ଧୁଘରକୁ ଡାକିଲେ ବି ଯିବି । ଆଚ୍ଛା, ସେମାନଙ୍କ ସାଙ୍ଗରେ କଥାହେଲେ ସେମାନେ କ'ଣ ସୁଖ ପାଇବେ ?

—ଆପଣଙ୍କର ସେହି ବନ୍ଧୁ ଦୁଇଟି ।

ଶଙ୍କର କହିଲା ଉଦ୍ଧବକୁ—ଭାରି ଓଲୁ ଲୋକ ଆପଣ । ଶୁଣୁଛନ୍ତି, ମହିଳା ମହାଶୟା ଗୋଲାପୀ ସିଲ୍କ ପିନ୍ଧିଥିଲେ । ସବୁବେଳେ ତାଙ୍କର ଆଖି ବହୁତ ଉଚରେ ଥିବ । ସଂସାରରେ କାହାର କେତେ ପ୍ରତିଷ୍ଠା ପ୍ରତିପତ୍ତି—ସେଇ କଥା ସେ ଭାବୁଥିବେ । ଆଉ ସେଥିରେ ଜଣେ ଉଦ୍ଧବ ବାବୁ !

ଉଦ୍ଧବ ହସିଲା । ସ୍ନେହ ରାଗିଉଠିଲା,—ହଁ ତ, ଝିଏ ଭଲ ଲୁଗା ପିନ୍ଧିଲାବେଳେ ଖାଲି ହାକିମ ହୁକୁମାଙ୍କ କଥା ଭାବୁଛନ୍ତି ବୋଲି ଆପଣଙ୍କ ପରି ସାହିତ୍ୟିକମାନଙ୍କର ଧାରଣା ।

—ଆଉ କ'ଣ ? ଉଦ୍ଧବ ପଚାରିଲା ।

—ଆପଣ କ'ଣ ସମସ୍ତଙ୍କୁ ସମାନ ଆଖିରେ ଦେଖନ୍ତି ? ସ୍ନେହ ପଚାରିଲା ।

—ହଁ, ନିଶ୍ଚୟ । ଉଦ୍ଧବ ଓ ଶଙ୍କର ଏକାବେଳକେ କହିଲେ ।

—ହୋଇଥିବ ତ ? ଆପଣଙ୍କ ପାଇଁ କିଏ ଛିଣ୍ଡା ପିନ୍ଧି ଝୁରି-ହେଉଛି, ସେ କଥା ଆପଣ କେବେ ଭାବିଛନ୍ତି ? କେବେ କାହାର ଆଡ଼କୁ ଆଡ଼ ଆଖିରେ ଚାହିଁଛନ୍ତି ?

ଉଦ୍ଧବ ଚୁପ୍ ହୋଇଗଲା ।

ସ୍ନେହ କହିଲା—ବୁଝିଲେ, କବି ମହାଶୟ ! ସମସ୍ତେ ସେମିତି ଚାହିଁଥାନ୍ତି ଉପରକୁ । ଯାହାର ଯେଉଁଟି ପ୍ରାପ୍ୟ ନୁହେଁ, ସେ ସେଇଟିକୁ ଚାହିଁଥାଏ । ନ ପାଇଲେ ଗାଳିଦିଏ । ଆଉ ଆପଣ

କ'ଣ କବି ବୋଲି ସେଥିରୁ ବାହାର ?···ତାହାର କଥା ବନ୍ଦ-ହେଲି ନାହିଁ ।

—ଯାହାର କିଛି ନାହିଁ, ସେ ଆପଣଙ୍କୁ ଖୋଜୁଛି । ସେଇ ଆତୁର ଗୃହାଣୀ ଆପଣଙ୍କୁ ବିବ୍ରତ କରିପକାଉଛି । ଆପଣ ସେଠୁ ମୁହଁ ବୁଲାଇଦେଉଛନ୍ତି । ସେମିତି ଆପଣ ଯୁଆଡ଼େ ଆଖିପକାଇ ବୁଲୁଛନ୍ତି ସେ ବିବ୍ରତ ନ ହେବ କାହିଁକି ? ଏଥିରେ ପାଠପଢ଼ା କଥା କ'ଣ ରହିଲି ? ସ୍ନେହର କଥାରେ ତୀକ୍ଷ୍ଣତାର ଉଚ୍ଛ୍ୱାସ ।

ଶଙ୍କର ଗୃହିଁଲି ସ୍ନେହଆଡ଼େ । ସେ ଗୋଡ଼ ଟେକିବସିଛି—ତା ଚୌକି ଉପରେ । ଆଉଜିଛି ଚୌକି ପଛାରେ । ହସି ଶଙ୍କର କହିଲି—ଦିଅ, ପାଦଧୂଳି ଦିଅ । ଏଡ଼େ ସୁନ୍ଦର କଥାଟିଏ ଆମର କବି ଉଦ୍ଧବ ବାବୁଙ୍କୁ କେହି କହି ନ ଥିଲି । ଆଜି କବିଙ୍କର ଆଖି ଖୋଲିଯାଇଛି । ତାଙ୍କର ତୁଣ୍ଡରୁ ଭାଷା ହଜିଯାଇଛି । ସେ ଚୁପ୍ ହୋଇଗଲେଣି ।

—ଆଗରୁ କ'ଣ ତାଙ୍କର ଆଖି ବନ୍ଦ ଥିଲି ? ସ୍ନେହ ପଚାରିଲି ।

—ହଁ, ଆଖି ଖୋଲିଥିବାଯାଏ ତୁଣ୍ଡ ଚିତ୍କାର କରେ ନାହିଁ । ସବୁ ଦେଖିପାରୁଥିବା ଲୋକ କେବେ ଚିତ୍କାର କରେ ନାହିଁ ।

ପ୍ରତ୍ୟେକେ ଗୃହିଁଥିଲେ ଆଉ ଜଣକ ମୁହଁକୁ । ରବିବାର ସନ୍ଧ୍ୟା ଘନେଇଆସିଛି । ପୁଣି ସୋମବାର କର୍ତ୍ତବ୍ୟ କାମର ତେଜ ଖେଳାଇଦେବ । ରବିବାର ସନ୍ଧ୍ୟା ସରିଆସୁଛି ।

## କଣ୍ଢାବାଡ଼

ଯୁବକ ହରିହର ତାହାର ଜୀବନର ମୂଳଦୁଆ ଉପରେ ବର୍ଷ ପରେ ବର୍ଷ ଜମେଇ ଗୃଲିଲ୍‌ବେଳେ ଦିନେ ଶୁଣିଲା, ତାହାର ଧୂଳିଘରର ସାଥୀ ନିରୁପମା ତାହାର ଗୋଟିଏ ସହପାଠୀକୁ ବାହା ହେବାକୁ ଗୃଲିଲା । ସ୍ୱପ୍ନ ଓ କଳ୍ପନା ତାହାର ମିଛ ହେଲା—ପ୍ରଥମ ଦେଖାର ଚଉଦବର୍ଷ ପରେ ।

ସେତେବେଳେ ହରିହର ପିଲା । ଘର ଆଗ ନଈବାଲି ଉପରେ ଖେଳୁଥାଏ । ନିରୁପମା ଆସେ ତାହାର ଭାଇଭଉଣୀମାନଙ୍କ ସାଙ୍ଗରେ । ଦିଗନ୍ତବିସ୍ତାରୀ ନଈ ବାଲି ମଝିରେ ଖେଳନ୍ତି । ନିରୁପମା ଅନେକ ଗ୍ଟେଟ ଗ୍ଟେଟ କଥା କହେ । ଉପରେ ଥାଏ ଖୋଲା ଆକାଶ ।

ଦିନ ପରେ ଦିନ । ସନ୍ଧ୍ୟା ହୋଇଆସେ । ପଶ୍ଚିମ ଆକାଶରେ ରଙ୍ଗୀନ୍ ସୂର୍ଯ୍ୟ ବୁଡ଼ିଯାଆନ୍ତି । ମୁଣ୍ଡ ଉପରେ ଗୋଟି ଗୋଟି ହୋଇ ତାରା ଜଳିଉଠନ୍ତି । କେବେ କେବେ ପୂର୍ବ ଆକାଶରେ ରୁପେଲି ଚନ୍ଦ ଉଇଁଆସେ ।

ଦୁଇହାତ ଅଢ଼େଇହାତ ଉଚ ପିଲାଗୁଡ଼ିଏ ଗ୍ଟେଟ ଗ୍ଟେଟ ପାହୁଲ ପକାଇ ଆସନ୍ତି ଓ ଖେଳନ୍ତି । ଦେହରେ ଥାଏ ଗ୍ଟେଟ ଗ୍ଟେଟ

ଫ୍ରକ୍ ଓ ଜାମା । କେତେ ଗ୍ଟେଟ ଗ୍ଟେଟ କଥା କହନ୍ତି । ବାପା କ'ଣ କହିଲେ — ମାଷ୍ଟ୍ର କ'ଣ ପଢ଼ାଇଲେ ତାଙ୍କର କୁକୁର କ'ଣ କଲା ? ଇତ୍ୟାଦି ଇତ୍ୟାଦି ଅସୁମାର କଥା ;

ଏହି କେତୋଟି ଅର୍ଥହୀନ ଘଟଣାର ମୂଳଦୁଆ ଉପରେ ଅନେକ ବର୍ଷପରେ ହରିହରର କଳ୍ପନା ପ୍ରେୟସୀ ଗଢ଼ିଉଠିଥିଲା ସେହି ଇଙ୍ଗିତହୀନ କେତୋଟି ଦରଭୁଲା କଥାକୁ ମୂଳ କରି ।

ତାହାପରେ ପରିବର୍ତ୍ତନ ଆସିଥିଲା । ହରିହର ବଢ଼ୁଥିବା ମନ ଓ ଦେହ ନେଇ ଇସ୍କୁଲ କଲେଜଆଡ଼େ ଗ୍ଟଲିଲା । ନିରୂପମା ଓ ତାହାର ଭାଇଭଉଣୀ ସେମାନଙ୍କର ବାଟରେ ଆଗେଇଗଲେ । ଆଉ ଖେଳହୁଏ ନାହିଁ କି କଥାହୁଏ ନାହିଁ ।

ଘର ଆଗର ଜାଅନ୍ତା ଦୁରେଣ୍ଠାବାଡ଼ ଯେମିତି ଗ୍ଟେଟ କାଠି ଖଣ୍ଡିକରୁ ବଢ଼ିଗ୍ଟଲେ ପୂରା ଶାଳଆ ବାଡ଼ ହୋଇ, ଠିକ୍ ସେମିତି ହରିହର ଓ ନିରୂପମା ମଧ୍ୟରେ ଘଟଣାର ବାଡ଼ ଆସି ଠିଆ-ହୋଇଗଲା । ତଥାପି ବାଡ଼ ଭିତରୁ ଏପାଖୁ ସେପାଖକୁ ଗ୍ଟହିଁହୁଏ ।

ନିରୂପମା ସ୍କୁଲରେ ପଢ଼େ । ପଢ଼ା ବହି ସାଙ୍ଗରେ ଅନେକ ଏଣୁତେଣୁ ବହି ପଢ଼େ । ତାହାର ଦେହକୁ ଗ୍ଟେଟ ଫ୍ରକ୍ ହେଉ ନାହିଁ । ଲମ୍ବା ଶାଢ଼ୀ ଦରକାର ହେଲାଣି । ତାହାର ଦେହ ଫୁଲି-ଉଠିଲାଣି ଯୌବନର କାଉଁରି ପରଶରେ । ତାହାର ମନରେ କେତେ ବଡ଼ ବଡ଼ କଳ୍ପନା ମଣିଷ ନେଇ ଓ ଜୀବନ ନେଇ ।

ହରିହର ସେମିତି କଲେଜରେ ପଢ଼ିଲାଣି । ସେ ଆଉ ପିଲାଦିନ ଖେଳ ଖେଳୁ ନାହିଁ । ସେ ଭାବୁକ ଓ ଲେଖକ ହେଲାଣି । ତାହାର ଶାଗୁଆ ଭାବନା ଓ ରଙ୍ଗୀନ କଳ୍ପନାକୁ ସେ ଗଳ୍ପ ଓ ଉପନ୍ୟାସରେ ରୂପଦିଏ ।

ନିରୂପମା ମଧ୍ୟ ପଢ଼େ ସେସବୁ । ପିଲାଦିନର ଖେଳସାଥୀର ଲେଖାଗୁଡ଼ିକୁ ନେଇ ତାହାର ତରୁଣୀ ସାଥୀମାନଙ୍କୁ ସେ ପଢ଼ାଏ ଓ ଶୁଣାଏ । ହରିହରର କଞ୍ଚା ଓ ଅଧାପାଚିଲା ଲେଖାଗୁଡ଼ିକର ନିରୂପମା ଗୋଟିଏ ଭକ୍ତ ।

ହରିହର କଥାପ୍ରସଙ୍ଗରେ ତାହାର ବନ୍ଧୁ ଘରୁ ଶୁଣିଲା ଯେ ତାହାର ଲେଖାଗୁଡ଼ିକୁ ସଂସାର ଅନାଦର କଲାବେଳେ ନିରୂପମା ଆଦର କରୁଛି । ସେ ମନେ ମନେ କେତେ କଳ୍ପନାର ଜାଲ ବୁଣେ ତାହାର ନିରୂପମା ବିଷୟରେ ।

ହରିହର ଶୋଇ ଶୋଇ ସ୍ୱପ୍ନ ଦେଖେ ନିରୂପମା ଆସିଛି ତାହାର ଘରକୁ । ଦୁହେଁ ମିଶି ଅନେକ ଲେଖୁଛନ୍ତି ଓ ପଢ଼ୁଛନ୍ତି । ଚାରିଆଡ଼େ ତାଙ୍କର ପ୍ରଶଂସା ଶୁଣିହୋଇପଡ଼ୁଛି । ହଠାତ୍ ଯେମିତି ସେ ବାସ୍ତବ ପୃଥିବୀକୁ ଫେରିଆସି ଭାବେ 'ସତେ କଣ ଏସବୁ ତାହାପରି ଗରିବ ପକ୍ଷରେ ସମ୍ଭବ ?'

ଗୋଟିଏ ତରୁଣୀର ଏତିକି ଆଲୋଚନାରୁ ହରିହର ପ୍ରେମ-ପାଗଳ ହୋଇପଡ଼ିଲା । ପଢ଼ାପଢ଼ି ଅଳ୍ପ କରୁଥିଲା, ସେତିକ ଆଉରି ଧିମେଇ ଆସିଲା । ତାହାର କାମହେଲା ନିରୂପମାର ବାପା ଭାଇ ଓ ଅନ୍ୟାନ୍ୟ ଆତ୍ମୀୟ ସ୍ୱଜନମାନଙ୍କୁ ଭକ୍ତି ଦେଖାଇବା ଓ ଖୋସାମଦ କରିବା ।

ଅବରକାରୀ ହରିହରର ଏହି ଅଯାଚିତ ଭକ୍ତି ଓ ସ୍ନେହ ସେମାନଙ୍କୁ ବିରକ୍ତକରେ । ସେମାନେ ଦୟା ଦେଖାଇ ଥରେ ଅଧେ ହରିହରର ପଢ଼ା କଥା ବୁଝନ୍ତି ଓ ଉପଦେଶ ଦିଅନ୍ତି । ହରିହର କିନ୍ତୁ ଭାରି ଆନନ୍ଦ ପାଏ, କାରଣ ସେମାନେ ହରିହରର ତତ୍ତ୍ୱ ନେଲେଣି । ବୋଧହୁଏ ନିରୂପମା ଆସିବ ତାହା ପାଖକୁ ।

ଆଜି ବାକି ରହିଲା ନିରୂପମା । ତାକୁ ଯାଇ ହରିହର କହିବ ଯେ ସେ ତାକୁ କେତେ ଭଲପାଏ । ଦେଖା ସାକ୍ଷାତର ସୁବିଧା ନ ଥିବାରୁ ହରିହର ଧାଏଁ ନିରୂପମାର ସ୍କୁଲ ଗାଡ଼ି ପଛେ ପଛେ ।

କଲେଜ ଛାଡ଼ି ସେ ବାଳିକା ସ୍କୁଲ ଯିବା ରାସ୍ତାରେ ଠିଆ-ହୋଇଥାଏ । ରାସ୍ତା କଡ଼ରୁ ମଟର ଧୂଳି ଭିତରେ କେବେ ନିରୂପମାର ଫାଳେ ମୁହଁ କି ବେକର ପଛଆଡ଼ଟି ଦିଶେ । ଆଉ ଦିନେ ଦିନେ ନିରୂପମା ଗାଡ଼ିର ସେପାଖେ ନ ବସି ଓଲଟା ପାଖେ ବସିଥାଏ । ହରିହର ଏଇ ଏତିକି ବଦଳରେ ତାହାର କଲେଜର ପଢ଼ା ନଷ୍ଟ-କରେ ।

କିନ୍ତୁ ଘରକୁ ଆସି ଶିକାରରୁ ଯାହା ମିଳିଲା ସେତିକି ଏକାଠି କରି ବୁଣେ ତାହାର କଳ୍ପନା । ବେଳେ ବେଳେ ଏହି କଳ୍ପନା ଓ ଖିଆଲ ମିଶି ଧୂଆଁ ଳିଆ ହୋଇଯାଏ ହରିହର ମନଭିତର । ସେ ଆଚ୍ଛନ୍ନହୋଇ ଶୋଇପଡ଼େ ।

ନିରୂପମାର ବିବାହ ପ୍ରସ୍ତାବ ଅନ୍ୟଆଡ଼େ ପଡ଼ିଲାଣି । ହରିହର ଖାଲି ବିଭିନ୍ନ ଠାକୁରଙ୍କଠାରେ ଅଶ୍ରୁଭରା ଜଣାଣ କରେ ଯେ ସବୁ ଭାଙ୍ଗିଯାଉ । ଶେଷକୁ ତାହାର ଭାଗ ପଡ଼ିଯିବ । ଏଣେ କଲେଜରେ ସେ ବି. ଏ. ପରୀକ୍ଷାକୁ ତିନିଥର ଦେଇସାରିଲାଣି ।

ନିରୂପମାର ସ୍ୱପ୍ନ ଭାଙ୍ଗିବାପାଇଁ ବୋଧହୁଏ ତାହାର ବିବାହର ଠିକଣା ହୋଇପାରିଲା ନାହିଁ । ଏଣେ ହତାଶ ପ୍ରେମିକ ହରିହର ଏଇଟା ସେଇଟା ଉପଲକ୍ଷ ଦେଇ ବହୁତ ମାଇପି କାନ୍ଦଣା ଲେଖେ —ହେଲି ଏବେ ସେହି ଲେଖାଗୁଡ଼ିକ ଅତି ବାଜେ ।

## କଣ୍ଟାବାଡ଼

ନିରୂପମା ବୁଝେ ନିଜର ଦୁଃଖ । ସେଥିପାଇଁ ସେ ହରିହରଙ୍କ ଏ କାତର କାନ୍ଦଣା ବି ବୁଝିପାରିଲା । ତାହାର ସହାନୁଭୂତି ଧୀରେ ଧୀରେ ହରିହର ପ୍ରତି ପ୍ରେମର ବନ୍ଧନକୁ ଦୃଢ଼କଲା ।

ନିରୂପମା ତାହାର ସାଥୀମାନଙ୍କୁ କହେ ଯେ ତାହାର ଇଚ୍ଛା, ହରିହରକୁ ବିଭା ହେବାପାଇଁ । ଆଉ ଏମିତି ଜାଗାରେ କହିଦିଏ ଯେଉଁଠୁ ହରିହର ଖବର ଠିକ୍ ପାଇବ ଓ ପାଏ ମଧ୍ୟ ।

ନିରୂପମାର ସାଙ୍ଗ ସାଥୀମାନେ ତାହାକୁ ଥଟ୍ଟାକରି କହନ୍ତି, ଆଉ ପଢ଼ାପଢ଼ିରେ କିଆଁ ସମୟ ନଷ୍ଟ କରୁଛ ? ଯା, ସେଠି ତାଙ୍କ ଘରେ ଯାଇ ବସିଲେ ଅନେକ ଗଳ୍ପ କବିତା ତିଆରି କରିପାରିବୁ ।'

ଏଣେ ହରିହରର ସ୍ମୃତି ଭିତର ଝଡ଼ ଭିତରେ ସମୁଦ୍ରପରି ଏପାଖ ସେପାଖ ହୁଏ ।

ଅପଦାର୍ଥ ହରିହର ଦୂରରେ ରହିଲା । ନିରୂପମା ମଧ୍ୟ ବୁଝିଗଲା, ଯେ ମନଠାରୁ ସାଂସାରିକ ଅର୍ଥ ବଡ଼ କଥା । ସେ ବି ଥିର ପଡ଼ି-ଆସିଲା । ସେ ଲଜ୍ଜିତା ହେଲା ଯେ ହରିହର କଥା ଭାବି ପଦାରେ ସେହିକଥା କହି କହି ସେ ତାହାର ଭବିଷ୍ୟତ ଆଗରେ କଣ୍ଟା ଗୁଣ୍ଠୁଛି ।

ତେଣୁ ସ୍ତ୍ରୀ-ସୁଲଭ ବ୍ୟାବହାରିକ ଜ୍ଞାନ ଦେଖାଇ ସେ ହରିହର ବିଷୟରେ ପ୍ରକାଶ୍ୟ ସମାଲୋଚନା ଆରମ୍ଭ କରିଦେଲା । କାରଣ ହରିହର ଅଯୋଗ୍ୟ ।

ହରିହର ଶୁଣେ ଏହି ଦ୍ୱିତୀୟ ଅଧ୍ୟାୟ । କିନ୍ତୁ ବୁଝି ନ ପାରି ଅଧିକରୁ ଅଧିକ ଭାବେ । ତାହାର ଆଖି ଆଗରେ ସତେ ଯେପରି ନିରୂପମା ସ୍ପଷ୍ଟ ହୋଇଆସେ । ବହୁତ ଦୂର ଚାଲିଯାଇ ପଛକୁ

ଚାହିଁଲେ ଯେମିତି ଦୂର ଦିଗ୍‌ବଳୟର ଅତି ପରିଚିତ ଘର ବାରି ଗଛ ପତ୍ରର ସ୍ଲେଟ ହୋଇ ଦିଶନ୍ତି ।

ଏହି ପ୍ରକାରରେ ହରିହର ନିରୂପମା ବିଷୟରେ ଉଦାସୀନ-ହେବା ଆରମ୍ଭ କଲାବେଳକୁ ଦିନେ ଶୁଣିଲା, — ନିରୂପମାର ବିଭାଘର ତାହାର ଜଣେ ସହପାଠୀ ସାଙ୍ଗରେ ସ୍ଥିର ହୋଇଗଲା ।

ହରିହର ଖାଲି ଥରକର ଦେଖାପାଇଁ ବ୍ୟସ୍ତ ହୋଇପଡ଼ିଲା । ଅନେକ ଦିନ ହେଲାଣି ସେ ନିରୂପମାକୁ ଦେଖି ନାହିଁ । ବୋଧହୁଏ ସ୍କୁଲ ଛାଡ଼ିବାପରେ ସେ ପଦାକୁ ବାହାରୁ ନାହିଁ ।

ଶେଷକୁ ତାହାର ଇଚ୍ଛା ପୂରଣ ହେଲା । କାର୍ତ୍ତିକ ପୂର୍ଣ୍ଣିମା ଜହ୍ନର ଆଲୁଅ ତଳେ ବସିଥିବା ମହାନଦୀ-ବାଲିଯାତ୍ରାର ପଡ଼ିଆର ମେଳାଭିତରେ 'ଦେଖାହେଲା । ଆସନ୍ନ ବିଭାଘରର ଆନନ୍ଦରେ ନିରୂପମାର ଯୌବନ ପୁଣି ଥରେ ଚହଟିଉଠିଛି । ନିରୂପମା ତାହାର ସାଙ୍ଗମାନଙ୍କ ମେଳରେ ଚାଲୁଥିଲା — ହରିହର ଆଖି ଆଗରେ ।

ହରିହର ହତାଶ ହେଲା । ସେ ଯେଉଁ ଦୁଃଖର କଳାମେଘ ନିରୂପମାର ମୁହଁରେ ଖୋଜୁଥିଲା ନ ପାଇ ଭାବିଲା, ସ୍ତ୍ରୀ ଲୋକହିଁ ସବୁ ଅନର୍ଥର ମୂଳ । ହରିହରର ଏତେ ଦୁଃଖ ଯେମିତି ଅସାର ହୋଇଛି ।

ସେହି କ୍ଷତ ନେଇ ହରିହର ଲୁଚିରହିଲା ପ୍ରାୟ ତିନି ମାସ ନିରୂପମାର ବିଭାଘରଯାଏ । ସେହି ଘଟଣାଟି ପୂର୍ଣ୍ଣହେଲେ ସେ ମୁକ୍ତି-ପାଇବ ।

ସତକୁ ସତ ମୁକ୍ତିର ଦିନ ଆସିଲା । ହରିହର ମନେ କରିଥିଲା, ସେ ନିମନ୍ତ୍ରଣ ପାଇବ ଆଉ ଦେଖଣାହାରି ହିସାବରେ ନିଜ ଆଖିରେ ଦେଖି ଆସିବ, ତାହାର କଳ୍ପନାରାଣୀ କେମିତି ତାହାକୁ ପାଦେଇ-ଦେଇ ଚାଲିଗଲା ।

ହତଭାଗା ସେଥିରେ ମଧ୍ୟ ନିରାଶ ହେଲା । ତାହାର ବିଭାଘର ଦିନ ସେ ବଡ଼ ଅଧୈର୍ଯ୍ୟହୋଇ କଟେଇଲା । ରାତିରେ ଶୋଇପାରିଲା ନାହିଁ ।

ରାତି ଅଧରେ ସେ ଧୀରେ ଧୀରେ ଚାଲିଲା ନିରୂପମାର ଘର-ଆଡ଼େ । ଦୂରରୁ ବାଜାଗୁଡ଼ିକ କଠୋର ହୋଇଶୁଭୁଥିଲା — ପାଖରେ ଆଉରି ସେଗୁଡ଼ିକ ଭୟଙ୍କର ଲାଗିଲା । ଦୁଆର ଆଗରେ ଗାଡ଼ି ମଟର ଥୁଆହୋଇଥିଲା, ସତେ ଯେମିତି ହରିହରର ସ୍ୱଚ୍ଛନ୍ଦ ଦୃଷ୍ଟି ଓ ଗତିକୁ ପ୍ରତିରୋଧ କରିବାପାଇଁ ।

ଦୁଆର ପାଖ ଆଲୁଅ ଚାରିଆଡ଼େ ଅସଂଖ୍ୟ ଶୀତଦିନିଆ ପୋକ ଉଡ଼ି ବୁଲୁଥିଲେ ମଣ୍ଡଳୀକରି — ହରିହରକୁ ସତେ ବନ୍ଦ କରିବାପାଇଁ ।

ଭିତରେ ବେଳେବେଳେ ମନ୍ତ୍ର ଶୁଭିଯାଉଥାଏ । ନିରୂପମା ଗୋଟିଏ ପରେ ଗୋଟିଏ ସଂସ୍କାର ଶେଷକରି ତାହାର ସ୍ୱାମୀ ସହିତ ବାନ୍ଧି ହୋଇ ହୋଇଯାଉଥିଲା ।

# ମୂର୍ଖ

ପୃଥିବୀର ମାଟି ଉପରେ ବଣବୁଦା ସଫା କରି ଏକ ମହଲା କି ଦୋ'ମହଲା କୋଠାଟିଏ ଠିଆହେଲେ ହଠାତ୍ ଗୋଟାଏ ଦରିଦ୍ର ଧନୀ ପାଲଟିବାର ଖବର ପଡ଼ାପଡ଼ୋଶୀଏ ଯେମିତି ପ୍ରଚୁର କରନ୍ତି, ସେମିତି ବି.ଏ. ପରୀକ୍ଷାରେ ଭଲ ଫଳ ଦେଖାଇ ଯେଉଁଦିନ ଖବର-କାଗଜ ଶ୍ରୀମାନ୍ ସୁରେନ୍ଦ୍ର କୁମାରଙ୍କର ନାଁ ଲୋକଙ୍କୁ କହିଗଲା, ସେହିଦିନ ସୁର ବାବୁଙ୍କର ପରିଚିତ ଲୋକେ ଜାଣିଗଲେ, ଗୋଟିଏ ମୂର୍ଖ ବିଶ୍ୱ ବିଦ୍ୟାଳୟର ଗୁଞ୍ଜ ବାଟେ ପଣ୍ଡିତ ହୋଇ ବାହାରିଛି । ସମସ୍ତେ ସେହି ମାପକୁ ସତ ବୋଲି ଧରିନେଲେ । ବନ୍ଧୁସମାଜରେ ଆଦର ବଢ଼ିଲା, ମୁହଁଚିହ୍ନା ଲୋକେ ବନ୍ଧୁ ହେବାକୁ ଲାଳାୟିତ ହେଲେ । ସରକାର ଚାକିରି ଦେଲେ । ତେଣିକି ସୁରେନ୍ଦ୍ରକୁମାର ପଣ୍ଡିତ ବୋଲି ତାଙ୍କର ଅଫିସରେ ଓ ଅନ୍ୟାନ୍ୟ ଚଳନ୍ତି ସ୍ଥାନରେ ପୂଜା ପାଇଲେ ।

ସେହି ସୁରବାବୁଙ୍କର ଅଫିସରେ ଉନ୍ନତି ହେଲା । ତାଙ୍କର ହୁକୁମ ତାମିଲ୍ କରିବାକୁ ଆଠଜଣ ଆଉରି ଛୋଟିଆ କର୍ମଚାରୀ ମିଳିଲେ । ତାଙ୍କର ବିବାହ ହୋଇଥିଲା । ସ୍ତ୍ରୀ ତାଙ୍କୁ ଧନ୍ୟ କରି ଚାରୋଟି ସନ୍ତାନ ଆଣିଦେଲେ । ତାଙ୍କର ଘରେ ଓ ବାହାରେ ଆଦର ବଢ଼ିଲା ।

ଦିନକର ସୁରବାବୁଙ୍କର ଅଫିସଫେରନ୍ତା ବେଳେ ଗୋଟିଏ ନୂଆ କଥା ଘଟିଲା । ସେ ଗୋଟିଏ ବନ୍ଧୁଘରୁ ମାଗି କୁକୁର ଛୁଆଟିଏ

ଆଣିଥିଲେ ନିଜ ସାଙ୍ଗରେ । ଘରେ ତିନିମାସ ଚଳେ ଷ୍ଟେର ପଣି ଗୋଟିଏ ଛୁଞ୍ଚଣା ଗୃଦର ନେଇଯାଇଥିଲା । ଏଣିକ କୁକୁର ଘର ଜଗିବ ।

ମାଂସାସୀ ପ୍ରାଣୀ ବୋଲି ତାହାପାଇଁ ଦୈନିକ ଅଣାକର ମାଂସ ବନ୍ଦୋବସ୍ତହେଲା । କୁକୁରର ଗାଧୁଆପାଇଁ ସାବୁନ କଣା-ହେଲା । ତାହାର ଶୋଇବାପାଇଁ ବଢ଼େଇ ଘରୁ ଗୋଟିଏ ବାକ୍ସ ତିଆରିହୋଇ ଆସିଲା । ସେଥିରେ ଝରକା ଓ ଦୁଆର କରା-ହୋଇଥିଲା । କୁକୁର ବନ୍ଧାହେବ ବୋଲି ଭଲ ମଝବୁତ୍ ଜଞ୍ଜିର — କୁକୁର ବେକ ସହିପାରିବା ଭଳି — ଓଜନ ଦେଖି କଣାହୋଇଥିଲା । ଭଲ ପଟ୍ଟି ଟିଏ କଣି ତାହାର ବେକକୁ ମଣ୍ଡିଲେ । ମ୍ୟୁନିସିପାଲିଟିର ଲାଇସେନ୍‌ସ ପଟା ଖଣ୍ଡିକ ଗହଣା ହୋଇ ମାଈ କୁକୁରଟିର ବେକରେ ହାରର ଲକେଟ୍ ପରି ଝୁଲିଲା । ଘରଯାକ ସମସ୍ତଙ୍କର କାମ ଓ ଉନ୍ମାଦନା — ଉଙ୍କ ଘରେ ଗୋଟିଏ ପଦାର୍ଥ ପହଞ୍ଚିଛି ।

ସୁରବାବୁ ମାଈ କୁକୁରର ସବୁ ଗୁଣର ତାଲିକା କଲେ । ଘରେ ଏମାନେ ବହୁତ ବେଳ ରହନ୍ତି । ପଦାକୁ ଗୃଲିଗଲେ ଶୀଘ୍ର ଫେରିଆସନ୍ତି । ବାର ଲୋକଙ୍କୁ କାମୁଡ଼ନ୍ତି ନାହିଁ, କାରଣ ରାଗ କମ୍ । ପଦା ଲୋକଙ୍କୁ ଖାଲି ଭୁକନ୍ତି, କାରଣ ଡର ବେଶି । ସ୍ତ୍ରୀ-ଜାତି ବୋଲି ଥରେ ଘର ଲୋକଙ୍କ ପ୍ରତି ମମତା ଆସିଗଲେ ସେଥିରେ ସହଜରେ ବ୍ୟତିକ୍ରମ ହୁଏ ନାହିଁ । ମାଇପଙ୍କ ପରି ଖାଆନ୍ତି ବେଶି, ବୁଦ୍ଧି କମ୍, ଡର ବହୁତ, ସ୍ନେହ ଅଧିକ ଇତ୍ୟାଦି ଇତ୍ୟାଦି ।

ସୁରବାବୁଙ୍କର ସ୍ତ୍ରୀ ସ୍ୱାମୀଙ୍କର ଚତୁର ବୁଦ୍ଧିକୁ ଧନ୍ୟ ଧନ୍ୟ କଲେ । ପିଲାମାନଙ୍କୁ ଖେଳଣାଟିଏ ମିଳିଲା, ଯାହାଉପରେ ଚଢ଼ି-ହେବ, ମାଡ଼ ଚଢ଼େଇହେବ ଓ ଘଣ୍ଟା ଘଣ୍ଟା ଧରି ଖେଳିହେବ ।

ଖାମିନ୍ଦଙ୍କୁ ଗୃହକର ମିଳେଚ । ସୁରେନ୍ଦ୍ରବାବୁଙ୍କ ପରିବାରକୁ ଗୋଟିଏ ଅପୂର୍ବ ଜିନିଷ ମିଳେଚ । ତେଣୁ ବୋଧହୁଏ, ସଂସାର ଧନ୍ୟ ହେଉଚ । ନଇଲେ ସମସ୍ତଙ୍କୁ ଡାକି, ବସେଇ, ପାନ ଓ ଗୁଆ ଦେଇ କୁକୁରର ଗୁଣ ଓ ଖେଳ ଜଣାଇବାରେ ଅନ୍ୟ କି କାରଣ ଥାଇପାରେ ?

ଟମି ବୋଲି ନାଁଟିଏ ପାଇ କୁକୁରଟି ଘରର ଜଣେ ଲୋକ ହୋଇ ରହିଲା । ସୁରବାବୁଙ୍କର ଇଚ୍ଛା ଯେ ସେହି କୁକୁରଟି ସାଙ୍ଗରେ ତାହାର ପରି ଜାତିବାଲା ଭଲ କୁକୁରକୁ ମିଳାଇ ଭଲ ଛୁଆ କଲେ ନିଜେ ରଖିବେ ଓ ଅନ୍ୟମାନଙ୍କୁ ମଧ୍ୟ ଦେବେ । ସଂସାରରେ ଭଲ କୁକୁରଙ୍କର ଦରକାର ବହୁତ ବେଶି ।

ସେଥିପାଇଁ ଲୋକେ ଝିଅ ପାଇଁ ମନଲାଖି ବର ଖୋଜିଲାପରି ରାସ୍ତାରେ ଗଲାବେଳେ କି କାହାର ଘରେ ବସିଥିଲା ବେଳେ ଗୃହ-ଆଡ଼େ ଭଲ କୁକୁରମାନଙ୍କ ଉପରେ ଆଖି ରଖିଥାନ୍ତି । କୁକୁରଟିଏ ଦେଖିଲେ ତାହାର ଜାତି ଗୋତ୍ର, ତାହାରଖାମିନ୍ଦର ନାଁ ଓ କୁକୁରର ଗୋଡ଼ନଖର ସଂଖ୍ୟା ସବୁ ବୁଝନ୍ତି ଓ କୁକୁରମାନଙ୍କ ବିଷୟରେ ଲେଖା ବହି ଆଣି ସେଥିରେ ପଣ୍ଡିତ ହେବାକୁ ଚେଷ୍ଟା-କରନ୍ତି ।

ତାଙ୍କର ଗୋଟିଏ ବଡ଼ କାମ ହେଲା ଯେମିତି ତାଙ୍କର ଟମି ବାହାରର ବଜାରିଆ ବାରବୁଲା କୁକୁରଙ୍କ ସାଙ୍ଗରେ ନ ମିଶେ । ତାହାର ଛୁଆ ଦରକାର ହେଲେ ସୁରବାବୁ ନିଜର ଦାୟିତ୍ୱରେ ଭଲ କୁକୁରଠାରୁ ଛୁଆ କରେଇବେ । ତାଙ୍କର ଟମିର ମାତୃତ୍ୱ ଓ

ନିଜର ଅଭିଭାବକତ୍ୱ ଦୁହିଁଙ୍କର ଯଶ ବଢ଼ିବ । ସେଥିପାଇଁ ଘର ଗୃହିଣୀକୁ ଝିମିକୁ ଜଗିବା କାମଦେଇ ସେ ତାହାପାଇଁ ବରଖୋଜିବା କାମରେ ଲାଗିଲେ । ବିଚରା ଝିମି ଏସବୁ ବୁଝିପାରିଲା ନାହିଁ ।

ତାଙ୍କର ବଡ଼ ସାହେବର କୁକୁରଟିକୁ ମନେ ମନେ ଠିକ୍ କଲେ । ରଜା ଘରର କୁକୁର । ବିଲାତି ମା'ର ଛୁଆ ଦାର୍ଜିଲିଂରୁ କିଣାହୋଇ ଆସିଥିଲା । ତାଙ୍କର ଅଫିସର ବଡ଼ ସାହେବଙ୍କୁ ରାଜା ଉପହାର ଦେଇଥିଲେ । ସେ ବି ରଖୁଆଳ ପାଖରେ ବଡ଼ ହେପାଜତରେ ଥାଏ । ସାହେବଙ୍କ ହୁକୁମ ଯେ ତାଙ୍କର ବିନାନୁମତିରେ ସେ କୁକୁର ପଦାରେ ମାଈ କୁକୁରଙ୍କ ସାଙ୍ଗରେ ମିଶିବ ନାହିଁ ।

ସୁରବାବୁ ଠିକ୍ ସେହିପରି ନିଜର କୁକୁରର ଯତ୍ନ ନେଉଥିଲେ । ସେ ଭାବିଲେ, ଅନ୍ତତ ଏହି ଗୋଟିକ କାମରେ ସାହେବଙ୍କ ସାଙ୍ଗରେ ସମ୍ବନ୍ଧୀ ହୋଇ ହେବ । ସ୍ତ୍ରୀଙ୍କୁ କହିଲାବେଳେ ନିଜର ବୁଦ୍ଧି ବିଷୟରେ କେତେ ନୂଆ ଆଲୋକ ପାଇଲେ । ଦୁହିଁଙ୍କର ମନେହେଲା ଏହି ଗୋଟିଏ କାମ ସୁରଖୁରରେ ହୋଇପାରିଲେ ଭଲ ଛୁଆ ମିଳିବେ ଓ ଚାକିରୀରେ ଉନ୍ନତି ହୋଇଯିବ । ଈଶ୍ୱର କାହାକୁ କେଉଁବାଟେ ଭାଗ୍ୟ ଆଣିଦିଅନ୍ତି — ନଡ଼ିଆ ଗଛ ଉପରେ ଗୋଟମା ଭିତରକୁ ତନ୍ତୁ ପାଣି ପଠାଇଦେଲାପରି ।

ସାହେବଙ୍କ କୁକୁରର ଲାଏକ ହେଲାପରି କରିବା ପାଇଁ ଝିମି ଦେହରେ ସାବୁନ ଘଷାହେଲା ଓ ପାଣି ବହୁତ ଅଜାଡ଼ାହେଲା । କୁକୁର ଦେହରୁ ସବୁ ଟିଙ୍କ ଗୋଟି ଗୋଟି ହୋଇ ମରାହେଲା । ଏଣେ ତାଙ୍କ ବଡ଼ ଝିଅର ମୁଣ୍ଡରେ ଉକୁଣି ବଢ଼ିଯାଉଥାନ୍ତି । ସେଥି-ପାଇଁ ସମୟ ମିଳେ ନାହିଁ ।

କିନ୍ତୁ ଏହି ଟିଙ୍କଗୁଡ଼ିକ ଅଦଉତି ସାଦା ଝିମିର ଚମକୁ କାମୁଡ଼ି ଧରନ୍ତି ଓ ଟଣା ହେଲାବେଳେ ଚମ ଛିଣ୍ଡି ଘା' ହୋଇଯାଏ । ଝିମି

ଏମିତି ହୋଇ ଟିଙ୍କରୁ ସଫା ହେଉ ହେଉ ଖଣ୍ଡିଆ ଖାବରା ହୋଇ ଅସନା ଦେଖାଗଲା ।.ସୁରବାବୁ ବିରକ୍ତ ହେଲେ । ସ୍ତ୍ରୀ ମଧ୍ୟ ପ୍ରମାଦ ଗଣିଲେ । ଟମିଟିର ସୌନ୍ଦର୍ଯ୍ୟ କମ୍ ହୋଇଗଲେ ସାହେବ ତ ଚିଡ଼ିବେ, ଆଉ ତାଙ୍କର ଜାତିଆ କୁକୁର କେବେ ତ ସୁଖ ପାଇବ ନାହିଁ—ବଡ଼ ଅସୁବିଧା ।

ତେଣୁ ସୁରବାବୁ ପ୍ରତିଦିନ ସକାଳେ ଟମିକୁ ନେଇ ପଶୁ ଡାକ୍ତରଖାନାକୁ ଚାଲିଲେ । ବାଟରେ ଦେଖନ୍ତି ଅନେକ କୁକୁର । ତାଙ୍କର କୁଣ୍ଢ ପଛେ ପଛେ ଧାଇଁଥାନ୍ତି ; ଖାଲି ସୁରବାବୁଙ୍କର ବାଡ଼ି ଡରରେ ପାଖ ପଶନ୍ତି ନାହିଁ । ଡାକ୍ତରଠାରୁ ଔଷଧ ଆଣିଲାବେଳେ ସେ ଡାକ୍ତରଙ୍କୁ ଟେକାଟେକି କରି ବହୁତ କହିସାରିଲା ପରେ ଶୀଘ୍ର ଭଲକରି ଦେବାପାଇଁ କହୁଥାନ୍ତି । କାରଣ ଟମି ତାଙ୍କର ଘର-ଯୋଗ୍ୟ ହୋଇସାରିଲାଣି । ନଇଲେ ତାହା ପଛେ ପଛେ ଏତେ କୁକୁର ବଟ୍ ବଜାରରେ ଶୋଭାଯାତ୍ରା କଲେ କ'ଣ ପାଇଁ ?

ତାଙ୍କର ମନରେ କେତେ ଆଶଙ୍କା ଓ ଆନନ୍ଦ । ଆଶଙ୍କା ଯେ ଟମିଟା ଏମିତି ଅସମୟରେ ଖାବରା ହଣି ବେମାରରେ ପଡ଼ିଲା । ତାହାକୁ ଶୀଘ୍ର ଭଲକରି ସାହେବଙ୍କ ସାଙ୍ଗରେ ପରିଚିତ କରାଇ-ଦେଲେ କେତେ ଶୀଘ୍ର ଚାକିରିରେ ଉନ୍ନତି ନ ହେବ ? ପାଉଥିବା ଟଙ୍କାରେ ଘର ଭଲ ଚଳୁନାହିଁ ।

ଏହି ପ୍ରକାରେ ସୁରେନ୍ଦ୍ରବାବୁ ନିଜେ ଗୋଟିଏ କୁକୁର ପାଳିଟି ଯାଇଥିବାରୁ କି ଟମିକୁ ଭଲପାଇ ତାହା ଉପରେ ଏତେ ଆଶା ରଖିଥିଲେ ବୋଲି ତାଙ୍କର କୁଣ୍ଢଟି ମଣିଷ ହୋଇଯିବାରୁ ଏତେ ଉଦ୍‌ବେଗର କାରଣ ହୋଇପଡୁଥିଲା ଠିକ୍ କହିହେବ ନାହିଁ । ତେବେ ପରିବାରଟିରେ ମାଲିକ ସୁରବାବୁଙ୍କର ଏହି ପ୍ରକାର ବ୍ୟବହାର-ଯୋଗୁ କୁକୁରଟି ଅତି ଉଚ୍ଚ ସ୍ଥାନ ପାଉଥିଲା ।

ତାଙ୍କର ପିଲାମାନେ ପଖାଳ କି ଭୁଜା ଖାଇଲାବେଳେ ଟମିଟି କୁକୁରଙ୍କ ବିସ୍କୁଟ ଖାଏ, ଦୁଧ ପିଏ ଆଉ ମାଂସମିଶା ଭାତ ଖାଏ । ରୋଜ ରୋଜ ସାବୁନରେ ଧୂଆହୋଇ ବ୍ରସରେ କୁଣ୍ଡାଯିବା ପରେ ବଡ଼ ଯତ୍ନରେ ପୋଷାହୁଏ ।

ଏଣେ ପିଲାମାନେ ସପ୍ତାହରେ ଥରେ ମାଛ ଖାଆନ୍ତି, ରବିବାର ଦିନ । ଦୋଳରେ ଚାରି ଚାରି ପଇସା ଖର୍ଚ୍ଚ ନେଇ ବିସ୍କୁଟ କିଣି ଖାଇଲାବେଳେ ବୁଝନ୍ତି ଟମି କେଡ଼େ ମଉଜରେ ଅଛି । ତାଙ୍କ ଦେହରେ ସାବୁନ ବାଜେ ନାହିଁ । ସାତ ବର୍ଷର ବଡ଼ ଝିଅଟି ମୁଣ୍ଡରେ ଭଲ ତେଲ ବାଜେ ନାହିଁ । ଦୁଧ ଅଭାବ ପଡ଼ିଗଲେ ସୁର ବାବୁ ଲେମ୍ବୁ ରସ ଦେଇ ଚା' ଖାଆନ୍ତି, କିନ୍ତୁ ଟମିର ଖଟଣୀରେ କେବେ ବ୍ୟତିକ୍ରମ ହେଲା ନାହିଁ ।

ସୁରେନ୍ଦ୍ରବାବୁଙ୍କର ଧାରଣା ଯେ କୁକୁରଟି ତାଙ୍କର ଓ ପରିବାରର ଭାଗ୍ୟ ଫେରାଇଆଣିବ । ସେଥିପାଇଁ ସେ ପୂଜା ପାଇବା ଉଚିତ ।

କିନ୍ତୁ ଏହି ଯତ୍ନ ଓ ସେବାର କାରଣ ଟମି ବୁଝେ ନାହିଁ । ସେ ବଡ଼ ବିରକ୍ତ ହୁଏ ଯେ, ଚବିଶ ଘଣ୍ଟା ବନ୍ଧାହୋଇ ରହୁଚି । ବାରଣ୍ଡାରେ କାଉ ବସିଯାଉଚନ୍ତି । ଗଛରେ ମାଙ୍କଡ଼ ଡେଇଁଚନ୍ତି । ବୁଲା ଗୋରୁ କେତେବେଳେ କିମିତି ଆସି ଦୁଆରୁ ଘାସ ଖାଇ-ଯାଉଛନ୍ତି, ସେ ଏହି ଶତ୍ରୁଗୁଡ଼ାଙ୍କୁ ଉପଯୁକ୍ତ ଶାସ୍ତି ନ ଦେଇପାରୁ ଥିବାରୁ ବଡ଼ ଭୁକେ ଓ ଜଞ୍ଜିରଟାକୁ ଖାଲି ଟାଣିହେଉଥାଏ ।

ସକାଳେ ସୁରବାବୁ ବଡ଼ ବ୍ୟସ୍ତ ହୋଇପଡ଼ନ୍ତି । ଏତେ ପାଟି କଲେ ଟମିଟା ଶୁଖିଯିବ । ସେଥିପାଇଁ ସେ ନିଜେ ଏହି ଚଢ଼େଇ ମାଙ୍କଡ଼ଙ୍କୁ ଘଉଡ଼ନ୍ତି, ଯେମିତି ଟମି ଶାନ୍ତିରେ ରହିପାରିବ । ନିଜେ କୁଆଡ଼େ ବାହାରକୁ ଗଲାବେଳେ ପିଲାମାନଙ୍କୁ ଏହି ଟମିର କାମିରେ

ଲଗେଇଦିଅନ୍ତି । ପିଲାଏ ସେହି କାମ ଠିକ୍ ନ କଲେ ମାଡ଼ ଓ ଗାଳି-ଖାଆନ୍ତି । କାରଣ ଟେମିର ଉନ୍ନତିହେଲେ ତାଙ୍କର ମଧ ଉନ୍ନତିହେବ ।

ରାତିରେ ଟେମିର ଇଚ୍ଛା, ଆଲୁଅ ପାଖରୁ ପୋକ ଖାଇବ । କିନ୍ତୁ ଏଗୁଡ଼ାକ ତାହାର ଦେହ ଖରାପ କରିପାରେ ବୋଲି ଆଲୁଅ ଟେମି ପାଖରେ ଜଳେ ନାହିଁ । ନିଜେ ସୁରବାବୁ କୁଣ୍ଢିକୁ ନେଇ ପବନ ଖୁଆଇ ଆଣନ୍ତି । ସେ ଉପଯୁକ୍ତ ଖାଦ୍ୟ, ଔଷଧ ଓ ବ୍ୟାୟାମ ସବୁ ପାଏ ।

ସେହି ସବୁ କାମ ଏତେ ବେଶି ବଢ଼ିଉଠିଲା ଯେ ସେଥି-ଭିତରେ ତାଙ୍କର ଦାଦିପୁଅ ଭାଇ ଆସି କଟକ ଡାକ୍ତରଖାନାରେ ପନ୍ଦର ଦିନ ରହି ଚକିତ୍ସା କରେଇ ଫେରିଗଲା ଘରକୁ, ଅଥଚ ସୁରବାବୁ ଯାଇ ଥରେ ଦେଖି ଆସିପାରିଲେ ନାହିଁ । କିନ୍ତୁ ତାଙ୍କର ମନେ ହୁଏ ଯେ, ତାଙ୍କର ଭାଗ୍ୟ ସେହି କୁଣ୍ଢିଟି ସାଙ୍ଗରେ ବାନ୍ଧି-ହୋଇ ରହିଛି ।

ଶେଷକୁ ଟେମି ଗୋଟିଏ ପ୍ରକାରର ଦିଶିଲା । ତାହାକୁ ନେଇ ସାହେବଙ୍କ ସାଙ୍ଗରେ ଦେଖାକରାଇବାକୁ ହେବ ।

ଟେମି ଉପରେ ସୁରବାବୁଙ୍କର ଭାଗ୍ୟ ନିର୍ଭର କରୁଥିବାରୁ ସେ ପ୍ରଥମେ ଗ୍ରହଶାନ୍ତି କରାଇଲେ । ସାକ୍ଷାତର ଭଲବେଳ ଠିକ୍ କରି-ବାକୁ ଜ୍ୟୋତିଷକୁ ଡକାଇଲେ । ସବୁ ଠିକ୍ ହେଲା । ଶୁଭ ବେଳା ଓ ନଜର ଭଲ ବାର, ମାସ, ଆଦି ଯାବତ ଦରକାରୀ ବିଧି ବିଧାନ ।

ଟେମି ଭଲହୋଇ ସଜାମଜା ହୋଇ ରିକ୍ସା ଚଢ଼ି ଗଲା ରବିବାର ଦିନ ବାବୁଙ୍କ ସାଙ୍ଗରେ । ଗଲାବେଳେ ଦୁଆରେ ପୂର୍ଣ୍ଣକୁମ୍ଭ ଥୁଆହୋଇଥିବାର ଦେଖି ଟେମି ଟାଣିହେଉଥିଲା, ତାହା ଉପରେ

ଲଘୁହିଂସ୍ୱା କରିବା ପାଇଁ । ସୁରବାବୁ ଟାଣି ଟାଣି ନେଲେ । ଏଣେ ସ୍ତ୍ରୀ ମନେ ମନେ ବଡ଼ ଉତ୍କଣ୍ଠିତ ହେଲେ ଯେ, କୁକ୍ତଟା ଗଲାବେଳେ ଭଲ ମନରେ ନ ଯାଇ ଏମିତି ଟାଣିଟାଣି ହେଲା ।

ପିଲାମାନେ ପଦାରେ ରହିଲେ କାଳେ କିଛି ବିଘ୍ନ ହେବ, ସେଥିପାଇଁ ସେମାନଙ୍କୁ ସେ ଦୂରରେ ଗୋଟିଏ କୋଠରୀରେ ଖାଇବା ଜିନିଷ ଦେଇ ଭଣ୍ଡେଇ ରଖି ଆସିଥିଲେ । ସୁରବାବୁଙ୍କ ସ୍ତ୍ରୀଙ୍କ ସବୁ ଆଶା ଓ ଆଶୀର୍ବାଦ ଭିତରେ ଟମି ଓ ବାବୁ ରିକ୍ସା ଚଢ଼ି ଚାଲିଲେ ସାହେବଙ୍କ କୋଠିଆଡ଼େ ।

ସାହେବଙ୍କ ଘରେ କେମିତି ପହଞ୍ଚିବେ, କଣ କହିବେ, ତାହାର ଆବୃତ୍ତି ସୁରବାବୁ ବହୁତ ଥର ମନେମନେ କରିଥିଲେ । ପ୍ରକାଶ ପାଇଲେ କାମ ହୁଏ ନାହିଁ ବୋଲି ତାହାର ବିଶେଷ ବିବରଣୀ କେହି ଜାଣି ନ ଥିଲେ ।

ସେହିସବୁ ମନରେ ଏପାଖ ସେପାଖ କରୁକରୁ ସେ ସାହେବଙ୍କ କୋଠି ପାଖରେ ପହଞ୍ଚିଲେ । ବିଘ୍ନ ଦୂର କରିବାକୁ ଚପରାସିକୁ ଆଗ ବକ୍‌ସିସ୍ ଦେଇ ସାହେବଙ୍କ କଥା ବୁଝିଲେ । ସାହେବ ଅଛନ୍ତି ଜାଣି ଭିତରକୁ ଚାଲିଲେ ।

ଚପରାସିର ସେତେବେଳଯାଏ ବିସ୍ମୟ କଟି ନାହିଁ । ସେ କ'ଣ ପାଇଁ ବକ୍‌ସିସ୍ ପାଇଲା ବୁଝି ନ ଥିଲା । ଏହି କୁକୁରକୁ ସାଙ୍ଗରେ ଆଣି ସୁରବାବୁ କ'ଣ ପାଇଁ ଆସିଛନ୍ତି ବୁଝି ନ ପାରି ପଚାରିବାକୁ ଭରସା କଲା ନାହିଁ । କାଳେ ସାହେବ ମଗାଇଥିବେ । ତେବେ ତାହାର ମନେହେଲା, ଏହି ଦେଶୀ ଧେଡ଼ିକୁ ଆମ ବିଲାତ ଫେରନ୍ତା ସାହେବ କ'ଣ ପାଇଁ ମଗାଇଥିବେ !

ସୁରବାବୁ କ୍ଷିପ୍ରଗତିରେ ଚାଲିଛନ୍ତି । ସଦର ଦରଜା ପାଖରେ ସାହେବଙ୍କ କୁକୁର ବନ୍ଧା ହୋଇଚି । ସେ ଗୋଟିଏ କୁକ୍ତକୁ ଦେଖି

ପ୍ରଥମେ ଭୁକିଲା, ପରେ ଫିଟିବାପାଇଁ ଟଣାଓଟରା ଆରମ୍ଭ କରି-ଦେଲା । ସାହେବଘର ଭିତରେ ।

ଗୋଲମାଲ ଶୁଣି ସେ ପଦାକୁ ଆସିଲେ । ତାଙ୍କର କର୍ମଚ୍ୟୁତି ଗୋଟିଏ କୁକୁର ନେଇ ହତା ଭିତରେ । ସେ କିଛି ବୁଝିପାରିଲେ ନାହିଁ । ସୁରବାବୁ ମଧ୍ୟ କ'ଣ ପାଇଁ ଆସିଥିଲେ କିଛି କହିପାରିଲେ ନାହିଁ । ଚପରାସି ସାହେବଙ୍କ କୁକୁରର ଗୋଳମାଳ ଅଟକେଇ ନ ପାରି ଟମିକୁ ଗୋଇଠାଏ ପକାଇଲା । ସୁରବାବୁ ତାହାର ଜଞ୍ଜିର ଧରି ଟାଣୁଥାନ୍ତି ଟମିକୁ । ଏଡ଼େ ବୋକା କୁକ୍କୁଟାଏ ଯେ ମାନ ମର୍ଯ୍ୟାଦା ବୁଝିପାରିଲା ନାହିଁ । ଏଣେ ସୁରବାବୁଙ୍କ ମୁଣ୍ଡରେ ପଶିଲାଣି— ସାହେବ ଏଥର ଚାକିରୀକୁ ଖାଇଲା ।

ସାହେବ ଯେତେବେଳେ ଚଢ଼ାଗଳାରେ କୁକୁରକୁ ତାଙ୍କର ହତାଭିତରକୁ ଆଣିଥିବାରୁ ଚପରାସି ଆଡ଼କୁ ଧସି ଆସିଲେ ସେତେବେଳର ଅଭିନୟ ବଡ଼ ବାସ୍ତବ ଓ ମର୍ମସ୍ପର୍ଶୀ । ସୁରବାବୁ ଓ ଚପରାସି ଦୁହିଙ୍କର ଚାକିରୀରେ ବାଧା ଆସିଲାଣି । ଦୁହିଁଙ୍କର ମୁହଁରେ ଝାଳ ଫୁଟି ବାହାରିଲାଣି । କୁକୁରମାନେ ବି ଟାଣି ହେଇ-ହେଇ ଧକେଇଲେଣି ଓ ତଣ୍ଟି ଚିପିହୋଇଗଲେ ଖେଁ ଖେଁ ହୋଇ କାଶୁଛନ୍ତି ।

ଫଳ ଏତିକି ହେଲା ସାହେବ, ବୁଝିଲେ ସୁରବାବୁ ପାଗଳ ହୋଇଯାଇଛନ୍ତି । ସେ ନିଜେ ମଧ୍ୟ ପ୍ରମାଦ ଗଣିଲେ । ସୁରବାବୁଙ୍କୁ ଖୁଡ଼ି ଚପରାସିକୁ କହିଲେ—ସୁରବାବୁ ଓ କୁକୁର ଦୁହିଁକୁ ଫାଟକ ବାହାର କରିଦେବାପାଇଁ ।

ଝାଳଭିଜା ଦେହରେ ଯେତେବେଳେ ସୁରବାବୁ କୋଠିରୁ ଫାଟକଆଡ଼କୁ ଚାଲିଲେ — ଚପରାସି ତାହାଙ୍କୁ ମୁଣ୍ଡପାଗଳ ଭାବି

ତାହାର ଗାଳି ଆରମ୍ଭ କରଦେଲା । 'ହଉ ଗୁଲ୍ ଗୁଲ୍—ମୋର ଗୁକଣ୍ଡ ଖୁଆଇବାକୁ ଆସିଥିଲ । ବକସିସ୍—'

ସୁରବାବୁ ଘଟଣାଟିର ସମାଧାନ ପାଇଁ ପାଟି ଫିଟାଇବା ସାଙ୍ଗେ ସାଙ୍ଗେ କହିଲା, 'ହଉ—ଗୁଲ ଆଗ ଫାଟକ ସେପାଖକୁ । କହି କୁକୁରକୁ ମଝିରେ ମଝିରେ ଗୋଇଠା ଦେଉଥାଏ । ଟମି ସେଠୁ ଚିତ୍କାର କର ସୁରବାବୁଙ୍କ ପାଦତଳେ ଶରଣ ପଶୁଥାଏ । ସୁରବାବୁଙ୍କ ଦେହରେ ସେ ଗୋଇଠାସବୁ ବାଜୁଥାଏ ।

ରିକ୍ସାରେ ଚଢ଼ିଲାବେଳେ ସୁରବାବୁ ସାହେବଙ୍କର ଶଡ଼ବାର କାରଣ ବୁଝି ବସିଲାବେଳେ ଚପରାସି ତମେ'ରୁ 'ତୁ' 'ତା' ଆରମ୍ଭ କରଦେଇ ଆଉ ଗୋଇଠାଏ ଟମି ଓ ସୁରବାବୁ ଲଗାଏନ୍ତି ରିକ୍ସାକୁ ଦେଇ ରିକ୍ସାବାଲାକୁ କହିଲା,–'ବେ, ରିକ୍ସାବାଲା ଏହି ପାଗଳକୁ ନେଇ ଆଉ ଯଦି ଏହି କୋଠିକୁ ଆସିବୁ, ତାହା-ହେଲେ ତତେ ନେଇ ଥାନାରେ ବନ୍ଦେଇବ ।

ରିକ୍ସାବାଲା ଏହି ଉତ୍ପାତରୁ କିଛି ବୁଝିଲା ନାହିଁ । ବାବୁ ପାଗଳ ହୋଇଥିଲେ ତାହାର ଭଡ଼ା କିଏ ଦେବ ? ସେ ଠିକ୍ କଲା, ଯାହା ନୋକ୍ସାନ୍ ହୋଇଚ ସେତକ ଘରୁ ଆଦାୟ କରିବ । ପାଗଳଟା'ର ଯୁଆଡ଼େ ଇଚ୍ଛା ସେଇଆଡ଼େ ଯାଉ—।

ଚପରାସି ସାହେବର ଗର୍ଜ୍ଜନ ଶୁଣି ଭିତରକୁ ଗଲା । ଆଉ ଏଣେ ରିକ୍ସାବାଲା •ସୁରବାବୁଙ୍କୁ ପେଲପେଲ ରିକ୍ସାରୁ ଓହ୍ଲାଇ ଦେଲା । ସେଥିଭିତରେ ଦୋ'ଅକ୍ଷର ଗାଳି ଓ ପାଗଳା ଅନେକ ଥର କହିଲା ।

ସୁରବାବୁ ଏହି ଆଘାତ ଭିତରେ ଓହ୍ଲାଇଲେ । ସେ ବି ଏକ ଦୃଶ୍ୟ । କୁକୁର ଜଞ୍ଜିର ହାତରେ ଅଛି । ପାଗଳ ବୋଲି କିଲିକ ଜମିଲାଣି ତିନ ଗୁଟେଟି । ରିକ୍ସାବାଲା ତାହାର ଦୁଃଖ କାହାଣୀ ଗାଉଚି ।

ରିକ୍ସାବାଲା ତାଙ୍କର ପଛେପଛେ ସେଇ ଶ୍ରୋତାଙ୍କୁ ନେଇ ଚାଲିଲା । ମୁହଁ ପୋଡି ସୁରବାବୁ ଚାଲିଲେ । ଆଉ ଖଣ୍ଡେ ରିକ୍ସା ଧରିଲା ବେଳକୁ ପୁରୁଣା ରିକ୍ସାବାଲା ଧାଇଁଆସି ପାଗଳଟାଏ ବୋଲି ହୁରି ପକାଇ ସେତକ ମାଟି କରିଦେଲା ।

ସଫା ଲୁଗା ନାଲି ହୋଇଗଲାଣି ମାଟିରେ ପଡି । ବନ୍ଧୁ ମଧ ଶତ୍ରୁତା କରିବାକୁ ତିଆର । ଅନେକ ଦିନର ଆକର୍ଷଣ ଓ ଅଭ୍ୟାସ ଯୋଗୁଁ ଏହିଟିକୁ ନେଇ ସୁରବାବୁ ଘରକୁ ଚାଲିଲେ ।

ଭାବିଲେ ସେଦିନ ସକାଳେ କି ଦୁର୍ଯୋଗ ନ ଥିଲା ! ବୃଥାରେ ଘରୁ ବାହାରି ମାଡ଼ଗାଳି ଶୁଣିବାପାଇଁ ଥିଲା । ଦୋଷଟା ତାଙ୍କର କି କୁକୁରର, କି ଜ୍ୟୋତିଷଙ୍କର ଠିକ୍ କରି ନ ପାରି ବହୁତବେଳକୁ ଧରିନେଲେ ସେହି ଅବଧାନର । ଠିକ୍ କଲେ ଘରେ ଯାଇ ପହଞ୍ଚିଲେ ସେ କଥା ବୁଝିବେ ।

ଏଣେ ଘରଣୀଙ୍କର କାମରେ ମନ ଲାଗୁନାହିଁ । ତଥାପି ବାବୁଙ୍କ ପାଇଁ ମନଲାଖି ରୋଷେଇ କରିବାକୁ ଇଚ୍ଛା । କାମ ଚାଲିଥାଏ, କିନ୍ତୁ ମନ ଥାଏ ବାବୁଙ୍କର ସାହାବ କୋଠିରେ ଓ ଭଗବାନଙ୍କଠାରେ । ଏହି ଧ୍ୟାନରେ ଗୋଳମାଳ କରି ପିଲାଏ ସେଦିନ ଭଲ ଉତ୍ତମମଧ୍ୟମ ପାଇଲେ ।

କାମ ଭିତରେ ଥରକୁ ଥର ଯାଇ ଦୁଆର ଦେଖିଆସନ୍ତି । ଥରେ ଦେଖିଲେ ବାବୁ ଚାଲିଚନ୍ତି ଖାଲି ଗୋଡ଼ରେ । କୁକୁର ଟାଣି ହୋଇହୋଇ ଆସୁଚି । ପଛରେ ଆଉ ତିନୋଟି ବାରବୁଲା କୁକୁର । ବାବୁଙ୍କର ଲୁଗାତଳେ ଲୋଟୁଚି, ମୁଣ୍ଡ ଅଲରା ।

ସେ ଚିଡ଼ି ଉଠିଲେ ବାବୁଙ୍କର କୃପଣତା ଦେଖି । ଏମିତି କୁଖିଆଟାକୁ ଚଲେଇ ଚଲେଇ ଆଣିଲେ କ'ଣ କୁଆ ଭଲ ହେବ ? ନଜେ ଏଡ଼େ ଖରାଟାରେ ଏମିତି କୁକୁର ପଲଟଣ ନେଇ ଆସୁ-ଥିବାର ଦେଖିଲେ ଲୋକେ କଣ କହିବେ ?

ବାପାଙ୍କୁ ଦେଖି ପିଲାଏ ଧାଇଁଲେ । ଟମି ପଦାକୁ ବୁଲି ଯାଇଥିଲା । ଫେରଆସିଲାଣି । ବାପାଙ୍କ ପାଖରେ ପହଞ୍ଚିଲାକ୍ଷଣି ପ୍ରଥମେ ସୁରବାବୁ ଚପରାସିଠାରୁ ମିଳିଥିବା ଗୋଇଠାଟି ବଡ଼ପୁଅ ଉପରେ ଶୁଖାଇଲେ । ସ୍ତ୍ରୀ ଏଣେ ଏସବୁ ଦେଖି ରାଗି ଉଠିଲେ, 'କ'ଣ ମୁଣ୍ଡ ଖରାପ ହେଲାଣି କି ତମର ? ପିଲାଟିକୁ ରାସ୍ତା ମଝିରେ ମଝିପିଠିଆ କରି ଗୋଇଠା ଦେଉଛ !'

"ମୁଣ୍ଡ ଖରାପ ? ସେ ବି ପୁଣି ଘରେ କହିବାକୁ ଲୋକ ଅଛନ୍ତି ?" ସୁରବାବୁ ରାଗରେ ତାଡିଉଠି ମାରିବାକୁ ସ୍ତ୍ରୀଙ୍କୁ ଧାଇଁଗଲେ । ଘରେ ସ୍ତ୍ରୀ ହାଉଳିଖାଇ ଉଠିଲେ । ଟମି ପଳାଇଲା ଦାଣ୍ଡ କୁକୁରଙ୍କ ଆଡ଼େ । ପଡ଼ା ପଡ଼ୋଶୀ ଆସି ଜମିଗଲେ ଗୋଳମାଳ ଶୁଣି ।

ଚାରିଆଡ଼େ ବିଭ୍ରାଟ । କାହାକଥା କେହି ବୁଝୁ ନାହାନ୍ତି । ନିଜଘରେ ବାହାରର ମାମଲତକାରୀ ଦେଖି ସୁରବାବୁ ତାଙ୍କ ଉପରେ ଖେଙ୍କିଉଠିଲେ ।

ସମସ୍ତଙ୍କ ମୁହଁରେ ରାୟ ବାହେଲ ହେଲା, ଖରାରେ ବୁଲି ବୁଲି ଆସିବାରୁ ସୁରବାବୁଙ୍କର ମସ୍ତିଷ୍କ ବିକୃତି ଘଟିଛି ।

ଏଣେ ଅପମାନ ଓ କ୍ଷୋଭ ଭିତରେ ସୁରବାବୁ 'ପାଗଳ' 'ମୁଣ୍ଡ ଖରାପ' ଆଦି କଥା ଶୁଣି ଚୁପ୍ ରହିଲେ । ନୀରବତା ଭିତରେ ଖିଆପିଆ କରି କ୍ଳାନ୍ତହୋଇ ଶୋଇପଡ଼ିଲେ ।

ସୁରବାବୁଙ୍କ ସ୍ତ୍ରୀ ବଡ଼ ଅଶାନ୍ତରେ ଖରାବେଳଟା କଟାଇଲେ । ସ୍ୱାମୀଙ୍କର ଏମିତି ହଠାତ୍ ଦେହ ଦେଖି ମନଖରାପ ହେଲା । ସାହାବଙ୍କ ଘରେ କ'ଣହେଲା ସେତକ ଜାଣି ନ ପାରିବାରୁ ସ୍ତ୍ରୀସୁଲଭ ଉତ୍କଣ୍ଠା ଓ କୌତୂହଳ ବଢ଼ିଲା । ଟମିକୁ ବହେ .ଆଉଁଷାଆଉଁଷି କରି କିଛି ଜାଣି ନ ପାରିବାରୁ ସ୍ୱାମୀଙ୍କୁ ସେବା ଓ ଖୁସି କରିବାପାଇଁ ବିଚଣାଟିରେ ବାଞ୍ଛି ବସିଲେ ତାଙ୍କର ନିଦ ଭାଙ୍ଗିବାଯାଏ ।

ସ୍ୱାମୀଙ୍କର ନିଦ ଭାଙ୍ଗିଲା ବେଳକୁ ତାଙ୍କର ସହଚରୀ ଓ ସହଧର୍ମିଣୀ ତାଙ୍କର ସେବାରେ ଲାଗିଛନ୍ତି । ତାଙ୍କର କ୍ରୋଧ କମି ଯାଇଥିଲା । ଦୁଃଖ ଆସିଲା ।

ସ୍ତ୍ରୀ ଖାଲି ଗୃହିଁଦେଇ ନ ଜାଣିଲା ପରି ବିଚଣା ହଲାଇଲେ, ଏଣେ ଡର ଯେ କାଳେ ମୁଣ୍ଡ ଖରାପ ହୋଇଥିବ । ପାଗଳ ମଣିଷଙ୍କୁ ନ ଡରେ କିଏ ?

ସୁରବାବୁ ଦୀର୍ଘଶ୍ୱାସ ପକାଇ ଆରମ୍ଭକଲେ 'କୁଆଡ଼େ ଥିକ ସେ ଅବଧାନ ଯେ ବେଳା ଧରି ଦେଇଥିଲା···ଏତିକ ଦୁର୍ଯୋଗ··· ମାଡ଼, ଗାଳି, ଅପମାନ କ'ଣ ନ ମିଳିଲା ହେ···।

ସ୍ତ୍ରୀ ଏସବୁ ଶୁଣି ବୁଝିଲେ ଯେ ସ୍ୱାମୀ ଯାହା ଥିଲେ ସେଇଆ ଅଛନ୍ତି । ତାଙ୍କର ମୁଣ୍ଡ କିଛି ହେଇ ନାହିଁ । ତାଙ୍କର ମୁହଁରେ ଆନନ୍ଦର ରେଖା ଖେଳିଗଲା । ସେ ବୁଝି ବସିଲେ, ଟମିକୁ ଦେଖି ସାହେବ କହିଲେ କଣ ସବୁ ।

ସୁରବାବୁ ଯାହା ଯାହା ଘଟିଥିଲା ସେଥିରେ ଚପରାଶିର ଗାଳି ଓ ଗୋଇଠା ବାଦ୍ ଦେଇ କହିଗଲେ । ସବୁ ଦୋଷ ହେଲା ଟମିର ଯେ ସୁରବାବୁ ନିଜେ ସାହେବଙ୍କୁ ମାନ୍ୟ ଦେଖାଇଲା ପରି ଟମି ତାଙ୍କର କୁକୁରକୁ ଖାତିର ଦେଖାଇଲା ନାହିଁ ।

ସ୍ତ୍ରୀ ଏହିସବୁ ଶୁଣି ଏତେ ଦୁଃଖ ଭିତରେ ବି ମନେ ମନେ ହସି ଭାବିଲେ, ପଶୁ ଜନ୍ତୁ କ'ଣ ମଣିଷ ହୋଇପାରେ ? ତଥାପି ଭରସି କିଛି କହିପାରିଲେ ନାହିଁ ।

ଯେତେବେଳେ ସୁରବାବୁ ଆଶଙ୍କା ଓ ଉଦ୍‌ବେଗରେ ସାହେବଙ୍କର ବିରକ୍ତି ଆଦିର ବିବରଣ ଦେଇ ପ୍ରତିକାର ପାଇଁ ପରାମର୍ଶ ଖୋଜିଲେ, ସେତେବେଳେ ବୁଦ୍ଧିମତୀ କହିଲେ ଯେ ମୁଣ୍ଡ ଖରାପ ଛଡ଼ା ଆଉ କିଛି କହି ସାହାବଙ୍କୁ ବୁଝେଇବାର ବାଟ ନାହିଁ । ତାଙ୍କର ଟମିକୁ ଦେଖି ଯଦି ସୁଖ ନ ପାଇଲେ ତାହାହେଲେ ଆଉ ଗୁଣର ତାଲିକା ଦେଲେ ବିପରୀତ ଫଳ ଘଟିବ ।

ସ୍ୱାମୀ ସ୍ତ୍ରୀ ଦୁଇଟି ଆସନ୍ତା ଦିନର ଫଳାଫଳ କଥା ଭାବିବାରେ ବହୁତ ସମୟ ଏକାଠି କଟେଇଲେ । ଦୁହେଁ ଦୁହିଁଙ୍କର ଦୁଃଖ ବୁଝିଲେ । ଏହି କୁତ୍ତା ଆଉ ସୁରବାବୁଙ୍କର ଭାଗ୍ୟ ଫେରାଇବ ନାହିଁ ବୋଲି ବୁଝାପଡ଼ିଗଲା । କୌଣସି ପ୍ରକାରେ ସାହେବଙ୍କୁ ସନ୍ତୁଷ୍ଟ କରି ପାରିଲେ ଏହି ଅବ୍ୟାପାରରୁ ରାହା ମିଳିଯିବ ।

ସୁରବାବୁ ତହିଁଆର ଦିନ ଡାକ୍ତର ସାର୍ଟିଫିକେଟ୍ ଦେଇ ପାଗଳ ବୋଲି କେତେ ଦିନ ଛୁଟି ନେଲେ ସୁବିଧା ହୁଅନ୍ତା ଯେ ସାର୍ଟିଫିକେଟ କେଉଁଠୁ ମିଳିବ ? ସେ ସବୁରେ ଆଶା ନ ଦେଖି ଅଫିସରେ ଓ ସାହାବଙ୍କୁ କ'ଣ କହିବେ ତାହାର ଗୋଟିଏ ବିବରଣୀ ମନେମନେ ସଜାଡ଼ିଲେ ।

ସେଦିନ ଆଉ ଟମି କଥା ବୁଝାଗଲା ନାହିଁ, ସେବାଟେ ଗଲା ଆସିଲାବେଳେ ଟମି ଗୋଟିଏ ଗୋଟିଏ ଗୋଇଠା ଖାଇ

କାଉଁ କାଉଁ ହୋଇ ଲୁଚେ । ତାହାକୁ ଉପର ଓଳ ଉପାସ ରଖିଲେ । ମୋଟେ ଖୋଲା ନ ହେବାରୁ ସେ ଯେତେବେଳେ ସେହି ଶ୍ରପା ମଇଲା କଲା, ପୁଣି ଥୋଡ଼ାଏ ଗୁଡ଼ ଖାଇଲା ।

ସେଦିନ ପ୍ରଥମ ଥର କୁଣ୍ଠାକୁ ଶାସନ କରାଗଲା । ଆଦର ଅଭାବରେ ତାହାର ଖେଳ ଡିଆଁ ବି ବନ୍ଦ ରହିଲା ।

ତହିଁଆର ଦିନ ଅଫିସକୁ ଗଲାବେଳେ ସୁରବାବୁ ନାକର ନିଃଶ୍ୱାସ ବାରି ସେହି ଅନୁସାରେ ପାଦ ପକାଇ ଇଷ୍ଟଦେବଙ୍କୁ ସ୍ମରଣ କରି ଗଲେ । ଏଣେ ଘରେ ସ୍ତ୍ରୀ ଠାକୁରଙ୍କୁ ଟଙ୍କାଟିଏ ମାନସିକ କଲେ । ଟମିର ଦୁଧ, ବିସ୍କୁଟ, ମାଂସ ବନ୍ଦ କରାଗଲା । ସ୍ୱାମୀ ସ୍ତ୍ରୀ'ଙ୍କର ଆଉ ଭାଗ୍ୟକୁ ବଦଳାଇବାର ପ୍ରୟାସ ନାହିଁ । ଖାଲି ଗୋଟିଏ ଲକ୍ଷ୍ୟ ଯେ ଯାହା ଅଛି ସେତକ ରହିଯାଉ । ଆଉ ଅଧିକରେ କାମ ନାହିଁ ।

ଖିରାବେଳେ କୁଣ୍ଠା ଅଧା ଉପାସ କଲା । ମାଂସ ନ ଥିଲେ ଭାତ ଖାଇବାର ଅସୁବିଧା ହୁଏ ବୋଲି ଜାଣିଲା । ଭୋକରେ ଯେତିକି ବିଧି ରକ୍ଷା ହୋଇପାରେ ସେତକ କରି ଚୁପ୍ ହୋଇ ଶୋଇଥାଏ । ମଣିଷଙ୍କୁ ଦେଖିଲେ ଗୁହିଁରହେ । କିନ୍ତୁ ତାହାର ପ୍ରୟୋଜନୀୟତା କମିଯାଇଥିବାରୁ ତାହାର ଓଜର ଆପତ୍ତି ମଧ୍ୟ ମୂଲ୍ୟହୀନ ହୋଇ ପଡ଼ିଲା ।

ଏହି ସବୁ ଗୋଟିଏ କୁକୁରର ଜୀବନରେ ସମ୍ଭବ ହେବାର ଦେଖିଲେ ଭାଗ୍ୟ ନାହିଁ ବୋଲି କିଏ କହିବ ?

ଅଫିସରେ ସୁରବାବୁ ଶୁଖିଲା ମୁହଁରେ ହସ ଟାଣି ଯେତେ-ବେଳେ ପହଞ୍ଚିଲେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଗତ ଦିନର ଘଟଣା

ପରେ ସୁରବାବୁ ଡାକ୍ତରଖାନା ନ ଯାଇ ଅଫିସକୁ ଆସିଲେଣି । କାଗଜପତ୍ର ଚିରିଦେବେ କି ପୋଡ଼ିଦେବେ ବୋଲି ସମସ୍ତଙ୍କର ଭୟ ହେଲା । ପାଗଳାକୁ ବିରକ୍ତ କଲେ ବିପଦ ହୋଇପାରେ ଭାବି ସମସ୍ତେ ଚୁପ୍ ରହି ତାଙ୍କ ପ୍ରତି ଉଦାସୀନ ରହିଲେ । କେହି ପାଖକୁ ଆସିଲେ ନାହିଁ । ସୁରବାବୁ ଯାହା ପାଖକୁ ଗଲେ ସେ ଖସି ପଳାଇଲା ।

ଦୁଃଖରେ ସେ ଯାଇ ଆପଣା ଚଉକିରେ ବସି କାମରେ ଲାଗିଲେ । ସାହେବଙ୍କ ପାଖକୁ ଏହି ଦୁର୍ଘଟଣାର ସମ୍ବାଦ ନେଇ ଚପରାସି ଧାଇଁଲା । ସାହେବଙ୍କଠାରୁ ଡାକରା ଆସିଲା । ତେବେ ଦୁଇଜଣ ଚପରାସିଙ୍କୁ ହୁକୁମ ରହିଲା, ସୁରବାବୁଙ୍କର ଦୁଇପାଖ ଜଗୁଆଳୀ ଭଳି ଜାଗ୍ରତ ରହିଥିବେ ସବୁ ବିପଦ ଆପଦକୁ ।

କୋଠରୀ ଭିତରକୁ ସେହି ଦିନ ପଶିଲା ବେଳେ ତାଙ୍କର ଅନେକ ପରିବର୍ତ୍ତନ । ପାଦ ଧୀରେ ଧୀରେ ପଡ଼ୁଚି । ଦୁଇଜଣ ଚପରାସି ଦୁଇପାଖେ । ସାହେବ ବୋଧହୁଏ ତାଙ୍କୁ ପାଗଳ ବୋଲି ମନେକରିଛନ୍ତି । ସେ ବିମୂଢ଼ ହୋଇପଡ଼ିଲେ । ସ୍ତ୍ରୀଙ୍କ ଉପଦେଶ ଅନୁସାରେ କେମିତି ଯାଇ କହିବେ—ସେ ଗତ ଦିନ ପାଗଳ ହୋଇ ଯାଇଥିଲେ ବୋଲି । କିନ୍ତୁ ବଦଳରେ ଆଜି କଣ କହିଲେ ଆଗ ଦିନ ଘଟଣାର ସଫେଇ ଦେଇପାରିବେ ଭାବି ନ ପାରି ଠାକୁରଙ୍କୁ ଖାଲି ସ୍ମରଣ କଲେ । ଦେହ ଗୋଟାକ ଝାଳରେ ଭିଜିଗଲା, ଯେମିତି ପାଞ୍ଚ ମାଇଲ ଚାଲି ଆସିଚନ୍ତି ।

ପାଗଳା ବୋଲି ସାହେବ ଦୟା ଦେଖାଇ ହସିଲେ । ତାଙ୍କର ଛୁଟି ଦରକାର କି ନାହିଁ ପଚାରିଲେ । ସୁରବାବୁ କଣ କହିଲେ ଠିକ୍ ହେବ ଭାବି ନ ପାରି ଛୁଟି ଦରକାର ନାହିଁ ବୋଲି ଯେତେବେଳେ କହିଲେ ସାହେବ ଭାବିଲେ ଠିକ୍ ତ । ପାଗଳ କେବେ ନିଜକୁ ପାଗଳ ବୋଲି ଭାବେ ନାହିଁ ।

ତଥାପି ପରୀକ୍ଷା କରିବା ପାଇଁ ତାଙ୍କର ନାଁ, ବାପାଙ୍କର ନାଁ, ତାଙ୍କ ବାପାଙ୍କର ନାଁ, ନିଜର ନାଁ, ଘଣ୍ଟାରେ କେଇଟା ବାଜିଚି, ଅଫିସରେ କେଇଜଣ ଲୋକ ଅଛନ୍ତି ଆଦି ଅନେକ ପ୍ରଶ୍ନ ପଚାରି ଠିକ୍ ଠିକ୍ ଉତ୍ତର ପାଇ ବୁଝିଗଲେ ଯେ ସୁରବାବୁ ସେଦିନ ପାଗଲାମି କରୁନାହାଁନ୍ତି ।

ତଥାପି ଆଗଦିନ ସେ ଯେ କୁକୁରଟିଏ ଧରି ତାଙ୍କର ଦୋସ୍ତ ଘରେ ଆସି ପହଞ୍ଚିଥିଲେ, ତାହାର ଗୂଢ଼ ଅର୍ଥ ନ ଜାଣିଥିବାରୁ ବୁଝିପାରିଲେ ନାହିଁ । ସେକଥା କାଳେ ପଚାରିଲେ ପୁଣି ପାଗଳାମି ହଠାତ୍ ବାହାରିପଡ଼ିବ, ସେଥିପାଇଁ ସେ ସମ୍ପର୍କରେ ଚୁପ୍ ରହିଗଲେ ।

ସୁରବାବୁଙ୍କୁ ଅଫିସକୁ ପଠାଇଦେଲେ ଓ ତାଙ୍କର ପାଗଲାମି କିଛି ପ୍ରକାଶ ପାଉଛି କି ନାହିଁ ଜାଣିବା ପାଇଁ ଅନ୍ୟ ଜଣେ କର୍ମ-ଚାରୀକୁ ରିପୋର୍ଟ କରିବା ପାଇଁ ଚପରାସି ହାତରେ କହି ପଠାଇଲେ ।

ସୁରବାବୁ ଆସି ଅଫିସରେ ତାଙ୍କର ଜାଗାରେ ବସି କାମରେ ଲାଗିଲେ । ଅନ୍ୟମାନଙ୍କୁ କିଛି କହିବାକୁ ତାଙ୍କର ସ୍ପୃହା ନ ଥିଲା କି ଅନ୍ୟମାନଙ୍କର ସୁରବାବୁଙ୍କ ସାଙ୍ଗରେ କଥା ଭାଷା ହେବାର ଇଚ୍ଛା ନ ଥିଲା ।

କିନ୍ତୁ ଯେତେବେଳେ ସେ ନିଜର କାମରୁ ମୁଣ୍ଡ ଟେକି ଲୁଆଡ଼େ ଚାହାନ୍ତି, ଦେଖିପାରନ୍ତି ଯେ ଅଫିସସାରା ସମସ୍ତେ କାମ ଛାଡ଼ି ତାଙ୍କ ଆଡ଼େ ଲକ୍ଷ୍ୟ ରଖିଛନ୍ତି ଓ ଦୁଇଜଣ ତିନିଜଣ ଏକାଠି ଫୁସ୍‌ଫାସ୍ ହେଉଛନ୍ତି ; ଏପରିକି ଚପରାସି ମାନେ ବି ।

ପ୍ରତିବାଦ କରିବାକୁ ଇଚ୍ଛା ହେଲା ନାହିଁ । ତାଙ୍କର ଭଲଆ ଲୋକଙ୍କୁ କିଛି କହିବାକୁ ଭଲ ମନେକଲେ ନାହିଁ । ମନେ ମନେ ଠିକ୍ କଲେ ଏଥର ଥରେ ଶୁଝିଟେ ସୁବିଧା ହେଲେ ନେଡ଼ିବ ।

ସେଦିନ ଅଫିସ ଛୁଟିହେଲାବେଳେ ପାଗଳ ନ ହୋଇ ପାଗଳ ବୋଲି ଚିହ୍ନେଇଲେ । ବାଟରେ ଫେରୁ ଫେରୁ ସେ ଭାବିଲେ ସତରେ ସେ ପାଗଳ ପରି କୁକୁର ଜରିଆରେ ନିଜର ଚାକିରିରେ ଉନ୍ନତି କରିବା ବାଟ ସେ ଖୋଜୁଥିଲେ । ସେ ଭାବିଚିନ୍ତି ବୁଦ୍ଧିମାନର ବାଟ ଛାଡ଼ି ମୂର୍ଖର ବାଟ ଖୋଜୁଥିଲେ । କୁକୁରଟିର କିଛି ଦୋଷ ନାହିଁ କି ଜ୍ୟୋତିଷର ମଧ୍ୟ କିଛି ଭୁଲ୍ ହୋଇ ନାହିଁ ।

# ପ୍ରେମର ମୂଲ

ବର୍ଷ ପରେ ବର୍ଷ ଗଡ଼ିଯାଇଛି । କହୁଣୀ ଉପରର ଚମ ଢ଼ିଲା ହୋଇଗଲାଣି । ଆଖି କୋରଡ଼ରେ ପଶିଲାଣି । ମୁଣ୍ଡର ବ'ପା ଖାଲି ହୋଇଗଲାଣି । ଓଠ ସିଝିଗଲାଣି । ଧୂଆଁଖିଆର ପ୍ରକୋପରେ ହାତର ଆଙ୍ଗୁଳସନ୍ଧି ଭିତରେ ଆଉ ମାଂସ କି ମାଂସପେଶୀ ନାହିଁ । ନଖ ଉପରେ ସିଧା ସିଧା ଗାର ଲଙ୍ଗଳ-ଚଷା ପରି ବାରି ହୋଇ-ପଡ଼ୁଛି । ଡାହାଣ ହାତର ବଶି ଆଙ୍ଗୁଠି ଓ ମଝି ଆଙ୍ଗୁଠି ଦୁଇଟି ସିଗାରେଟ୍‌ର ଧୂଆଁରେ ହଳଦିଆ ପଡ଼ିଆସିଲାଣି । ଏହି ପ୍ରକାରର ରମେଶକୁ ବୁଢ଼ା ତ କୁହାଯିବ । କିନ୍ତୁ ବୁଢ଼ା ରମେଶ ଭିତରେ ମନଟା ତଥାପି ପ୍ରେମ-ପାଗଳ ହୋଇ ରହିଯାଇଛି ।

ସେଥିପାଇଁ ରମେଶ ତାହାର ଲୁଗା ପଟା ପିନ୍ଧି ପଦାକୁ ବାହାରେ । ତାହାର ବାହାରିଆ ରୂପଟା ଯେତିକି ଉଦାସୀନ, ଭିତର ମନଟା ସେତିକି ଚଞ୍ଚଳ । ବରଫ-ମୁକୁଟ ପିନ୍ଧା ପାହାଡ଼ର ଗୁହା ଭିତର ନିଆଁ ଯେମିତି ଭୂଇଁକୁ ହଲେଇଦିଏ, ସେମିତି ରମେଶର ଭିତରର ବୋକଲା ମନ ତାହାର ସ୍ଫୂର୍ତ୍ତିହୀନ ଦେହଟାକୁ ଠେଲି ଦିଏ ଘରୁ ରାସ୍ତା ଉପରକୁ ।

ଦୁଆର ବନ୍ଦ କରି ରାସ୍ତାରେ ଠିଆହେଲେ ରମେଶ ଭାବେ ସେ କେଉଁଆଡ଼େ ଯିବ—କେଉଁଠିକି ଯିବ ? ତାହାର ସଂସାରରେ କେହି ନାହାଁନ୍ତି । ତାହାର ସାଙ୍ଗ ସାଥି ମଧ୍ୟ କେହି ନାହାଁନ୍ତି ।

କଟକ ମ୍ୟୁନିସିପାଲିଟି ପଡ଼ିଆରେ ପ୍ରଦର୍ଶନୀ ହେଉଥାଏ। ପ୍ରତିଦିନ ଟିକଟ, —ଟିକଟ ସାଙ୍ଗରେ ଲଟେରି । ପ୍ରଦର୍ଶନୀ ଫାଟକ ଡେଇଁ ଭିତରକୁ ଗଲେ, କେତେ ଆଖି-ଦରଶିଆ, ମନ-ମତାଣିଆ, ଲୋକ ଓ ଛବି ଦେଖିବ। ନିଶାଖୋର ପରି ରମେଶ ଆସି ଫାଟକ ପାଖରେ ଠିଆହୁଏ । ସେତେବେଳେ ସେ ଭୁଲିଯାଏ ଯେ, ସେ ଅଢ଼େଇ ହଜାର ଟଙ୍କା କରଜକରି ସାରିଲଣି । ସାଥିହୀନ ଜୀବନରେ ସ୍ପନ୍ଦନ ଆଣିବାକୁ ହଜାରେ ଟଙ୍କାର ସିଗାରେଟ୍ ଫୁଙ୍କିସାରିଲଣି ।

ପଇସା ରୋଜଗାରରେ ତାହାର ସମୟକୁ ନ ଲଗାଇ ରମେଶ ଆସି ପ୍ରଦର୍ଶନୀ ଭିତରେ ସନ୍ଧ୍ୟା ହେଉ ନ ହେଉଣୁ ପହଞ୍ଚିଯାଏ। ତେଲ ଘଣାର ବଳଦ ପରି ସେ ସେଠି ବୁଲେ ସେହି ଚକଡ଼ା ଖଣ୍ଡିକରେ। ପାରୁ ପର୍ଯ୍ୟନ୍ତ ସିଗାରେଟ୍ ଟାଣେ। କିଛି କରଜର ବ୍ୟବସ୍ଥାକରି, ପୁଣି ତାହାର ଘରକୁ ଫେରିଯାଏ। ପ୍ରତିରାତି ଭାବେ କେମିତି ହେଲେ ସେ ଜଣକୁ ଭଲ ପାଆନ୍ତା, ଆଉ ସେହି ନାରୀକୁ ଦେବୀ ବୋଲି ସ୍ନେହ କରି ତାହାର ଗୋଡ଼ତଳେ ତାହାର ବଳକା ଭଲପାଇବାକୁ ଅଜାଡ଼ି ଦେଇ ଶାନ୍ତିରେ ରହନ୍ତା।

ଅନ୍ୟାନ୍ୟ ବୁଢ଼ାଙ୍କ ପରି ରମେଶର ଆଶା ବି ବଡ଼ ତୀବ୍ର। ତଥାପି କୌଣସି ଯୁବତୀର ସାମନା ସାମନି ହୋଇଗଲେ, ସେ ଲାଜରେ ଲାଲ ପଡ଼ି ଆଡ଼େଇଯାଏ। ସେମାନେ ଚାଲିଗଲା ପରେ ସେ ସେମାନଙ୍କର ପିଠି ଓ ପାଦ ଗୋଇଠି ଆଡ଼କୁ ଚାହିଁ ଚାହିଁ ଏଣୁତେଣୁ ଭାବେ। ଅମୁକଟି ଚଟି ମାଡ଼ୁଛି ଯେ, ଚଟିଟା ଟିକଏ ବଡ଼ ହେଉଛି। ପାଦ ତଳର ବୁଢ଼ା ଫଟା ଚମ ଦିଶିଯାଉଛି । ଅମୁକର ଦେହର ରଙ୍ଗକୁ ତାହାର ଜୋତାର ରଙ୍ଗ ମନାଉ ନାହିଁ। ସେଇଟିର ଶାଢ଼ୀ ଦେହର ରଙ୍ଗକୁ ମାନିଲେ ବି ହସିଲାବେଳେ ଦାନ୍ତଗୁଡ଼ାକ ଖଇର ରଙ୍ଗରେ ବଡ଼ ଖରାପ ଦିଶୁଛି— ଇତ୍ୟାଦି ଇତ୍ୟାଦି।

ଏମିତ ଘୂରି ଘୂରି ଫେରେ । କିନ୍ତୁ ତାହାର ମନେ ଉଠେ ନାହିଁ । ଆକାଶର ଅସଂଖ୍ୟ ତାରା ପରି ପ୍ରଦର୍ଶନୀର ଶହ ଶହ ମୁହଁ ତାହାର ଅଚହ୍ନା ରହିଯାଏ । ତାହାର ମନଟା ସେମିତି ହତାଶ ହୋଇ ରହିଯାଏ ।

ତଥାପି ସେ ଧାଏଁ ପ୍ରତିଦିନ । ବିରକ୍ତ ହୋଇ ଟିକଟ କିଣେ । ବିରକ୍ତିର କାରଣ ଯେ ଗୁରିଆଡ଼ର ଲୋକ ଦେଖୁଥିବେ ବୁଢ଼ାଟାଏ ଟିକଟ କିଣୁଛି ପ୍ରତିଦିନ । ପ୍ରଦର୍ଶନୀର ଫାଟକ ପାଖରେ ଟିକଟ ଦେଲାବେଳେ ସେ ରାଗିଯାଏ ମନେ ମନେ । ସେ ଟିକଟବାଲା ଚହ୍ନିପିବଣି; କାଳେ ମନେ ମନେ ହସୁଥିବ । ଏମିତ ଲାଜ, ବିରକ୍ତି ଓ ରାଗ ନେଇ ସେ ପ୍ରତିଦିନ ପ୍ରଦର୍ଶନୀକୁ ଯାଏ । ଅନେକ ଲୋକ ଆସିଥିବେ । ଚହ୍ନା ମୁହଁ, ହସିଲା ଆଖି, ଚଞ୍ଚଳ ଯୌବନ କେତେ ଆଖି ଆଗକୁ ଆସିବ । ଅଧିକାର ଥାଉ କି ନ ଥାଉ ।

ହଠାତ୍ ଦିନେ ସେ ଫେରି ଆସିଲାବେଳେ ଫାଟକ ପାଖରେ ଦେଖିଲା ତାହାର ଜଣେ ପରିଚିତା ଯାଉଛି । ପରିଚୟ ହୋଇ ନାହିଁ; କିନ୍ତୁ ମୁହଁ ଚହ୍ନା । ସାଙ୍ଗରେ ଜଣେ—ବୋଧହୁଏ ତାହାର ସ୍ୱାମୀ ଏକାଠି ଯାଉଛନ୍ତି ଘରକୁ ଫେରି ।

ଦିନେ ଦିନେ ମନଟା ଅନୁକୂଳ ଥିଲେ ଯେମିତି ଗୃହିଣୀ ରାତିର ଦୂରର ଗୀତ ମନକୁ ପାଇଯାଏ ସେମିତି ସେଦିନ ହଠାତ୍ ରମେଶକୁ କୋଟିନିଧି ମିଳିଗଲା । ଭିତରେ କେତେ ଆନନ୍ଦ । ଦେହଟା ଥରଉଠିଲା ଆନନ୍ଦର ଅଧିକାରେ । ସେ ଯିଏ ହେଇଥାଉ ଯେଉଁଠି ଥାଉ ବଞ୍ଚିକରି ଅଛି ତ । କଟକରେ ଅଛି ଦେଖାହେଲା ତ ।

ତାହାର ମନର ଅବସ୍ଥା ଅନୁଭବୀ ବିନା କେହି ବୁଝିପାରିବ ନାହିଁ । ସେ ଘରକୁ ଆସି ବିଛଣାରେ ଗଡ଼ି ପଡ଼ି ତାହାରି କଥା ମନେ ପକାଇଲା । ମୋହରମ ବେଳେ ସେ ସେହି ପ୍ରତିମାଟିକୁ ଜଣକର

କୋଠା ଉପରେ ଦେଖିଥିଲା । ମୁଣ୍ଡବାଲ ସେମିତି ଅଛି । ମୁଣ୍ଡ ସେମିତି ବାନ୍ଧୁଛି । ଅନେକ ବାଲ ଅଛି । ବୋଧହୁଏ ତାହାର ଅଣ୍ଟାର ତେର ତଳକୁ ପଡୁଥିବ । ଆଖି ସେମିତି କଥା କହୁଛି, ତଥାପି ଗମ୍ଭୀର ହୋଇ ଆସିଲାଣି । ସେହି ଶାଢ଼ୀ ନ ପିନ୍ଧିଲେ ବ ସେହି ରଙ୍ଗର ଶାଢ଼ୀ ପିନ୍ଧୁଛି – ମାନୁଛି ବେଶ୍ ।

ସେତେବେଳେ ସେ ଯୁବତୀ – ଦେହର ରଙ୍ଗ ପ୍ରଖର ଥିଲା । ଯୌବନରେ ମନମତାଣିଆ ଚ୍ଛଟା ଥିଲା, ଆଖିରେ କୌତୁକ ଓ କୌତୂହଳ ଥିଲା । ସେଦିନ ଆଉ ଥରେ ଦେଖାହେଲା ବେଳେ ସେହି ଛବିଟି ଭସି ଆସି ରମେଶକୁ ସେମିତି ବିହ୍ୱଳ କରିଥିଲା । ରମେଶର ମନେପଡ଼ିଲା, ସେହି ପ୍ରଥମ ଦେଖାରେ ସେ କେଡ଼େ ବିହ୍ୱଳ ହୋଇପଡ଼ି ଘୁରିଆଡ଼େ ତାହାକୁ ଖୋଜୁଛି । କେତେ ମୁହଁରୁ ଆଖି ଫେରାଇଛି । ସେହି ଅପୂର୍ବଟିକୁ ସେ ଦେଖିଲା । ଆଉ ଥରେ ।

ଲାଜର ପ୍ରେମିକ ପରି ତାଙ୍କୁ ଆଉଦିନ ସେ ଆସିଲା ପ୍ରଦର୍ଶନୀକୁ । କାଲେ ସେ ଆସିଥିବ । ରମେଶକୁ ସେ ଭଲ ପାଉଥିଲେ ନିଶ୍ଚୟ ଆସିବ । ଚୁପ୍ ହୋଇ ସେଦିନର ବହୁତ ସମୟ ସେ ସେହି ଅପରିଚିତାର ପରିଚିତ ମୁହଁଟି ଉପରେ ମନର ଗୁପ ଲଗେଇଛି ତାହାର କଥା ଭାବ ଠାକୁରଙ୍କୁ ଡାକି ଡାକି । କାରଣ ଦେହର ବ୍ୟବଧାନ ଭିତରେ ମନକୁ ବାନ୍ଧି ରଖିବା ଦରକାର ହୁଏ ନାହିଁ । ମନକୁ ମନ ଖୋଜି ଆପଣାର କରିପାରେ ।

ତାହିଁଆର ଦିନ ଅନେକ ଥର ଭେଟ ହେଲା । ସେହି ଯୁବତୀଟି ଥାଏ ତାହାର ସ୍ୱାମୀ ପାଖେ ପାଖେ । ମୁହଁରେ ହସଟିକକ ଲାଗି

ରହିଥାଏ । ହାତର ବାହୁ ହିଶୁଥାଏ । ଗହଣା ବି ହିଶିଯାଏ । ରମେଶ ମନେକରେ ସବୁ ତାହାରିପାଇଁ । ସେ ଖାଲି ମନେକରେ ତାହାର ଇଚ୍ଛା ପୂରଣ ହୋଇଛି ।

ରମେଶ ଏମିତି ଗଲା । ଦେଖା ମିଳେ ନାହିଁ । ଦିନେ ଦିନେ ବି ଯାଇପାରେ ନାହିଁ । ପରେ ଘରେ ଅନୁଶୋଚନା କରେ ଯେ କାଳେ ସେ ଆସି ରମେଶକୁ ନ ପାଇ ଦୁଃଖିତ ହୋଇ ଫେରିଥିବ ।

ରମେଶର ଆଗ୍ରହ ମରେନାହିଁ । ପ୍ରଦର୍ଶନୀ ବାଲା ପ୍ରତିଦିନ ରମେଶର ପଇସା ଖାଏ । ରମେଶ କରଜରେ ବୁଡ଼ିଥିଲେ ବି ମନେ କରେ ମନର ଆନନ୍ଦ ଆଗରେ ଟଙ୍କା ପଇସାର ହିସାବ କଛି ନୁହେଁ ।

ପ୍ରଦର୍ଶନୀର ଶେଷଦିନ ।

ରମେଶ ବି ଗଲା । କେତେ ଆନନ୍ଦ ଓ ଦୁଃଖ ସେହି ସେହି ମାଟିଅଗିକ ଉପରେ ରହିଛି । ସେଦିନ ସେ ଯାଇଥିଲା । ଆଶା ନ ଥିଲା ଯେ ସେ ଆସିଥିବ ।

କିନ୍ତୁ ସେଦିନ ସେହି ଅପରିଚିତା ଯୁବତୀଟି ତାହାର ସ୍ୱାମୀ ସାଙ୍ଗରେ ଆସିଥିଲା । ତାହାର ବେଡ଼ା ବୁଲି ସରି ନାହିଁ—ଦେଖା ସରି ନାହିଁ ।

ସେଦିନ ରମେଶ ଓ ସେ ତରୁଣୀଟି ସେହି ପ୍ରଦର୍ଶନୀରେ ବହୁତ-ଥର ମୁହାଁମୁହିଁ ହେଲେ । ତାହାର ସ୍ୱାମୀ ସେମିତି ପାଖରେ ଥିଲେ । ଦୁହିଁଙ୍କ ଭିତରେ କଥା ନାହିଁ । ତଥାପି ରମେଶକୁ ଲାଗେ ସେ ଯେମିତି କ'ଣ କହିବାକୁ ଚାହୁଁଛି ।

ହଠାତ୍ ଆଉ ରମେଶ ତାକୁ ଦେଖିବାକୁ ପାଇଲା ନାହିଁ । ଅନେକ ଖୋଜି ନିରାଶ ହୋଇ ଜାଣିଲା ସେମାନେ ଫେରିଗଲେଣି ।

ରମେଶର ମନରେ ସେଦିନ ଦ୍ୱନ୍ଦ୍ୱ ଆସିଲା, ତାହାର ଅଭାବ ଓ କରଜ ମନେପଡ଼ିଲା । ସେ କେତେ ସମସ୍ତ ଏହି ନିଷ୍ଫଳ କାମନା ପଛରେ ଜଡ଼ାଇଦେଇଛି ଭାବି ହିସାବ କଲା । ପୁଣି ଥରେ ସେ ତାହାର ଅନୁଭବରେ ବୁଝିଲା, ଅଜଣା ଅଶୁଣା ଲୋକର ମୂଲ୍ୟ କ'ଣ ? ପ୍ରେମର ବି ମୂଲ୍ୟ କେତେ ?

ତାହାର ଦେହ ମରିଥିଲା । ମନଟା ବି ସେହିଦିନ ସେହି ପ୍ରଦର୍ଶନୀରେ ମରିଗଲା, ହଠାତ୍ ହୃତ୍‌ପିଣ୍ଡ କ୍ରିୟା ବନ୍ଦହେଲେ ଦେହ ଯେମିତି ମରିଯାଏ ।

# କାନ୍ତୁ

ସୃଷ୍ଟିର ବୈଚିତ୍ର୍ୟ ହେଉଛି କେଉଁଠୁ କିଏ ଆସି କାହା ସାଙ୍ଗରେ ବଂଧୁତା କରିଯାଏ । ସେଥିରେ କାହାର ହାତ ନାହିଁ । କିନ୍ତୁ ବଂଧୁତା ହେଇସାରିଲେ ତାହାକୁ ବଞ୍ଚେଇରଖିବା ଓ ମାରିଦବା, ଏହା ମଣିଷର ଅଧିକାର ଭିତରେ । ଘଟଣାର ସ୍ରୋତରେ ଯାହା ଆସି ପହଞ୍ଚିଯାଏ, ତାହାକୁ ନେଇ ସେଇ ଭଙ୍ଗାଗଢ଼ା କାମ ଚାଲେ ।

ସ୍କୁଲର ତଳ କ୍ଲାସରେ ନାମ ଲେଖାଇ ଏକା ବେଞ୍ଚରେ ବସି ସାମନା ମାଷ୍ଟ୍ରଙ୍କର ବେତ ଓ ଗାଳି ସମାନ ଭାବରେ ହଜମ କରୁଥିବାରୁ ଦୁଇଟି କଅଁଳା ପିଲା ଗତିକୃଷ୍ଣ ଓ ରାମକୃଷ୍ଣ ବଡ଼ ଅଭେଦ୍ୟ ବନ୍ଧୁତାରେ ବାନ୍ଧି ହୋଇ ଯାଇଥିଲେ । ଦୁହିଁଙ୍କର ଦେହର ବଳ, ମନର ଜୋର, ବୁଦ୍ଧି, ଉଚ୍ଚତା ଓ ପୋଷାକ ପ୍ରାୟ ସମାନ । ଦୁହିଁଙ୍କର ନାଁରେ କୃଷ୍ଣ ଲାଗିଥିଲା । ଦିହେଁ ପଢ଼ାକୁ ଛାରୁ ନ ଥିଲେ । ଆଉ ବଂଧୁତା ହେବାରେ ବାଧା କଣ ?

ଦୁଇ ବନ୍ଧୁ ସବୁ କାମ ଏକାଠି କରୁଥିଲେ, ସ୍କୁଲକୁ ଆସିବା ଠାରୁ ଯିବାଯାଏ । ରାମକୃଷ୍ଣର ବାପା କୌଣସି ଅଫିସରେ କାମ କରୁଥିଲେ, ତାଙ୍କର ରାମ ହେଉଚି ବଡ଼ ପୁଅ । ବାପା ନିଜ ଚାକିରିରେ ଉନ୍ନତି କରିବାପାଇଁ ଯେମିତି ପାଞ୍ଚିରଖିଥିଲେ; ରାମର ଭବିଷ୍ୟତ ବିଷୟରେ ମଧ୍ୟ ସେମିତି କଳ୍ପନା ରଖିଥିଲେ । ଗତିକୃଷ୍ଣ ତା ବାପାଙ୍କର ସାନ ପୁଅ । ବାପା ମରିଯାଇଥିବାରୁ ସେ, ଅନ୍ୟ

ମୁରବୀଙ୍କର ଜିମାରେ ରହିଥିଲା । ସେହି ମୁରବୀମାନଙ୍କର ଗଡ଼ର ଭବିଷ୍ୟତ ପାଇଁ ସେପରି ବିଶେଷ କଳ୍ପନା ନ ଥିଲା । ସେମାନେ ମନେ ମନେ ଧରିନେଇଥିଲେ ଯେ ଗଡ଼ର ବାପା ରଖିଯାଇଥିବା ସଞ୍ଚିତ ଧନରେ ଗଡ଼ ଯାହା କିଛି ପଢ଼ିନେଲେ ରୋଜଗାର ବାଟ ଧରିବ । ଗଡ଼ ମଧ୍ୟ ଭାବୁଥିଲା ସେଇଆ ।

ଏମିତି ଗଡ଼ିଯାଇଥିଲା ମାଟ୍ରିକ୍ୟୁଲେସନ ପରୀକ୍ଷାଯାଏ । ରାମ ପଇସା ପାଏ ନାହିଁ । ଗଡ଼ ତାହାର ଦାବୀ ଜାହିରକରି ଟଙ୍କାଏ ଆଠଅଣା ଘରୁ ଆଣି ଦୁହିଁଙ୍କର ଅସୁବିଧା ଚଳାଏ । ଗଡ଼ର ଆଶା ଥିଲା ଯେ, ରାମ ଦିନେ ବହୁତ ପଢ଼ି ବଡ଼ ହେବ । ସେତେବେଳେ ଗଡ଼ ତାହାଠାରୁ କିଛି ସାହାଯ୍ୟ ମାଗିନେବ । ରାମ ନିଜେ କଣ କେତେ କରିବ କିଛି ବୁଝି ନ ଥିଲା । କାରଣ ସଂସାରର ମୁହାଁମୁହିଁ ହେବାର ସୁବିଧା ସେ ପାଇ ନ ଥିଲା । କିନ୍ତୁ ଗଡ଼ ବାପଛେଉଣ୍ଡ ହୋଇଥିବାରୁ ସଂସାରଟାକୁ ଚହ୍ନିଥିଲା । ଆଉ ସେଥିପାଇଁ ଆଗର ଦିନଗୁଡ଼ିକ ପାଇଁ ସମ୍ବଳ ଯୋଗାଡ଼କରୁଥିଲା । ଦୁହେଁ ବନ୍ଧୁ ।

ମାଟ୍ରିକ୍ୟୁଲେସନ ପାଶ୍ କରି ରାମ କଲେଜରେ ପଢ଼ି ଆଇ. ଏ. ପାସ୍ କଲାବେଳକୁ ଗଡ଼ର ମାଟ୍ରିକ୍ୟୁଲେସନ ପରୀକ୍ଷା ଦିଆସରି ନ ଥାଏ । ତଥାପି ବନ୍ଧୁତା ଭାଙ୍ଗି ନ ଥାଏ । ରାମ ଆସେ ଗଡ଼କୁ ଉପଦେଶ ଦେବାପାଇଁ, ଏଣୁ ତେଣୁ ସ୍ତ୍ରୀ ଲୋକ, ସଂସାରର ହାନିଲାଭ, ଭଲମନ୍ଦ କଥା ଶୁଣିବାପାଇଁ । ଗଡ଼ ଟିକିଏ ଚଲାଆ ହୋଇଯିବାରୁ ରାମକୁ ସବୁ କଥାରେ ସନ୍ତୋଷକରେ । ରାମ ବଡ଼ ହେଲେ, ବଡ଼ ଚାକିରିପାଇଲେ ଗଡ଼ ପାଇଁ ସେ କ'ଣ କରିବ ସେହି ପ୍ରତିଜ୍ଞା କରେଇନିଏ ।

ରାମ ବି. ଏ. ପାସ୍ କଲାବେଳକୁ ଗତି ପଢ଼ା ଛାଡ଼ିଦେଇ ଚାକିରି ଖୋଜୁଥାଏ । ସେଥିପାଇଁ ସେ ରାମକୁ ଚିଠି ଲେଖି ତାହାର ସାହାଯ୍ୟର ତାଲିକା ପଠାଏ । ରାମ ବିରକ୍ତ ହୋଇ ନିଜ ବନ୍ଧୁମାନଙ୍କୁ ଅଧାପାଠୁଆଙ୍କର ଅବିବେକତା କଥା କହେ । କିନ୍ତୁ ଗତି ପାଖକୁ ଚିଠି ଦିଏ ଯେ, ସେହିସବୁ ସାହାଯ୍ୟ ରାମ ଚାକିରି ପାଇ ନ ଥିବାରୁ କରିପାରୁ ନାହିଁ । ଗତି ଲେଉଟ ଚିଠିରେ ସବୁବେଳେ ଆଶୀର୍ବାଦ ପଠାଏ ଯେ ରାମର ଉନ୍ନତି ହେଉ ଓ ତାହାର କାମନା ପୂର୍ଣ୍ଣ ହେଉ ।

ସେତେବେଳେ ସେହି ଅନେକ ଦିନର ପୁରୁଣା ସମ୍ବନ୍ଧର ଖିଅଧରି ଟଣାଟଣି କରୁଥିଲେ ବି ବହୁତ ପ୍ରଭେଦ ହୋଇଯାଇ ଥିଲା । ଗତି ମାଟ୍ରିକୁଲେସନ ପାସ୍ କରି ଗାଁରେ ବିଭାହୋଇ ପଡ଼ିଲା । କେତେଦିନ ସେଥିରେ ମଜ୍ଜିରହି ଖାଲି ଚିଠି ଲେଖୁଥାଏ ଯେ ରାମ ଖଟେଇ ଚାକିରି ତାହାପାଇଁ ଠିକ୍‌କରିଦେଲେ, ସେ ଆସି ଟାଇପ୍‌ରାଇଟିଂ ଶିଖି ତାହାର ଭବିଷ୍ୟତ ଯୋଗାଡ଼ କରିନେବ । ଆଉ ତରୁଣୀ ସ୍ତ୍ରୀର ମନୋରଞ୍ଜନ ପାଇଁ ରାମକୁ ଲେଖେ, କିଛି ଟଙ୍କା, କିଛି ଜିନିସ ଓ କିଛି ଗପ ବହି ପଠାଇବାପାଇଁ । କିନ୍ତୁ ସ୍ତ୍ରୀକୁ ରାମ ବିଷୟରେ କିଛି କହିଛି କି ନାହିଁ ସେ କଥା ଲେଖେ ନାହିଁ ।

ରାମ ଚିଠି ପଢ଼ିଲାବେଳେ ହାକିମ ହେବ ବୋଲି କଳ୍ପନା କରୁଥାଏ । ଦରଖାସ୍ତ ଦେଇ ସେ ଫଳକୁ ଅପେକ୍ଷା କରୁଛି । ଚାକିରି-ପାଇଗଲେ ସେ ବିଭାହେବ । ଗତି ତାହାର ଆଗରୁ ବିଭାହୋଇ ପଡ଼ିଲାରୁ ରାମ ମନେକରେ, ଏହି ସ୍ୱାର୍ଥପର ଗତି ନିଜର ସ୍ତ୍ରୀ ସାଙ୍ଗରେ ରାମର ଆଳାପ କରାଇଦେବା କଥା ଲେଖୁ ନାହିଁ କାହିଁକି ? ସାଥୀହୋଇ କଣ ପଢ଼ି ନ ଥିଲେ ? ଗତି ଥରକୁ ଥର ଚିଠି ଦେଉଛି, ତାହାର ଚାକିରି ଯୋଗାଡ଼ ରାମ କରିଦେବ ବୋଲି ।

ଏମିତି ମନର ମେଳ ନ ଥିଲେ କେହି କ'ଣ କାହାର ଚାକିରି ଯୋଗାଡ଼କରେ ?

ତଥାପି ଯେତେ ବିରକ୍ତହେଲେ ବି କିଛି ସେକଥା 'ଲେଖେ ନାହିଁ । ଗଡ଼ର ଚାକିରି କଥା ଧାଡ଼ିକରେ ସାରିଦେଇ ଗଡ଼ର ସ୍ତ୍ରୀ କଥା ଲେଖେ ଦୁଇପଦ । ଟଙ୍କା ନ ପଠାଇ ସେ ବହି ପଠାଏ— ସେଥିରେ ଲେଖାଥାଏ ବନ୍ଧୁ ପତ୍ନୀଙ୍କୁ ଉପହାର—କେତେବେଳେ ସ୍ନେହର, କେତେବେଳେ ଭକ୍ତିର, କେତେବେଳେ ଆଦରର । କାରଣ ରାମ ମନେକରେ ଯେ, ଟଙ୍କା ପଠାଇଲେ ଗଡ଼ ନିଜେ ତାହାର ମନ ଇଚ୍ଛା ଜିନିଷ କିଣିପାରିବ । ରାମ ସେ ସୁବିଧା ଗଡ଼କୁ ଦେବ ନାହିଁ ?

ଗଡ଼ ସେହି ଚିଠିସବୁ ଓ ଉପହାର ପାଇ ବୁଝେ ରାମ ଯାହା ଖୋଜୁଚି । ମନେ ମନେ ରାଗେ । ତଥାପି ମଫସଲରେ ରହି ଚାକିରି ଯୋଗାଡ଼କରିବା କଷ୍ଟ ହୋଇଥିବାରୁ କିଛି ସେ କଥା ନ ଲେଖି ଆଉରି ତାଗଦାକରେ ଟଙ୍କା ଓ ଚାକିରିପାଇଁ । କିନ୍ତୁ 'ମୋର ସ୍ତ୍ରୀ ଭଲ ଅଛି' ଏତିକରୁ ଆଉ ଅଧିକ ସ୍ତ୍ରୀ ବିଷୟରେ କିଛି ଲେଖେ ନାହିଁ ।

ଏଣେ ତଥାକଥିତ ଶିକ୍ଷିତ ରାମକୃଷ୍ଣ ବେକାରହୋଇ ବସି ବସି କଳ୍ପନାକରେ ତାହାର ପଠାଇଥିବା ପ୍ରେମ-କବିତା ଓ ଉପନ୍ୟାସ ପଢ଼ି ଗଡ଼କୃଷ୍ଣର ସ୍ତ୍ରୀ କେମିତି ଗଡ଼ଉପରେ ବିରକ୍ତହୋଇ ଦିନରାତି ରାମକୃଷ୍ଣ କଥା ଚିନ୍ତାକରୁଛି । ହେଲେ କେମିତି ସାକ୍ଷାତ ହୋଇପାରନ୍ତା । ସେ କେମିତି ଥରେ ସେହି ଦୂର ଗାଁକୁ ଯାଇ ଗଡ଼ ଘରେ ରହିଆସନ୍ତା ।

ସଂସାରର ଆଉ.ପାଞ୍ଚଜଣଙ୍କ ଦୃଷ୍ଟିରେ ପିଲାଦିନର ସେହି ସ୍ୱାର୍ଥଶୂନ୍ୟ ବନ୍ଧୁତା ସତେ ଯେମିତି ବଳପାଇ ବଢ଼ିଉଠିଛି । କିନ୍ତୁ ଗତି ଓ ରାମ ଉଭୟେ ଜାଣିଥାନ୍ତି, ଦୁହିଁଙ୍କ ଭିତରେ କାନ୍ଥ ଗଢ଼ି ହୋଇଗଲାଣି । ସେହି କାନ୍ଥ ହେଉଚି ପଡ଼ାର ଓ ବହିର । କିଏ ପଢ଼ିଦେଲେ ମଣିଷ ଯେ ପରସ୍ପର ଭିତରର ବ୍ୟବଧାନ ଭାଙ୍ଗିପାରେ ତାହା ନୁହେଁ, ପାଠ ପଢ଼ିଲେ ସେ କେବଳ ସେହି ବ୍ୟବଧାନକୁ ଭଲକରି ଚିହ୍ନି ଆକଟି ଧରିପାରେ । ରାମ ଧରିଥିଲା । ଗତି ସେହି ଘାଟେରାକୁ ଦେଖି ଭୟରେ ଶଙ୍କିଯାଉଥିଲା । ସେ ଘରଦୁଆର କଲାଣି । କାଲେ ରାମ ତାହାର ହାକିମହୋଇ କେଉଁଠିକି ଆସିଯିବ ? ସେଥିପାଇଁ ପୁରୁଣା ସାଙ୍ଗଟିର ମନରେ ସେ ରାଗ କି କ୍ରୋଧ ଆଣିବାକୁ ଚାହେଁ ନାହିଁ ।

ଏମିତି ଅନେକ ଦିନ ଗାଁରୁ ଚାକିରୀ ଖୋଜିବାରେ ନିରାଶହୋଇ ଗତି ସହରକୁ ଫେରିଲା । ତାହାର ଆଖି ପଶିଯାଇଥିଲେ ବି ମୁହଁରେ ଜ୍ୟୋତି ଫୁଟିଉଠିଚି । ରାମକୃଷ୍ଣର ଆଖି ପଶିଚି ଓ ଜ୍ୟୋତି ଲିଭିଚି । ସେବର୍ଷ ସେ ଚାକିରୀଟାଏ ପାଇ ପାଇ ହରେଇଲା । କାରଣ ଚାକିରୀରେ ଯୋଗାଡ଼ ଦରକାର ହେଲାଣି—ଯୋଗ୍ୟତା ବିଶେଷ କାମ ଦେଉ ନାହିଁ ।

ଦୁଇବନ୍ଧୁ ପୁଣି ଏକାଠିହୋଇ ଦୁଃଖସୁଖ ହେଲେ । ରାମ ଗତିକୁ ପୁଣି ଧାରଦେଲା । କାରଣ ଗତି ଏକା ଆସିଚି । ରାମ ସେଥର ଗତି ସାଙ୍ଗରେ ବନ୍ଧୁତାକୁ ଗୋଟିଏ ଶୃଙ୍ଖଳା ଓ ବନ୍ଧନ ଭିତରେ ଭଲ ମୂଳଦୁଆରେ ଗଢ଼ିବାକୁ ତିଆରି । ରାମ ବେକାର ଓ ଗତି ସେମିତି ବେକାର । ଦୁହିଁଙ୍କର ସଂସାର ଉପରେ ବିରାଟ ଅଭିଯୋଗ ।

କିନ୍ତୁ ଗତି ଜାଣିଲାଣି ଯେ ବନ୍ଧୁତା ଆଉ ରହିପାରେ ନା । ସେଥିପାଇଁ ସେହି କଥା ସେ ବହୁତଥର କହେ । ଉଦାସୀନ ରହେ ।

ରାମ କହନ୍ତେ ସଂସାରରେ ବନ୍ଧୁତା କେତେ ବଡ଼ ଜିନିଷ । ଧନୀ ଦରିଦ୍ର, ପଣ୍ଡିତ ମୂର୍ଖ ଭେଦରେ ବନ୍ଧୁତା ରହିପାରେ କେବଳ ।

ଗଡ଼ର ଆଖି ଚହଲ ଲୁହ ଜୁଡ଼େ । ସତେ କ'ଣ ଏହି ବନ୍ଧୁତା ପବିତ୍ର ଜିନିଷ ? ରାମ ସାଙ୍ଗରେ ତାହାହେଲେ ବନ୍ଧୁହୋଇ ରହିବା ସମ୍ଭବ ।

ରାମ ଗୋଟିଏ ସବ୍‌ଡେପୁଟି ଚାକିରି ପାଇଲା । ଗଡ଼ ସେମିତି ମ୍ୟୁନିସିପାଲିଟିରେ ଖଣ୍ଡେ କିରାଣି କାମ ପାଇଲା । ଦୁହିଁଙ୍କର ଆଶାତୀତ କାମନା ପୂର୍ଣ୍ଣହୋଇଛି । ରାମର କଳ୍ପନା ସେ ବାହାହେବ ଏଥର । ଗଡ଼ର ସେମିତି କଳ୍ପନା ଯେ ଖଣ୍ଡେ ଘର ସୁବିଧା କରି-ପାରିଲେ ସ୍ତ୍ରୀକୁ ଆଣିବ ପାଖକୁ । ମନେ ମନେ ଠାକୁରଙ୍କୁ ଡାକୁଥାଏ, ରାମ ବାହାହୋଇପଡ଼ିଲେ ଦୁହିଁଙ୍କର ସ୍ତ୍ରୀ'ଙ୍କ ଭିତରେ ଯେବେ ମନ ମିଶିବ, ତାହାହେଲେ ବନ୍ଧୁତାଟା ଚିରସ୍ଥାୟୀ ହୋଇଯିବ । ବନ୍ଧୁତା କଲେ, ବଡ଼ ସାଙ୍ଗରେ ଥାଇ-- କାଳେ ବେଳେ ଦରକାରରେ ଲାଗିବ ।

ରାମ ସେମିତି ଭାବୁଥାଏ ସ୍ୱାର୍ଥପର ଗଡ଼ଟା ଆଗରୁ ବାହାହୋଇ ପଡ଼ିଛି ବୋଲି ସ୍ତ୍ରୀ'କୁ ଆଣି ରାମ ସାଙ୍ଗରେ ଆଳାପ କରାଇ ଦେଉ ନାହିଁ । ଏକାଠି ଗୋଟିଏ ଘରନେଇ ସେ ଆଉ ଗଡ଼ର ପରିବାର ଏକାଠି ରହିଲେ କଣ ଏମିତି ଅସୁବିଧା ହେବ ବୋଲି ଗଡ଼ କହି ତାହାକୁ ଠକଉଛି । ଗଡ଼ର ସ୍ତ୍ରୀ ସାଙ୍ଗରେ ଦେଖା ନ ହେଲେ ଆଉ ସେହି ସୁବିଧା ହୋଇପାରିବ ନାହିଁ ।

ସେ ଭାରି ବିରକ୍ତ ହୁଏ । କିନ୍ତୁ ଭବିଷ୍ୟତରେ କାଳେ କିଛି ସାହାଯ୍ୟ କି ସୁବିଧା ଗଡ଼ର ସ୍ତ୍ରୀଠାରୁ ମିଳିବ, ସେଥିପାଇଁ ଗଡ଼କୁ କିଛି କହେ ନାହିଁ । ଆଉ ବୁଦ୍ଧିକରି ରାମର ସ୍ତ୍ରୀ ଖୋଜାରେ ଗଡ଼ର

ସ୍ତ୍ରୀକୁ ମଧ୍ୟସ୍ଥ କରିବାକୁ ଠିକ୍ କରିଦେଲା । ଗତିର ଆଦେଶ ଓ ନିର୍ଦ୍ଦେଶ ଅନୁସାରେ ଗତିର ସ୍ତ୍ରୀ ତାଙ୍କ ଗାଁ' ଆଡ଼ୁ ରାମ ବାବୁଙ୍କ ପାଇଁ ବିବାହ ପ୍ରସ୍ତାବ ଦୁଇଟି ପଠାଇଲା ।

ଏହି ଖେଳ ଭିତରେ ରାମବାବୁ ବଦଳିହେଲେ । ଗତି ' ରହିଲା ନିଜ ଗୃହକୋଟରେ । ସ୍ତ୍ରୀ ରହିଲା ଘରେ । ଖାଲି ଗ୍ଳଲା ଡାକଘରର ଚମକ—ଏହାର ତାହା ପାଖକୁ ଚିଠି । ତାହାର ସ୍ତ୍ରୀ' ପାଖକୁ ଚିଠି । ସମସ୍ତେ ଜାଣନ୍ତି କାହୁ କେତେ ମୋଟା ଓ ଉଞ୍ଚା ହେଲାଣି ।

ଏହି ସମ୍ବନ୍ଧ ଭିତରକୁ ଗତିର ସ୍ତ୍ରୀ ଆସିଲାପରେ ସେ ନିଜ ସ୍ୱାମୀକୁ ଲେଖିଥିଲା ରାମବାବୁଙ୍କ ସାଙ୍ଗରେ ସମ୍ବନ୍ଧ କଟାଇଦେବା-ପାଇଁ । ସେ ବଡ଼ଲୋକ, ବେଶି ପଢ଼ିଛନ୍ତି, ବଡ଼ ଗୃହକର ପାଇଚନ୍ତି । ତାଙ୍କ ସାଙ୍ଗରେ ସମ୍ବନ୍ଧ ରଖିଲେ ସ୍ୱାମୀଙ୍କର କ୍ଷତିହେବ ।

ସ୍ତ୍ରୀମାନେ ସାଧାରଣ ବୁଦ୍ଧିରେ ଯାହା ବୁଝନ୍ତି,ସେତକ ଯେତେ ମୂଲ୍ୟବାନ୍ ହେଲେ ବି ପୁରୁଷ ଠିକ୍ ଧରିପାରେ ନାହିଁ । ଗତି ମନେ-କରୁଥିଲା ରାମ ସଙ୍ଗରେ ବନ୍ଧୁତା ଓ ସମ୍ବନ୍ଧ ଭଲ ହୋଇଉଠୁଚି । ସେଥିପାଇଁ ସେ ତାହାର ଚିଠିଲେଖା ଚଳେଇଥାଏ ।

ରାମର ବିଭାଘର ହେଲା । ଗତି ଓ ଗତିର ସ୍ତ୍ରୀ ଯେଉଁସବୁ ପ୍ରସ୍ତାବ ଦେଇଥିଲେ ସେଥିରୁ କେଉଁଠିରେ ହେଲା ନାହିଁ । ରାମ ଅନ୍ୟଠାରେ ବିଭାହେଲା । ଗତି ଓ ତାହାର ସ୍ତ୍ରୀ ବିଭାଘରକୁ ଯିବେବୋଲି ବାଟଖରଚ, ଲୁଗାପଟା ଓ ଉପହାର ଠିକ୍‌କରି ଦିନ ଗଣୁଥିଲେ । ଶେଷକୁ ରାମ ଚିଠିଦେଲା ଯେ ଗତି ସ୍ତ୍ରୀର ପ୍ରସ୍ତାବ ରାମଙ୍କ ଘରେ କେହି ରଖିଲେ ନାହିଁ ବୋଲି ରାମ ଘର ଅନିଚ୍ଛାରେ ବିଭାହେବାକୁ ଯାଉଚି । ସେହି କାରଣରୁ ମଧ୍ୟ ସେ ଗତି ଓ ତାହାର

ସ୍ତ୍ରୀ'ଙ୍କୁ ନିମନ୍ତ୍ରଣ କଲି ନାଇ । ସେମାନେ ଯେମିତି ତାହାକୁ ଭୁଲ୍ ନ ବୁଝିବେ ।

ଗତି ଦୁଃଖିତ ହେଲା ଯେ ରାମର ହୃଦୟ କେତେ ଉଚ୍ଚ । ଗତିର ସ୍ତ୍ରୀ ସେହି ଖବର ପାଇ ଜାଣିଲା ରାମବାବୁ ବନ୍ଧୁଙ୍କୁ କ'ଣ ଭାବନ୍ତି । ହେଲେ, ସ୍ୱାମୀଙ୍କର ଅଗାଧ ବିଶ୍ୱାସ ବନ୍ଧୁଠାରେ ରହି-ଥିବାରୁ ଚୁପ୍‌ରହିଲା । ମନେକଲା—ରୂପା ଗହଣା ଓ ଶସ୍ତା ସୂତା ଶାଢ଼ୀ ଦେଖାଇବାଠାରୁ ନ ଯାଇ ଭଲ ।

ସେତେବେଳକୁ ରାମବାବୁଙ୍କର ବହୁତ ବର୍ଣ୍ଣନା ଶୁଣିଶୁଣି, ତାଙ୍କର ବିଭାଘରରେ ପ୍ରସ୍ତାବ ଦେଇ, ନିମନ୍ତ୍ରଣ ନ ପାଇ ରାମବାବୁଙ୍କୁ ଥରେ ଦେଖିବାକୁ ସେ ଟିକିଏ କୌତୂହଳ ଅନୁଭବକଲାଣି । ବନ୍ଧୁଟି କେମିତି ?

ସ୍ୱାମୀଙ୍କ ପାଖରୁ ଚିଠି ଆସୁଥାଏ । ସେଥିରେ ସେ ବରାବର ରାମବାବୁଙ୍କର କ୍ଷମା ପ୍ରାର୍ଥନା, ଅନ୍ୟାନ୍ୟ ଅଭିଯୋଗର ତାଲିକା ପଢ଼େ । ସେ ମୋଟେ ସୁଖୀ ହୋଇ ପାରୁନାହାନ୍ତି । ଖାଲି କର୍ତ୍ତବ୍ୟ ଅନୁରୋଧରେ ସେଠି ସ୍ତ୍ରୀକୁ ଭଲପାଉଚନ୍ତି । ଗତିର ସ୍ତ୍ରୀ ଏଇ ସବୁକୁ ସୁଖପାଉଥିଲେ ବି ମନେକରେ ବିଭାଘର ପରେପରେ ଅନ୍ତତ ବର୍ଷେ ଅଧେ ସ୍ୱାମୀ ସ୍ତ୍ରୀକୁ ସୁଖପାଇ କେତେ କ'ଣ ଭଲ ଗୁଣ ଓ ଭଲ କଥା ଖୋଜି ପାଇଯାଏ । ଏଠି କ'ଣ ନୂଆ ?

ଗତି ଓ ତାହାର ସ୍ତ୍ରୀ ଆସି ସହରରେ ଘର ନେଇ ରହିଲେଣି । ତାଙ୍କର ଆୟୁକୁ ଗୃହାଁ ଚଳନ୍ତି । ରାମବାବୁ ସେହି ଖବର ପାଇ ଲେଖନ୍ତି । ସୁବିଧା ପାଇଲେ ଥରେ ଆସି ଗତିର ସ୍ତ୍ରୀ'ଙ୍କୁ କ୍ଷମା ମାଗିଯିବେ ଓ ସେଠି ଆସି ରହିବେ ।

ସମସ୍ତଙ୍କର ଉଦ୍‌ବେଗ । ରାମବାବୁ ଅନେକ ଦିନରୁ କଳ୍ପନା କରିଥିଲେ । ସେ କଳ୍ପନା ବାସ୍ତବରେ ବିବାଦ ମେଣ୍ଟାଇବେ । ଗତିର ସ୍ତ୍ରୀ ଅନେକ କଥା ଶୁଣିଲଣି । ସେ ଦେଖି ବୁଝିବ, ବନ୍ଧୁ କି ମସଲରେ ତିଆରି ? ଗତି ମନେକରେ ବନ୍ଧୁ ହେଉଛି ଚିରଦିନର ବନ୍ଧୁ । ସେ ସ୍ନେହ ଓ ଆଦର ସହିତ ଅପେକ୍ଷା କରୁଥାଏ । ଗରିବ ଓ ବଡ଼ ଲୋକ, ପାଠୁଆ ଓ ଅଧାପାଠୁଆର ଯେ କାନ୍ଥ ନାହିଁ, ସେତିକ ସେ ଭଲ କରି ଦେଖିବ ।

ହଠାତ୍ ଦିନେ ରାମବାବୁ କଣ କାମରେ ଦିନେ ଦୁଇଦିନ ପାଇଁ ସେହି ସହରକୁ ଆସି ଗତିଙ୍କ ଘରେ ସିଧା ସଳଖ କୁଳୁଆଁ ହେଲେ । ସାଙ୍ଗରେ କେତେ ଉପହାର, ଶାଢ଼ୀ, ସ୍ନୋ, ପାଉଡ଼ର ବହି ଇତ୍ୟାଦି । କହିଲେ ଯେ ସେଇଟା ତାଙ୍କର ବିଭାଘର ଉପଲକ୍ଷରେ । ଭୋଜିଟା ଯାହା ବାକି ଅଛି, ସେତିକ ବନ୍ଧୁପତ୍ନୀ ପୂରଣକରିଦେବେ । କିନ୍ତୁ ଭିତରର କଥା ଯେ, ମାଗଣାରେ ଏମାନଙ୍କୁ ନ ଡାକି ତାଙ୍କର ଖରଚ ବଦଳରେ ଉପହାର ଆଣିଚନ୍ତି । ଆଉ ନିଜର ସୁବିଧାପାଇଁ ବିଭାଘରରେ ତାଙ୍କର ଅସନ୍ତୋଷର କାରଣ ଦେଇ ଗୋଟିଏ ତାଲିକା ଫର୍ଦ୍ଦ ବି ମୁଖସ୍ଥ କରି ଆସିଥାନ୍ତି ।

ଗତିର ବନ୍ଧୁ ତାରେ ଅଗାଧ ସ୍ନେହ ଓ ବିଶ୍ୱାସ । ସେକଥା ସ୍ତ୍ରୀ ଜାଣେ । ଥରେ ଅଧେ ରାମବାବୁଙ୍କର ନିନ୍ଦାକରି ସେ ଗାଳି-ଖାଇଚି ସ୍ୱାମୀଙ୍କ ଠାରୁ । ରାମବାବୁଙ୍କର ସନ୍ଦେହ ଥାଏ, ଗତିକୃଷ୍ଣ ଉପରେ; କିନ୍ତୁ ଭରସା ଥାଏ ଗତିର ସ୍ତ୍ରୀ ଉପରେ । କାରଣ ତାଙ୍କର ଧନ, ଯୌବନ, ଶିକ୍ଷା, ରୂପ ଓ ଗୃହକର୍ମ ସବୁ ଅଛି ।

ଯେଉଁ ଦୁଇଦିନ ରାମବାବୁ ରହିଲେ, ସେଥିରେ ତାଙ୍କର ଗୋଟିଏ କାମ—ନିଜର ଦୁଃଖ କହିବା ଓ ବନ୍ଧୁର ସ୍ତ୍ରୀକୁ ନିଜର କୋଡ଼ପାଖକୁ ଡାକିବା । ଗଡ଼ର ସ୍ତ୍ରୀଟି ବିରକ୍ତହେଲା, ଥଟ୍ଟା ବୋଲି କଥାଗୁଡ଼ାକ ଉଡ଼ାଇଦେଲା, ସ୍ୱାମୀ ଆଗରେ କହିଦବ ବୋଲି କହିଲା । ତଥାପି ସେହି ପ୍ରାର୍ଥନା, ସେହି ଅନୁରୋଧ ।

ଏଣେ ସେ ଡରରେ ସ୍ୱାମୀକୁ କିଛି କହିପାରିଲା ନାହିଁ, କାଳେ କିଛି କଳିଗୋଳ ହୋଇଯିବ । ମନେକରିଥାଏ, ବନ୍ଧୁ ବିଦାୟ-ହୋଇଗଲେ ସବୁକଥା ବୁଝାଇ କହିବ । ଆଉ ରାମକୃଷ୍ଣବାବୁଙ୍କୁ ହସି କ୍ଷମାଦେଇ କହିଲା ଯେ, ତାଙ୍କପରି ତାହାର ବିବାହରେ କିଛି ଅଶାନ୍ତି କି ଅସନ୍ତୋଷ ନାହିଁ ।

ଗଡ଼ର ଅନୁରୋଧ ଏଡ଼ଦେଇ ରାମବାବୁ ବିଦାୟ ହୋଇଗଲେ, ତାଙ୍କର କାମ ସରିଲାଣି କହି । ଗଡ଼ ମନେକଲା, ରାମବାବୁଙ୍କର ଯତ୍ନ ନଆହୋଇପାରିଲା ନାହିଁ । ତାହାର କର୍ତ୍ତବ୍ୟରେ ହାନି ହୋଇଛି । ସ୍ତ୍ରୀ ଖାଲି ରଗରଗ ହେଉଥାଏ । ଗଡ଼ ଭାବୁଥାଏ ଯେ, ପଇସା ଖରଚ ଓ କାମ ବଢ଼ିଗଲାରୁ ସ୍ତ୍ରୀ ବିରକ୍ତ । ସେଥିରେ ଗଡ଼ ବେଶି ବିରକ୍ତ ହେଲା ସ୍ତ୍ରୀ ଉପରେ ।

ବନ୍ଧୁ ବିଦାୟ ହୋଇଯିବା ପରେ ସ୍ତ୍ରୀ ଯେତେବେଳେ ରାମବାବୁଙ୍କ କଥା ଉଠାଇ କହିଲା ଯେ, ସେ ଭଲଲୋକ ନୁହନ୍ତି । ଗଡ଼ ବିରକ୍ତହେଲା । ରାଗରେ ସ୍ତ୍ରୀକୁ କହିଲା—'ତୁ ଯେଉଁ ଅପୂର୍ବ ନା, ଯେ ଆସିବ ଖାଲି ତତେ ଦେଖି ମୋହିଯିବ ।' ସ୍ତ୍ରୀ ଚୁପ୍ ରହିଲା । ଗଡ଼ ମଧ୍ୟ ଅନ୍ୟଆଡ଼େ ଚାଲିଗଲା ।

ବନ୍ଧୁତାରେ ଆଘାତ ଆସିଲା ବୋଲି ଗଡ଼ର ଦୁଃଖ ।

ସେହି ଘଟଣାର ବର୍ଷକ ପରେ—ଗଡ଼ି ସେହି ସହରର ହସ୍‌ପିଟାଲ୍‌ରେ ଟାଇଫଏଡ୍‌ ରୋଗୀ । ରାମବାବୁଙ୍କ ସଙ୍ଗରେ ସମ୍ବନ୍ଧର ଘନିଷ୍ଠତା ଅଣ୍ଡା ପଡ଼ିଆସିଲାଣି । ରାମବାବୁଙ୍କର କାମ ବହୁତ ବଢ଼ି-ଯାଇଚି ବୋଲି ଚିଠିର ଉତ୍ତର ଦେଇପାରନ୍ତି ନାହିଁ । ଦେଲେ ବି ବଡ଼ ଶ୍ଳୋଟ ଚିଠି ଲେଖନ୍ତି । ଗଡ଼ି ତଥାପି ଭାବିଥାଏ, ବନ୍ଧୁଟିଏ ଅଛି, ଦରକାରରେ ସାହାଯ୍ୟ ହେବ ।

ରୋଗୀର ବିଛଣାରୁ ସେ ନିଜର ଅବସ୍ଥା ଜଣାଇ ପ୍ରତି ସପ୍ତାହରେ ଦୁଇଥର ଚିଠି ଦିଏ । ରାମବାବୁ ବିରକ୍ତ ହୁଅନ୍ତି, ଏମିତି ଟାଇଫଏଡ୍‌ ରୋଗୀର ହାତଲେଖା ଚିଠି ପାଇ । ଚିଠି ନ ପଢ଼ି ଫୋପାଡ଼ିଦିଅନ୍ତି । ତାଙ୍କ ସ୍ତ୍ରୀ ବିରକ୍ତିହୁଏ ଗଡ଼ି ଉପରେ ଓ ରାମବାବୁଙ୍କୁ ଗାଳିଦିଏ ଏମିତି ଏଠୁ ସେଠୁ ସେ ବନ୍ଧୁ ଗୋଟାଇଚନ୍ତି ବୋଲି ।

ରାମଙ୍କୁ ବି ଲାଗେ ଏଇ ଅସମର୍ଥ ବନ୍ଧୁତା ବଡ଼ କଦର୍ଯ୍ୟ ଜିନିଷ । ନିଜେ ନ ଆସି ଗଡ଼ିର ଫଳ ଓ ଔଷଧପାଇଁ ଦଶଟଙ୍କା ମନିଅର୍ଡ଼ର କରି ପଠାଇଦେଲେ । ଗଡ଼ି ସେଇ ଟଙ୍କା ଫେରାଇଦେବ ବୋଲି ଭାବିଲେ ବି ଅଭାବରେ ଥିବା ଯୋଗୁଁ ଗ୍ରହଣକଲା । ସ୍ତ୍ରୀକୁ ବି ସେଇ କଥା କହିଲା ଯେ, ବନ୍ଧୁ କେମିତି ଅସମୟରେ ଆସିଲା ନାହିଁ । ଭିକାରୀକୁ ପଡ଼ ଦେଲାପରି ଦଶଟି ଟଙ୍କା ପଠାଇଚି ।

ସ୍ୱାମୀର ଦେହ ଖରାପଥିବାରୁ ସେ କିଛି ପ୍ରତିବାଦ ନ କରି ଖାଲି କହିଲା, ସୁବିଧା ନ ଥିବାରୁ ଆସିପାରିଲେ ନାହିଁ । ପରେ ଆସି-ପାରନ୍ତି । ସେତେବେଳେ ତାହାର ନିଜର ଓ ସ୍ୱାମୀଙ୍କର ଓ ଭବିଷ୍ୟତ୍‌ କଥା ଭାବି ମନେକଲା, ସେଇ ଅତିଥିଙ୍କର କଥା । ମଣିଷ ଉପରେ ସେ ଚିଡ଼ିଲା ବହୁତ । ଖାଲି ସମସ୍ତଙ୍କର ଦରକାର ସ୍ୱାର୍ଥ— ଟଙ୍କା ହେଉ କି ସୁବିଧା ହେଉ । କାହାରି ସନ୍ତୋଷ ନାହିଁ ।

ବନ୍ଧୁକୁ ଗତି କେତେ ବଡ଼ ବୋଲି ଭାବୁଥିଲା । ସ୍ତ୍ରୀକୁ ଶ୍ରେଷ୍ଠ ବୋଲି ମନେକରିଥିଲା । ବନ୍ଧୁ ଆସିଲା ନାହିଁ । ସ୍ତ୍ରୀ ନିଜ ପାରୁ ପର୍ଯ୍ୟନ୍ତ କରିଛି । ବିଧବା ହେବା ଆଗରୁ ସବୁ ଗହଣାପତ୍ର ବିକି ଭାଙ୍ଗି ଦେଇ ନିଃସ୍ୱ ହୋଇଯାଇଛି ।

ମରିବା ସ୍ଥିର ଜାଣି ସେ ସ୍ତ୍ରୀକୁ କହିଲା—"ଆମେ ଗରିବ । ଆମର ହୃଦୟ ଅଛି; କିନ୍ତୁ ଧନ ନାହିଁ । ସଂସାରରେ ହୃଦୟର ମୂଲ୍ୟ ନାହିଁ । ଧନ ଥିଲେ ହୃଦୟ ସଢ଼ିଯାଏ···ତେବେ ବି ଯଦି ମୁଁ ମରୁଯାଏ, ରାମବାବୁଙ୍କୁ ଖଣ୍ଡେ ଚିଠିରେ ଜଣେଇବୁ ତାଙ୍କ କଥା କେତେ ଭାବିଲି । ଦେଖାହେଲା ନାହିଁ ।"

ଟିକିଏ ଛାଡ଼ି ପୁଣି କହିଲା, "ସେ ବାବୁ—ବଡ଼ଲୋକ—ହାକିମ । ବେଖାତିରିଆ କରି ଲେଖିବୁ ନାହିଁ । ସେ ମୋ' ଖବର ଜାଣିବା ଦରକାର—ତୋ କଥା ଭଗବାନ୍ ଚଳେଇନେବେ ।"

ଦୁହିଁଙ୍କର ଆଖିର ଲୁହ ଏକାଠି ମିଶିଲା । ବାହାର ଲୋକଙ୍କର ରୋଗୀ ଦେଖିବା ସମୟ ପାରହୋଇଯାଉଥିବାରୁ ତାହାକୁ ବିଦାୟ ନେବାକୁ ହେଲା ସେଦିନ ।

ତାହାର ଦିନକ ପରେ ସ୍ତ୍ରୀ ଓ ବନ୍ଧୁ ଉଭୟଙ୍କର ଅନୁପସ୍ଥିତିରେ ଗତି ଯେତେବେଳେ ଏଇ ସଂସାରରେ ତାହାର ସବୁ ଛାଡ଼ି ଚାଲିଗଲା ସେତେବେଳେ ବନ୍ଧୁ ରାମକୃଷ୍ଣ ମନେ ମନେ ଭଗବାନ୍‌ଙ୍କୁ ଧନ୍ୟବାଦ ଦେଉଥିଲା ଯେ, ଗତିର ସ୍ତ୍ରୀ ତାହା ନାଁରେ ଫିରିଆଦ ହୋଇ ନାହିଁ ।

ସେଥିରେ ଗଡ଼ର ରୋଗକଥା ମୋଟେ ଆସୁ ନ ଥିଲା ମନ ଭିତରକୁ। ମଣିଷର ମରିବା କଥା ଅନ୍ୟ ଲୋକ, ପରିଚିତ ଲୋକ ଭାବିଲେ ଯେତିକି ଆଘାତ ହୋଇପାରେ ସେତିକି ।

ଚିଠି ଆସିଲା ତହିଁଆର ଦିନ । ଜଣେ ଲୋକ ଲେଖିଚି, ଗଡ଼ର ସ୍ତ୍ରୀ ମାରଫତ୍‌ହୋଇ ଯେ ଗଡ଼କୃଷ୍ଣ ମଲାବେଳେ ବହୁତ ରାମକୃଷ୍ଣ ବାବୁଙ୍କୁ ସୁମରଣା କରିଥିଲେ । ଆଉ ସେ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନାକରିବେ ।

ଗଡ଼ର ଏଇ ସମ୍ବାଦ ପାଇ ରାମକୃଷ୍ଣର ମନ ଅଧିକ ଚଞ୍ଚଳ ହେଲା ନାହିଁ କି ଦୁଃଖରେ ଘାରିହେଲା ନାହିଁ । ତାହାର ପାଟିରୁ ବାହାରିଗଲା—ତାହାହେଲେ ଗଡ଼ ପିଲାଦିନର ବନ୍ଧୁତାକୁ ବହୁତ ବଡ଼କରି ଧରିଥିଲା ।

# ମାପକାଠି

ଈଶ୍ୱରଙ୍କ ଅସୀମ ଦୟାରେ ସମସ୍ତେ ଜୀବନ ପାଇଥିଲେ ବି ସେଠୁ ବଡ଼ସାନ ବିଚାର ଯାହା ନ ହୋଇଥାଏ, ସେତକ ମଣିଷ କରେ । ସେହି ମଣିଷ କହେ ଫୁଲରେ ବଡ଼ ମଲ୍ଲୀ ଗୋଲାପ ଓ ଶ୍ରେଷ୍ଠ ହେଉଛି ପୋକଶୁଙ୍ଘା ଘାସ । ସଂସାର ଭିତରେ ମଣିଷର ବିଚାର ହିଁ କାଏମ୍ ରହେ ।

ସେମିତି ସ୍କୁଲରେ ଏକା ଶ୍ରେଣୀର ଦୁଇଟି ପଢ଼ାପିଲା ବଡ଼ସାନ ହୋଇଯାନ୍ତି ପରୀକ୍ଷାର ମାପକାଠିରେ । ପଢ଼ାଉଥିବା ମାଷ୍ଟ୍ର ସେହି ମାପରେ ପିଲାଙ୍କୁ ମାପିଦେଇ ବଡ଼ସାନ କରି ମୋହର ମାରିଦିଅନ୍ତି ଏବଂ ନିଜର ଇଚ୍ଛା ବିରୁଦ୍ଧରେ ଓ ବିବେକର ଅଜାଣତରେ ଆଖି ରଖିଥାନ୍ତି – ତାଙ୍କର ବଡଟି କେତେ ଦୂର ଗଲା ଓ ତାଙ୍କର ଶ୍ରେଷ୍ଠଟି କେତେ ଦୂର ପଛରେ ରହିଲା ।

କୌଣସି ସ୍କୁଲର ଏକାଶ୍ରେଣୀର ଦୁଇଟି ପିଲା ରମେଶ ଓ ସୁରେଶ ସେମିତି ମପାହୋଇ ବଡ଼ସାନ ହୋଇଥିଲେ । ରମେଶ ବଡ଼, କାରଣ ସେ କ୍ଲାସରେ ପ୍ରଥମ ହୁଏ; ସୁରେଶ ସାନ, କାରଣ ସେ କ୍ଲାସରେ ଶେଷ ହୁଏ । କିନ୍ତୁ ଦୁହେଁ ଏକା ବହି ପଢ଼ନ୍ତି, ଏକା ଘରେ ବସି ପଢ଼ା ଶୁଣନ୍ତି ଓ ଏକାପରି ଦରମା ଦିଅନ୍ତି ।

ଆରମ୍ଭରେ ସେମାନେ ସମାନ ଥିଲେ । କିନ୍ତୁ ଯେତେବେଳେ ପରୀକ୍ଷା ଆରମ୍ଭହେଲା, ଜଣେ ବଡ଼ ହୋଇଗଲା ଓ ଜଣେ ସାନ

ହୋଇଗଲା । ବଡ଼ ରମେଶର ଗୁଣ ଫୁଲିଲା । ସାନ ସୁରେଶର ଗୁଣ ଧୂଳ ଧୂଳ ହେଲା । କାରଣ ମାଷ୍ଟ୍ରେ ଜାତିବିଭାଗ ଆରମ୍ଭ କରି-ଦେଲେଣି ।

ରମେଶ ପଢ଼ା ନ କହିପାରିଲେ ମଧୁର ଉପଦେଶ ପାଏ । ମାଷ୍ଟ୍ର ତାହାକୁ ବୁଝେଇଦିଅନ୍ତି । ସେ କିଛି ବିଷୟ ନ ବୁଝିପାରିଲେ ପୁଣି ଥରେ ସେହି ପାଠକୁ ଗୋଟାଯାକ ଶ୍ରେଣୀକୁ ସେ ବୁଝେଇ-ବସନ୍ତି । କାରଣ ମାଷ୍ଟ୍ରଙ୍କ ବିଚାରରେ ରମେଶ ହେଉଛି ସୁନା ଓ ତାହାର ଜ୍ଞାନ ଓ ବୁଝିବା ଶକ୍ତି ଗୋଟାଯାକ କ୍ଲାସର ପିଲାଙ୍କର ଜ୍ଞାନ ଓ ବୁଝିବା ଶକ୍ତିର ମାପକାଠି ।

ସୁରେଶ ପଢ଼ା ନ କହିପାରିଲେ ଶ୍ରେଣୀ ଭିତରେ ଅପମାନ ପାଏ । ସେ ପଢ଼େ ନାହିଁ ବୋଲି ଗାଳିଖାଏ । ଶାସ୍ତି ଭିତର ଦେଇ ସୁରେଶ ଭାବେ, ବିଧି ତାହା ପ୍ରତି କେଡ଼େ ନିର୍ମମ ! ତାହାକୁ ଭଲ ପିଲାମାନଙ୍କ ପାଖ ପଶିବାପାଇଁ ଅନୁମତି ମିଳେ ନାହିଁ । ଭଲ ପିଲାମାନେ ସୁରେଶ ସାଙ୍ଗରେ ଏକାଠି ମିଳାମିଶା କଲେ, ମାଷ୍ଟ୍ରଙ୍କର ଆଖିରେ ସେକଥା ଯାଏ ନାହିଁ । ସେ ଭଲ ପିଲାଙ୍କୁ ଉପଦେଶ ଦିଅନ୍ତି ଓ ସୁରେଶକୁ ଗାଳିଦିଅନ୍ତି ।

ସତୁରି ଟଙ୍କା ପାଉଥିବା କ୍ଲାସର ମାଷ୍ଟ୍ର ଏମିତି ପିଲାଙ୍କର ଭବିଷ୍ୟତକୁ ନିୟନ୍ତ୍ରିତ କରୁଥାନ୍ତି । ସେ କହିଦେଇଥାନ୍ତି, ଯେ ଭଲ ସେ ଭଲଙ୍କ ସାଙ୍ଗରେ ମିଶୁ, ଆଉରି ବଡ଼ ହେବ । ଯେ ଖରାପ, ସେ ତାହାରି ପରି ଖରାପଙ୍କ ସାଙ୍ଗରେ ପଡ଼ିଥାଉ, ସଂସାରରୁ ଲୋପ ପାଇଯିବ । କାରଣ ସୁରେଶ ପରି ପିଲା ବଡ଼ ହେଲେ ସଂସାରର ଧୂମକେତୁ ହେବେ ଓ ରମେଶପରି ଲୋକ ଦେଶର ଓ ଦଶର ଉନ୍ନତି କରେଇ କୁଳ ଓ ଜାତିର ପ୍ରଶଂସା ପାଇବେ ।

ସୁରେଶ ଏହି ଅଭିଶାପକୁ ସତ ବୋଲି ଧରି ନେଇଥିଲା । ରମେଶ ମଧ୍ୟ ତାହାର ପ୍ରଶଂସାକୁ ସତ ବୋଲି ମନେକରିଥିଲା ।

ଏକା ସାହିର ପଡ଼ଶା, ଏକାପରି ଅବସ୍ଥା, ତଥାପି ସୁରେଶ ରମେଶର ବନ୍ଧୁ ହୋଇପାରିଲା ନାହିଁ । ରମେଶ ସ୍କୁଲକୁ ଗଲାବେଳେ ସୁରେଶ ତାହା ସଙ୍ଗରେ ଯିବ ବୋଲି ଗୃହିଁ ବସିଥାଏ । ରମେଶ ମନା ନ କଲେ ବି ସୁଖପାଏ ନାହିଁ । ସୁରେଶ ପଢ଼ା ନ ବୁଝିପାରିଲେ ରମେଶକୁ ପଗୃରେ । ରମେଶ ସେଥିପାଇଁ ସମୟ ନଷ୍ଟ ନ କରି ତାହାକୁ କୌଣସି ପ୍ରକାରେ ଫାଙ୍କିଦିଏ । ସୁରେଶ ସାଙ୍ଗରେ ଏକାଠି କିଛି କାମ କରିବାପାଇଁ ରମେଶ ରାଜି ହୁଏ ନାହିଁ ।

ସହରର ରାସ୍ତା ଯେମିତି ଏକାପରି ଗୋଡ଼ି ମାଟିରେ ତିଆରି-ହୋଇଥିଲେ ବି ବଡ଼ ସାନ ଓ ଭଲ ମନ୍ଦ ହୋଇଯାଏ, ସେମିତି ସୁରେଶ ଓ ରମେଶ ବଡ଼ ସାନ ହୋଇଗଲେ ।

କ୍ଲାସର ପିଲା, ସ୍କୁଲର ମାଷ୍ଟ୍ର, ସାଇର ପଡ଼ଶା ଓ ବାହାରର ଶତ୍ରୁ ମିତ୍ର, ସମସ୍ତେ ଜାଣିଗଲେ, ରମେଶ ବଡ଼ ହେବ ଓ ସୁରେଶ ସାନ ହେବ ।

ମାପକାଠି ହେଉଛି ପରୀକ୍ଷା । ଥରକୁ ଥର ମୋହର ମାରି ଏକାକଥା ପ୍ରମାଣ ହୋଇଗଲା । ପରୀକ୍ଷା ସୁରେଶକୁ କ୍ଲାସରେ ଅଟକାଇ ରଖିଦେଲା, ରମେଶକୁ ଉପରକୁ ଉଠାଇନେଲା । ରମେଶ ଉଠିଯାଇ ଦୁଇଗୁଣ ପ୍ରଶଂସା ପାଇଲା । ସୁରେଶ ରହିଯାଇ ଦୁଇଗୁଣ ନିନ୍ଦା ପାଇଲା । ଦୁହିଁଙ୍କ ଭିତରେ ବ୍ୟବଧାନ କ୍ରମେ ଉଚ୍ଚ ହୋଇଆସିଲା ।

ରମେଶ ଅହଙ୍କାରରେ ଆଘାତପାଇ ସୁରେଶ ଠାକୁରଙ୍କ ଦେଉଳରେ ଯାଇ ପ୍ରାର୍ଥନାକରି କହିଥିଲା, 'ପ୍ରଭୁ ହେ, ମଣିଷ ଓ

ମଣିଷରେ ପାଦ ଅନ୍ତର କରିଥିଲ କ ନାହିଁ କେଜାଣି, କ୍ଲାସର ପିଲା, ପଢ଼ାଇବା ମାଷ୍ଟ୍ର ଓ ପଡ଼ାପଡ଼ୋଶୀ ସମସ୍ତେ ସେତକ କଲେ । ମୁଁ ଅପଦାର୍ଥ ମୂର୍ଖ, ମତେ ପାଖକୁ ନେଇଯାଅ ।···ଏଡ଼େ ଗ୍ଟୋଟ ଜାଗାରେ ଗ୍ଟୋଟିଆ ମଣିଷମାନେ କହୁଛନ୍ତ—ମୁଁ କଛି ନୁହେଁ, ତାହାହେଲେ ବଡ଼ ଜାଗାର ଭଲମଣିଷ କ'ଣ ନ କହିବେ ?··· ମୋର ଏହି ସଂସାରରେ ମୁକ୍ତି କାହିଁ ?"

ଅଶେଷ କାତର ପ୍ରାର୍ଥନା ବୃଥା ହୋଇଗଲା । ସୁରେଶ କ୍ଲାସ ପରୀକ୍ଷାରେ ଦୁଇବର୍ଷ ଫେଲ୍ ହୋଇ ସ୍କୁଲରୁ ନାଁ କଟେଇବାକୁ ବାଧ ହେଲା । ଖରାପ ପିଲାଙ୍କ ପାଇଁ ଖରାପ ସ୍କୁଲ । ସେଥିପାଇଁ ଆଉ ଗୋଟିଏ ସ୍କୁଲକୁ ଯାଇ ସେଠି ଦୁଇବର୍ଷ କଟେଇ ସେହି ମଣିଷଙ୍କ ବହୁର, ପରୀକ୍ଷାର ଦାଉ ଓ ଆଖପାଖ ଲୋକଙ୍କର ପାଦଅନ୍ତର ଦେଖି ଶେଷରେ ସେ ପଢ଼ା ଛାଡ଼ିଲା ।

ସବୁମୋଟ ତାହାର ପଢ଼ାହେଲା ଅକ୍ଷର ଚିହ୍ନି ଲେଖିପଢ଼ି ଜାଣିବା ପର୍ଯ୍ୟନ୍ତ । କାରଣ ସେ ମାଇନର ପାସ୍‌କରି ଦୁଇଟି ଶ୍ରେଣୀ ଡେଇଁ ଏକାବେଳେକେ ଅକର୍ମଣ୍ୟ ହୋଇପଡ଼ିଲା । କାରଣ ସ୍କୁଲମାନେ ବି ତାହାକୁ ଚିହ୍ନିବା ଆରମ୍ଭ କଲେ । ଟିକିଏ ସୁବିଧାରେ ପାସ୍ କରିପିବ ବୋଲି ଖଣ୍ଡେ ପଢ଼ାବହିର କାଗଜ ଚିରି ଆଣିଥିଲା । ଧରାପଡ଼ି ସେହି ଦୋଷର ଦଣ୍ଡରେ ସ୍କୁଲରୁ ସେ ତଡ଼ାଖାଇଗଲା । ଏକାଥରକେ ପଢ଼ାରେ ଇତି ହୋଇଗଲା ।

ଏଡ଼େ ଦୋଷ ପୁଅ କରି ବସିଲା ବୋଲି ସୁରେଶର ବାପା ବି ଘରୁ ତାକୁ ତଡ଼ିଦେଲେ । ସୁରେଶ ଘରଛାଡ଼ି ଏଣେ ତେଣେ ଦି'ମାସ ବୁଲିଲା । ଭୋକର ଜ୍ୱାଳା ଓ ଏଣେ ଘରେ ବାପାବୋଉଙ୍କର ସ୍ନେହବାତ୍ସଲ୍ୟରେ ଟଣାହୋଇ ଶେଷରେ ସେ ପୁଣି ଘରକୁ ଫେରିଲା ।

ଘରେ ଗାଈ କୁକୁରଙ୍କ ପରି ପେଟକୁ ଖାଇ ରହୁଥାଉ, ତାହାର ଭାଗ୍ୟ ତାହାକୁ ଫଳିବ । ଫଳରେ ପ୍ରତିଦିନ ସେ ଗାଳି ବି ଖାଏ ଓ ଭାତ ଖାଏ । ତାହାର ଦେହକୁ ବଞ୍ଚେଇବା ପାଇଁ ଭାତ ଓ ମନକୁ ଶୋଧନ କରିବାପାଇଁ ଗାଳି ।

ଏହିସବୁ ଘଟିଗଲା ଷୋଳବରଷ ଭିତରେ । ମୁହଁରେ ନିଶଦାଢ଼ି ଉଠିଲାବେଳକୁ ତାହାର ଭବିଷ୍ୟତ ନାହିଁ । ସମସ୍ତେ ସେ କଥା କହୁଥିଲେ ଓ ବିଶ୍ୱାସ କରୁଥିଲେ । ସେ ନ କହୁଥିଲେ ବି ବିଶ୍ୱାସ କରୁଥିଲା ।

ପରୀକ୍ଷାରେ ଲେଖି ନ ଜାଣିବା ଯୋଗୁଁ ସେ ଫେଲ ହେଲା, ଆଉ ଫେଲ ହୋଇ ତାହାକୁ ସ୍କୁଲରୁ ତଡ଼ାଖାଇବାକୁ ହେଲା । ସ୍କୁଲରୁ ସ୍କୁଲକୁ ଗଲାବେଳେ ସ୍କୁଲ ସରିଯିବ ବୋଲି ସେ ପରୀକ୍ଷା ପାଇଁ ଭଲ ଉତ୍ତର ଲେଖିବାକୁ ଖଣ୍ଡେ ବାହାର କାଗଜର ଆଶ୍ରୟ ନେଇଥିଲା ଯେ ଏକାବେଳକେ ପାଠପଢ଼ା ଶେଷ ହୋଇଗଲା । ସେହି ଦୋଷରେ ଚାକିରି ମିଳିବାର ସ୍ୱପ୍ନ ବି ମିଳେଇଗଲା ।

ତେଣିକି ସେମିତି ବର୍ଷେ ଅଧେ ଅକର୍ମଣ୍ୟ ହୋଇ କଟେଇଲା ପରେ ତାହାର ପେଟପାଟଣା ସମସ୍ୟା ଆସି ଠିଆହେଲା । ସେ ବି ବଞ୍ଚିବ । ସେ ଯାଇ ଛାପାଖାନାରେ କାମକରିବା ଆରମ୍ଭ କରିଦେଲା ।

ତାହାକୁ ଭାରି ବିରକ୍ତି ଲାଗେ, ଯେ ଯାହା ଲେଖିଲା, ସେଇଆକୁ ବସି ସୀସା ଅକ୍ଷରରେ ଖଞ୍ଜୁଥାଏ । ଖଞ୍ଜିସାରିଲେ ଭୁଲ ବାହାରେ । ଏତେ ଭୁଲ କରୁଛି ବୋଲି ଗାଳିଖାଏ । ସେତେବେଳେ ସେ ମନେକରେ, ଯେଉଁମାନେ ଲେଖିଛନ୍ତି ସେମାନେ ଯାହା ଲେଖିଛନ୍ତି, ମା ଗଙ୍ଗା ଜାଣନ୍ତି । ଏହି ବହିସବୁ ପଢ଼େ କ'ଣ ଲକ୍ଷ ଲକ୍ଷ ହୋଇ

ବାହାରିହେବ ? ସେ'ତ କେବେ ବହି ପଢ଼ୁ ନ ଥିଲା । ସେ ଯେଉଁ ବହି ଛପାଇବ, ତାକୁ ଅବା କେତେଜଣ ପଢ଼ିବେ ? ତଥାପି ସେ ଗାଳି ଖାଏ, ଆଉ ମାସ ଶେଷରେ ଅଳ୍ପସଳ୍ପ ଟଙ୍କା କିଛି ପାଏ ।

ମୋଟ ଉପରେ ତାହାକୁ ଖୁସିଲାଗେ ଯେ, ପଢ଼ା ନ ହୋଇ ପାରିଲେ ବି ସେ ସବୁବେଳେ ବହି, ଅକ୍ଷର, ଲେଖା ଇତ୍ୟାଦିଙ୍କ ସାଥି ହୋଇ ରହୁଛି । ସେଥିପାଇଁ ସେଠି ସେ ଯାହା ପାଏ, ବୁଝୁ ନ ବୁଝୁ ପଢ଼ିଦିଏ । ତାହାର ମନେପଡ଼େ ରମେଶ କଥା । ରମେଶ କେମିତି ଗୃହଲକ୍ଷ୍ମୀ ନାଁ କରିକରି । ସୁରେଶକୁ ସେ ପସନ୍ଦ କରୁ ନଥିଲା । ଏବେ ସେ ଘୃଣାରେ କଥା ବି କହୁ ନାହିଁ । ସେଥିପାଇଁ ସୁରେଶର ଇଚ୍ଛା ଥାଏ, କେମିତି ହେଲେ ରମେଶର ସମାନ ସମସର ହେବ । ସ୍ୱପ୍ନପରି ଲାଗେ । ତଥାପି ଅନେକ ସମୟ ସେହି କଥା ଭାବି କଟାଏ । ଛାପାକଳ ପରି ସେ ବି ତରତରରେ ଅକ୍ଷର ଯୋଡ଼େ ଓ ଭାଙ୍ଗେ । କିଛି ନୂତନତା ପାଏ ନାହିଁ । ବଡ଼ ଟାଣେ ଅନେକ ସମୟରେ । ସବୁ ଯଦି ଯାଇଛି, ଗୁଣ୍ଡ ଓ ଫୁସ୍ ଫୁସ୍ କି କାମରେ ଲାଗିବ ? ଛାପାଖାନାର ଅକ୍ଷର ଯୋଡ଼ିବାରେ ମୁଣ୍ଡର ଦରକାର ବି ହେଲା ନାହିଁ । ହାତ ଦୁଇଟାରୁ ଗୋଟିକରେ ବି ତାହାର ପେଟପାଟଣା ଚଳିଯିବ, ଯଦି ଆଖି ଦୁଇଟି ଭଲ ରହେ । କିନ୍ତୁ ରମେଶର ଦରକାର ଦୁଇଟି ହାତ, ଦୁଇଟି ଆଖି, ଦୁଇଟି କାନ, ମୁଣ୍ଡ ଓ ଗୁଣ୍ଡ—ସବୁ ।

ପାଗଳ ପରି ସୁରେଶ ସେହି କଥା ଭାବେ । ବେଳେବେଳେ ଦୁଃଖରେ କାନ୍ଦେ । ତାହାପରି ମଣିଷକୁ ଈଶ୍ୱର ସବୁ ଦେଇଥିଲେ; କିନ୍ତୁ କାମରେ ଲାଗୁ ନାହିଁ । ରମେଶକୁ ସବୁ ଦେଇଥିଲେ । ସେ

ସବୁଯାକୁ କାମରେ ଲଗେଇ ସେଥିରୁ ଯଶ ପାଉଛି । ଖାଲି ପରୀକ୍ଷା କେଇଟା ନ ଥିଲେ ସେ ତ .ରମେଶ ସାଙ୍ଗରେ ଜଣେ ହୋଇ ରହିଥାନ୍ତା । ଛାପାଖାନାର କଳା ମଇଳା ଭିତରେ ପଡ଼ିବା ଦରକାର ପଡ଼ନ୍ତା ନାହିଁ । ଘରେ ବାପା ବୋଉଙ୍କର ସ୍ନେହ ଆଦର ମିଳୁଥାନ୍ତା । ପରୀକ୍ଷାଗୁଡ଼ାକ ତାହାକୁ ପୋଡ଼ିଦେଇ ଯାଇଛନ୍ତି । ସେହିମାନଙ୍କ ପାଇଁ ସେ ମୂର୍ଖ ଓ ତାହାର ସବୁ ଦୁର୍ଦ୍ଦଶା ।

ହଠାତ୍ ଦିନେ ଛାପାଖାନାରେ ସୁରେଶର ତନ୍ଦ୍ରାସୂତା ଭାଙ୍ଗିଗଲା । ଅକ୍ଷର ଯୋଡ଼ିବାପାଇଁ ସେ ଯେଉଁ କାଗଜ ପାଇଥିଲା, ସେଇଟା ଗୋଟିଏ ପ୍ରଶ୍ନ କାଗଜ । ଏକା ନିଃଶ୍ୱାସରେ ସୁରେଶ ପଢ଼ିଗଲା । ତାହାର ମୁଖସ୍ଥ ହୋଇଗଲା ପ୍ରଶ୍ନଗୁଡ଼ିକ । ଏହି ପ୍ରକାରେ ପ୍ରଶ୍ନର ଉତ୍ତର ଲେଖି ନ ଜାଣିଥିଲା ବୋଲି ସେ ଆଜି ହୀନ । ତାହାରି ହାତ-ତିଆରି ପ୍ରଶ୍ନରେ ସେମିତି କେତେ ପିଲାଙ୍କର ମାପ ହେବ ।

ସେଦିନ ତାହାର ଉତ୍ସାହ ଓ ଉନ୍ମାଦନା ! ସେଦିନ ସେ କାମରେ ଆନନ୍ଦ ପାଇଲା । ତାହାର କାମ ଏକାବେଳକେ ଠିକ ହେଲା । ସାମାନ୍ୟ ଯାହା ଭୁଲ୍ ହୋଇଥିଲା, ସେତକ କହିଲେ ନୁହେଁ । କେମିତି ସୁରେଶ ଏତେ ଭଲ କାମ କରିପାରିଲା, ସେତକ ଛାପାଖାନା ମ୍ୟାନେଜରଙ୍କୁ ବି ଆଶ୍ଚର୍ଯ୍ୟ କରିଦେଲା । ସେ ମନେକଲେ, ସୁରେଶ କାମ ଜାଣେ; କିନ୍ତୁ ମନ ଦେଇ କାମ କରେ ନାହିଁ ।

ଛାପାଖାନା କାମ ସାରିଦେଇ ସୁରେଶ ସ୍କୁଲ ବୋର୍ଡିଂଆଡ଼େ ଧାଇଁଲା । ପିଲାମାନେ ପଢ଼ାରେ ଲାଗିଛନ୍ତି, ନିଜର ଅନୁମାନରେ ଯେଉଁ ଶ୍ରେଣୀର ପ୍ରଶ୍ନ ହୋଇଥିବା ସମ୍ଭବ, ସେହି ଶ୍ରେଣୀର ଦୁଇ-ଜଣଙ୍କୁ ଡାକି ସେ ପ୍ରଶ୍ନ ଜଣାଇଦେଲା । ତାହାର ଇଚ୍ଛା, କେହି ଖରାପ ନ କରନ୍ତୁ । ପିଲା ଦୁଇଟି ବି ସୁରେଶକୁ ସାଙ୍ଗେ ସାଙ୍ଗେ ନିମନ୍ତ୍ରଣକରି

ଜଳଖିଆ ଖୁଆଇ ବିଦାୟ କଲେ ଓ ବେଶି ପ୍ରଶ୍ନ କହିଲେ ଟଙ୍କା ଦେବେ ବୋଲି ଜଣାଇଦେଲେ ।

ସୁରେଶ ଭାରି ବିରକ୍ତ ହେଲା ଏହି ଲାଞ୍ଚ କଥା ଶୁଣି । ସେ ନିଜେ ପରୀକ୍ଷାରେ ଖରାପ କରିଥିବାରୁ ସାହାଯ୍ୟ କରିବାପାଇଁ ଆସିଛି । ଟଙ୍କା ସେ ବହୁତ ପାଏ । ପଢ଼ା ପିଲାଙ୍କୁ ନ ମିଳୁଥିବ, ସେମାନେ ଖରଚ କରି ମଉଜରେ ରହନ୍ତୁ । ପରୀକ୍ଷାରେ ସମସ୍ତେ ଭଲ କଲେ, ସେ ଖୁସି ।

ସ୍କୁଲର ସେହି କ୍ଲାସର ପିଲାମାନେ କେହି କେହି ପ୍ରଶ୍ନ ଜାଣିଲେ । ଭାରି ଧମାଧୋଟିଆ କାମ ଚାଲିଥାଏ । ପରୀକ୍ଷାରେ ଯେମିତି ଗୁଁକା ନମ୍ବର ରହିବ । କିନ୍ତୁ ସେହି ପ୍ରଶ୍ନଗୁଡ଼ିକ ସେହି ସ୍କୁଲର କି ନୁହେଁ, ସୁରେଶ ଭାବି ନ ଥିଲା ଓ ପିଲାମାନେ ପଚାରି ନ ଥିଲେ ।

ପରୀକ୍ଷା ହେବାଯାଏ ସୁରେଶ ଘରେ ପଢ଼ା ପିଲାଙ୍କର ଭିଡ଼ । ସମସ୍ତଙ୍କର କାମ ଅଛି । କି କାମ, କେହି କହିବାକୁ ନାରାଜ । ସୁରେଶ ଯାହା ଯେତେ ପ୍ରଶ୍ନ କଥା ଜାଣିଥିଲା, କହିଦେଇ କଥାଗୁଡ଼ିକ ଗୁପ୍ତ ରଖିବାକୁ ପରାମର୍ଶ ଦେଇ ଭାରି ଖୁସିହେଲା ।

ସେହି କେତେ ଦିନ ସୁରେଶର ମନ କେଡ଼େ ଉଶ୍ବାସ ହୋଇ-ଯାଇଛି । ଯେଉଁ ପ୍ରଶ୍ନ ଗୁପ୍ତରେ ରହି ହଠାତ୍ ଆସି ପରୀକ୍ଷା ଘରେ ପହଞ୍ଚେ, ସେହି ପ୍ରଶ୍ନକୁ ଯେ ତାହାରି ଭଳି ଛାପାଖାନାର ଲୋକଙ୍କ ହାତଦେଇ ଆସିବାକୁ ହୁଏ, ତାହାକୁ ଜଣା ନ ଥିଲା । ସେଥିପାଇଁ ତାହାର ପରୀକ୍ଷା ଉପରେ ଥିବା ଆସ୍ଥା ଓ ବିଶ୍ବାସ ତୁଟିଗଲା । ସେ ଭାବିଲା, ଭଲ ପିଲାଙ୍କୁ ମାଷ୍ଟ୍ର ପକ୍ଷପାତ କରି ବେଶି ନମ୍ବର ଦିଅନ୍ତି, ଲୁଚେଇ ପ୍ରଶ୍ନ କହିଦିଅନ୍ତି । ତାହା ବାଦ, କେଜାଣି ଛାପାଖାନାରୁ ଜାଣି ନେଉଥିବେ କିଛି କଥା ।

ପରୀକ୍ଷା ହେଲା ଯେ, ସେହି ପ୍ରଶ୍ନରୁ କିଛି ନାହିଁ । ଯେଉଁମାନେ ପ୍ରଶ୍ନ ଜାଣି ଖୁସି ହେଉଥିଲେ, ହଠାତ୍ ସୁରେଶ ଉପରେ ଚିଡ଼ିଗଲେ । ସେ ସେମାନଙ୍କୁ ଭଣ୍ଡିଛି ବୋଲି ଯାଇଁ ଛାପାଖାନାରେ ଆପତ୍ତି କଲେ । ଛାପାଖାନାର ମାଲିକ ଦେଖିଲେ, ଏମିତି ପାଠୁଆ ଲୋକ ରଖିଲେ ସେ ଛାପାଖାନା ବନ୍ଦ କରିବାକୁ ବାଧ୍ୟହେବେ । ସେ ସୁରେଶକୁ ଦରମା ନ ଦେଇ ବରଖାସ୍ତ କରିଦେଲେ ଓ ହୁକୁମ ଦେଲେ ଯେ, ସେ ଆଉ ଯେମିତି ଛାପାଖାନା ଦୁଆର ନ ମାଡ଼େ । ସେତିକିରେ କଥାକୁ ନ ସାରି, ଛାପାଖାନା ମାଲିକଙ୍କ ସଙ୍ଘରେ ନିଜର ଅସୁବିଧା ଓ ଅନୁଭୂତି ସେ ପକାଇଲେ । ଫଳରେ ସୁରେଶକୁ ସ୍କୁଲ ମନା ଥିଲା, ଛାପାଖାନା ବି ମନା ହୋଇଗଲା । ଭୋକରେ ମରିବା ପରି ତାହାକୁ ବାଟଟିଏ ମିଳିଗଲା ।

ସେହି ଆଠ ଦିନର ଫୁର୍ତ୍ତି ଓ ଆନନ୍ଦ ପୁଣି ଥରେ ଲିଭିଗଲା । ଘରେ ସେ କଥା ଯେତେବେଳେ ଜଣାପଡ଼ିଲା ଓ ଗୃରଆଡ଼େ ପ୍ରଘଟ ହୋଇଗଲା, ସେତେବେଳେ ସ୍କୁଲର ଚିହ୍ନା ପିଲା, ଅତି ଭଲ କରି ଚିହ୍ନିଥିବା ମାଷ୍ଟ୍ର ଜାଣିଗଲେ ଯେ, ସୁରେଶ ବିଷୟରେ ଯାହା ଭବିଷ୍ୟତ୍ ବାଣୀ ହୋଇଥିଲା, ସେତିକ ଅକ୍ଷରେ ଅକ୍ଷରେ ଠିକ୍ ହେବ । ସେ ଭିକ ମାଗିବ ଓ ଉପାସରେ ମରିବ ।

ସୁରେଶ ଦେଖିଲା, ପାଠଗୁଡ଼ାକ ତାହାର ଶତ୍ରୁ । ଅନ୍ୟମାନଙ୍କ ପରି ଖାଲି ଅକ୍ଷର ଚିହ୍ନିଥିଲେ ସେ ବିପଦରେ ପଡ଼ି ନ ଥାନ୍ତା । ପଢ଼ୁ ପଢ଼ୁ ସ୍କୁଲରୁ ତଡ଼ାଖାଇ ପାଠରୁ ତଡ଼ାଖାଇଲା । ଆଜି ସେହି ପାଠ ବଦଳରେ ଯେଉଁ ଗୁଜରାଣ କରୁଥିଲା, ସେଥିରୁ ବି ସେ ତଡ଼ା ଖାଇଗଲା ।

ପୁଣି ବେକାର ହୋଇ ବୁଲିଲା ବେଳେ ସୁରେଶ ଭାବୁଥାଏ ସ୍କୁଲର ମାଷ୍ଟ୍ର ଓ ପଢ଼ାସାଥୀ ରମେଶ କଥା । ନିଜର ସ୍ଥାନ ଖାଲି ତଳଆଡ଼କୁ ଖସୁଛି । ଶେଷକୁ ବୋଧହୁଏ ଧନକର ସାଙ୍ଗ ରମେଶ ରମେଶବାବୁ ହୋଇଗଲେ ସେ ତାଙ୍କର ଅର୍ଦ୍ଦଳୀ ପିଅନ ହେବ । ସେତିକପାଇଁ କ'ଣ ରମେଶବାବୁ ରାଜିହେବେ ? ସବୁ ତାହାର ନିଜର ଦୋଷ !

ଆଗରୁ ସେ ଭାବୁଥିଲା, ତାହାର ନିଜର ଦୋଷ ନାହିଁ, ସଂସାରର ଲୋକଙ୍କର ଦୋଷ । ସେମାନେ ବୃଥା ଠାରେ ତାହାକୁ ମୂର୍ଖ, ଶ୍ରେଷ୍ଠ ଓ ହୀନ ବୋଲି କହି ତାହାକୁ ଘୃଣା କରୁଛନ୍ତି । ଛାପାଖାନା ଚାକରିରୁ ତଡ଼ାଖାଇ ସେ ବୁଝିଲା ଯେ, ନିଜେ ହେଉଛି ଦୋଷୀ । ସଂସାରର ଲୋକଙ୍କର କିଛି ଭୁଲ ନାହିଁ । ସେ.ଥରକର ଦୋଷ ପାଇଁ କ୍ଷମା ପାଇଲେ ସେ ଭଲ ମଣିଷ ହୋଇଯିବ । ଛାପାଖାନାରେ ପହଞ୍ଚିଲା ।

ଛାପାଖାନାର ମାଲିକ ବ୍ୟବସାୟୀ । ତାଙ୍କର ହୃଦୟ ବୋଲି କିଛି ନାହିଁ । ଟଙ୍କା ଆସିବାରେ ଯେଉଁ ପଦାର୍ଥଟି ବାଧାହେଲା, ହେବ କି ହୋଇପାରେ, ସେମାନଙ୍କୁ ସେ ଶହେ ହାତରେ ରଖନ୍ତି । ସୁରେଶକୁ ଦେଖି ତାଙ୍କର ରାଗ ପଞ୍ଚମକୁ ଉଠିଗଲା । ସେ ବ୍ୟବସାୟୀ —ଗରାଖ ଆଗରେ ଜୁହାର ହୁଅନ୍ତି ଓ ପଛରେ ଜୁହାର ହୁଅନ୍ତି ଏବଂ ଉପାସ ଥିଲେ, ଭିତରର ଅର୍ଶ ବଢ଼ିଥିଲେ, କି ଜରରେ ଦେହ ଖଇ ଫୁଟୁଥିଲେ ତାଙ୍କର ହସ ଲିଭେ ନାହିଁ । ସେ ଯେତେ ଜୋରରେ ରାଗିଲେ, ତାହାର ବର୍ଣ୍ଣନା ଓ ତୁଳନା ସୁରେଶର ମନେପଡ଼ିଲା ନାହିଁ ।

ସୁରେଶ ସେଠୁ ଘରକୁ ଫେରିଗଲା ବେଳେ ଭାବି ଭାବି ଗଲା ଯେ, ସଂସାରରେ କାହାରିକୁ ଦୟା ଦେଖାଇବ ନାହିଁ ଓ ଆଉ ସମସ୍ତଙ୍କୁ ପାରୁପର୍ଯ୍ୟନ୍ତ ଗୋଇଠା ବିଧା ଦେଉଥିବ। ସଂସାର ଖାଲି ସେତିକି ବୁଝେ । ନଇଲେ ସେ ଏକା ଯେମିତି ଭୁଲ୍ କରି ଦୋଷ କରିଛି, ଆଉ ବାକି ସମସ୍ତେ ନିର୍ଦ୍ଦୋଷ ।

ଘରେ ଓ ବାହାରେ ସମସ୍ତେ ଅଲଗା କଥା କହିଲେ। ସୁରେଶକୁ ସମସ୍ତେ ଘୃଣା କଲେ। ସେ ଦେଖିଲା, ତାହାକୁ କେହି ଜଣେ ହେଲେ ଭଲ କଥା କହିବାକୁ ନାହିଁ। କେତୋଟି ପଢ଼ାବହି ସେ ଶେଷକରି ନାହିଁ ବୋଲି ଏତେ ଅସୁବିଧା। ଏଇ ଅପମାନ ସେ ସହିବାକୁ ରାଜି-ହେଲା ନାହିଁ।

କେଇଦିନ ପରେ ସେ ଗୋଟିଏ ଦରଜି ଦୋକାନରେ ଅଳ୍ପ ମଜୁରିରେ ଚାକିରି ଆରମ୍ଭକଲା। ଦୁଇଥର କୋଞ୍ଚାଖାଇ ସେ ଠିକ୍ କଲା ଯେ, ମଣିଷ ହେବ, ଆଉ ପାଠୁଆଙ୍କୁ ଆଣି ତାହାର ଚାକିରି-କରି ରଖିବ।

ତାହାର ଏହି ଆକାଙ୍କ୍ଷା ଓ ଲକ୍ଷ୍ୟ ତାହାର ମନଭିତରେ କେତେ ଉତ୍ସ ଖୋଲିଦେଲା। କାମ ଶିଖିବାରେ ତାହାର ଚେଷ୍ଟାର ଯେମିତି ସୀମା ନାହିଁ, କାମ କରିବାରେ ତାହାର ଯେମିତି କ୍ଳାନ୍ତି ନାହିଁ। ସେ ଅତି ଅଳ୍ପ ସମୟରେ ଜଣେ କାରିଗର ହୋଇଗଲା। ସବୁବେଳେ ତାହାର ଇଚ୍ଛା, ସେ ନିଜେ ଖଣ୍ଡେ ଦୋକାନ କରିବ; ସେଠି ସେ ପାଠୁଆମାନଙ୍କୁ ଚାକରିକରିବ।

ଏହି ଆଶା, ଇଚ୍ଛା ଓ ଲକ୍ଷ୍ୟ ତାହାର ମନଭିତରେ ରହେ; ଆଉ ସେହି ଭିତରର ନିଆଁ ଇଞ୍ଜିନ ଭିତରର ଚକକୁ ଠେଲିଲା ପରି

ତାହାର ଜୀବନକୁ ଚଳାଏ । ସମସ୍ତେ ଦେଖନ୍ତି, ସୁରେଶକୁ ଗୋଟିଏ ଭଲ କାରିଗର ହିସାବରେ । ସୁରେଶ ସେଥିଭିତରେ ଖାଲି ପାଠୁଆ ଓ ବରପାଠୁଆଙ୍କୁ ଡରିଲୁଥାଏ । ସେ ପାଠୁଆଙ୍କୁ ଆଣି ଗୁରୁକଣ୍ଠ ଦେଇ ପଚ୍ଛରିବ, ପରୀକ୍ଷାରେ ମୂଲ୍ୟ କେତେ ହେଲାଣି ?

ଯେଉଁ ବହି ଓ ପାଠ ସୁରେଶକୁ ଠାବ ଦେଲେ ନାହିଁ, ସେହି-ମାନଙ୍କ ଉପରେ ସେ ବିରକ୍ତ ହେଲା—ସେହିମାନଙ୍କୁ ଶତ୍ରୁ ବୋଲି ଭାବିଲା, ଠିକ୍ ଯେମିତି ଗୋଟିଏ ରାଜନୈତିକ ଦଳର ଦେଶସେବୀ କର୍ମୀ ଅନ୍ୟ ଦଳର ଦେଶସେବୀ କର୍ମୀଙ୍କୁ ନିନ୍ଦା କରନ୍ତି ।

ପଢ଼ାର ଶେଷଆଡ଼କୁ ଗୋଟିଏ ଶ୍ରେଣୀରୁ ଉତ୍ତୁରିଯିବା ପାଇଁ ସୁରେଶକୁ ଦୁଇ ତିନି ବର୍ଷ ଦରକାର ପଡ଼ୁଥିଲା । କିନ୍ତୁ ସେ ଦୁଇ-ବର୍ଷରେ ଦରଜୀକାମ ଶିଖି, ଭଲ କାରିଗର ହୋଇ, ସୁନାମ ଅର୍ଜନ କରି, ନିଜର ଗ୍ରେଟିଆ ଦୋକାନଟିଏ ବଜାର ଉପରେ ରଖିପାରି-ଥିଲା । ସେଥିରେ ତାହାର ଭଲ ଆଉ ଦୁଇଟି କାରିଗରଙ୍କୁ ସେ ଅନ୍ନ ଯୋଗାଇଲାଣି ।

ଦୋକାନରେ ଖବର କାଗଜ ସେ ନିୟମିତ ପଢ଼େ । ଜ୍ଞାନ ପାଇଁ ନୁହେଁ, ନିଜର ବେପାର ପାଇଁ । କେଉଁଠି ପୁଲିସଙ୍କର ପୋଷାକ ଦରକାର, କେଉଁଠି ବଳଦଙ୍କ ପାଇଁ କମ୍ବଳ ଦରକାର, କାହାର ସିଲେଇ କଳ ବିକିହେବ, ଆଦି ଖବର ଜାଣିବା ପାଇଁ ସେ ଖବର-କାଗଜକୁ କିଣେ, ଆଉ ପଢ଼ିଦିଏ ସବୁସାକ ।

ଦିନେ ସେ ତାହାର ମାର୍ଫତରେ ଜାଣିଲା, ରମେଶ ବାବୁ କୃତିତ୍ୱ ସହିତ ପରୀକ୍ଷାରେ ପାସକରିଛନ୍ତି । ପଢ଼ି ଦେଇ ନିଜର ଦୋକାନଆଡ଼େ ଆଖିପକେଇଲା, ତାଙ୍କ ପରି ଲୋକଙ୍କୁ ରଖିବା

ଲ୍ଏକ ଯେ ହେଲଣି କି ନାହିଁ । ମନରେ ତାହାର ଗ୍ଳାନି ଆସିଲା ଯେ, ତାହାର କିଛି ହୋଇ ନାହିଁ । ତାହାର ଶ୍ରେଷ୍ଠ ଦୋକାନକୁ ରମେଶବାବୁଙ୍କ ପରି ଲୋକ ପୋଷାକ ସିଲେଇ କରିବାକୁ ଆସିବା ବି ବିଶେଷ ସମ୍ଭବ ନୁହେ । ସେଠି ସେ ଗ୍ରାହକଙ୍କୁ ଖୋଜିବା ଅତି ଅସମ୍ଭବ କଥା ।

ଦରଜି ଦୋକାନରେ କାମ କରୁ କରୁ ସେ ଅନେକ ସମୟରେ ରାସ୍ତାକୁ ଦୃଷ୍ଟିଦିଏ — କାଳେ ରମେଶବାବୁଙ୍କ ସାଙ୍ଗରେ ଭେଟହେବ । ତାହା ସାଙ୍ଗରେ କଥା କହିବାକୁ ସେ ରାଜି ନ ଥିଲେ । ତାହାର ହାତରେ ତାଙ୍କର ପୋଷାକ ମାପନେବାକୁ ସେ କ'ଣ ଆପତ୍ତି କରିବେ ?

କେତେ ଶ୍ରେଷ୍ଠ ବଡ଼ ବାବୁ ଆସି ପୋଷାକ କରି ନେଇଯାନ୍ତି । ସେଥିରୁ ଆଠପଣ ଲୋକଙ୍କର ସେ ସାହୁକାର । ପହିଲାକୁ ଆଜ୍ଞା ଦେଇ-ଯିବି···ଏହି ଏତକ ଟଙ୍କା ଦେବା ପାଇଁ ଡେରିହେବ···ଇତ୍ୟାଦି । ସୁରେଶ ତାହାର ଦୋକାନ ଖାତାରେ ସେମାନଙ୍କ ଦସ୍ତଖତ କରେଇ-ନିଏ । ଦୋକାନ ବନ୍ଦ କଲାବେଳେ ସେ ମନେକରେ, ପାଠ ସେମାନେ ପଢ଼ିଥିଲେ ବୋଲି ଆମେ ହେଲୁ ମୂର୍ଖ । କିନ୍ତୁ ମୂର୍ଖ ହେଉଛି, ପାଠୁଆଙ୍କର ସାହୁକାର । ସୁରେଶର ଧାରୁଆ ସେମାନେ···

ଭଲ ପୋଷାକ ଶସ୍ତାରେ କରେଇବ ବୋଲି ରମେଶ ଦିନେ ଆସି ସୁରେଶ ଦୋକାନରେ ପହଞ୍ଚିଲା । ସୁରେଶ ବେପାରୀର ହସ ହସି ସଙ୍କୁଚିଲା ଯେ, ସେ ଧନ୍ୟ ହେଲା । ରମେଶ ସେମିତି ଅନୁଗ୍ରହ ଦେଖାଇଲା ପରି ହସି ଖବର ଅନ୍ତର ପଚାରିଲା । ସୁରେଶ ଆଉ ପଢ଼ା ଲାଇନ୍‌ର ଲୋକ ନ ଥିବାରୁ ତାହାପ୍ରତି ଥିବା ଘୃଣାର ଉତ୍କଟତା

କମିଯାଇଛି । କିନ୍ତୁ ସୁରେଶ ଭୁଲି ନାହିଁ । ନିଜ ଦୋକାନର ଚଉକିରେ ବସିବା ପାଇଁ ରମେଶବାବୁଙ୍କୁ ଅନୁରୋଧ କଲାବେଳେ ସେ ମନେକରୁଥିଲା ଯେ, ସଂସାରରେ ହାରିଯାଇଛି ସେ; କାରଣ ପାଠୁଆ ରମେଶକୁ ଚାକିରି ରଖିପାରିବ ନାହିଁ ।

ରମେଶ ଅନେକ କଥା କହିଲା । ସେ କି କି ଚାକିରି ପାଇ-ପାରିବ ଓ କି କି ଚାକିରିକୁ କେତେ ଦୂର ଭଲପାଏ ଓ କେଉଁ ଚାକିରିରେ କେତେ ଦରମା ଇତ୍ୟାଦି । ସୁରେଶ ଭାବୁଥାଏ, ତାହାର ଦୋକାନର ଆୟ କଥା—ଦିନକୁ ଦଶ ଟଙ୍କା । ରମେଶବାବୁଙ୍କ ଚାକିରି ଦରମା ସବୁଠାରୁ ବେଶି ହେଲେ ହେଉଛି ଦିନକୁ ଛ'ଟଙ୍କା ଦଶଅଣା ।

ହସ ହସ ମୁହଁରେ କହିଲା, 'ହଉ, ଗରିବମାନଙ୍କୁ ମନେ ରଖିବେ···ଆପଣମାନେ ହାକିମ ଆଉ ଆମେ ଦରଜି ମଜୁରିଆ' । ରମେଶ ନାହିଁ ନାହିଁ କଲା; କିନ୍ତୁ ମନ ଭିତରେ ଭାବୁଥିଲା ଯେ, ଦର-ପାଠୁଆ ହେଲେ ମଜୁରିଆ ନ ହୋଇ କ'ଣ ହାକିମ ହେଇହେବ ?

ସେଦିନ ରମେଶ ମାପଦେଇ ଚାଲିଗଲା ପରେ ସୁରେଶ ଭାବିଲା, ବନ୍ଧୁଟି କଥା । ତାହାରପର ପଣ୍ଡିତ ଓ ହାକିମମାନେ ତାହାର ଦୋକାନରେ ବାକି ରଖିଛନ୍ତି । ପଇସା ଥାଉ ନ ଥାଉ; କି ଫେସ-ନ୍‌ରେ ହେଉ, ତାହାର ଧାରୁଆ ତାଲିକାରେ ଅଛନ୍ତି । କାଲେ ଟଙ୍କା ପାଇଁ ତାଗଦା ହେବ ବୋଲି କେତେ ଖୁସାମଦ୍ କରି କଥା କହନ୍ତି··· ଆହା ରମେଶ, ଟୋକାଟି, କଲେଜ ଛାଡ଼ି ଆସିଛି ସିନା, ଦୁଧଗାଲି ଛାଡ଼ି ନାହିଁ ।

ତେବେ ସୁରେଶ ବୁଝିଲା, ପାଠର ମୂଲ କେତେ ଓ ଚାକିରି ପାଇଁ ପାଠୁଆଙ୍କର କେତେ ମମତା । ତାହାର ମନେପଡ଼ିଲା, ପୁରୁଣା ମାଷ୍ଟ୍ରମାନଙ୍କ କଥା । ସେମାନେ ତାହାକୁ ଘୃଣା କଲାବେଳେ କେତେ

ପଣ୍ଡିତ ବୋଲି ନିଜକୁ ମନେକରୁଥିଲେ । ଜଣେ ପେନସନ୍ ପାଇ-ସାରିଲେଣି । ଥରେ ଆସି ତାହାଙ୍କୁ ମନ୍ତ୍ର ଶୁଣାଇ ତାହାର ଆଗ୍ରହ କଥା ଶୁଣି କହିଯାଇଥିଲେ – ସେ ଯୋଗ୍ୟ ହେଲା । ଆଉ ଆଶୀର୍ବାଦ ଦେଇଗଲେ ତାହାର ଉନ୍ନତି ହେବାପାଇଁ ।

ରମେଶର ଚାକିରି ଖୋଜାର ଭାବଭଙ୍ଗୀ ଦେଖି ସୁରେଶର ମନେହେଲା, ସେ ଇଚ୍ଛାକଲେ ପୁରୁଣା ମାଷ୍ଟ୍ରଙ୍କ ହାତରେ ଦୋକାନର ଭାର ଦେଇ କିଛି ଟଙ୍କା ଅନାୟାସରେ ଦେଇପାରନ୍ତା । ତାଙ୍କର ଅଭାବ କଥା ସେ କହୁଥିଲେ । ଦରମା ଅଧା ହେଲେ ସତରେ ବାଧୁଥିବ । ମାଷ୍ଟ୍ରେ ବୁଢ଼ା ହୋଇଗଲେଣି । ସୁରେଶକୁ ସ୍ନେହ କରୁଚନ୍ତି । ତାହାର ଉନ୍ନତି କାମନା କରୁଛନ୍ତି । ସେ ଦୋକାନରେ ବସିଲେ ତାଙ୍କର ଅସଂଖ୍ୟ ଗ୍ରାହକ ଆସନ୍ତେ । ବ୍ୟବସାୟ ଦିଗରୁ ମଧ ଭଲ ହୁଅନ୍ତା । ରମେଶ ବାବୁଙ୍କ ପରି ଲୋକଙ୍କୁ ସେ ଠିକଣା ଜବାବ ହୁଅନ୍ତେ ।

ରମେଶବାବୁ ତାଙ୍କର ପୋଷାକ ନେବାପାଇଁ ଆସିଲା ଦିନ ଦେଖିଲେ, ତାଙ୍କର ମାଷ୍ଟ୍ର ଦୋକାନର ହିସାବ ରଖୁଛନ୍ତି । ଗୁରୁ ଶିଷ୍ୟ ଗଦ୍‌ଗଦ୍ ହେଲେ । ମାଷ୍ଟ୍ରେ କହିଲେ, ସୁରେଶ ଯୋଗୁ ତାଙ୍କୁ ମାସକୁ ଚାଳିଶ ଟଙ୍କା ମିଳିବ । ଶଳା ଗ୍ରାହକଟିଏ ଦୋକାନ କରି ପ୍ରସାର ନ କରିଥିଲେ ତାଙ୍କୁ ବଡ଼ ଅକାକାଠି ହୁଅନ୍ତାଣି ।

ସେଦିନ ରମେଶକୁ ଲାଗିଲା, ସୁରେଶ ତାଙ୍କୁ ଟପିଯାଇଛି । ରମେଶ ଚାକିରି ପାଇ ନାହିଁ । ପାଇଲେ ସେ ଜଣକୁ ମାସୁଆରି ଚାଳିଶି ଟଙ୍କାର ଦାନା ଦେଇପାରିବ କି ନାହିଁ ସନ୍ଦେହ । ତଥାପି ପଡ଼ାର ଗରମ ଭଙ୍ଗି ନ ଥିଲା । ସେ କଥା ହେବାପାଇଁ ମାଷ୍ଟ୍ରଙ୍କୁ ଡାକନେଇ

ଖଣ୍ଡେ ଦୂରରେ ଏକାନ୍ତରେ କହିଲା ଯେ, ସୁରେଶ ପର ଲୋକଙ୍କ ଦରଜୀ ଦୋକାନରେ ଗପ୍ପକଥାକଲେ, ଆତ୍ମମର୍ଯ୍ୟାଦା କମିଯାଏ ।

ମାଷ୍ଟ୍ରେ ଫେରି ପ୍ରିୟ ସୁରେଶକୁ ଭଣ୍ଡଧର କହିଲେ, "ବାପ, ରମେଶ ଏହି କଥା ମତେ କହିବାପାଇଁ ଡାକିଥିଲା । ବିଚରା ବୁଝିନାହିଁ ପାଠର ମୂଲ । ପାଠ ସିନା ମୁଣ୍ଡ ଭିତରେ ମସଲା ଜମାକରେ, କିନ୍ତୁ ସବୁ ହେଉଛି ଟଙ୍କାର ଛଳ ।

"ସଂସାରଟା ଯାକ ଟଙ୍କାର ଖେଳା—ମ୍ୟୁନିସିପାଲିଟି ଟିକସ, ପାଣି ଟିକସ, ଆଲୁଅ ଟିକସ, ଆମୋଦ ପ୍ରମୋଦ ଟିକସ, ବିକ୍ରି ଟିକସ, ଆୟ କର, ଲୁଣ କର, କରଜର କଳନ୍ତର, ଆଉ ଶେଷକୁ ହେଉଛି ମୃତ୍ୟୁ କର ।···ରମେଶ ପାଠ ପଢ଼ିଛି; କିନ୍ତୁ ଅଭାବ କ'ଣ ବୁଝି ନାହିଁ । ଏଠି ହେଲେ ଆସି ତୋ' ସାଙ୍ଗରେ ଘଣ୍ଟେ ଅଧେ ରୋଜ ବସନ୍ତା ।"

ସୁରେଶ ସେହି ଦରଜୀ ଦୋକାନ ଉପରେ ବସି ଭାବିଲା, ରମେଶ କଥା ଓ ତାହାର ନିଜ କଥା । ସଂସାର ଦିନେ ତାହାକୁ ଘୃଣ୍ୟ ଓ ହେୟ ବୋଲି କହି ଫିଙ୍ଗିଦେଇଥିଲା । ଆଜି ପୁଣି ଉଠେଇ-ନେଉଛି । ସେହି ରମେଶକୁ ବଡ଼ ବୋଲି ଟେକିଧରିଥିଲା; ପୁଣି ତାହାକୁ ଆଜି ଫୋପାଡ଼ି ଦେଇଛି ।

# ମାୟ୍ନାଟେଡାର

ଓଡ଼ିଶାର କୌଣସି ଗଡ଼ଜାତର ଟାଙ୍ଗରା ପାହାଡ଼ ପାଖେ ଗୋଟିଏ କୁଡ଼ିଆ ଘରେ କୃଷ୍ଣଚନ୍ଦ୍ର ଖବର ପାଇଲା ଯେ ସେ-ଡାକ୍ତର ହୋଇଛି । ସେଦିନର ଦ୍ୱି'ପହରଆ ଜ୍ୟେଷ୍ଠମାସ ଝରା ବି ତାହାକୁ ଆରାମ ଦେଉଥିଲା; ପୃଥିବୀ ଓ ଆକାଶ ତାହାକୁ ଭଲ ଲାଗିଥିଲେ । ସେ ଭାବିଲା ଯେ ତାହାର ମାଟି କାନ୍ଥର ଦାରିଦ୍ର୍ୟ ଉପରେ ସେ ପକ୍କାଘରର ଧନ ଦଉଲତ ଆଣି ଠିଆକରାଇବ ।

ସାଙ୍ଗେ ସାଙ୍ଗେ ସେ ଯାଇ ତାହାର ଅନ୍ତରଙ୍ଗ ଦୁଇ ଜଣଙ୍କୁ ସେହି ଖବର ଦେଇଆସିଲା । ତାହାର ଯେଉଁ ବନ୍ଧୁଟି ତାହାକୁ ପଢ଼ିଲାବେଳେ ସାମୟିକ ସାହାଯ୍ୟ ଦେଇ ତାହାର ପଢ଼ାରେ ଏତେ ସାହାଯ୍ୟ କରି ଆସିଥିଲେ ତାଙ୍କୁ ସେହି ଖୁସି ଖବର ଦେଇଆସିଲା---

ମେଡ଼ିକାଲ୍ କଲେଜର ନର୍ସ ଏଥେଲ ତାର କରି ତାହାକୁ ପ୍ରଥମେ ଏହି ଶୁଭ ଖବର ଦେଇଛି । ଏଥେଲ୍ ପ୍ରତି ଅଶେଷ କୃତଜ୍ଞତା ଓ ସ୍ନେହରେ ତାହାର ମନ ପୂରିଗଲା । ଏଥେଲ୍ ତାହାକୁ କେତେ ଭଲପାଏ —

କୃଷ୍ଣଚନ୍ଦ୍ରର ମନେପଡ଼ିଲା ଏଥେଲ୍‌ର କେତେ ସେବାଯତ୍ନ । ତାହାର ମୂଲ୍ୟହୀନ କ୍ଷୁଦ୍ର ଜୀବନକୁ କେତେ ଆଦର କରୁଥିଲା ଏଥେଲ୍ । ତାହାର ପ୍ରତ୍ୟେକ ପରୀକ୍ଷାର ଫଳ ପ୍ରତି ଏଥେଲ୍‌ର କେତେ ଉତ୍କଣ୍ଠା ।

ଏଥେଲ୍ ତାହାକୁ ପ୍ରତିଜ୍ଞା କରେଇ ନେଇଥିଲା, କୃଷ୍ଣଚନ୍ଦ୍ର ଡାକ୍ତର ହେଲେ ଏଥେଲକୁ ବିଭାହେବ । କୃଷ୍ଣଚନ୍ଦ୍ରର ବାପାମା, କେହି ନ ଥିଲେ ଓ ଡାକ୍ତର ହୋଇ ନ ଥିଲାବେଳେ ଡାକ୍ତର ହେବାଟା ଅତି ଦୂରର ସ୍ୱପ୍ନ ପରି ମନେହେଉଥିବାରୁ ଅନ୍ତତ ଏଥେଲର ଆଶୀର୍ବାଦ ପାଇଁ କୃଷ୍ଣଚନ୍ଦ୍ର ହଁ ଭରିଦେଇଥିଲା । ସେ କିନ୍ତୁ ଜାଣୁଥିଲା ଯେ ତାହାର କୁଡ଼ିଆ ଘରଠାରୁ ସହର ଯେତିକି ଦୂର; ତାହାର କଥାରୁ ତାହାର କାମ ସେତିକି କି ଆଉରି ବେଶି ଦୂର ।

କିନ୍ତୁ କୃଷ୍ଣଚନ୍ଦ୍ର ତାହାର ନିଜ କଥାକୁ ଯେତିକି ମିଛ ବୁଝୁଥିଲା, ଏଥେଲ ସେହି କଥା ସେତିକି ସତ ବୋଲି ଧରିନେଇଥିଲା ।

ଠିକ୍ ଏଥେଲର ସ୍ମୃତି ସାଙ୍ଗରେ ତାଳଦିଖି ତାହାର ବାପାମା'ଙ୍କର ସ୍ମୃତି ଭସିଉଠିଲା । ତାଙ୍କର ଗୋଟିଏ ପୁଅର ସୁଖ ଦେଖିଥିଲେ କେତେ ଆନନ୍ଦ ସେମାନେ ହେଇଥାନ୍ତେ । ନିଜର ଅନେକ ପ୍ରକାରର ତ୍ୟାଗ ଶେଷରେ ଫଳ ଫଳେଇଛି । କୃଷ୍ଣଚନ୍ଦ୍ର ଡାକ୍ତର ହୋଇଛି, କିନ୍ତୁ ଯେଉଁ ଦୁଇଜଣଙ୍କର ସେବା, ତ୍ୟାଗର ଫଳ କୃଷ୍ଣଚନ୍ଦ୍ର—ସେ ଦୁଇଜଣ ନାହାନ୍ତି । ତାହାର ଦୁଇ ଆଖି ଦେଇ ଅନେକ ସମୟ ପାଣିର ଦୁଇଟି ଧାର ଗଡ଼ିଗଲା ।

କୃଷ୍ଣଚନ୍ଦ୍ରକୁ ନିଦ ଲାଗିଗଲାଣି ତାହାର ଅଜାଣତରେ ।

ସ୍ୱପ୍ନ ଦେଖିଲା ତାହାର ମା' ଆସି ତାହାକୁ ଡାକୁଛନ୍ତି 'ବାପା' ଅନେକ ଦିନରୁ ତତେ ଖୁଜୁଆସିଛି । ଆ—ମୋ' ପାଖକୁ ଚାଲିଆ' । କୃଷ୍ଣଚନ୍ଦ୍ର ସ୍ୱପ୍ନରେ ମଧ୍ୟ ପ୍ରତିବାଦ କଲା ଯେ ସେ ଯିବ ନାହିଁ । ବୋଧହୁଏ ବଞ୍ଚିବାର ଆଗ୍ରହ ତାହାକୁ ଏତକ କୁହାଇଲା ।

ସ୍ୱପ୍ନରେ ମା' ମୁହଁ ବୁଲାଇ ବିରକ୍ତହୋଇ ଚାଲିଗଲାବେଳେ କୃଷ୍ଣଚନ୍ଦ୍ର ଅସ୍ପଷ୍ଟ ଚିତ୍କାରରେ କହିଲା 'ସେ ଯିବ—ଯିବ' । ତାହାର ନିଦ ଭାଙ୍ଗିଗଲା । ସେତେବେଳକୁ ସନ୍ଧ୍ୟା ।

କୃଷ୍ଣଚନ୍ଦ୍ରର ନିଦ ଭାଙ୍ଗିଲା । ତାହାର ଚେତନା ଫେରିଆସିଲା । ଏଥେଲର ଚାରିଟି ଗୁଚ୍ଛ ଉପରେ ପଡ଼ିରହିଛି । ଅର୍ଦ୍ଧଚେତନର ସ୍ମୃତି-ଫଳକରେ ମା'ର ଯେଉଁ ଛବିଟି ଫୁଟିଉଠିଥିଲା ସେତକ ଲିଭି-ଯାଇଚି । ଏଥେଲ୍ କଥା ଭାବୁଥିବାରୁ ମା' ବୋଧହୁଏ ବିରକ୍ତହୋଇ ଚାଲିଗଲେ । ସେ ସୂକ୍ଷ୍ମ ଶରୀରରେ ବିଶ୍ୱାସ କରେ ନାହିଁ । ତଥାପି ତାହାର ମନ ଅନେକ ଦବିଗଲା ।

ଏତେ ଆନନ୍ଦର ଖବର ପାଇବା ପରେ ବରେ ଅନେକ ଦିନରୁ ହଜିଯାଇଥିବା ମା'କୁ ଦେଖି ତାହାର ମନେହେଲା, ଯେମିତି କିଛି ଅମଙ୍ଗଳ ଘଟିବ । ସେହି ଅମଙ୍ଗଳ କାହାର ହେବ ଏହି କଥା ଭାବିଲାବେଳେ ତାହାର ମନେହେଲା ତାହାର ସେ୍ନହୀ ଏଥେଲର ହୋଇପାରେ ।

ସେ ବସି ବସି ଚିଠି ଲେଖିଲା ଏଥେଲ୍ ପାଖକୁ — "ଏଥେଲ୍, ମୁଁ ହସପିଟାଲକୁ ଫେରିଯାଉଛି ଶୀଘ୍ର...ଯେଉଁଠି ମୋର ଏଥେଲ୍ ଅଛି ସେଠିକି । ତାହାର ସେବାଡୋରରେ ବନ୍ଧା, ସହାନୁଭୂତିର ବନ୍ଦୀ କୃଷ୍ଣଚନ୍ଦ୍ର ଫେରି ଆସିବ । କୃଷ୍ଣଚନ୍ଦ୍ର ବଡ଼ ହୋଇଥାଉ ଅବା ଶ୍ରେଷ୍ଠ ହେଇଥାଉ ।"

ଚିଠି ବନ୍ଦକରି ସେ ତାହାର କଳ୍ପନା କରିଗଲା । ଏତେ ବଡ଼ ସଂସାର ଭିତରେ ତାହାର ଜନ୍ମମାଟି କେତେ ଶ୍ରେଷ୍ଠ ଗାଁଟିଏ । ସେଥିରେ ତାହାର ବନ୍ଧନ ନାହିଁ । ସେହି ପରିସୀମା ଭିତରେ ତାହାର ଆକାଙ୍କ୍ଷା କି ଆଶାର ମଧ୍ୟ ତୃପ୍ତି ନାହିଁ । ସେ ପୃଥିବୀର ବେଡ଼ା ଭିତରକୁ ଫେରିବ । ଅନ୍ତତ ଯେଉଁ କଲେଜରେ ସେ ପାଠ ପଢ଼ୁଥିଲା ବେଳେ ସେ ପାଞ୍ଚବରଷ କଟେଇ ତାହାର ଭବିଷ୍ୟତର ସ୍ୱପ୍ନ ଆଙ୍କୁ-ଥିଲା ସେଠିକି ଫେରିଆସିବ ।

ଡାକ୍ତର କୃଷ୍ଣଚନ୍ଦ୍ର ସେହି କଲେଜର ଫାଟକ ପାରହୋଇ ଆସିଲା ବେଳେ ତାହାକୁ ସବୁ ନୂଆ ଲାଗିଥିଲା—ଏଥେଲ୍ ମୁହଁର ହସ ବି ।

ଏଥେଲ୍ ଲାଗି ଲାଗି ରହେ । ତାହାର ମୁହଁରେ ଆଉ ସେ ଆନନ୍ଦ ପାଏ ନାହିଁ । ଏଥେଲର ଆଶଙ୍କା ଯେ କୃଷ୍ଣଚନ୍ଦ୍ର ତାହାକୁ ପାଖକୁ ନେବ ନାହିଁ । ସେଥିପାଇଁ ପୁଣି ଥରେ କୃଷ୍ଣଚନ୍ଦ୍ରଠାରୁ ନିର୍ଭର ଜବାବ ଖୋଜେ — ସତରେ ସେ କ'ଣ କରିବେ ?

ପଢ଼ିଲାବେଳେ ଯେଉଁ କଥାଟି ଶୁଣିଲେ କୃଷ୍ଣଚନ୍ଦ୍ରର ଆଖି ଆଗରେ ଭବିଷ୍ୟତର ଇନ୍ଦ୍ରଧନୁ ଉଠୁଥିଲା ଠିକ ସେହି କଥା ତାହାକୁ ବିରକ୍ତ ଓ ବିବ୍ରତ କରିପକାଇଲା । ସେ ଏଥେଲକୁ ଘୃଣାକଲା 'ଏଥେଲ୍, ଏହି ଗୋଟିକ କଥା ଛଡ଼ା ଆଉ କ'ଣ କଥା ନାହିଁ ?'

ଏଥେଲ୍ କ୍ରୋଧ ଚାପି ଉତ୍ତର ଦିଏ 'ମୋ ପାଇଁ ସେହି ଗୋଟିକ ହେଉଛି ପଚାରିବାର କଥା । ତାହାର ଉତ୍ତର ମିଳିଗଲେ ବାକି ସବୁର ଉତ୍ତର ଆପଣାଛାଏଁ ଆସିଯିବ । ମୋର ପଚାରିବାକୁ ଆଉ କ'ଣ ଅଛି ?—ଥାଇପାରେ ?'

ଦିହେଁ ଦୁହିଁଙ୍କୁ ଘୃଣାକରନ୍ତି ଓ ସ୍ୱାର୍ଥପର ବୋଲି ଭାବନ୍ତି । କୃଷ୍ଣଚନ୍ଦ୍ର ଏଥେଲ୍‌କୁ ଛାଡ଼ିପାରେ ନାହିଁ କି ପାଖକୁ ନେଇପାରେ ନାହିଁ । ଯାହା ଶୁଣିବାକୁ ତାହାର କାନ ଦୁଇଟି ସଦାଚଞ୍ଚଳ ରହେ ସେହି ବିଷୟରେ କୃଷ୍ଣଚନ୍ଦ୍ରର ଜିଭ ଓଲଟେ ନାହିଁ ।

ଏମିତି ପାସ୍ କରୁ ନ କରୁଣୁ କ'ଣ ପରିବର୍ତ୍ତନ ହେଲା ଯେ ଏଥେଲର ଜିଦ୍ ବଢ଼ିଛି । ହୋଇପାରେ ଜଣେ ଅଧେ ଆସି ତାହାର

ବନ୍ଧଘର ବଷପୂରେ ମତାମତ ପଗ୍ଭରଗଲେଣି । ସତେ କ'ଣ ସେ ଆଜ ବନ୍ଦୀ ନ ହୋଇ ରହିପାରିବ ନାହିଁ ?

ହସପିଟାଲରେ ସେ କାମ କରୁଛି । ଆଉର ପଢ଼ିବ ବୋଲି ବ୍ୟବସ୍ଥା ହେଉଛି । ଏଥେଲର ସ୍ନେହ କମିଛି । ତାହାକୁ ନିଜର କରିବାକୁ ଅଜଣା ଅଶୁଣା ଲୋକେ ବି ଅଳ୍ପ ବହୁତ ଚେଷ୍ଟା ଆରମ୍ଭ କଲେଣି, ତାଙ୍କର ଅଲଅଲ ଝିଅମାନଙ୍କ ପାଇଁ ।

ହଠାତ କୃଷ୍ଣଚନ୍ଦ୍ର ଶୋଇଥିଲା । ପୁଣି ସ୍ୱପ୍ନ ଦେଖିଲା ତାହାର ମା'କୁ । ସେ ପୁଣି ଡାକୁଥିଲେ କୃଷ୍ଣଚନ୍ଦ୍ରକୁ ପାଖକୁ । ନିଜ ଉପରେ ବା ସଂସାର ଉପରେ ବିରକ୍ତ ଥିବାରୁ ବୋଧହୁଏ କୃଷ୍ଣଚନ୍ଦ୍ର ଆଗ୍ରହରେ କହିଲା ଯେ ସେ ଯିବ···ମା'ର ଚିତ୍ର ଲଭିଗଲା ।

ଜଡ଼ବାଦୀ କୃଷ୍ଣଚନ୍ଦ୍ର ସକାଳେ ଉଠି ଭାବିଲା, ସତରେ କ'ଣ ମଲା ମଣିଷର ଆତ୍ମା ଫେରିଆସେ ଏହି ମାଟି ଗୋଡ଼ର ସଂସାରକୁ ? ଲଗେ ଲଗେ ସେ ମା'କୁ ଦୁଇଥର କ'ଣ ପାଇଁ ଦେଖିଲାଣି ?

ସ୍ୱପ୍ନକୁ ଯେତେ ସେ ପଢ଼ାବହିର ନିୟମ ଅନୁସାରେ ଅସାର ଓ ମନଗଢ଼ା ବୋଲି ବୁଝାଇଲା ସେତିକି ସେ ଅବୁଝା ହେଲା । ତାହାର ମନେହେଲା ସେ ଆଉ ଅଧିକ ଦିନ ବଞ୍ଚିବ ନାହିଁ ।

ସେ ଭାବିଲା 'ମନ୍ଦ କ'ଣ ? ଆଉ ଏଥେଲ୍ ଦୋଷ ଦେବ ନାହିଁ ତ ।'

ତହିଁ ଆରଦିନ ଏଥେଲକୁ ଡାକି ସେହି କଥା କହିଲା । କୃଷ୍ଣଚନ୍ଦ୍ର ମରିବା କଥା ଶୁଣି ବି ଏଥେଲର କଣ୍ଠରେ ସହାନୁଭୂତିର

ବିପଦ କଥା ଆସିଲା ନାହିଁ । ଶେଷକୁ ଖାଲି କହିଲା 'କୃଷ୍ଣଚନ୍ଦ୍ର ବଦଳିବାକୁ ଆରମ୍ଭ କଲଣି—ମିଛ ସତରେ ଆଉ ଅଛି କ'ଣ ?'

କୃଷ୍ଣଚନ୍ଦ୍ର ଦେଖିଲା ଏଥେଲର କୁଢ଼େଇ ଆସୁଥିବା ଆଖିରୁ ଦୁଇଟୋପା ହତାଶାର ଲୁହ ଗଡ଼ିପଡ଼ିଲା । ସେଥିରେ କୃଷ୍ଣଚନ୍ଦ୍ରଠାରୁ ସହାନୁଭୂତି ମିଳିଲା ନାହିଁ ।

ହୃଦୟ ଦୁଇଟି ଦୂର୍‌ମୁ ମେଲାଣି ହେଲେ ପରସ୍ପରଠାରୁ ।

ସନ୍ଧ୍ୟାବେଳେ କୃଷ୍ଣଚନ୍ଦ୍ରର ଜଣେ ସମ୍ପର୍କୀୟ ଲୋକ ଆସି ତାହାର ପାଖରେ ଅତିଥି ହେଲେ ତା'ର ମତାମତ ନେବା ପାଇଁ ବିବାହ ବିଷୟରେ ।

କୃଷ୍ଣଚନ୍ଦ୍ର କହିଲା, ମୋର ବୟସ ଏତିକ ହେଲା । ସ୍ତ୍ରୀ ଅତି କମ୍ ବୟସର ହେଲେ ଦୁହିଁଙ୍କୁ ଅସୁବିଧା, ଆଉ ମୋ ସାଙ୍ଗରେ ମଝେଇ ବୟସ ହେଲେ ସ୍ତ୍ରୀ'ର ବୟସ ଅଧିକ ହେବା ଦରକାର । ଡାକ୍ତର ହେଇ ମୁଁ ତ ଜାଣେ ଅଧିକ ବୟସରେ ପିଲା-ଜନ୍ମ କି ଯନ୍ତ୍ରଣା ଦିଏ ?···ତାହାହେଲେ ଅପର ପାଇଁ ଓ ଆପଣା ପାଇଁ ଆଉ ସେ ବନ୍ଧନରେ କାହିଁକି ବାନ୍ଧିହେବ ?

କିନ୍ତୁ ଅତିଥିଙ୍କର ପ୍ରତିବାଦ ହେଲା ଯେ ଈଶ୍ୱର ସଂସାର ଚଳାନ୍ତି । ସେହି ଆଣନ୍ତି, ଦିଅନ୍ତି ଓ ନିଅନ୍ତି ···

କୃଷ୍ଣଚନ୍ଦ୍ରକୁ ଅଧିକରୁ ଅଧିକ ବିରକ୍ତି ଲାଗିଲା । ଚିରଦିନ ସେ ନିଜର ମନକୁ ଶିକ୍ଷା ଦେଇଛି ଯେ ମଣିଷ ଠାକୁରଙ୍କୁ ତିଆରିକରିଛି । ତେଣୁ ମଣିଷ ଠାକୁରଙ୍କ ଠାରୁ ବଡ଼ ।

ଜଡ଼ିବାଘା କୃଷ୍ଣଚନ୍ଦ୍ରକୁ ତନିଁ ଆରଦିନ ଜର ହୋଇ ଦୁଇଦିନ ପରେ ଟାଇଫଏଡ୍ ବୋଲି ଚିହ୍ନାଗଲା । କୃଷ୍ଣଚନ୍ଦ୍ର ବ୍ୟସ୍ତହୋଇ ଭାବିଲା ଯେ ସେହି ତାହାର ଶେଷଯାତ୍ରା ।

ସେ ଡାକ୍ତର ଓ ଡାକ୍ତରଙ୍କ ଭଆରେ କାରଖାନାରେ ହାସ-ପିଟାଲରେ ବନ୍ଦୀ। ଯାହାକୁ ଦେଖେ ସେ କହେ 'ଭାଇ, ମତେ ବଞ୍ଚାଅ । ଏତେ ଶୀଘ୍ର ଚାଲିଯିବାକୁ ମନ ହେଉନାହିଁ ।'

ସେମାନେ ଆଶ୍ୱାସ ଦିଅନ୍ତି କିଛି ଭୟର କାରଣ ନାହିଁ । ଏଥେଲ୍ ମଧ୍ୟ ଆସେ । ସେ ବି ପ୍ରବୋଧ ଦିଏ । ଏଥେଲର ଆଉ ବସିବାକୁ ଇଚ୍ଛା ନ ଥାଏ । ତଥାପି କର୍ତ୍ତବ୍ୟର ଅନୁରୋଧରେ ବସିରହେ । କୃଷ୍ଣଚନ୍ଦ୍ରର କଥାର ଆନ୍ତରିକ କରୁଣତା ତାହାର ମେଘ ଭସାଏ ।

ସଚେତନ ଅନୁରୋଧ ପରେ କୃଷ୍ଣଚନ୍ଦ୍ର ଅଚେତ ହୋଇ ପଡ଼ିଲା । ବିଜ୍ଞାନର ଚେଷ୍ଟା ପ୍ରୟୋଗ ହେଉଥିଲା, ତାହାକୁ ମରଣ ମୁହଁରୁ ଟାଣିଆଣିବାକୁ ।

ପାଞ୍ଚଦିନପରେ କୃଷ୍ଣଚନ୍ଦ୍ରର ଚେତା ଫେରିଲା । ସଙ୍ଗ ସାଥି, ଶୁଭାକାଙ୍କ୍ଷୀ ଅନେକ ଲୋକ ଠିଆହୋଇଥିଲେ । ସମସ୍ତଙ୍କ ଆଡ଼କୁ ଚାହିଁ ସେ କହିଲା 'ଯିବାବେଳ ହୋଇଆସିଲାଣି— ମା' ଡାକୁଛନ୍ତି··· ମୋର କେହି ହେଲେ ଥାଆନ୍ତା···ଜଣେ ହେଲେ···'

ଏଥେଲ୍ ଯନ୍ତ୍ରଚାଳିତ ପରି ଘୁଞ୍ଚିଆସିଲା ପାଖକୁ । କୃଷ୍ଣଚନ୍ଦ୍ର ଆଖି ଫେରାଇନେଲା । ଟିକକ ପରେ କହିଲା 'ଏଥେଲ୍, ମତେ ଭୁଲ ବୁଝିବ ନାହିଁ । ମୋର ମରିବା କଥା କହୁଥିଲି— କ'ଣ ସତ ନ ହେଲା ?'

କୃଷ୍ଣଚନ୍ଦ୍ରର ଆଖି ଦୁଇଟି ବନ୍ଦହେଲା । ବିଛଣା ପାଖରେ କେତୋଟି ଆଖିରୁ ସହାନୁଭୂତିର କେଇଟୋପା ଲୁହ ଗଡ଼ିପଡ଼ିଲା ତାହାର ରୋଗକ୍ଲିଷ୍ଟ ଦେହର ଚାରିପାଖେ ।

# କାଠ

ଏହି ସଂସାରଟା ଏମିତି ତିଆରି ଯେ ସମସ୍ତେ ସମସ୍ତଙ୍କୁ ଏକା ବାଟରେ ଏକାପରି ଚାଲିବାପାଇଁ ଚାହାନ୍ତି । ଯେଉଁ କେତେଜଣ ସେହି ବାଟରେ ନ ଯାନ୍ତି କି ସେ ବାଟରେ ଗଲେ ବି ଟିକିଏ ରାସ୍ତାରୁ ଆଡ଼ହୋଇ ଯାନ୍ତି ତାଙ୍କୁ ଅନ୍ୟ ବାଟୋଇମାନେ ଆଖି ଠାରିଠାରି ହୋଇ କୁହନ୍ତି ଯେ ପାଗଳ ଯାଉଛି ।

ସଂସାରର ବାଟ ହେଉଛି ଧର୍ମ, ଅର୍ଥ ଓ କାମର ବାଟ । ଯେ ଜନ୍ମ ହୋଇଛି ସେ ଅର୍ଜନକରିବ, ମାରୁପର୍ଯ୍ୟନ୍ତ ସଞ୍ଚୟ କରିପାରିବ । ବାହାହୋଇ ବଂଶ ବଢ଼େଇବ ଓ ଅନ୍ୟ ଚାରିଜଣଙ୍କ ପରି ଭଲ ମନ୍ଦ କରିବ । ଜଣେ ଯଦି ସେଥିଭିତରୁ ବାହାରିପଡ଼ି ବାହା ନ କରି ସ୍ତ୍ରୀ ପିଲାଙ୍କର ବୋଝ ବୋହିବାକୁ ପ୍ରସ୍ତୁତ ନ ହେଲା ତାହାହେଲେ ସେ ହୁଏ ଆଲୋଚନାର ବିଷୟ । ତାହାକୁ ସମସ୍ତେ ଉପଦେଶ ଦେଇ ସଂଶୋଧନ କରିବାରେ ଲାଗିପଡ଼ନ୍ତି ।

ଶିକ୍ଷିତ ହୋଇ ରୋଜଗାର କଲେ ବି ଯେତେବେଳେ ଜଗବନ୍ଧୁ ବାହା ହେବ ହେବ ବୋଲି ବତିଶ ବର୍ଷ ପାରି କରିଦେଲା, ସେତେ-ବେଳେ ଆଖ ପାଖ ଖଣ୍ଡିକରେ ସମସ୍ତେ ତାକୁ ଚିହ୍ନିଗଲେ । ସମସ୍ତେ କଥା କଥାରେ କହନ୍ତି, ଜଗବନ୍ଧୁ ମଉଜରେ ଅଛି । ଦାୟିତ୍ୱ ନାହିଁ । ନିଜ ମନରେ ଉଆଁ ବୁଲା କରୁଛି । ଅନ୍ୟମାନଙ୍କପରି ଆଇନ୍ଦାକଥା

ଘର ଉପର ମରୁ ନାହିଁ । ଏମିତି ଜୁଆଳି ନ ପଡ଼ି ଅନେକ ଦିନ ରହି-ଯିବାରୁ ଅବାଗିଆ ହୋଇଗଲାଣି । ଆଉ ମଣ ହେଉ ନାହିଁ ।

ପୁରୁଷଙ୍କଠାରୁ ଶୁଣି ମାଇପେ ବି କୁହାକୁହି ହୁଅନ୍ତି—ଲୋକଟାର ବୋଧହୁଏ କିଛି ନାହିଁ । ଘର ସ୍ୱାର୍ଥପର କି ନା, ତାହାର ପଇସା କିଏ ଖାଇଗଲେ ତାହାର ଦେହ ଛିଣ୍ଡିପଡ଼େ । ହୁଏତ କେଉଁ ମାଇକିନିଆ ସଙ୍ଗରେ ରହିଛି ନୋହିଲେ କାହାର କୃପା କଣିକାକୁ ଚକେଇ ବସିଛି । ଏଣେ ଏତେ ଝିଅ ଦରବୁଢ଼ୀ ହୋଇଗଲେ । ଗୋଟିକୁ ବି ପାର କରିବାକୁ ରାଜି ହେଉ ନାହିଁ ।

ଏହିପରି ପର ପୁରୁଷ ଜଗବନ୍ଧୁ କଥା ବହୁତ ଭାବନ୍ତି । ବହୁତ ଚର୍ଚ୍ଚା କରନ୍ତି । ଭାବନ୍ତି, ଜଗବନ୍ଧୁ ନଈ ସମୁଦ୍ର ପରି । ଗାଧୋଇବାକୁ ମନଟା ଯେମିତି ଛକପକ ହୁଏ ସେମିତି ଜଗବନ୍ଧୁ ସାଙ୍ଗରେ ମିଶି ତାହାର ଦୁଃଖ ସୁଖ ଜାଣିବା ପାଇଁ ମନଟା ଆତୁରିଆ ଧରେ । ହେଲେ ଶିଖିବାର ସୁବିଧା ନ ଥିବାରୁ ଜଗବନ୍ଧୁକୁ ନିନ୍ଦା ଦେଇ ମନର ରାଗ ଶୁଝାନ୍ତି ।

ସେମିତି ପୁରୁଷମାନେ ଜଗବନ୍ଧୁ ପଇସାରେ ମଉଜ କରିବେ ବୋଲି ମହୁମାଛି ଫୁଲ ପାଖରେ ବେଢ଼ିଲାପରି ଲାଗିଥାନ୍ତି । ଜଗବନ୍ଧୁ ସେମାନଙ୍କ ପାଇଁ ତାହାର ସବୁ ଅର୍ଜନ ଉଡେଇଦିଏ । ଅନେକ ସମୟରେ ତାଙ୍କଠାରୁ କରଜକରି ତାଙ୍କରିପାଇଁ ଖର୍ଚ୍ଚ କରେ । ସେମାନେ ବି ଉପଦେଶ ଦିଅନ୍ତି ଜଗବନ୍ଧୁ ଅକୂଳରୁ କୂଳକୁ ଆସୁ ।

ଜଗବନ୍ଧୁର ମନକଥା କେହି ବୁଝନ୍ତି ନାହିଁ । ସେ କାହିଁକି ତାହାର ଯୌବନ କୋଡ଼ିଏ ବର୍ଷରୁ ବତିଶ ବର୍ଷଯାଏ ବାର ବର୍ଷ ଟାଣି ନେଇଛି । ସମସ୍ତଙ୍କ ମୁହଁରେ ପଦେ କଥା । ଜଗବନ୍ଧୁ ପାଗଳ —ପଥର । ସେ ହୃଦୟହୀନ ତେଣୁ ଅଡ଼ୁଆଡ଼ା ।

ସବୁ ସହି ହୁଏ । କିନ୍ତୁ ମିଛ ଅପବାଦ ସହି ହୁଏ ନାହିଁ । ଜଗବନ୍ଧୁକୁ ତା’ ସାଙ୍ଗ ସାଥି, ଚିହ୍ନା ଅଚିହ୍ନା ଲୋକେ ଏମିତି ହୃଦୟହୀନ ବୋଲି କହୁଥିବାର ଶୁଣିଲେ ସେ ଆହତ ମନେକରେ । ସେ କେତେ ଲୋକଙ୍କ ପାଇଁ କେତେ ସମୟ ଭାବିବାରେ ନ କଟାଏ ? ହୃଦୟ ତାହାର ନ ଥିଲେ ସେ କଣ ଏତେ ଭାବିପାରୁଥାନ୍ତା ?

ଅନେକ ଥର ସେ ତାହାର ଅତୀତ ଓ ଭବିଷ୍ୟତ କଥା ଭାବେ । ସେ ଆଉ କାହାକୁ କଷ୍ଟ ଦେବାକୁ ଚାହେଁନାହିଁ ବୋଲି ବିଭା କରି ନାହିଁ । ଥରେ ଚିତ୍ରକଳା ପ୍ରଦର୍ଶନୀରେ ଦୁଇଟି ଛବି ଦେଖି ସେ ବିଭାହେବାର ଇଚ୍ଛା ଆଉ କରିନାହିଁ । ସେହି ଅତୀତ ସ୍ମୃତି ମନରେ ତାର ଜୀବନ ପାଉଛି ।

ସେ ହେଉଛି ପ୍ରଦର୍ଶନୀର ଦୁଇଟି ଛବି—ଜଣେ ପ୍ରସିଦ୍ଧ ଶିଳ୍ପୀ ଆଙ୍କିଥିଲେ । ଗୋଟିକରେ ଗୋଟିଏ ସୁନ୍ଦରୀ ଯୁବତୀ ହସି ଠିଆ-ହୋଇଛି । ତାହାର ତଳେ ଗୋଟିଏ ବୁଢ଼ୀ ବସିଛି । ପାଖକରେ ଲେଖା-ହୋଇଛି, ବୟସର ବୈଷମ୍ୟ—ଯୁବତୀର ଛବିରେ ଯୌବନର ସବୁ କମନୀୟତା ଚିତ୍ର ହୋଇଛି । ଦେଖିଲେ ଲୋଭ ଆସେ । ବୁଢ଼ୀଟିର ଛବିରେ ବାର୍ଦ୍ଧକ୍ୟର ସବୁ କଠୋରତା ସେମିତି ଅଙ୍କା ହୋଇଛି । ଦେଖିଲେ ଯୌବନର ଅସାରତା ସ୍ପଷ୍ଟ ବାରିହୋଇ ପଡ଼େ । ଯୌବନ ପ୍ରତି ଘୃଣା ଆସେ ।

ଆଉ ଛବିଟି ଗୋଟିଏ କଙ୍କାଳ ମୁଣ୍ଡର ଛବି । ପାଖକରେ କଙ୍କାଳର ମୁଣ୍ଡର ବୀଭତ୍ସ ଦୃଶ୍ୟ ଅଙ୍କା ହୋଇଛି । ଆଉପାଖରେ ଯୁବତୀର ଗୋଲାପୀ ଓଠର ଛବି । ତାହାର ତଳେ ଲେଖାହୋଇଛି —ସଂସାରଟା ଅଡ଼େଇଦିନିଆ ।

ଜଗବନ୍ଧୁ ବହୁତଥର ସେହି ଛବି ଦୁଇଟି ଦେଖିଥିଲା । ଯୌବନ ସୌନ୍ଦର୍ଯ୍ୟ ଏମିତି ଝଡ଼ିପଡ଼େ ବୋଲି ତାହାର ମନଉପରେ ଅଲିଭା ଅକ୍ଷରରେ ଲେଖିହୋଇଗଲା । ସେ ସେହିଦିନୁ ବିବାହ କରିବାର ସବୁ କଳ୍ପନା ମନରୁ ଦୂର କରିଦେଲା ।

ବେଶୀ ହୃଦୟବାନ ଲୋକ ବୋଲି ସେ ନିଜକୁ ଓ ଅପରକୁ ଆଉ କଷ୍ଟ ଦେବାକୁ ଚାହେଁ ନାହିଁ । ଚାକରମାନେ ତାହାର ଦୟା ଓ ନିରପେକ୍ଷତାରେ ବଡ଼ ସନ୍ତୁଷ୍ଟ । ବନ୍ଧୁମାନଙ୍କ ଘରକୁ ବୁଲିଗଲେ ପିଲାଙ୍କ ପାଇଁ ମିଠେଇ ଫଳ ନେଇ ଯାଇଥାଏ ବୋଲି ପିଲାମାନେ ବି ଖୁସି । ଦୁଃଖୀ ଶୋଷୀ ଓ ଆତୁର ଅନାଥକୁ ଯଥାଶକ୍ତି ଦାନ କରେ ।

ସେ ଦେଖେ ଯେ ସଂସାରୀମାନେ ପ୍ରକୃତରେ ନିର୍ମମ । ସେମାନଙ୍କର ନିଜର ସଂସାର ଛଡ଼ା ଆଉ କିଛି ବିଚାର ନାହିଁ । ତାଙ୍କର ସବୁ କାମ, କଥା ଓ ହସର ଲକ୍ଷ୍ୟ ହେଉଛି ସଂସାରର ଅନ୍ୟ ସମସ୍ତଙ୍କଠାରୁ ରସ କାଢ଼ିଦେଇ ନିଜର ଘଡ଼ାରେ ରଖିବେ ଓ ନିଜର ପାଖରୁ ବାହାରର କାହାରିକୁ କିଛି କେବେ ଦେବେ ନାହିଁ ।

ସଂସାରର ଯଦି ମୃତ୍ୟୁ ଓ ବାର୍ଦ୍ଧକ୍ୟ ଅତି ନିଷ୍ଠୁର ସତ, ତାହାହେଲେ ପୁଣି ବିବାହରର ଝଣାଝଣି କ'ଣ ପାଇଁ ? ତାହାର ମନଟା ଭିତରଆଡ଼ୁ କେମିତି ଶୁଖିଯାଇ ଖୁରୁଡ଼ି ନଡ଼ିଆପରି ହୋଇ ଯାଇଥିଲା । ଆଉ ଜଣେ ଲୋକ ସାଙ୍ଗରେ ବର୍ଷକ ତିନିଶହ ପଅଁଷଠି ଦିନର ଚବିଶ ଘଣ୍ଟା ଏକାଠି ଗୁନ୍ଥିହୋଇ ରହିବାର କଳ୍ପନା ତାହାକୁ ଅସହ୍ୟ ଲାଗିଲା ।

ସେଥିପାଇଁ ସେ ବିଭା ହେଲା ନାହିଁ । ଏତେ ବର୍ଷ ଯାଏ ଚାଲିଗଲା ଆଉ କେତୋଟି ଯାଉ । କିନ୍ତୁ ତାହାର ଚାକ୍ଷ୍ମା ଲୋକେ କହନ୍ତି ସେ ହୃଦୟହୀନ ।

ସେହି ଜଗବନ୍ଧୁ ସୌନ୍ଦର୍ଯ୍ୟର ଉପାସକ । ସକାଳୁ ଉଠି ସେ ତାହାର ମାଳଠାରୁ ଫୁଲ ଗୋଛାଏ ନେଇ ନିୟମିତ ତାହାର ଫୁଲଦାନୀରେ ସଜାଇ ଟେବୁଲ ଉପରେ ଥୁଏ । ପ୍ରତିଦିନ ଯୌବନର ଅର୍ଘ୍ୟ ନେଇ ସେମାନେ ସକାଳୁ ଠିଆହୁଅନ୍ତି ଓ ସନ୍ଧ୍ୟାକୁ ମଉଳି-ଯାଇ ଆରଦିନ ସକାଳେ ଶ୍ମଶାନକୁ ଫିଙ୍ଗାଯାନ୍ତି ।

ମଣିଷ ଠିକ୍ ସେମିତି ଜନ୍ମ ପାଇ ଯୌବନର ଜୟ ଜୟକାର ଦୁଇଦିନ କରି କ୍ଷୟ ପାଇଯାଏ । ସ୍ତ୍ରୀ ସ୍ୱାମୀ ପାଖରୁ ଯାଇପାରେ ଓ ସ୍ୱାମୀ ବି ସ୍ତ୍ରୀକୁ ଠକି ଦେଇପାରେ । ସେ ସେତିକ ଭାବିଲେ ଆଘାତ ପାଏ । ଆଉ ବିବାହ କଥା ମନରେ ଆସେ ନାହିଁ ।

ସେଥିପାଇଁ ସେ ଖାଲି ଦିନକର ବନ୍ଧୁ ଖୋଜେ । ଯେ ପାଖକୁ ଆସେ, ସେ ସେହି ଟିକିକ ପାଇଁ ଜଗବନ୍ଧୁର ଆପଣାର ହୁଏ । ଜଗବନ୍ଧୁ ତାହାପାଇଁ ସବୁ ଖରଚ କରେ । ସେ ଚାଲିଗଲେ ଜଗବନ୍ଧୁ ଭୁଲିଲା । ଏହି ପ୍ରକୃତିକୁ ଅନ୍ୟମାନେ କହନ୍ତି ହୃଦୟର ଅଭାବ । କିନ୍ତୁ କେତେ ହୃଦୟର ଦୌର୍ବଲ୍ୟ ହେଲେ ମଣିଷ ଜୀବନ ସାଙ୍ଗରେ ଏହି ଆପୋଷୀ ମୀମାଂସା କରେ ସେତିକ ତାହାର ସଂସାରୀ ବନ୍ଧୁ-ମାନେ କଳି ପାରନ୍ତି ନାହିଁ, କାରଣ ସେମାନେ ନିଜେ ନିଷ୍ଠୁର—ହୃଦୟହୀନ ।

ଅବିବାହିତ ଲୋକ ସଂସାରରେ ନିର୍ଜୀବ ପଦାର୍ଥକୁ ବି ଭଲ ପାଏ । ଜଗବନ୍ଧୁ ତାହାର ବିଛଣା, ବହିପତ୍ର, ଟେବୁଲ, କୋଟ

କାମିଜ ଆଦି ସମସ୍ତଙ୍କୁ ନିଜର ପରି ସ୍ନେହ କରୁଥିଲା । ଲୁଗା ପୁରୁଣା ହୋଇ ହଠାତ୍ ଦିନେ ଚିରିଗଲେ ଜଗବନ୍ଧୁର ହୃଦୟରେ ଗୋଟିଏ କ୍ଷତ କରିଦିଅନ୍ତି । ଯୋତା ପୁରୁଣା ହୋଇ ଅକର୍ମଣ୍ୟ ହୋଇଗଲେ ସେମିତି ଜଗବନ୍ଧୁର ଗୋଟିଏ ଅଂଶ ଯେମିତି ପ୍ରାଣହୀନ ହୋଇଯାଏ ।

ଏହିସବୁ ଜାଣିବା ଲୋକେ ଭାବନ୍ତି, ଜଗବନ୍ଧୁ ଲୋଭୀ – ଗୃଧ୍ର । ତାହାର ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ସେ ତାହାର ହୃଦୟ ଓ ମନକୁ ହଜେଇଦେଇଛି ।

କିନ୍ତୁ ଜଗବନ୍ଧୁର ମନ ସେହି ପ୍ରକାରର ସାଂସାରିକ ମତ ସାଙ୍ଗରେ ସମାନ ହୁଏ ନାହିଁ । ତଥାପି ସଂସାରରେ ଆଉ ପାଞ୍ଚ ଜଣଙ୍କର ମତ ହିଁ କାଏମ୍ ରହେ । ଦିନେ ଦିନେ ଜଗବନ୍ଧୁ ସେତକ ବିଶ୍ୱାସକରେ । ନିଜକୁ ସନ୍ଦେହକରି ଭାବେ ବୋଧହୁଏ ସେ ପାଗଳ ହୋଇଯାଇଛି ।

ସକାଳେ ମାଳୀ ଫୁଲ ଦେଇଗଲା । ଫୁଲଗୁଡ଼ିକୁ ଆଉଁଷି ଦେଇ ସେ ତାହାର ଫୁଲଦାନୀ ସଜେଇ କାମରେ ଲାଗିଲା । ପ୍ରତି-ଦିନର ଅଭ୍ୟାସ ।

ଜଳଖିଆ ଖାଇଲା ବେଳେ ଚଟିଆ ଆସି ପହଞ୍ଚନ୍ତି ଟିକିଏ ଖାଇବାପାଇଁ । ବିରାଡ଼ିଟିଏ ବି ବୁଲି ବୁଲି ସେତେବେଳେ ଆସେ ତାହାର ଭାଗଟିକି ମାଗିବାପାଇଁ । ଅନ୍ୟଦିନ ପରି ସେଦିନ ବି ଆସିଥିଲେ, ଚଢ଼େଇ ଓ ପଶୁ ।

ହଠାତ୍ ବିଲେଇର ଲୋଭହେଲା । ସେ ଚଟିଆଟିକୁ ଧରିବ ବୋଲି ଡେଇଁ ପଡ଼ିଲା ବେଳକୁ ଫୁଲଦାନୀ ପଡ଼ି ଖଣ୍ଡ ଖଣ୍ଡ ହୋଇଗଲା ।

ଜଗବନ୍ଧୁର ଆଖି ଆଗରେ ଯେମିତି ତାହାର ପୃଥିବୀ ବୁଲି-ଗଲା । ବଳେଇ ଓ ଚଢ଼େଇ ଉଭୟ ଖସି ଚାଲିଗଲେଣି ।

ମଣିଷ ତାହାର କେହି ଆତ୍ମୀୟ ମରିଗଲେ ଯେମିତି ଆତୁର ହୋଇ ତାହାକୁ ଖୋଜେ, ଜଗବନ୍ଧୁ ସେମିତି ତାହାର ଫୁଲଦାନୀକୁ ଖୋଜିଲା । ତାହାର ସେହି କାଚ ଫୁଲଦାନୀ ପ୍ରତି କେତେ ମମତା ଲାଗିଯାଇଛି — ସେଦିନ ହିଁ ସେ ଅନୁଭବକଲା ।

ଏତେ ସୁଖ ସମ୍ଭୋଗ ସେ ତ୍ୟାଗକରିଛି । ସାମାନ୍ୟ ଖିଆଲ୍ ପରି ଫୁଲ କେଇଟି ଆଣି ତାହାର ଛୋଟିଆ ଫୁଲଦାନୀରେ ରଖି ଦେଖି ସେ ଆନନ୍ଦ ପାଉଥିଲା । ସେତକ ବି ଚାଲିଗଲା । ତାହାର ଦେହର ଗୋଟିଏ ଅଙ୍ଗ କଟିଯିବା ପରି ସେ ଦୁଃଖ ପାଇଲା ।

ଚାକର ଆସି ଯେତେବେଳେ କାଚ ସବୁ ଗୋଟେଇ ନେଇ ଫିଙ୍ଗିଦେବାକୁ ଯାଏ; ଜଗବନ୍ଧୁ ତାହାକୁ ଅଟକାଇ ଖଣ୍ଡେ ଖବର କାଗଜରେ ରଖିଲା ନିଜର ଟେବୁଲ ଉପରେ । ଫୁଲଗୁଡ଼ିକରୁ କେତୋଟି ନଷ୍ଟ ହୋଇଯାଇଥିଲା ।

ଅନ୍ୟ ଗୋଟିଏ ପାତ୍ରରେ ଫୁଲଗୁଡ଼ିକୁ ସଜେଇରଖି ସେ ସନ୍ତୁଷ୍ଟ ହେଲାନାହିଁ । ତାହାର ଯେମିତି ଗୋଟିଏ ଦରକାରୀ ଜିନିଷ ଚିରଦିନ ପାଇଁ ହଜିଲା ।

ଜଗବନ୍ଧୁର ଦୁଃଖର କାରଣ କ'ଣ ସେହି କାଚ ପାତ୍ରଟିର ଦାମ୍ ? ସେତକ ମୋଟେ ପାଞ୍ଚ ସୁକା । ଯେଉଁ ଲୋକ ଏତେ ଟଙ୍କା

ଅର୍ଜନ କରି ସବୁ ଖରଚ କରିଛି, ସେ କଣ ପାଞ୍ଚସୁକା ପଇସାପାଇଁ ଆଘାତ ପାଇପାରେ ?

ହୃଦୟବାନ୍ ଲୋକହିଁ ନଗଣ୍ୟ ପଦାର୍ଥ ପାଇଁ ଝୁରିପାରେ । ସେଇ ଲୋକକୁ ସଂସାରୀ ଲୋକ ହୃଦୟହୀନ ପଥର ବୋଲି କହନ୍ତି ଈର୍ଷାରେ । କାରଣ ସଂସାରୀ ଲୋକ ତାହାର ସ୍ତ୍ରୀ ପିଲାଙ୍କର ରୋଗ, ଅଯତ୍ନ ଓ ଅଭାବ ଭିତରେ ସଡ଼ିସଡ଼ି ମଲେଗଲେ ବି ସେ ହସିହସି ସେସବୁ ପାଶୋରିଦେଇ ପୁଣି ଥରେ ନୂଆରେ ମନ ବସାଇପାରେ । ସେଥିପାଇଁ ସେମାନେ ପ୍ରକୃତ ହୃଦୟବାନ୍ ଲୋକକୁ ଈର୍ଷାରେ କହନ୍ତି ପଥର—ପାଗଳ ।

ଅନ୍ୟକୁ ଦୁଃଖ ନ ଦେବା ପାଇଁ ସେ ଲଢ଼ି ହେଲା ନାହିଁ । ତାହାକୁ ସଂସାର ଯନ୍ତ ପଥର ବୋଲି ଅପବାଦ ଦେଲା ଦେଉଥାଉ ।

# ଧୂଳଆର ବାଟ

ସନ୍ଧ୍ୟାରାଣୀ କଲେଜରେ ପଢ଼ୁଥିଲା—ତାହାର ପଢ଼ାସାଥୀ ନବୀନଚନ୍ଦ୍ର । ଉଭୟଙ୍କର ଯୌବନ । ପରସ୍ପରପ୍ରତି ସମ୍ମାନର ମାପ-କାଠି ହେଲା କ୍ଲାସର ପଢ଼ା । ନବୀନ ଭଲ ପଢ଼େ ଓ ଦରିଦ୍ର । ସନ୍ଧ୍ୟାରାଣୀ ଖରାପ ପଢ଼େ, କିନ୍ତୁ ସୁନ୍ଦର । ଏକାଠି ମିଶିଗଲେ ସମାନ ହୋଇଗଲା ।

ନବୀନଚନ୍ଦ୍ର ଦାରିଦ୍ର୍ୟଯୋଗୁ ଧାଇଁଆସେ ସନ୍ଧ୍ୟାରାଣୀ ଘରକୁ । ସମୟ ଅସମୟରେ ବହିଖଣ୍ଡେ କି କିଛି ଟଙ୍କାପାଇଁ । ଦରିଦ୍ରଠାରୁ ବହି ଫେରସ୍ତ ଆସେ, ସାଙ୍ଗରେ ସୁଧ ଭଳି ଲାଗିଥାଏ ଖଣ୍ଡେ ନୋଟ୍ ଖାତା । ସୁନ୍ଦରୀଠାରୁ ଯେଉଁ ଟଙ୍କା ଯାଏ ସେତକ ଫେରେ ନାହିଁ, କାରଣ ସେ କହିଦିଏ ଫେରାଇବା ଦରକାର ନାହିଁ । ଆପଣ ମୋର ପଢ଼ାର ଉନ୍ନତିପାଇଁ ଯେତିକ ଯତ୍ନ କରୁଛନ୍ତି, ସେ ଋଣ ମୁଁ କେମିତି ଶୁଝିବି ଜାଣେ ନାହିଁ ।

ନବୀନଚନ୍ଦ୍ର ଠିଆହୁଏ ଏହି ଅଡ଼ୁଆ ପ୍ରଶ୍ନ ଶୁଣି । ଏହି ତ ବଡ଼ ସମସ୍ୟା ! ଦରିଦ୍ରର ଅଭାବଭିତରେ ମନମଧ୍ୟରେ ପ୍ରେମର ପରିସର କେଡ଼େ ସୀମାବଦ୍ଧ, ସେ କଥା ସନ୍ଧ୍ୟାରାଣୀ ବୁଝିପାରୁ ନାହାନ୍ତି । ସେ ସୌନ୍ଦର୍ଯ୍ୟରେ ଧନୀ, ବୟସରେ ଯୁବତୀ, ବ୍ୟବହାରରେ କୁମାରୀ ଓ ଅର୍ଥରେ ମଧ୍ୟ ଗରୀୟସୀ । ସେ କାହୁଁ ବୁଝିବେ ଦାରିଦ୍ର୍ୟର ଅର୍ଥ କ'ଣ ? କେବେ ସେ କୁତ୍ସିତ କଦାକାର ଦରିଦ୍ର ହେଲେ ଜାଣନ୍ତେ —କି ଋଣ କିପରି ପରିଶୋଧ କରାଯାଏ ।

—କ'ଣ ଭାବୁଛନ୍ତି—ସନ୍ଧ୍ୟାରାଣୀ ପଗ୍ଚରିଲା, ଆଖିରେ ବକ୍ରୂଲ, ଓଠ କଡ଼ରେ ହସ । ପୁଣି କହିଲା, ଭାବୁଛନ୍ତି ନା ଟଙ୍କାଗୁଡ଼ାକ ନ ଫେରେଇ ରଖିବେ କପର ?

—ହଁ, ସେଇଆ ଭାବୁଥିଲି । ନେଲାବେଳେ ତ ନେଇଯାଉଛି ପାଇବାର ସୁବିଧା ନ ଥିବାରୁ ମାଗିବାର ସୁବିଧା ଖୋଜିଲି । ଫେରାଇବାର ବାଟ କାହିଁ ? କେତେଥର ମାଗିବ, ଆଉର ଦେଢ଼ବର୍ଷ ପାଠପଢ଼ା ଅଛି, ମୋ ଘରକଥା ଆପଣ ଜାଣନ୍ତି ନାହିଁ ବୋଧହୁଏ ।

ସନ୍ଧ୍ୟାରାଣୀର ମୁହଁରେ ସେହି ପ୍ରଶ୍ନ ଉକୁଟିଉଠିଲା । ସେ ବୁଝିପାରୁ ନାହିଁ, ଚହ୍ନିଛି ନବୀନବାବୁଙ୍କୁ ଭଲ ମେଧାବୀ ଛାତ୍ର, ସରଳ ପରିଶ୍ରମୀ ଲୋକ । କଲେଜ ପ୍ରଫେସର ପ୍ରଶଂସା କରନ୍ତି—ସ୍ୱାର୍ଥୀ ପିଲାମାନେ ସାଥୀ ହେବାକୁ ଖୋଜନ୍ତି, କଲେଜର ପାଠଚକ୍ର, ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟ ଭିତରେ ସେ ବି ତ ଜଣେ ବଡ଼ ମଣିଷ । ଉପର କ୍ଲାସ ପିଲା କେଇଜଣ ଓ ପ୍ରଫେସର କେଇଜଣ । ସେମାନେ ଅଲଗା ଅଲଗା ପାହାଚର ଲୋକ । ଆମ ପାହାଚରେ ନବୀନବାବୁ ଗୋଟିଏ ଜଣାଶୁଣା ପଥର । ଅଧିକ ପରିଚୟ କଣ ଲୋଡ଼ା ? ସ୍ୱଗତ ଉକ୍ତି କଲାପରି ପାଟିରୁ ବାହାରିପଡ଼ିଲା—ଆପଣଙ୍କ ଘରକଥା ଜାଣିଛି ତ !

—ଜାଣନ୍ତି ମୋର ବିଧବା ମା' ଗାଁରେ ଅନ୍ୟର ଆଶ୍ରୟରେ ଥାଏ ? ପରର ଖିଜମତ୍ କରି ଚଳେ । ମୁଁ ଖର୍ଚ୍ଚ ଚଳାଇଲେ ଚଳି-ପାରିବ ଯେତିକି ଦିନ ଚଳିବ, ସେତିକି ଦିନ ପାଠପଢ଼ା । ଗୋଟିଏ ମାସର ଖର୍ଚ୍ଚ ନେଲେ ମାସେ ଅଗ୍ରିମ ହେଲା ବୋଲି ଜାଣେ । ତିନିମାସ ହେଲାଣି, ଆପଣ ମୋର ଆଶ୍ରୟ । ଗାଁରେ ମୋର ମା' ଅନ୍ୟାଶ୍ରୟରେ । ଏଠି ତାର ପୁଅ ହୋଇ ମୋର ବ୍ୟତିକ୍ରମ ହୁଅନ୍ତା କାହିଁକି ? ଆଖିରେ ଲୁହ ଛଳଛଳ ହେଉଥିଲା କଥାର ଆବେଗରେ ।

ସଂଧ୍ୟାରାଣୀ ବିବ୍ରତ ହୋଇପଡ଼ିଲା । ଦାରିଦ୍ର୍ୟ ନିଜକୁ ଦୁଃଖ ଦିଏ—ଅନ୍ୟକୁ ଦିଏ କେମିତି ଜାଣି ନ ଥିଲା । ପରକୁ ଭଲପାଉ-ଥିଲେ, ଶ୍ରଦ୍ଧା ଆଦର କରୁଥିଲେ, କି ଖାତିର କରୁଥିଲେ, ସେହି ପର ମଣିଷର ଦୁଃଖ ଯେମିତି ଭିତରକୁ ଚାଲିଆସେ ଅନ୍ୟ ଲୋକର ମନଭିତରରୁ । ସଂଧ୍ୟାରାଣୀ କହିଲା—ଶୁଣନ୍ତୁ ନବୀନ ବାବୁ, ମୁଁ ଥିବାଯାଏ ଆପଣ ନିର୍ଭର କରି ଚଳିପାରନ୍ତି । ମୋର ଦେହରେ ଅଳଙ୍କାର ଥିବାଯାଏଁ ଆପଣଙ୍କର କେବେ ଟଙ୍କାର ଅସୁବିଧା ହେବ ନାହିଁ, କାରଣ ଆପଣଙ୍କୁ ଖୋଜିବା ପ୍ରୟୋଜନ ନାହିଁ । ଆପଣଙ୍କର ଅବସର ହେଲେ ମନେପକାଇବେ ସନ୍ଧ୍ୟାକୁ—ଆପଣଙ୍କ ସାଥିରେ ପଢ଼ୁଥିବା ସନ୍ଧ୍ୟାକୁ ।

ନବୀନ ଟିକିଏ ଇତସ୍ତତ ହେଲା । ତାକୁ ଲାଗିଲା ଯେମିତି ସନ୍ଧ୍ୟାରାଣୀ ତା'ର ବହୁତ ପରିଚିତ—ବହୁ ନିକଟର ଜଣେ ଲୋକ, ଯେ ବିପଦବେଳେ ଆଶ୍ରୟ ଦେଇଛି—ଦୁଃଖରେ ଧୈର୍ଯ୍ୟବାଣୀ ଶୁଣେଇଛି ।

ଦୁହେଁ ଚୁପ୍ ହୋଇ ଠିଆହୋଇ ରହିଲେ । ଦୁହିଁଙ୍କର ହୃଦୟ ଭରି, ମନ ଭରି । ଦୁହେଁ ଦୁହିଁଙ୍କପ୍ରତି ସହାନୁଭୂତି ଓ କୃତଜ୍ଞତାରେ ଭରା । ଏଇଠି ବିଧାତା ଗୋଟିଏ ଗ୍ରେଁଟମଞ୍ଜି ପୋତିଦେଲେ ।

ସନ୍ଧ୍ୟାରାଣୀର ଚରିତ୍ର ବିଷୟରେ କାହାର ଅଭିଯୋଗ ନାହିଁ । ପ୍ରକୃତରେ ସେ ନିଷ୍କଳଙ୍କ ଦାଗ କେବେ ଲାଗିଛି କି ନାହିଁ—ସେ ବହୁତ ଅଜ୍ଞାତର କଥା । ଯୌବନର ଆରମ୍ଭରେ ଯେତେବେଳେ ଉନ୍ମାଦନା ମଣିଷକୁ ପ୍ରଥମଥର ପାଇଁ ତାହାର ବେସୁରା ଗୀତ ଶୁଣାଏ, ସେତେବେଳେ ସନ୍ଧ୍ୟାରାଣୀ ହୁଏତ ସ୍ୱପ୍ନ ଦେଖୁଥିବ, ଆଖି ଆଗରେ

ମେଘରୁ ଇନ୍ଦ୍ରଧନୁ ପାଇଥିବ, ଫୁଲରୁ ସୁରଭି ନୂଆକରି ଆବିଷ୍କାର କରିଥିବ । କିନ୍ତୁ ତାହାର କୌଣସି ଗ୍ରୁପ ସନ୍ଧ୍ୟାରାଣୀ ଉପରେ ପଡ଼ି ନାହିଁ ।

ନବୀନଚନ୍ଦ୍ର ଜୀବନ ଆରମ୍ଭ କରିଥିଲା ଦୁଃଖରେ । ଯାହାର ଭବିଷ୍ୟତ ନାହିଁ, ସେପରି ଲୋକ ଯେତେବେଳେ ନିଜ ହାତରେ ଭବିଷ୍ୟତ୍ ଗଢ଼େ, ସେତେବେଳେ ତାହାକୁ ଭାବିବାକୁ କେବଳ ସେହି ଗୋଟିଏ ଦିଗ ଦିଶେ । ଜୀବନର ଆଘାତ ସୁସ୍ଥ ମଣିଷକୁ ଅସୁସ୍ଥ କରିଦିଏ—ପ୍ରେମମୟ ଲୋକକୁ ପ୍ରେମହୀନ କରିଦିଏ । ବାଲ୍ୟ ବୟସର ଅପରିପକ୍ୱତା ଭିତରେ ନବୀନଚନ୍ଦ୍ର ତାହାର ନିୟତିକୁ ଜୟ କରି ଉପରକୁ ଉଠିଥିଲା । ସେଥି ଭିତରେ ଚରିତ୍ର ହେଉଛି ଏକମାତ୍ର ଧନ, ତେଣୁ ସେ ନିଷ୍କଳଙ୍କ ।

ନବୀନ ଯିବାକୁ ବାହାରିଲା—ନିଜ ମନର ଅସ୍ୱସ୍ତିକୁ ଠେଲି ଘୁଞ୍ଚାଇଦେବାକୁ । ସନ୍ଧ୍ୟାରାଣୀ କହିଲା—ଏବେ ଯା'ନ୍ତୁ ନାହିଁ, ମୋତେ ଟିକିଏ ପଢ଼ା ବୁଝାଇଦେଇ ଯିବେ ।

—ଥାଉ, ଆଉ ଦିନେ ଆସିବି । ଆଜି ଭଲ ଲାଗୁ ନାହିଁ ।

— କାହିଁକି ! କଣ ହେଲା କି ? କଣ୍ଠସ୍ୱର ବଡ଼ ଉଦାସ ।

— ବୁଝିପାରୁ ନାହିଁ ? ମୋ ଘରକଥା କହିଲି, ଆଉ ତ କିଛି ନାହିଁ ।

—ତାହାହେଲେ ରହନ୍ତୁ, ଟିକିଏ କ'ଣ ଖାଇଯିବେ ।

ନବୀନ ପ୍ରତିବାଦ. କରୁଥିଲା, ସନ୍ଧ୍ୟାରାଣୀର ମା' ଆସି ପହଞ୍ଚିଗଲେ । ସନ୍ଧ୍ୟାରାଣୀ ବଡ଼ପାଟିରେ କହିଲା—ମା', ନବୀନ-ବାବୁଙ୍କର ମନ ଭଲ ନାହିଁ, ସେ ଚାଲିଯିବାକୁ ଚାହୁଁଛନ୍ତି ।

—କାହିଁକି ! କଣ ହୋଇଛି ତାଙ୍କର ?

ନବୀନ ଥଙ୍ଗଥଙ୍ଗ ହୋଇ କହିଲା—ଆମ ଘରର ଅବସ୍ଥା ଏତେ ଖରାପ ହୋଇଛି ଯେ ପଢ଼ା ସାରିପାରିଲା ଭଳି ଲାଗୁ ନାହିଁ ।

ସନ୍ଧ୍ୟାରାଣୀର ମା' ପୁଚ୍ଛିଲେ ଝିଅଆଡ଼େ । ଟଙ୍କା ବୋଧହୁଏ ଦରକାର । ଫେରିବ କି ନାହିଁ ଜଣା ନାହିଁ, କୁଆଡ଼ୁ ଫେରିବ ?

ସନ୍ଧ୍ୟାରାଣୀ କହିଲା — ସେ କହୁଥିଲେ ପଢ଼ା ନ ସରିବା ପର୍ଯ୍ୟନ୍ତ ଫେରାଇପାରିବେ ନାହିଁ । ସେଥିପାଇଁ ଦୁଃଖ ।

ସନ୍ଧ୍ୟାରାଣୀର ମା' କଥାଟା ବୁଲାଇଦେବାକୁ କହିଲେ, ମୋର ହାତଖର୍ଚ୍ଚରୁ ମୁଁ ଦେଉଛି, ତୁମେ ଫେରାଇବା ଦରକାର ନାହିଁ । ଦରକାର ଅନୁସାରେ ନେଉଥିବ ।

ସନ୍ଧ୍ୟାରାଣୀ କହିଲା—ଏଥର ହେଲା ? ମା', ନବୀନବାବୁଙ୍କୁ ଖାଇବାକୁ ଦିଅ ।

ସେ ଜୀବନର ଗୋଟିଏ ସନ୍ଧ୍ୟା । ସେଦିନ ସନ୍ଧ୍ୟାରାଣୀ ମନୋରମା ଯୁବତୀ ବେଶରେ ଯୁବତୀ ରୂପରେ—ଶିକ୍ଷିତା ଆଧୁନିକା ରୂପରେ ତାହାଠାରୁ ଭାଗ୍ୟହୀନ ଜଣଙ୍କର ଦୁଃଖ ଉପଶମ କରିଥିଲା ।

କଲେଜରୁ ଫେରିଲାବେଳେ ନବୀନଚନ୍ଦ୍ରକୁ ଲାଗିଥିଲା— ଯେପରି ଭଗବାନ ତା'ର ଦରିଦ୍ର ଜୀବନରେ ଏକମାତ୍ର ଆଶା ଆଣି ଥୋଇଦେଇ ଗଲେ ।

ସନ୍ଧ୍ୟାରାଣୀ ବସି ବସି ଭାବିଥିଲା – ନବୀନବାବୁ ଜଣେ ଅତି ଅଦ୍ଭୁତ ଲୋକ । ତାଙ୍କର ମୂର୍ତ୍ତି ଅଛି, ସ୍ମୃତି ନାହିଁ—ମସ୍ତିଷ୍କ ଅଛି, ହୃଦୟ ନାହିଁ । ସେ ସଂସାରର ବାଟରେ ବହୁତ ଆଗେଇବେ ।

ସନ୍ଧ୍ୟାରାଣୀ ସାଙ୍ଗରେ କଥା କହିବାକୁ କେତେ ଯୁବକ କେତେ ଭଙ୍ଗୀ କେତେ ଇଙ୍ଗିତରେ ଆସିଥାନ୍ତି । ମନରେ କେତେ କାତର

ପ୍ରାର୍ଥନା, ସାଙ୍ଗ ହେବାପାଇଁ ବନ୍ଧୁ ହେବାପାଇଁ କଲେଜ ଗ୍ରୁପର ସମସ୍ତ ସମ୍ପଦ କେଇଖଣ୍ଡ ଲୁଗା, ପୋଷାକ, ଚଷମା, ଫାଉଣ୍ଟେନପେନ୍ କି ଘଡ଼ି । ସନ୍ଧ୍ୟାରାଣୀ ଦେଖିଛି ସେହି ନିର୍ଜୀବ ଯୌବନର ପ୍ରସାଧନଗୁଡ଼ିକ । ତାହାର ଆଖିଆଗରେ ପ୍ରତିଦିନ ଅଳସ ମନ୍ଥର ଗତିରେ ସେମାନଙ୍କର କୁହୁକ-ବଂଶୀ ବାଜି ଚାଲିଯାଏ । ବ୍ଲାକବୋର୍ଡ଼ରେ କେତେ ଛବି, କେତେ ଗୀତ । ସନ୍ଧ୍ୟାରାଣୀର ସେଦିନ ମନେ ପଡ଼ୁଥିଲା ଆହା— କେତେ ସୁଶ୍ରୀ ବିଶ୍ରୀ, ଧନୀ ନିର୍ଧନ, ପଣ୍ଡିତ ମୂର୍ଖ, ସୁଧୀର ଦୁଷ୍ଟ— ସେମାନଙ୍କର ମନର ରାଗିଣୀ, ଦେହର ଝଲକ ତାହାରି ପାଦତଳେ ଫୋପାଡ଼ିଦେଇ ଯାଇଥିଲେ, ଆଉ ତାକୁ କହୁଥିଲେ—ପଥର— ପଥର ଦେବୀ ।

ସେ ମନେ ମନେ ହସିଲା । ସେଦିନ ତାହାର ଶୁଣିବାରେ ସାଙ୍ଗ ପିଲେ କଥା ହେଉଥିଲେ—ପଥର ଦେବୀଙ୍କ ଆଖିରେ ଲୁହ ନାହିଁ, ହୃଦୟରେ ରକ୍ତ ନାହିଁ । ପ୍ରେମିକର ଗୀତ ପଥର କାନରେ ପହୁଞ୍ଚେ ନାହିଁ, ତାକୁ ଦେବୀ କରି ପୂଜା କରିବା ଦରକାର । ସେହି ଦିନୁ କଲେଜରେ ତାହାର ଡାକ ନାଁ ହେଉଛି ଦେବୀ । ସନ୍ଧ୍ୟାରାଣୀ ଦେବୀ ନୁହେଁ—ପଥର ଦେବୀ ।

ଗୌରବର ଝଲସରେ ସନ୍ଧ୍ୟାରାଣୀ ଖୁସି ହୋଇଥିଲା । ମା'କୁ ଆସି କହିଥିଲା । ସନ୍ଧ୍ୟାରାଣୀ ଚିରଦିନ ନିଷ୍କଳଙ୍କ ରହିବ । ଯୁବକର ଯୌବନ ଯାହାର ମନରେ ରେଖାପାତ କରି ନାହିଁ, ସେ ଚିରଦିନ ପ୍ରଲୋଭନ ଏଡ଼ାଇ ଦେଶର ଓ ବଂଶର ମୁହଁକଳା କରିବ ନାହିଁ ।

ସନ୍ଧ୍ୟାରାଣୀ ସେଦିନ ତାହାର ମନର ଅନ୍ଧିସନ୍ଧି ଖୋଜିଥିଲା ନବୀନବାବୁଙ୍କୁ ପାଇବାକୁ । ପାଇଲା ନାହିଁ । କଲେଜର ପାଞ୍ଚପଚାଶ ଜଣରୁ ସେ ଜଣେ । ସେ ତ ପ୍ରେମିକ ନୁହନ୍ତି, ସେ କିଛି ଦେଖାଇ ସନ୍ଧ୍ୟାରାଣୀର ମନକୁ ଟାଣି ନାହାନ୍ତି । ତାଙ୍କର ସମ୍ପଦ ନାହିଁ । ସେ

ପିଲା ଦିନରୁ ଦୁଃଖୀ, ଆଜୀବନ ନିର୍ଦ୍ଧନ । ହୁଏତ ଭବିଷ୍ୟତ ଉଜ୍ଜ୍ୱଳ, କିନ୍ତୁ ଭବିଷ୍ୟତର କଥା କିଏ ଜାଣେ ? ତଥାପି ତା' ମନ ଭିତରେ ଅସୀମ ସହାନୁଭୂତି, ଅକଳନ୍ତ ସ୍ନେହ ଯେମିତି କୋଉଠୁ ଆସି ଅଜାଡ଼ି ହୋଇପଡ଼ୁଥିଲା ନବୀନବାବୁଙ୍କ ଉପରେ । ସେ ମନେମନେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲା—ନବୀନବାବୁଙ୍କୁ ଭାଗ୍ୟଦେବୀଙ୍କର ବରପୁତ୍ର କରାଇଦେବାକୁ ।

ନିଦ ହେଲା ନାହିଁ । ପ୍ରେମ ନୁହେଁ, କେବଳ ସହାନୁଭୂତି । ନବୀନବାବୁଙ୍କର କଥା ମନେପଡ଼ିଲା । କଲେଜର କ୍ଲାସରେ ସେ ଯେପରି ସଙ୍କୋଚଭାବ ଦେଖାଇ ଆଡ଼େଇହୋଇ ରହନ୍ତି । ଅଭ୍ୟାସ ଏମିତି କରିଛନ୍ତି ଯେ ଚିରଦିନ ରହିଯିବେ ।

ଉଭୟଙ୍କର ରାତି ଯାଉଛି । ଦୁହେଁ ନୂଆ ମଣିଷ ହୋଇ ଉଠିଛନ୍ତି । ନବୀନ ଚନ୍ଦ୍ରଙ୍କର ମନରେ ଗୋଟିଏ ନୂଆ ପୁଲକ—ସେ ମନଲଗାଇ ପଢ଼ିପାରିବେ । ଏ ଯାତନା କୌଣସି ପ୍ରକାରେ କଟିଯିବ । ସନ୍ଧ୍ୟାରାଣୀ ଭାବୁଥିଲା—ମୋ ଧନ ସମ୍ପଦ ସବୁ ମିଛ । ହେଲେ ହେବ ନବୀନବାବୁଙ୍କ ପରି, ତାଙ୍କର ପରି ନିର୍ଦ୍ଧନ ଓ ନିଃସ୍ୱ ।

ସେଦିନ କଲେଜରେ ଦେଖା, ସନ୍ଧ୍ୟାରାଣୀ ମୁହଁରେ ଗୋଟାଏ ନୂଆ ପ୍ରକାରର ତୃପ୍ତି, ନବୀନବାବୁଙ୍କ ମୁହଁରେ ଗୋଟାଏ ଆନନ୍ଦର ଚିହ୍ନ । ଅନ୍ୟର ଆଖିରେ ସେ ପରିବର୍ତ୍ତନ ପଡ଼ିନାହିଁ । ବନ୍ଧା ଗତି ତାହାର ବାଟରେ କଲେଜର ସୁଅକୁ ଠେଲି ଚାଲିଲା ।

ସନ୍ଧ୍ୟାରାଣୀର ବ୍ୟବହାରରୁ ଯାହା ଜଣାପଡ଼ୁ ନା କାହିଁକି, ସେ ଯେ ନବୀନବାବୁଙ୍କ ପ୍ରତି ଟିକିଏ ଅଧିକ ଆଗ୍ରହୀ ହୋଇପଡ଼ିଲା, ଏଥିରେ କୌଣସି ପ୍ରଶ୍ନର ଅବକାଶ ନାହିଁ । କିନ୍ତୁ ନବୀନବାବୁ ଏଥିରେ କୌଣସି ପ୍ରକାରର ପ୍ରତିଧ୍ୱନି ଶୁଣାଇ ନାହାନ୍ତି ।

ତାହାପରେ ଅନେକ ଦିନ—ମାସ ମାସ ଦିନ ଦିନ ହୋଇ କଲେଜ ପଢ଼ା ସରିଯାଇଛି । ସୂର୍ଯ୍ୟ ଉଇଁଲେ କ୍ଲାସ୍‌କଥା ଭାବିବାକୁ ପଡ଼େ—ଲେଖାର ଧାଡ଼ିପରି ପ୍ରତି ସପ୍ତାହରେ ଗୋଟିଏ ପୂର୍ଣ୍ଣଚ୍ଛେଦ, ମାସ ସରିଲେ ଗୋଟିଏ ପାରାଗ୍ରାଫ୍ । ପାରାଗ୍ରାଫ୍‌ଗୁଡ଼ିକୁ ସେହିପରି ବନ୍ଦୀ ହୋଇ ରହିବାକୁ ପଡ଼େ ପରୀକ୍ଷାପରି ଗୋଟିଏ ଗୋଟିଏ ଅଧ୍ୟାୟରେ । ପୂରାପାଠଟା ହେଲା ଗୋଟାଏ ବହି । ବିଶ୍ୱବିଦ୍ୟାଳୟର ଶେଷ ପରୀକ୍ଷା ହେଲା ବହିର ସମାପ୍ତି-ସୂଚକ ଚିହ୍ନ—ସମାପ୍ତ ।

ଏଥି ଭିତରେ କଲେଜର ଅଧ୍ୟାପକମାନଙ୍କର ପଢ଼ା ସାଙ୍ଗରେ ବିଶ୍ୱବିଦ୍ୟାଳୟ ପରୀକ୍ଷାର ଆଶା ଆଶଙ୍କା, ବାର୍ଷିକା ଭିତରେ ଦେହରେ ପ୍ରତି ମୁହୂର୍ତ୍ତରେ ରକ୍ତ ବହେ । ଛାତି ଭିତରେ ଭିତର ପମ୍ପ୍ ଧକ ଧକହୋଇ ଚାଲୁଥାଏ । ଜୋରରେ ଚାଲିଲେ ରକ୍ତ, ଲୋକେ କହନ୍ତି ହୃଦୟ ଅଧିକ କାମ କରୁଛି । ମସ୍ତିଷ୍କ ଚଳାଏ ଓ ନିଜେ ବି ଚାଲେ । ମସ୍ତିଷ୍କ ଭାବୁଥାଏ ପାଞ୍ଚ କଥା—ସନ୍ଧ୍ୟାରାଣୀପାଇଁ ନବୀନ ବାବୁଙ୍କ କଥା ଭାବିବା ଗୋଟାଏ ଖୋରାକ । ନବୀନ ବାବୁଙ୍କ ପାଇଁ ସେହିପରି ସମାପ୍ତି-ସୂଚକ ପରୀକ୍ଷା ଭାବିବାର ଏକମାତ୍ର ଉପାଦାନ ଓ ସମସ୍ୟା ।

ଦେହରେ ବଳ ବଢ଼େ ନାହିଁ, ଆଖି ଦିନକୁ ଦିନ ନିଷ୍ପ୍ରଭ ହୋଇଆସେ । ବହି ଖାତାକୁ ଚାହିଁଲେ ଆଖିଭିତରୁ ଆଉ ଯେଉଁ ଜ୍ୟୋତି ବାହାରୁ ନା କାହିଁକି, ସେଥିରୁ ତାରୁଣ୍ୟ ଓ ଯୌବନର ଉନ୍ମାଦନା କେବେହେଲେ ବାହାରେ ନାହିଁ । ସେଥିପାଇଁ ଚଶମାର ଚେଜିଆନ୍ ନିଆଁ ଭିତରେ ଆଖି ଯେତେ ଜୀବନ୍ତ ଦିଶିଲେ ମଧ୍ୟ ସେ ଆଖି ଯୌବନକୁ କେବେହେଲେ ପ୍ରେରଣା ଦିଏ ନାହିଁ ।

କଲେଜର ପଢ଼ାପିଲାମାନେ ଭାବୁଥିଲେ—ସନ୍ଧ୍ୟାରାଣୀ ପାହାଡ଼ର ବରଫ ପରି ଧଳା । ତା ପାଖକୁ ଗଲେ ଦେହ ଥଣ୍ଡା

ହୋଇଯିବ । ଦଳଦଳ ହୋଇ ପ୍ରେମନଅାଁର ଗୋଟିଏ ଦୋ'ଟି ସ୍ଫୁଲିଙ୍ଗ ଧରିବାକୁ ଆସି ପିତା ଅନୁଭୂତନେଇ ଫେରି ଯାଇଛନ୍ତି । ସେଥିରେ ତ ନବୀନଚନ୍ଦ୍ର ନ ଥିଲେ । ଆଜି ନବୀନଚନ୍ଦ୍ର ସେ ପଥର ଉପରେ ଘାସ କଅଁଳେଇଛନ୍ତି । ସନ୍ଧ୍ୟାରାଣୀଙ୍କର ହୃଦୟରେ ଯୌବନର ଫୁଲ ପ୍ରେମ ରୂପରେ ଦେଖାଦେଇଛି । କିନ୍ତୁ କେହି ନାହିଁ ସେତକ ଦେଖି ଠିଆହୋଇ ଦି'ପଦ ପ୍ରଶଂସା ଗାଇବ ।

ସୁଦୂର-ପ୍ରସାରୀ ଗୃହାଣିଭିତରେ ସନ୍ଧ୍ୟାରାଣୀ କ୍ଲାସରେ ଚାହିଁରହେ ନବୀନଚନ୍ଦ୍ରଙ୍କର ଯିବାଆସିବା, ଆଉ ସମସ୍ତ ଗତିବିଧି ତାହାର ମୁଖସ୍ଥ ହୋଇଗଲା—କୁର୍ତ୍ତା କେଇଖଣ୍ଡ, ବସିବାର ଓ ଚାହିଁବାର ଭଙ୍ଗୀ କେତୋଟି; ଆଉ ନବୀନଚନ୍ଦ୍ରଙ୍କର ଭବିଷ୍ୟତ୍-ପାଇଁ କିଛି ଆଶୀର୍ବାଦ । କିନ୍ତୁ ନବୀନବାବୁ ଯେତେବେଳେ ପଢ଼ା ବୁଝାଇବାକୁ ଆସନ୍ତି, ସନ୍ଧ୍ୟାରାଣୀ କୌଣସି ଉତ୍ତାପ ପାଏ ନାହିଁ । ସନ୍ଧ୍ୟାରାଣୀର ବହି ଛଡ଼ା ଆଉ ଯେ ଜୀବନ ଥାଇପାରେ, ଏକଥା ନବୀନଚନ୍ଦ୍ରଙ୍କର ବିଚାରକୁ ଆସେ ନାହିଁ । ଉଦାସ ଆଖିରେ ସନ୍ଧ୍ୟାରାଣୀ ଚାହିଁଲେ, ନବୀନଚନ୍ଦ୍ର ବୁଝନ୍ତି ଯେ ପାଠଟା ସେ ବୁଝିପାରୁ ନାହାନ୍ତି । ତେଣୁ ଆହୁରି ଆବେଗରେ ବୁଝାଇବା ଆରମ୍ଭ କରିଦିଅନ୍ତି । ସେତିକି—କେବଳ ସେତିକି ।

ମାନସୀ—ପ୍ରେୟସୀର ପ୍ରଶ୍ନ ନାହିଁ । ନବୀନଚନ୍ଦ୍ରଙ୍କୁ ସନ୍ଧ୍ୟାରାଣୀ ଭାବେ ସେ ଗୋଟିଏ ପଥର । ପଥରରୁ ପାଣି ଝରେ ନାହିଁ, ଖରା ବର୍ଷା ଶୀତକାକର ତାହାର ଦେହରେ କୌଣସି ଛାପ ରଖିପାଏ ନାହିଁ, ମଳୟ ସେଠି ଫୁଲ ଫୁଟାଏ ନାହିଁ । ତେଣୁ ସବୁଦିନେ ସବୁବେଳେ ଦୁହେଁ ଦୁହିଁଙ୍କୁ ଦେଖିଲେ ସେଥିରେ ନମସ୍କାର କୁଶଳ ପ୍ରଶ୍ନୋତ୍ତର ଭିତରେ ଦାନ ପ୍ରତିଦାନ ସୁଖ ପାଇବାଠାରୁ ବଳି ଅଧିକ କିଛି କେହି ଦେଖିପାରି ନାହିଁ । ଉଭୟେ ମନେକରନ୍ତି ଜୀବନଟା

ଏଇଥି । ପରସ୍ପର ଭିତରେ ଦେଖାସାକ୍ଷାତ୍ ପ୍ରୟୋଜନର ବନ୍ଧନ ଭବିଷ୍ୟତପାଇଁ ନିର୍ବିକାର ନିଷ୍ଫଳତା ସଂସାରରେ କେବଳ ମିଳିବାର କଥା ।

ପରୀକ୍ଷା ଆସି ହେଲା । ତାହାର ଜଞ୍ଜାଳ ଭିତରେ ଅନ୍ୟ କିଛି ଭାବିବାର ଅବସର ନାହିଁ ନବୀନଚନ୍ଦ୍ରଙ୍କ ମନରେ । ସନ୍ଧ୍ୟାରାଣୀ ଭାବେ ସତ, କିନ୍ତୁ ସେ ଖାଲି ଗୋଟିଏ ବେହେଲା କି ଏସ୍ରାଜ୍‌ପରି । ବାଜା ପଡ଼ି ରହିଛି । କାହାର କୋମଳ କି କଠୋର ଅଙ୍ଗୁଳି ତାହାର ନିର୍ଜୀବ ତନ୍ତ୍ରୀରେ ଢେଉ ଖେଳାଇ ନାହିଁ । ସନ୍ଧ୍ୟାରାଣୀ ବିନା କାରଣରେ ମନସ୍ଥ କଲା ସେ ନବୀନ ବାବୁ ଯଦି ତା'ର ଜୀବନରେ ଉଦୟ ନ ହୁଅନ୍ତି, ତା' ହେଲେ ଆଉ କୌଣସି ଗ୍ରହ ସେଠି ଦେଖାଦେବେ ନାହିଁ । ଏପରି ଭାବିବାର କାରଣ ବୁଝି-ପଡ଼େ ନାହିଁ । କିନ୍ତୁ ସ୍ତ୍ରୀ ଖିଆଲର ଏଇଟା ସ୍ୱାଭାବିକ ଧର୍ମ ।

ପରୀକ୍ଷା ପରେ ବୋଧହୁଏ ଏ ଅଧ୍ୟାୟ ବନ୍ଦ ହୋଇଯିବ । ଏହି ଶୁଖିଲା ପଥର, ପଥରର ବନ୍ଧୁରତା ନେଇ—କର୍କଶତା ନେଇ ଦୂରରେ ପଡ଼ିରହିବ । ଆଉ କେହି ପୁଣି କେବେ ଆସି ସେଠି ତାଙ୍କର ନିବେଦନ ଜଣାଇବେ ।

ସନ୍ଧ୍ୟାରାଣୀ ମୁହଁରୁ ଯୌବନର ଝଲ ଲିଭିଯାଏ, ଫୁଲର ସତେଜତା ଶୁଖିଯାଏ । ସଂସାର ଗଡ଼ିଚାଲେ ।

ପରୀକ୍ଷା ଫଳ ବାହାରିଛି । ନବୀନ ବାବୁ ବହୁତ ଉଚ୍ଚରେ ଅଛନ୍ତି । ସନ୍ଧ୍ୟାରାଣୀ ମଧ୍ୟ ତାଙ୍କର ପାଦତଳେ ବସିଲା ପରି ବସିଛି । ଶେଷ ପରୀକ୍ଷାର ଫଟୋରେ ସନ୍ଧ୍ୟାରାଣୀ ଚୌକିରେ ବସିଛନ୍ତି, ଗୋଟିଏ ପାଖକୁ ନବୀନଚନ୍ଦ୍ର ବସିଛନ୍ତି ଧାଡ଼ିର ସବା ଶେଷରେ । ମନ ଭିତରେ ଯାହା ଥାଉ ନା କାହିଁକି ସବୁଠାରେ ବ୍ୟବଧାନ ।

ଏତେ ବ୍ୟବଧାନ ଯେ, ଜଣକ ହୃଦୟର ସ୍ପନ୍ଦନ, ଆଖିର ଭାଷା ଅନ୍ୟପାଖରେ ପହଞ୍ଚିପାରିବ ନାହିଁ ।

ପରୀକ୍ଷା ପରେ ଯେଉଁ ଶେଷଥର ଦେଖାହୋଇଥିଲା, ସେଥିରେ କିଛିଦିନ ଭାବି କଟାଇବା ଭଳି କୌଣସି ଖୋରାକ ନବୀନ ବାବୁ ଦେଇ ନାହାନ୍ତି ଓ ନେଇ ନାହାନ୍ତି ବି । ସେ ଜାଣିଛନ୍ତି ଯେ ସନ୍ଧ୍ୟା-ରାଣୀ ନ ଥିଲେ ଜୀବନର ଲକ୍ଷ୍ୟ ବହୁତ ଦିନରୁ ଅନ୍ୟଆଡ଼େ ଦୃଷ୍ଟି ଦେଇଥାଆନ୍ତା । ସନ୍ଧ୍ୟାରାଣୀପ୍ରତି କୃତଜ୍ଞତା—ତାଙ୍କରିପାଇଁ ତାହାର ପଢ଼ା ସରିପାରିଲା । ସନ୍ଧ୍ୟାରାଣୀ ଭାବିପାରେ ନାହିଁ ଯେ ନବୀନଚନ୍ଦ୍ର କ କାରଣରୁ ଏତେ ଦୂରରେ ରହିଗଲେ । ତାହାର ନାରୀ ଜୀବନର କାହାଣୀ ଲୁଚି ରହିଥିଲା । ସେ କୃତଜ୍ଞତା ଭିତରେ ବୁଡ଼ିରହି ବହୁତଥର ସେହି କଥା ଘୋଷିହୋଇ ବିଦାୟ ନେଇ ଚାଲିଗଲେ ।

ଚାଲିଯିବା ପରେ ସନ୍ଧ୍ୟାରାଣୀ ଜାଣିଲା ଯେ ତାହାର ଜୀବନରେ ଆଉ ଫୁଲ ଫୁଟିବ ନାହିଁ । କଲେଜର ଫଟୋକୁ ବାରମ୍ବାର ଚାହିଁ ସେ ଦୂରତା କମାଇପାରି ନାହିଁ । ପରୀକ୍ଷା ଫଳ ବାହାରିବାପରେ ସେହି ଖବର କାଗଜଗୁଡ଼ିକୁ ଏକାଠି ଅନେକଥର ଦେଖି ସେହି ଏକା କଥା ବୁଝିଲା—ବ୍ୟବଧାନ ବହୁତ ।

ନବୀନ ବାବୁ ଘରକୁ ଫେରିଲେ । ତାଙ୍କର ଆଉ ପଢ଼ିବା କଥା ନୁହେଁ । ସେ ଚାକରୀପାଇଁ ଚେଷ୍ଟା କଲେ । ଚାକରୀ ହୋଇଗଲା । ଆସିବା ଯିବା ପ୍ରାୟ ନାହିଁ । ତାଙ୍କୁ ଡକାଇବାର କୌଣସି ପ୍ରଶ୍ନ ଉଠିପାରେ ନା । ବିନା ପ୍ରୟୋଜନରେ ସେ ବା ଆସିବେ କାହିଁକି ? ପ୍ରୟୋଜନ ସରିଛି, ତେଣୁ ଶେଷ ।

ସନ୍ଧ୍ୟାରାଣୀ ଆଉ ପଢ଼ିଲା ନାହିଁ । ବର୍ଷଟିଏ ସେ ଛୁଟି ନେବ । କିନ୍ତୁ ଭିତରର କାରଣ ହେଲା ଯେ ନବୀନ ବାବୁ ପଢ଼ା ବନ୍ଦ

କଲେଣି । ଏ କାମ ମୂଳରେ ଏହି ଗୂଢ଼ ତତ୍ତ୍ୱ କେହି ବୁଝିଲେ ନାହିଁ ।
ପ୍ରେମ ହେଲା ଏ ରୋଗର ମୂଳ ।

ଥରେ ସଂଧ୍ୟାରାଣୀ ତା'ର ଅନ୍ତରଙ୍ଗ ବନ୍ଧୁ ପ୍ରଭାତକୁ ଏଇକଥା କହିଥିଲା । ସବୁ ଶୁଣି ସେ ଦୁଃଖରେ ଉତ୍ତର ଦେଇଥିଲା— ସମସ୍ତ ଘଟଣାଟି ସନ୍ଧ୍ୟାର ଭୁଲ । କି କାରଣରୁ ନବୀନ ବାବୁଙ୍କ ମନରେ ତାହାର କୋମଳତା ସ୍ଥିର ଛାପ ପକାଇପାରି ନାହିଁ, ଏକଥା ସନ୍ଧ୍ୟାରାଣୀର ଦେଖିବା ଉଚିତ ଥିଲା ।

— କେବେ କହିଛୁ— ତୁ କଣ ଚାହୁଁଥିଲୁ ?

—ସେ ପ୍ରଶ୍ନ ତ କେବେ ଉଠି ନାହିଁ ।

—ତୁ ଯେ ତାଙ୍କୁ ଭଲପାଉ, ସେ କେମିତି ବୁଝିବେ ?

—ସ୍ତ୍ରୀ, କେତେ କଥା କହିପାରେ ? ସନ୍ଧ୍ୟାର ମୁହଁ ଲାଲ ପଡ଼ି ଆସିଲା ।

—ଫୁଲ ସୌରଭ ଦିଏ, ସୌରଭ ଖେଳାଏ । ପକ୍ଷୀ ଗୀତ ଗାଏ, ପଶୁ ତାହାର ହୁଙ୍କାର ଶୁଣାଏ, ଆଉ ତୁ କିଛି ନ କହି କେମିତି ଆଉଜଣକର ଆଖିରେ କାନରେ କି ମନରେ ତୋ କଥା ପହଞ୍ଚାଇପାରିବୁ ?

—ସେ କ'ଣ ବୁଝି ନାହାନ୍ତି ?

—ନା ।

—କ'ଣ ଆଉ କହିଥାନ୍ତି ?

—କହିଥା'ନ୍ତୁ ମୁଁ ତୁମକୁ ଭଲପାଏଁ ?

—କିଏ କ'ଣ ଏମିତି କହିଛି କେବେ ?

—ସଂସାରରେ କମ୍ ଶୁଣିବା ଲୋକ ବି ଅଛନ୍ତି, କିଏ କାନରେ କମ୍ ଶୁଣେ, ତାକୁ ବଡ଼ ପାଟିରେ କହିବ । କିଏ ଗୀତରେ ଶୁଣିବାକୁ

ଗୃହେଁ, କଏ ଛବିରେ ଦେଖିବାକୁ ଗୃହେଁ, ଆଉ କଏ ସବୁ କଲେ ବି ବୁଝିପାରେ ନାହିଁ ।

—ବୁଝିଲେ ସେ ଉତ୍ତର କଣ ଦିଅନ୍ତେ ?

—ବୋଧହୁଏ ନାହିଁ କରିଥାନ୍ତେ ।

—କାହିଁକି ?

—ତୁମ ଭିତରେ ବହୁତ ବ୍ୟବଧାନ । ତୋ ମୋ ଭିତରେ ଯେତିକି ତହିଁରୁ ଅଧିକ । ସନ୍ଧ୍ୟା, ବୋଧହୁଏ ତୁ ବୁଝୁ ନାହୁଁ । ଏକାଠି ଦୁଇବର୍ଷ ଘରକଲେ ବି ପ୍ରତିଦିନ ଆମ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଅନେକକଥା ଅବୁଝା ରହିଯାଏ ।

ପ୍ରଭାତ ଦେଖିଲା ସନ୍ଧ୍ୟାରାଣୀର ମୁହଁରେ ମେଘ ଘନେଇ ଆସିଛି । ସେ ଜାଣିଲା ଯେ ବିଫଳ ପ୍ରେମ ସନ୍ଧ୍ୟାକୁ ଆଘାତ ଦେଇଛି । ଯେଉଁ ଲୋକ ନିଜ ମନର ଭାବ ଲୁଗୃଇ ରଖେ, ସେ ଆଘାତ ପାଏ ବେଶୀ । ସନ୍ଧ୍ୟାର ଦୁଃଖ ଦେଖି ପ୍ରଭାତ ପଗୃରିଲା—ସତ କହିଲୁ, ନବୀନବାବୁଙ୍କୁ ବିଭା ହେଲେ ତୁ କ'ଣ ସୁଖୀ ହେବୁ ?

ସନ୍ଧ୍ୟା ଚୂପ୍ ହୋଇ ବସିଲା, କାଲି କହିବ । ଟିକିଏ ଭାବି ନିଏଁ ।

ସେଦିନ ଘରେ ଯାଇ ସନ୍ଧ୍ୟାରାଣୀ ସମସ୍ତ କଥା ମନଭିତରେ ଏପାଖ ସେପାଖ କରି ଦେଖିଲା, ସେ ବହୁତଦୂର ଆଗେଇ ଯାଇଛି । ମନଭିତରେ ଯେଉଁ ଭଲପାଇବା ନେଇ ସେ ନବୀନଚନ୍ଦ୍ରକୁ ପାଖରେ ବସାଇ କଳ୍ପନାରେ ଏକାଠି ନିଜକୁ ଗୁନ୍ଥି ଆଣିଥିଲା, ସେଥିରେ ସେ ଦେଖିଲା—ଭୁଲ କରିଛି ।

ପ୍ରୟୋଜନର ସଂସାର—ସେଥି ଭିତରୁ ସେ ପ୍ରେମ ଆବିଷ୍କାର କରିଥିଲା । ନବୀନ ବାବୁଙ୍କର ଦୁଃଖଦୁର୍ଦ୍ଦଶା ତାହାର କଳ୍ପନାକୁ ବେସୁରା କରିଦେଇଥିଲା । ବହୁଦୂରର ଯାତ୍ରୀ ସେ । ଦେଢ଼ବର୍ଷର

ଦେଖାରେ ଯେଉଁ ଲୋକ ତାକୁ ଚିହ୍ନିପାରିଲା ନାହିଁ, ଖୋଲି ପାଞ୍ଚ-କଥା କହିଲେ ସେଥିରୁ ସେ କ'ଣ ବୁଝିବେ ଅଧିକ ?

ସେ ବଡ଼ ହୁଅନ୍ତୁ, ଭଲ ହୁଅନ୍ତୁ—ସେଥିରେ ସନ୍ଧ୍ୟାର କ'ଣ ଯାଏ ଆସେ ? ସେ ଯେ ପଢ଼ା ଗୁଡ଼ିଲା ଏଇଟା ଭୁଲ । ପ୍ରଭାତ କହିଥିଲା—ସନ୍ଧ୍ୟାର ବ୍ୟବହାର ଭୁଲ ଧାରଣା ଉଠାଇଛି । ପ୍ରଭାତ ଭୁଲ କହିଛି—ପ୍ରେମ ସମସ୍ତଙ୍କୁ କରାଯାଇପାରେ, କିନ୍ତୁ ସମସ୍ତେ ପ୍ରେମିକ ହୋଇପାରିବେ ନାହିଁ । ସବୁ ସ୍ତ୍ରୀ ସବୁ ପୁରୁଷଙ୍କପାଇଁ ନୁହନ୍ତି ।

କ୍ଲାସ୍ ପିଲାମାନେ କହିଥିଲେ ସନ୍ଧ୍ୟାରାଣୀ ପଥର—ପଥର ଦେବୀ । ଠିକ୍ କହିଥିଲେ । ସନ୍ଧ୍ୟା ପାଇଛି ନବୀନ ବାବୁଙ୍କୁ, ସେ ଗୋଟିଏ ପଥର । ପଥର ହେବାର କାରଣ ହେଉଛି ଯେ ପ୍ରୟୋଜନରେ ଲାଗୁନାହିଁ, ଡାକିଲେ ଡାକ ଶୁଣୁନାହିଁ । ମନର କାନ୍ଦଣା ପଥର ଦେହରେ ମୂର୍ଚ୍ଛନା ଆଣୁନାହିଁ । ସେ ଯେମିତି କେତେଜଣଙ୍କ-ପାଇଁ ଅଦରକାରୀ ହୋଇ ପଡ଼ିଥିଲା । ତାହାପାଇଁ ଆଉ କେତେଜଣ ସେମିତି ଅଦରକାରୀ ହୋଇପଡ଼ିବେ । ସଂସାରଟା ଦିଆ-ନିଆର ସଂସାର । ପ୍ରୟୋଜନ-ସୂତ୍ରରେ ବନ୍ଧା ।

ତହିଁ ଆରଦିନ ସକାଳେ ପ୍ରଭାତକୁ ଯାଇ କହିଲା—ଠିକ୍ କହିଥିଲୁ । ସୁଖ ଆସେ, ଯେଉଁଠି ଜଣକର ପ୍ରୟୋଜନ ଆଉ ଜଣକର ପ୍ରୟୋଜନ ସାଙ୍ଗରେ ମିଶେ । ନ ମିଶିଲେ ଗୋଟିଏ ଗୀତ ବାଜେ, ସେ ହେଉଛି ବିରହର ଗୀତ । ସେମିତି ମିଶିଲେ ବାଜେ ଆଉ ଗୋଟିଏ ଗୀତ—ତାକୁ କୁହାଯାଏ ମିଳନର ମୂର୍ଚ୍ଛନା । ଯା'ର ମଝିରେ ରହିଯାଏ ବିରହ ବିଚ୍ଛେଦ ଆଦି ବିଭିନ୍ନ ରାଗ-ରାଗିଣୀ ।

ହୃତ୍‌ପିଣ୍ଡ କାମ କରୁଛି, ହୃଦସ୍ପନ୍ଦ ଥରୁଛି ରକ୍ତର ସ୍ପନ୍ଦନ ସାଙ୍ଗରେ । ପଥର ଭିତରେ ଜମାଟବନ୍ଧା, ଯା'ର ମଧ୍ୟରେ ହୃଦସ୍ପ

ନାହିଁ । ତେଣୁ ସଂସାରଟା ପଥରର । ପଥର ପୂଜା ପାଏ । ଲୋକେ ପଥରକୁ ଡାକ ଯା'ନ୍ତି ହୃଦୟର ଆବେଗ ବନ୍ଦ କରିବାକୁ ।

ପ୍ରଭାତ କହିଲା—ସନ୍ଧ୍ୟା, ତତେ ବୁଝିବା କଷ୍ଟ । କାଲି ଯାହା କହିଲୁ, ମୁଁ ବହୁତ ଦୁଃଖକରି ସବୁଟା ଭାବିଲି । ଭାବିଥିଲି ତୁ କହିବୁ ଯେ ନବୀନ ବାବୁଙ୍କ ସାଙ୍ଗରେ ତୋର ସୁଖ । ଆଜି ତୋ କଥା ଶୁଣି ପୁଣି ଭାବୁଛି ଯେଉଁ ସନ୍ଧ୍ୟା କାଲି ତାହାର ଦୁଃଖପୂର୍ଣ୍ଣ ସମସ୍ୟା ଆଣିଥିଲା, ଆଜି ସକାଳେ ସେହି ସମସ୍ୟାର ସମାଧାନ କରିଛି । ପ୍ରଭାତର ଆଖିରୁ ଲୁହ ଗଡ଼ିଆସିଲା ।

ସନ୍ଧ୍ୟାରାଣୀର ଭସାଣିଆ ଆଖିତଳେ ଲୁହ ଟୋପା ବହି-ଆସୁଥିଲା ।

ସ୍ତ୍ରୀ-ଜୀବନର ସମସ୍ୟା ବହୁ ଯୁଗ ଧରି ଖାଲି ଆଖିର ଲୁହରେ ସମାଧାନ ହୋଇଛି ।

# ପୋଡ଼ାଦାଗ

ଲୋକଟା ବଡ଼ ମଉଜରେ ଅଛି । ଠାଠଣା, ବିଷୟବାଡ଼ି ମନ୍ଦ ନାହିଁ । ରୋଜଗାର କରେ—ଅର୍ଜନକୁ ଗୋଟାଏ ପେଟ । ସିନେମା ଥିଏଟର ଦେଖେ । ବଡ଼ ବଡ଼ କଥା କହେ । ଜଣାପଡ଼େ ବଡ଼ ବେପରୁଆ ସୁଖୀ ଲୋକ ପରି ।

ବିଶେଷରେ ସଂସାରର ବୋଝ ବୋହି ନଇଁ ପଡ଼ୁଥିବା ଲୋକେ ତାଙ୍କୁ ହିଂସା କରନ୍ତି । ତାର ମଉଜ ମଜଲିସକୁ ମନେମନେ ଝୁରନ୍ତି । ରାଗରେ ତାକୁ ଗାଳିଦେଇ କହନ୍ତି 'ହଁ ବାବୁ—ତମର କ'ଣ ଭାବନା ଅଛି ? ମହନ୍ତ ପରି ରହୁଛ । ଆମପରି ଘର ଆଠ-ପ୍ରାଣୀ କୁଟୁମ୍ବଙ୍କର ଖୋରାକପୋଷାକ କଥା ବୁଝୁଥିଲେ, ସେଇ ଲମ୍ବା ଲମ୍ବା କଥାର ସିଂହରଡ଼ି କେଉଁଠୁ ଲୁଚିଯାଆନ୍ତାଣି ଖଙ୍କଲା ପେଟରେ ।'

କେଶବ ବାବୁ ବସିବସି ଭାବନ୍ତି ନିଜ କଥା । ଘରଆଡ଼ୁ ଅନ୍ଧାରପରି ଅସହାୟତା ମାଡ଼ିଆସୁଛି । ଏକୁଟିଆ ଜୀବନରେ କେମିତି ନିଗୁଟିଆ ଲାଗେ, ଅନୁଭବୀ ଏକା କହିପାରିବ । ଏଇ ସଂସାରର ସଂସାରୀ ଲୋକେ କାମିନୀକାଞ୍ଚନ ସେବାରେ ବୁଡ଼ିରହିଲା ବେଳେ କ'ଣ ସେ କଥା ବୁଝିବେ ?—କହନ୍ତୁ ।

ମନ ଭିତରେ ହାହାକାର ଉଠେ ଗୁଡ଼ିରୁ ଆଖିଯାଏ । ସତେ କଣ ଜୀବନରେ ଆଉ ମଳୟ ବହିବ ନାହିଁ ? ଫୁଲ ଫୁଟିବ ନାହିଁ ?

ସଂସାରର କୋଟିକୋଟି ଲୋକଙ୍କ ଉପରଦେଇ ଜୀବନର ଯେଉଁ ଚଳନ୍ତ ସୁଅ ଆନନ୍ଦ ଓ ଦୁଃଖ ଖେଳେଇଦେଇ ଯାଉଛି, ସେହି ସୁଅର ପାଣି କେଶବ ବାବୁଙ୍କ ପାଖରେ ବାଟ ଭାଙ୍ଗି ଅପନ୍ତରା ବାଲି କରିଦେଇ କାହିଁକି ଅଗଟିଏ ଛାଡ଼ିଦେଇ ଚାଲିଗଲା ?

ସକାଳୁ ପାଗପଟୁକା ବାନ୍ଧି ଦିନର କାମ ପାଇଁ ସଜ ହେଲା-ବେଳେ ସେହି ଗୋଟିଏ ପ୍ରଶ୍ନ ଆପଣା ଛାଏଁ ମନରୁ ଉଠେ—କ'ଣ ପାଇଁ ? କାହା ପାଇଁ ? ଜୀବନଟା ଖାଲି ସିଗାରେଟ୍ ଟା' ପାଇଁ ହୋଇ ନାହିଁ । ଟଙ୍କା ନଅଣ୍ଟ ଥିଲାବେଳେ ସେତକ ଅଣ୍ଟେଇବା ପାଇଁ ସିନା ଚେଷ୍ଟା ଥିଲା; ଟଙ୍କା ବଳକା ହେବାରୁ ଆଉ ସେ ସମସ୍ୟା ନାହିଁ । ରଖିବାକୁ ମନ ଡାକୁ ନାହିଁ । ଖଇରାତ କରିବାକୁ ଖରାପ ଲାଗୁଛି । ସଂସାରଟା ସବୁଆଡ଼େ ଯେମିତି କହି ଦେଉଛି ଯେ, ବଞ୍ଚିବା ପାଇଁ ଦରକାର ପରମାୟୁ ଆଉ ପରମାୟୁକୁ ଭୋଗ କରିବା ପାଇଁ ଲୋଡ଼ା ଦୁଇଟି ପଦାର୍ଥ—କାମିନୀ ଓ କାଞ୍ଚନ ।

ରାସ୍ତାରେ ଚାଲିଗଲାବେଳେ ଚିହ୍ନା ଲୋକେ . ଅଚିହ୍ନା ପଚାରୁଛନ୍ତି । ସାଙ୍ଗରେ ଗୋଟିଏ ଗୋଟିଏ ପରିବାରର ସମ୍ବାଦ । "ମୋ' ଝିଅ ଭଲ ଗୀତ ବୋଲୁଛି । ମୋ ପୁଅ ନିମ୍ନପ୍ରାଥମିକ ବୃତ୍ତି ପାଇଛି ।...ମୋ' ଝିଅ ଆର ବର୍ଷକୁ ମାଟ୍ରିକୁଲେସନ୍ ଦବ । ମୋ' ପୁଅ ଏ ବର୍ଷ କଲେଜରେ ଫେଲ ହୋଇଗଲା ।"

ଏ—ଏତେ କ'ଣ ପ୍ରଭେଦ ? ଜୀବନର ଗତିପଥରେ ଏତିକି ଦୂରତା ? ମନ ତାହାର ଅଣ୍ଟାଭିତର ଅନ୍ଧାରିଆ କୂଅଭିତରକୁ ଯେମିତି ଆଲୁଅ ପକେଇ ଖୋଜେ । ଏଇ ଏଇ ଝିଅମାନେ ବାହା ହେବେ ବୋଲି କହୁଥିଲେ—ହୋଇଗଲେ ତ । ଏଇ ଏଇକେତୋଟି ବାହା ହେବେ ନାହିଁ ବୋଲି କହୁଥିଲେ—ରହିଯାଇଛନ୍ତି ତ । ଦେଖା

ଧୋଇଗଲେ ସେମାନଙ୍କର ବହ୍ୱଳ ଆଖିପତା ତଳେ ବେଳେ ବେଳେ ମନକଣା ଅନୁତପ୍ତ କରୁଣ ଆଖି ଦିଶିଯାଏ—ଯେମିତ କହିବାକୁ ଗୃହୁଁଛନ୍ତି ଠିକ୍ ହେଉ କି ଭୁଲ୍ ହେଉ, ଏକା ବାଟରେ ବାଟୋଇ। ପରିଚୟ ଥିଲ—ଆଳାପ ନାହିଁ। ମୂକ ପରି ପରସ୍ପରଙ୍କୁ ଭେଟି ପାରି ହୋଇଯାଆନ୍ତି ; କିନ୍ତୁ କହିଯାନ୍ତି ଅନେକ କଥା—

କଳ୍ପନାର ଜଗତ ମଣିଷକୁ ମୂକ ବଧିର କରିଦିଏ। ଅବିବାହିତ ଲୋକ ପାଇଁ ଭଷା ଆଜିର ସମାଜ ତିଆରି କରିପାରି ନାହିଁ ଏଇଠି। କ'ଣ ସେମାନେ ଭବନ୍ତି, ସେହି ଏକା ଜାଣିଥିବେ। ବେଳେବେଳେ ଗୋଟିଏ ସାର୍ଟିଫିକେଟ୍ ଦେଉଥିବାର ଖବର ଆସେ। ପ୍ରେମ ଝାଙ୍କୁରି ଉଠେ। ରକ୍ତରେ ନିଆଁ ଛୁଟିଯାଏ। ଜଡ଼ ମୁହଁରୁ ବାହାରିପଡ଼େ—କୃତଘ୍ନ ! ପୁଣି ସେମିତି କଏ କହିଦିଏ; ଏମାନଙ୍କର ଢୁଣ୍ଡର କଥା ଖାଲି ମିଛ। ସେହି ଗଳାର ପଛପଟେ ଥିବା ହୃଦୟରେ କେଉଁଠି ସୂକ୍ଷ୍ମତନ୍ତ୍ରୀ ଲୋକଲୋଚନ ଅନ୍ତରାଳରେ ଯେମିତି ଧୀରେ ବାଜୁଛି—ଯେ ନାହିଁ, ଯାହା ଆସିବ ନାହିଁ, ତାହାରି ପାଇଁ।

ହଁ, ଏ ସବୁ ମିଛ। ଏହି ମିଛସଂସାର ଖାଲି ମିଛରେ ଗଢ଼ା। ତଥାପି ଏଇଠି ଲୋକେ ସେତକ ସତ ବୋଲି ଧରିନଅନ୍ତି। ସେଥିପାଇଁ ସେମାନଙ୍କୁ କୁହାଯାଏ—ପାଗଳ। କେଶବ ବାବୁ ବି ଜଣେ ପାଗଳ। କାରଣ ସଂସାରର ବାଟରୁ ଆଡ଼େଇ ହୋଇ ରହିଯାଇଛନ୍ତି।

ତଥାପି ପାଗଳଙ୍କର ତ ଗୋଟିଏ ରାସ୍ତା ଅଛି; ବିଭିନ୍ନ ଧର୍ମ, ଆଚ୍ଛର, ସଂସ୍କାର, ବୁଦ୍ଧିବୃତ୍ତିର ଲୋକେ ଅଲଗା ଅଲଗା ବାଟ ଧରି ନେଇଥାନ୍ତି। ସେମିତି କେଶବ ବାବୁଙ୍କର ଗୋଟିଏ ରାସ୍ତା—ରାସ୍ତା ତ ସରିଯିବ। ଏତେ ଦିନ ଗଲଣି ଆଉ କେଇଟିଦିନରେ ସେଥିରେ ମଧ୍ୟ ଶେଷ।

ଥକ ପଡ଼ିଲେ ବିଚରା କେଶବ ବାବୁ ଜ୍ୟୋତିଷ ପଣ୍ଡିତଙ୍କୁ ଡାକେଇ ବୁଝନ୍ତି, 'କହନ୍ତୁ ପଣ୍ଡିତେ, ଆଉ କେଇ ଦିନ ? ମଲାବେଳକୁ ଲୋକେ କ'ଣ ବୋଲି କହିବେ ?'

'ଆଉ କିଛି ପଚାରିବେ ନାହିଁ ? କେହି ଗୃହୀ ଲୋକ ମରଣ କଥା ପଚାରେ ନାହିଁ ।'

'ଆଉ ତାହାହେଲେ କ'ଣ ପଚାରିବା ? ଯାହା ଦେଖୁଛନ୍ତି କହନ୍ତୁ ।

'ସମସ୍ତେ ତିନୋଟି କଥା ପଚାରନ୍ତି—ଆୟୁ, ଧନ, ସ୍ତ୍ରୀ ।'

'ହଉ, ତାହାହେଲେ କହନ୍ତୁ – ପରମାୟୁ କେଇ ବର୍ଷ ? ଧନ କେମିତି ମିଳିବ ? ସ୍ତ୍ରୀ କେମିତି ହେବ ?'

ଜ୍ୟୋତିଷଙ୍କ ମୁହଁରେ ପ୍ରସନ୍ନ ହସ ଫୁଟେ । କେଶବ ବାବୁଙ୍କ ମୁହଁରେ ମ୍ଳାନ ଓ କ୍ଳାନ୍ତ ହସରୂପେ ଦିଶିଯାଏ । ଜ୍ୟୋତିଷେ କହନ୍ତି, 'ହଉ, ଲେଖି କରି ଦେବି ପରେ । ତେବେ ମୋଟାମୋଟି ନୀରୋଗ ଶରୀରରେ ଦୀର୍ଘାୟୁ ହେବେ । ବିଳମ୍ବରେ ବିବାହ କରିବେ ଓ ସ୍ତ୍ରୀ ଭାଗ୍ୟରେ ଧନ, କାରଣ ଶୁକ୍ର ତୁଙ୍ଗୀ ହୋଇ ସପ୍ତମ ଘରେ ରହିଛି ।

କଳା ମେଘ ପରି ଗମ୍ଭୀର ଦୁଃଖ ଭିତରେ କଣ କେମିତି ହଠାତ୍ ଆଲୁଅ ଜଳିଉଠେ । ସଂସାରର ଅର୍ଥ ଓ କାମରୁ ବାଟ କଟେଇ ଚାଲିଗଲା ପର ଠାରୁ ଜୀବନର ସୁଆଦ କମି ଯାଇଛି । ପଣ୍ଡିତଙ୍କ ଭବିଷ୍ୟତବାଣୀ ପୁରୁଣା ମଲାସ୍ମୃତିର ମଞ୍ଜିଗୁଡ଼ିକୁ ଯେମିତି ଜୀଆଇଁ ଦିଏ । ଦେହରୁ ବାର୍ଦ୍ଧକ୍ୟର ପୋଷାକ ଖସିପଡ଼େ । ମନଟା ହାଲୁକା ହୋଇ ଉଠେ । ସ୍ତ୍ରୀ ଆସିଲେ ଭାଗ୍ୟ କଅଁଳିବ ?— କିଏ ଆସିବ ସତେ ! ଏ ପ୍ରେ'—ସେ—ସେ·····

ପଣ୍ଡିତେ ଲେଖିଥିଲେ ନୈର୍‌ତ କୋଣରୁ । ତାହାହେଲେ ନୈର୍‌ତ କୋଣ କେଉଁଠୁ ହିସାବ କରାହବ ? ଆଗନ୍ତୁକାଙ୍କର

ଜନ୍ମସ୍ଥାନରୁ, ନା ରହିବା ସ୍ଥାନରୁ—ଏହି ଜଟିଳ ପ୍ରଶ୍ନର ମୀମାଂସା ପଣ୍ଡିତେ ନିଜେ ବି ଭଲ କରିପାରି ନାହାନ୍ତି । ଆଉ ଜଣେ ପଣ୍ଡିତ କହିଥିଲେ ଈଶାନ କୋଣରୁ । ତାହାହେଲେ ଏମିତି ଦଶଦିଗରୁ ଆଠୋଟି ଦିଗକୁ ଦୃଷ୍ଟି ରଖିବାକୁ ହବ—ସୂର୍ଯ୍ୟଙ୍କର ଉଦୟ ଓ ଅସ୍ତ ଓଡ଼ିଶାର, ଭାରତର, କି ପୃଥିବୀର ମାନଚିତ୍ର ସାଙ୍ଗରେ ମିଳେଇ ପଣ୍ଡିତଙ୍କର ଭବିଷ୍ୟତ୍ ବାଣୀକୁ ପଢ଼ି ବୁଝିବାକୁ ହବ ।

ମିଛ ହୋଇଥିଲେ ବି ପଣ୍ଡିତଙ୍କ ପ୍ରତି କୃତଜ୍ଞତାରେ କେଶବ ବାବୁଙ୍କ ମନ ପୂରିଯାଏ । ସେହି କେଇପଦ କଥାରେ ସେ ଆଶା-ଦୀପକୁ ଜଳେଇ ପାରିଛନ୍ତି । ସେହି କ୍ଷୀଣ ଆଲୁଅରେ କେଶବ ବାବୁଙ୍କର ଏହି ଏକୁଟିଆ ଯାତ୍ରାପଥରୁ ଅନ୍ଧାର ଦୂର ହୋଇଛି । ଉଷୁମ ପାଇ ହୃଦୟର ଜମାଟ ବାନ୍ଧି ଆସୁଥିବା ଜଡ଼ତା ଫିଟିଯାଇଛି । ସେ ସଚଳ ଓ ଜୀବନ୍ତ ହୋଇଯାଇଛନ୍ତି ।

ଦିନ ପରେ ଦିନ ଯାଏ । ସୂର୍ଯ୍ୟଚନ୍ଦ୍ର ବିଦାୟ ନିଅନ୍ତି । ବିଜୁଳି ଆଲୁଅ ଜଳେ ଓ ଲିଭେ । ଜନ୍ମ ମୃତ୍ୟୁର ସୁଅ ବହିଯାଏ; କିନ୍ତୁ ଜ୍ୟୋତିଷଙ୍କର ଭବିଷ୍ୟତ୍‌ବାଣୀ ପଢ଼ିବାର ଶେଷ ନାହିଁ । ସାତଦିନରେ, ତିନି ଦିନରେ କେଶବ ବାବୁ ତାଙ୍କର ଜ୍ୟୋତିଷଙ୍କ ଫାଇଲ ପଲଟାଇ ଦେଖୁଥାନ୍ତି—ଗୋଟିଏ ପରେ ଗୋଟିଏ ଚହଳିଆ ବର୍ଷ ପୋଛିହୋଇ ଯାଉଛି । ପଣ୍ଡିତଙ୍କର ଭବିଷ୍ୟତ୍‌ବାଣୀ ମିଛ ହେଉଛି—ଧନ ବଳକା ହେଉ ନାହିଁ—ଦେହ ଭଲ ରହୁନାହିଁ ।

ନ ହେବ ବା କେମିତି ? ଏଇଟା ତ ମିଛମାୟାର ସଂସାର । ପଣ୍ଡିତଙ୍କୁ ହୁଏତ ସେମିତି ଦିଶିଥିଲା । ନଇଲେ ସେ ଜାଣି ଜାଣି ମାୟା ଲଗେଇ କହିଥିଲେ—ବିଚରା କେଶବ ପ୍ରତି ସହାନୁଭୂତିରେ କି ଅନୁକମ୍ପାରେ ।

ପଣ୍ଡିତଙ୍କୁ କ୍ଷମା ମିଳେ । ସେହି ମିଛ'କଥାଗୁଡ଼ିକ ଯାଇଥିରଣ୍ଟି ସେଥିରୁ ସେ ଆନନ୍ଦ ଓ ଆଶ୍ୱାସନା ପାଇଥାନ୍ତି ତାଙ୍କର ଦୁର୍ବଳ ମୁହୂର୍ତ୍ତିରେ । ସଂସାରର ଲୋକେ ଭାବନ୍ତି, ବିଶେଷରେ ସ୍ତ୍ରୀମାନେ, ଯେ ଅବିବାହିତ ଲୋକଙ୍କର ମନର ବଳ ବହୁତ — ମିଛ କଥା । ସେମାନେ କେତେ ଦୁର୍ବଳ ଓ ପୋରହା, ଖାଲି ସେହି ପଥର ପଥିକ୍ ବୁଝିବ । କେଶବବାବୁ ସବୁବେଳେ ଭାବନ୍ତି ଯେ, ଜ୍ୟୋତିଷଙ୍କଠାରେ ସେ ଋଣୀ । ଯେଉଁ ଆଶ୍ୱାସ ଓ ସମବେଦନା ସଂସାର ଦେଇନାହିଁ, ସେତକ ପଣ୍ଡିତମାନେ ସାମାନ୍ୟ କେଇଟି ଟଙ୍କା ବଦଳରେ ଅଜାଡ଼ି ଦେଇଛନ୍ତି ।

ପ୍ରତିବର୍ଷ ବାହାଘର ବାଜାବଜନ୍ତ୍ରୀ ନେଇ ଗୋଟିଏ ଗୋଟିଏ ପଟୁଆର ଚାଲିଯାଏ । କେଶବବାବୁଙ୍କର ସ୍ଥିର ଦେହ ଭିତରେ ମନ ଚମକେ, ଘୋଡ଼ା ଆଗରେ ଆଉ ଗୋଟିଏ ଘୋଡ଼ା ଦଉଡ଼ିଗଲେ ସେ ଚମକିଲା ପରି । ସିନ୍ଦୂରବୋଳା ଶୁଭଶଙ୍ଖ ନିମନ୍ତ୍ରଣ ଚିଠାଉ ଡାକରେ ଆସେ । ହଳଦିମଖା ସ୍ୱସ୍ତିକମାର୍କା ଚିଠି ଆସି କହିଯାଏ, ବାହାଘର ଚାଲିଛି ଏହି ଯୁଦ୍ଧପ୍ରପୀଡ଼ିତ, କରଭାର ନିଷ୍ପେଷିତ-ପୃଥିବୀ ଉପରେ । ସେସବୁ ଦେଖିଲେ ବୁଝିହୁଏ—ମଳୟ ବହୁଛି, ଫୁଲ ଫୁଟିଛି, ପିକ ଗାଉଛି, ଜୀବନର ସୁଅ ବହିଯାଉଛି କଳକଳକରି ।

କେଶବବାବୁଙ୍କ ଇଚ୍ଛା ବିରୁଦ୍ଧରେ ତାଙ୍କର ସଜଳ ଆଖି ତାଙ୍କର ଅନୁତପ୍ତ ହୃଦୟକୁ ସହାନୁଭୂତି ଦେଖାଏ । ଏଇ ଅନୁଭୂତି ବି ପୁରୁଣାର ପୁନରାବୃତ୍ତି । ଥରକୁ ଥର ଖୁରରେ କ୍ଷିଅର ହେଲା-ବେଳେ କାଟି ହୋଇଗଲେ ଯେମିତି ନିଜର ରକ୍ତ ଦର୍ପଣରେ ଦିଶିଲେ ବି ମନ ଚମକେ ନାହିଁ, ସେମିତି ଉଦାସ ଅପ୍ରସନ୍ନ ଆଖିର ଲୁହ ଅତି ଅଦରକାରୀ ପରି ଦାଡ଼ିର ମୂଳଭିତର ଦେଇ ସିଆର କାଟି ଗଡ଼ିଯାଏ — ଥରିଲା ଥରିଲା ଓଠ ତଳକୁ । ଧୂଆଁ ବାଜିଲେ, ପୋକଟିଏ ପଡ଼ିଲେ କି ଥଣ୍ଡାପବନ ଲାଗିଲେ ଆଖି ଯେମିତି କେଇ-

ଟୋପା ପାଣି ନଗାଡ଼ି ଦିଏ ଉଚ୍ଛ୍ୱାସ ହେବାକୁ, ସେମିତି ଏଇସବୁ ଅଭ୍ୟସ୍ତ ଦୁଃଖ ଆଖିରୁ ପାଣି କାଢ଼େ ।

ତାହାହେଲେ ପଣ୍ଡିତଙ୍କ କଥା ମିଛ । ବଣପର୍ବତର ସବୁଜ-ଶୋଭା ଚିତ୍ରକର ତୂଳରେ ଉଠେ ସତ କିନ୍ତୁ ସେଇଟା ଜୀଅନ୍ତା ବଣ ପର୍ବତ ନୁହେଁ । ରୂପଭରା ଅଭିନେତା ଅଭିନେତ୍ରୀ ସିନେମାରେ ଦିଶନ୍ତି, କିନ୍ତୁ ସେମାନେ କେତେକର ? ସେମିତି ଜୀଅନ୍ତା, ପ୍ରାଣମୟ ଭବିତବ୍ୟକୁ ପଣ୍ଡିତେ ଧରିଥିଲେ ତାଙ୍କର ଗଣନାରେ । ସେ ଆଉ ସତ କିଆଁ ହେବ ?

ସକାଳେ ଦୁଆରେ 'ବେହେରା' 'ବେହେରା' ଡାକ ଶୁଣି କେଶବ ବାବୁ ବାହାରକୁ ଆସିଲେ—ଜଣେ ଅପରିଚିତ ଭଦ୍ରଲୋକ କାହାକୁ ଖୋଜୁଛନ୍ତି ବୋଲି ପଚାରି ଜାଣିଲେ ଯେ, ନିଜେ କେଶବ-ବାବୁ ସେହି ଲୋକଟିର ଦରକାର ।

'କହିବା ହଉନ୍ତୁ । ମୁଁ ନିଜେ ସେହି ଲୋକ ।'

—'କଥା ଥିଲା—ମୁଁ ଆପଣଙ୍କ ପାଖକୁ ଆସିଛି ।'

—'କ'ଣ ପାଇଁ ?'

ଆପଣଙ୍କ ବିଷୟରେ କିଛି—

ହଠାତ୍ କେଶବବାବୁଙ୍କୁ ଜଣାଗଲା, ଯେମିତି ଭଦ୍ରଲୋକଟି କେଶବବାବୁଙ୍କ ବାହାଘର କଥା ପଚାରି ଆସିଛି । ତାଙ୍କୁ ବିରକ୍ତ ଲାଗିଲା—ସେ ବିଭା ହୋଇନାହାନ୍ତି ସତ । ସେ କଥା ଏତେସବୁ ଲୋକେ କାହିଁକି ପଚାରିବେ ? ଯେଉଁମାନେ ପଚାରିଲେ ହୁଏତ ସେ ହଁ ଛଡ଼ା ଅନ୍ୟ କିଛି କହି ପାରନ୍ତେ ନାହିଁ, ସେମାନେ କ'ଣ ଲୁଚି-ଲେଣି ?—ଆଉ ଏଇସବୁ ଲୋକ ? 'ନା—ମୁଁ ବିଭା ହେବି ନାହିଁ ।'

ଆଗନ୍ତୁକ ଅପ୍ରତିଭ ହୋଇ କହିଲେ, 'କେମିତି ଜାଣିଲେ ମୁଁ ଭଡ଼ାଘର ପାଇଁ ଆସିଛି ବୋଲି ।'

ଦୁଃଖିତ ଓ ଲଜ୍ଜିତ ହୋଇ କେଶବ ବାବୁ କହିଲେ, 'କ୍ଷମା କରିବେ ମୋର ସେହି ଦୋଷପାଇଁ । ହଠାତ୍ ପାଟିରୁ ବାହାରିଗଲା ଅନ୍ୟ କାରଣରୁ···କ୍ଷମା କରିବେ । ଆଚ୍ଛା କୁହନ୍ତୁ, କେଉଁ କଥା ?—'

ସେ ହସି କହିଲେ, 'ହଁ ସେହି ଭଡ଼ାଘର କଥାରେ ଆସିଥିଲି ।'

ସ୍ଥିର ରହି କେଶବବାବୁ ଭାବିଲେ । ମିଛୁଆ ପଣ୍ଡିତମାନେ ଏଇ ବର୍ଷକୁ ତ କଷ୍ଟ ଦେଇନାହାନ୍ତି । ଏହି ଅପରିଚିତ ଭଦ୍ରଲୋକ କ'ଣ ପାଇଁ ଦିନର ଆରମ୍ଭ ନ ହେଉଣୁ ଆସି ଅନ୍ୟର ହାତଗଢ଼ା ଓ ଅଭ୍ୟାସଗଢ଼ା ଜୀବନ ଉପରେ ବଳାତ୍କାର କରିବାକୁ ବସିଛନ୍ତି ?

ଏମିତି କେହି ପୁରୁଷ ନାହିଁ, ଯେ ସ୍ତ୍ରୀର ଅନୁରୋଧ ଭାଙ୍ଗି ପାରିବ । ଯଦି ଜଣେ ଯୁବତୀ ତିନମାସ ଛଡ଼ାରେ ଥରେ ଲେଖାଏଁ ଆସି ଅନୁରୋଧ କରିପାରେ, ତାହାହେଲେ କ'ଣ କେହି ଲୋକ ଏହି ଅନୁରୋଧ ଦି' ଗୃରିଥର ଏଡ଼ିଦେଇ ଅବିବାହିତ ରହିପାରିବ ? ଅଡ଼ିଆଡ଼ା ଲୋକକୁ ସଂସାରର ବିବାହର ବାଟକୁ ଆଣିବା ପାଇଁ ଏଇ କ'ଣ ସମାଜର ଭାଷା ଓ ଉପାୟ ? ଯାହାହେଉ, ଭଦ୍ରଲୋକଟି ଆସି ଆଦେଶ ଶୁଣେଇଲା ପରି ସ୍ୱରରେ ଅବେଳରେ, ବିନା ଉପ-କ୍ରମଣିକାରେ କେଶବ ବାବୁଙ୍କର ରୁକ୍ଷ ଜୀବନରେ ମଳୟର ଆଗମନ-ଗାଇଲେଣି ।

କେଶବ ବାବୁଙ୍କର ଓଠରେ ଦୁଷ୍ଟ ହସ ଖେଳିଗଲା । ଅପ୍ରତିଭ ଭଦ୍ରଲୋକଟି ପଚାରିଲେ, 'ହସିଲେ କାହିଁକି ?'

—'ନା ସେମିତି କିଛି ନୁହେଁ । ଭାବୁଥିଲି ଏହି ବୈଶାଖ ଖରାଦିନେ ଆପଣ ବର୍ଷାର ସୂଚନାନେଇ ଆସିଲେ ବୋଲି ।'

—'ମୁଁ ନୁହେ, ମୋତେ ନାରାୟଣବାବୁ ପଠାଇଛନ୍ତି ।'

କେଉଁ ନାରଣବାବୁ ?—କେଶବବାବୁଙ୍କ ମୁହଁ କୁଞ୍ଚେଇ ଗଲା । ଉତ୍ତର ଶୁଣି ସାର କହିଲେ,'ହଁ—ହଁ—ମୁଁ ତାଙ୍କୁ ଭଲ କରି ଜାଣେ, ଆମେ ପଢ଼ିଲା ବେଳେ ସେ ଗୃହକର୍ତ୍ତା କରୁଥିଲେ । କେତେଥର ତାଙ୍କୁ ଦେଖି କଥା ହୋଇଛି । ତାଙ୍କର ହସମିଶା ସମ୍ଭାଷଣ ଶୁଣିବାକୁ ମାଗିଲା ପରି ହୋଇ ଠିଆ ହୋଇଛି । ବଡ଼ ଭଦ୍ରଲୋକ—ଭଲଲୋକ ।'

ଭଦ୍ରତା ଓ ଶିଷ୍ଟାଚାରମିଶା କଥା କେଇପଦ । ଇତସ୍ତତ ହୋଇ କେଶବବାବୁ କହିଲେ, 'ନା–ମୁଁ ବିଶ୍ୱ ହେଉନାହିଁ । ହେବ କି ହୋଇପାରେ ବୋଲି ଆପଣଙ୍କୁ କିଏ କହିଲା ?'

'କାହିଁକି ମନା କରୁଛନ୍ତି । କେହି ନିର୍ଦ୍ଦିଷ୍ଟ ଲୋକ କଥା କ'ଣ ଭାବୁଛନ୍ତି ?'

'ନା—'

କେଶବବାବୁ ପୁଣି କହିଲେ, 'ନା—ସେମିତି କିଛି ନାହିଁ । ଆଚ୍ଛା ଧନ୍ୟବାଦ—ନମସ୍କାର !

'ବାଧ୍ୟ ହୋଇ ନୂଆ ବନ୍ଧୁଟି ବିଦାୟ ନେଲେ । କେଶବବାବୁ ଭାବିଲେ, ଏହି ନିଷ୍ଠୁର ସଂସାର ସୁଖ ଦେଇ ନ ଜାଣିଲେ କ୍ଷତି ନାହିଁ । କିନ୍ତୁ ଏମିତି ଯେ ଆସି ପୁରୁଣା ସ୍ମୃତି ଜଗେଇ ମନଟାକୁ ଦାଗିଦେଇ ଯାଆନ୍ତି, ଏଇ ଯାହା ଦୁଃଖ, ଛୁଡ଼ି !

ତହିଁଆର ଦିନ—

ନିଜେ ନାରଣବାବୁ ଆସି ପହଞ୍ଚିଲେ । ଦକ୍ଷିଣାଝାଞ୍ଜି ଦେହ ମୁହଁ ପୋଡ଼ିପକାଉଛି । ଭିତରର ନିଆଁ ଭିତରେ ଜଳୁଛି ଆହୁରି ଅଧିକ କଷ୍ଟ ଦେଇ । ଆଗଦିନର ଭଦ୍ରଲୋକ ଚାଲିଗଲା ପରେ କେଜାଣି କାହିଁକି କେତେ ପରିଚିତ ମୁହଁ ଆସି ମନଭିତରେ ବିଶ୍ରାମ ନେଇଛନ୍ତି । କିଏ ଏକୁଟିଆ ରାସ୍ତାରେ ନମସ୍କାର କରେ । କିଏ ଲୋକ

ଥିଲେ ଗୃହେଁ ଓଃ ପର ଆକାଶଆଡ଼କୁ । କଏ ପଦେ ହସି କ'ଣ ପଗ୍ଭର ଦେଇଛୁ । —ସ୍ୱାମୀସ୍ତ୍ରୀ ସମାଜର ଭାଷା ।

ନାରଣବାବୁ ଆସି ପୁଣି ସଂସାରର ଟଙ୍କାଅଣାର ପଥୁରିଆ ରାସ୍ତାକୁ ଟାଣିଲେଣି । ସେହି ବାହାଘର ପ୍ରସ୍ତାବ—ଝିଅର ଗୁଣ ଓ ଗହଣାର ତାଲିକା । ଯୌତୁକର ଫର୍ଦ୍ଦ ।

—'ହେଇ ଦେଖନ୍ତୁ, ବ୍ୟାଙ୍କର ବହି—ହେଇ ଦେଖନ୍ତୁ, ଜମା ଖର୍ଚ୍ଚ ହିସାବ ।

ସେ ସବୁ ଠିକ୍ ହୋଇଯିବ—ପରୀକ୍ଷାକରି ଦେଖନ୍ତୁ, ଅସୁବିଧା ନ ରହିଲେ······ ।

ଆହତ ହୋଇ କେଶବବାବୁ ଭାବିଲେ ଯେ, ବାହାଘର ପରେ ଯଦି ସବୁ ଆପଣାଛୁଏଁ ସୁଧୁରି ଯାଏ, ତାହାହେଲେ ନାରଣବାବୁଙ୍କୁ ଏ ଲୋଡ଼ା କ'ଣ ପାଇଁ ? ପାଗଳ ଅବିବାହିତ ଯାତ୍ରାପଥରେ କ'ଣ ଯାତ୍ରୀ ନାହାନ୍ତି ? ସେଠି ବାଟୋଇମାନେ କ'ଣ ଭାବିବେ ? କେଉଁଠିବ ପରି ଜଣେ ଲୋକ ବି ବସିବସି ଗହଣା, ଟଙ୍କା ଯୌତୁକକୁ ସଂସାରର ଇତର ଲୋକର ମାପକାଠିରେ ମାପି ବସିଲା ।

ନୀରବତା ଭାଙ୍ଗିବାକୁ ବୋଧହୁଏ ନାରଣବାବୁ କହିଲେ ସ୍ୱଗତୋକ୍ତି କଲାପରି, ବାହାଘରର ସମୁଦାୟ ବଜେଟ୍ ଦଶହଜାର ଠିକ୍ ହୋଇଛୁ । ଆଇନ୍ଦା ଆଷାଢ଼ ମାସକୁ ଶେଷ ନ କଲେ ନ ଚଳେ ।

କେଶବ ବାବୁ ଶୁଣିଲେ, 'ଟଙ୍କା କଣ ସବୁ ? ମନଟା କଣ ଟଙ୍କାରେ ତିଆରି ହୁଏ ?'

ଏଇ ଉତ୍ତର ନାରଣବାବୁଙ୍କୁ ଚଞ୍ଚଳ କରିଦେଲା—ତାହା ହେଲେ ସେ କଥା ସତ ?'

—'କେଉଁ କଥା ?'

—'କ୍ଷମା କରିବେ ତ କହିବି ।'

—'କହନ୍ତୁ ।'

—ଆପଣ କଳ୍ପନା ଦେବୀଙ୍କୁ ବଶହେବାକୁ ଯାଉଁଛନ୍ତି ? ଦେଖନ୍ତୁ ସେମାନେ ଧଳାହାତୀ । ସେ ସବୁରେ ପଡ଼ନ୍ତୁ ନାହିଁ । ସର୍ବସ୍ୱାନ୍ତ ହୋଇଯିବେ ।'

ସିଗାରେଟ୍ ଦେବାର ପେଖନା କରି କେଶବ ବାବୁ ମନ ଭିତରେ ଦେଖୁଥିଲେ କଳ୍ପନାକୁ । ସତକଥା ତ । ନୂଆ ସଂସ୍କାର ଗୁଲିଲାଣି, ହିନ୍ଦୁ ବିବାହ ଉପରେ । ଏବର ସଭ୍ୟ ଜଗତ ଖର୍ଚର ପୋଷାକ ପିନ୍ଧେଇ ଝିଅମାନଙ୍କୁ ଠେଲୁଛି ସଂସାର ଭିତରକୁ । ସ୍ତ୍ରୀ ପ୍ରଗତି ମାଡ଼ି ଆସୁଛି । ଯୁଗଆଡ଼େ ସ୍ୱାଧୀନତା ଉଚ୍ଛୃଙ୍ଖଳତାର ସୁଅ ବଢ଼ିପରି ଛୁଟିଛି । କେଶବ ସେଥିରେ ତ ନିଜକୁ ଜଣେ ପୁରୁଣା ମରହଟ୍ଟୀ ପରି ଭାବେ । କଳ୍ପନା କ'ଣ ସେ ସବୁର ବାହାର ? ସର୍ବସ୍ୱାନ୍ତ କରି ସାରିଛି ତ—ଅଧିକ କ'ଣ କରିବ ?

ଆହା, କଳ୍ପନା ହେଲେ ଏସବୁ ଶୁଣନ୍ତା । ତାହାର ଜଣେ ଦୂର ବନ୍ଧୁ ନୁହେଁ, ନିଜର ବି ନୁହେଁ—ପର ଏପରି ଜଣେ ଲୋକ କେଶବବାବୁଙ୍କ ପାଖରେ କି ପ୍ରଶ୍ନ ଥୁଆହୋଇଛି । ଯୌତୁକର ତାଲିକା ଆଗରେ ଥୁଆ କଳ୍ପନା ଦେବୀଙ୍କର ଓଜନ ଚାଲିଛି, ମନର ତରାଜୁରେ । ଦେଖିଲେ ସ୍ତ୍ରୀସୁଲଭ କୌତୂହଳ ନେଇ ସେ ଉତ୍ତର ଶୁଣିବାକୁ ହୁଏ ତ କାନ ଡେରନ୍ତା । ପୁରୁଷ ପ୍ରେମିକଭାବରେ କପରି ପ୍ରେମିକାର ଦୋଷଗୁଣର ବିଚାର କରି ଜାଣେ, ସେତକ ହୁଏତ ଦେଖି ଯାଆନ୍ତା । ସଂସାରର ଜଣେ ମଣିଷ ଦେଖା ହୋଇଗଲେ ଖାଲି ଅଉଆଡ଼ୀର ଲାଜକୋଳା ଆଖିର ଭାଷାରେ କ'ଣ କହିଯାଏ ସବୁ, ଯେମିତି ଅର୍ଥ କଲେ ସେହି ପ୍ରକାରର ଉତ୍ତର ବାହାରି ପଡ଼େ । ଗୋଟିଏ ଚାହାଣିରୁ ବହୁ ପ୍ରକାର ଅର୍ଥ ।

ନାରଣବାବୁ ପୁଣି ପଚାରିଲେ, 'ଜବାବ କେବେ ମିଳିବ ?—ମୁଁ ଆସିବି ?'

ଚମକିଲାପରି କେଶବବାବୁ କହିଲେ, 'ନା—ନା—ଆସିବେ କାହିଁକି ? ସେ ସବୁ ମିଛ । କିଏ କଣ ଖବର କହିଦେଇଛି । ମୁଁ ବାହା ହେବିନି ନାହିଁ ।'

ବିଫଳତାର ବିରକ୍ତିରେ ନାରଣବାବୁ କହିଲେ, 'ହଉ' ମୋତେ କ୍ଷମା କରିବେ ଯେ ମୁଁ ଆପଣଙ୍କର କାମରେ ବ୍ୟାଘାତ ଦେଇ ଆପଣଙ୍କର ସମୟ ନଷ୍ଟକଲି ।' ପୁଣି ହସି ହସି କହିଲେ — 'କ୍ଷମା ମିଳିଲା ନା ?'

କେଶବବାବୁ ହସି ହସି କହିଲେ, 'ସତ କହୁଚି, ଆପଣ ଆସିଥିବାରୁ କୃତଜ୍ଞ । ଆପଣଙ୍କ ପାଖରେ ଋଣୀ ହୋଇ ରହିଲାପରି ଲାଗୁଛି ।'

ନାରଣ ବାବୁଙ୍କ ମୁହଁରୁ ଜଣାଗଲା ଯେ, ସେ କଥାଗୁଡ଼ିକୁ ବିଦ୍ରୂପ ବୋଲି ଧରିନେଉଛନ୍ତି । କେଶବବାବୁ କହିଲେ, 'ଆପଣ ସଂସାରୀ ଲୋକ—ଜାଣିବେ ନାହିଁ, ଅବିବାହିତ ଲୋକକୁ ବିବାହ ପ୍ରସ୍ତାବ କି ଆନନ୍ଦ ଦିଏ । ଏମିତି ଥରେଥରେ ଜଣେ ଜଣେ ଦୟା ଦେଖାଇ କହିଯାନ୍ତି—କେଶବକୁ ସଂସାର ଭୁଲି ନାହିଁ କି ମଲାପୁ ଭୁଲି ନାହିଁ ।

—'ସେ ତ ସାହିତ୍ୟର ଛଟା'

—ନା—ନା—ମନର ଖାଣ୍ଟିକଥା ।'

—'ତାହାହେଲେ ଶେଷ କଥା କଣ ହେଲା ?'

—'ମୋତେ କ୍ଷମା ଦେବେ । କଷ୍ଟପୁ କ୍ଷମା କରିବେ ।'

ଶେଷ ବୈଶାଖର ତେଜୀୟାନ୍ ସୂର୍ଯ୍ୟ ଖରାଲେଉଟା ଝଡ଼ର ଧୂଳିରେ ପୋତି ହୋଇ ପଶ୍ଚିମ ଆକାଶକୁ ଖସି ଯାଉଥିଲେ । ଅଦୂରରେ ଧୂଳିର ଆପଟରେ ଖଣ୍ଡେ ଧୂସରିଆ ମେଘ ଦିଶୁଛି । ନାରଣବାବୁଙ୍କର କଥା ଶୁଭିଯାଉଛି—ଯୌତୁକର ଫର୍ଦ୍ଦ—ଆଷାଢ଼ ଶେଷ ତିଥି ।

ଖରାଶୁଖା ଭୂଇଁ ବି ପଶ୍ଚିମ ଦିଗର ମେଘଖଣ୍ଡିକୁ ଚାହିଁ ରହିଛି, କେଇ ଟୋପା ପାଣିପାଇଁ । ତତଲ ଅନୁଭୂତିରେ ସନ୍ତୁଳ ହୋଇ ମନ ଭିତରେ କେଶବ ବାବୁଙ୍କର ରୁଗ୍ଣ ମନ ଖୋଜୁଥିଲା କଳ୍ପନାକୁ । ଜଣାଇବାର ସୁବିଧା ଥିଲେ କହିଦେଇଥାନ୍ତେ, ସେ କେମିତି ଋଣରେ ବୁଡ଼ିଗଲେଣି । ଯେଉଁମାନେ ଆଶାର ଆଲୋକ ଜାଳିଦେଇ ଥିଲେ, ସେମାନଙ୍କ ପାଇଁ ସେ କେତେ କୃତଜ୍ଞ, ତାଙ୍କ ପାଖରେ ସେ କେତେ ଋଣୀ !

ଜ୍ୟୋତିଷଙ୍କର ଗଣନା ମିଛ ନୁହେଁ । କଳ୍ପନା ମଧ୍ୟ ମିଛ ନୁହେଁ । ଦୂର ପଥୁକାର ଏତିକ ମାତ୍ର ସମ୍ବଳ ।

# ଏମାନେ ବି ମଣିଷ

ବି. ଏ. ପାସ୍ କରିଥିବା କେତୋଟି ଗଜାବୟସର ବେକାର ଗୋଟିଏ ମେସ୍ କରି ଥାନ୍ତି ଖଣ୍ଡେ ଦୋମହଲା କୋଠାରେ । ସାମାଜିକ ଜାତିବିଭାଗ ଭୁଲିଥିଲେ ମଧ୍ୟ ବି. ଏ. ପାସ୍ ବାଲା ଗୁଡ଼ିକ ଗୋଟିଏ ନୂଆ ଜାତିବିଭାଗ ଖୋଲି କେବଳ ସେହିମାନଙ୍କୁ ସେହି ଗ୍ରାଜୁଏଟ୍ ମେସ୍‌ରେ ରହିବାର ଅଧିକାର ଦେଇଛନ୍ତି । ଏମିତି କହିବାର କାରଣ ଯେ ବି. ଏ ପାସ୍ କରି ନ ଥିବା ଗୁଡ଼ାଏ ଲୋକଙ୍କୁ ଆଣି ରଖିଲେ ସେମାନଙ୍କର ଅବାନ୍ତର କେଁକଟରରେ ଏମାନଙ୍କର ସୂକ୍ଷ୍ମ ଚିନ୍ତାରେ ବାଧା ଆସିବ ।

ଏମାନଙ୍କୁ ବେକାର ଶ୍ରେଣୀରେ ଧରାଯିବ ! ତେବେ ବି ଏମାନେ ଠିକ୍ ବେକାର ଶ୍ରେଣୀକୁ ଓହ୍ଲାଇ ନାହାନ୍ତି । ପଢ଼ା ଶେଷ କଲା ପରେ ଚାକିରି ଖୋଜା ଆରମ୍ଭ ହୁଏ । କିନ୍ତୁ ଏମାନଙ୍କର ଚାକିରି ଖୋଜା ସାଙ୍ଗେ ସାଙ୍ଗେ ଏମ୍. ଏ, ବି. ଏଲ୍, ପଢ଼ା ଚାଲିଛି । ତେଣୁ ମନଭିତରେ ବେକାର ହେଲେହେଁ ହାବଭାବ ପଣ୍ଡିତଙ୍କ ପରି— କାରଣ ପଢ଼ା ଆଗକୁ ଆଗକୁ ଚାଲିଛି ।

ବାପା ମାଆଙ୍କ ଆଶାରେ ଆଲୁଅ ଜାଳି ଏମାନେ ବି. ଏ. ପଢ଼ା ଶେଷ କରିଛନ୍ତି । ପଢ଼ିଲାବେଳେ ଜାଣିଥିଲେ ଯେ ପଢ଼ା ସରିବା ସାଙ୍ଗେ ସାଙ୍ଗେ କେତେ ଧନ ଦଉଲତ ଖାଲି କୁହାଟ ମାରିବ । ତେଣୁ ସେମାନେ ନିଜକୁ ସଜ କରି ରଖିଛନ୍ତି ।

ପଦାକୁ ବାହାରିବା ପୂର୍ବରୁ ନିଶ୍ଚୟ ଖିଅର ହୋଇ ସ୍ନୋ କି ପାଉଡ଼ର କିଛି ଲଗାଇବେ । ମୁଣ୍ଡରେ ଏମିତି ଗୋଟିଏ ତେଲ କି ସେହି ଜାତୀୟ ପଦାର୍ଥ ଲଗାଇବେ ଯାହା ମୁଣ୍ଡକୁ ତେଲିଆ ନ କରି

ଝ ଝକ୍‌ଝକ୍ କରାଇବ ସୂର୍ଯ୍ୟ କିରଣରେ,—ଯେମିତି ଖବରକାଗଜର ବିଜ୍ଞାପନରେ ଦେଖାଯାଏ ।

ଗୋଡ଼କୁ ମୋଜା ଓ ଜୋତା । ପାଦଯାଏ ଲୋଟି ପଡ଼ୁଥିବା ପହରଣ । ହାତର ପାପୁଲି ଯାଏ ଝୁଲୁଥିବା କୁର୍ତ୍ତ ଆଉ ତାହାର ଉପରେ ମାଇକନଆଙ୍କର ଚୁଡ଼ି ପରି ଗୋଟିଏ ଢିଲାବନ୍ଧା ସୁନେଲି ହାତଘଡ଼ି ଏପାଖ ସେପାଖ ହେଉଥିବ ।

କଥା କହିବେ ବଡ଼ କମ୍ । ଖାଇଲାବେଳେ ଦାନ୍ତ ଦିଶିବ ନାହିଁ । ହସିଲାବେଳେ ଖାଲି ଦାନ୍ତ କେଇଟି ଦିଶିବ । ସୁବିଧା ଓ ସୁଯୋଗ ମିଳିଲେ ସିଗାରେଟ୍ ଧରାହୋଇଥିବ, ଯେମିତି ହାତରେ ଘଡ଼ି ବନ୍ଧା ହୋଇଛି ।

ଏମାନଙ୍କର କାମ ହେବ ପଦାରେ ଘଟୁଥିବା ଓ ଘଟୁ ନ ଥିବା ଘଟଣା ଗୁଡ଼ିକ ଠୁଳ କରି ଆଣି ଘରେ ବସି ଆପଣା ଆପଣା ଭିତରେ ଟୀକା ଟିପ୍ପଣୀ କାଟି ଚର୍ବିତଚର୍ବଣ କରିବା ।

ଏହି ହେଲା ହାଲ ଫେସନ୍ । ଏହି ଜାତି ଭିତରକୁ ବି. ଏ. ପାସ୍ କରି ନ ଥିବା ଲୋକଙ୍କର ସ୍ଥାନ ନାହିଁ ।

ଶୀତଦିନ—ସକାଳୁ କେହି ଉଠନ୍ତି ନାହିଁ । ବିଛଣା ପାଖରେ ଶୋଇ ଶୋଇ ପ୍ରତ୍ୟେକେ ଚା' ଖାଆନ୍ତି । ସେଠୁ ଶୋଇ ଏକ ଆରେକକୁ ଡାକି କୁହାକୁହି ହୁଅନ୍ତି ଯେ ଶୀତଦିନଟା ସୃଷ୍ଟିରେ ବଡ଼ ମଧୁର । କାରଣ ବେଶ୍ ଥଣ୍ଡା ଟିକିଏ ହେଉଛି ଯାହାପାଇଁ ରେଜେଇ କମ୍ବା କମ୍ବଳ ତଳେ ଢାଙ୍କିହୋଇ ରହୁଛନ୍ତି—କୁକୁର ଯେମିତି ନିଜର କୋଡ଼ରେ ନାକଅଗକୁ ଭର୍ତ୍ତିକରି ଉଷୁମ କରୁଥାଏ ।

ଖବରକାଗଜ ଆସିଲେ ଚାକିରିର ବିଜ୍ଞାପନ ଖୋଜାହୁଏ । ଆପଣା ଲାଏକ ଚାକିରି ମିଳିଲେ ଗୋଟିଏ କାମ ଲାଗେ । ଦରଖାସ୍ତ ଲେଖି, ସାର୍ଟିଫିକେଟ୍ ନକଲ କରାଇ ରେଜିଷ୍ଟ୍ରି କରି ପଠାଇବା । ବାକି ସମୟତକ କଲେଜକୁ ନାମମାତ୍ର ଯାଇ ଗପସପ କରିବା ଭାବନାରେ ଆନନ୍ଦ ପାଇବା ।

ଏହି ବୈକୁଣ୍ଠ ଭିତରେ ଦୁଃଖ ଦାରିଦ୍ର୍ୟର ସ୍ଥାନ ନାହିଁ । ଘରୁ ବାପାଙ୍କ ପାଖରୁ ଟଙ୍କା ଆସୁଛି । ଟଙ୍କାର ଚାହିଦା ଏଣୁ ବଢୁଛି, କାରଣ ପୁଅ ଯେତେ ଅଧିକ ଯୋଗ୍ୟ ହେବ ସେତିକି ଅଧିକ ଖର୍ଚ୍ଚ କରିବ ।

କିନ୍ତୁ ଏହି କୋଠାଟିରେ ଥିବା ମେସ୍ ଅନେକ ଲୋକଙ୍କର ଦୃଷ୍ଟି ଆକର୍ଷଣ କରେ । ଖବରକାଗଜ ବାଲା, ପାଉଁରୁଟି ବାଲା, କମଳାଲେମ୍ବୁ ବିକାଳି ଆଉ ଅନ୍ୟାନ୍ୟ ଯଥା କୁଲି, ରିକ୍ସାବାଲା ଆଦି ଏହାକୁ କୁବେରପୁରୀ ମନେ କରନ୍ତି ।

ଧନ ଆଶାରେ ଯେତେବେଳେ ଦାନ୍ତକାଠିବାଲା କି ଶୁଖୁଆ-ବାଲା ବେପାରକରି ଆସନ୍ତି ବାବୁମାନଙ୍କର ଗୃହିଣୀ ଟୋକେଇରୁ ମଣିଷକୁ ଆସି ସନ୍ତୁଷ୍ଟ ନ ହେଲେ ସେ ବିଚରା ଗାଳି ଖାଏ । ଆଉ ଯଦି ମନକୁ ତୋଷିଲା ତାହାହେଲେ ଖାଲି ଦୟା ଦେଖାଇବା ପାଇଁ କିଛି କିଣାଯାଏ । ଆଉ ଏହି ବେପାର ଚାଲୁଥିଲାବେଳେ ଗୋଟିଏ କଡ଼ାକଡ଼ି ତର୍କ ଚାଲିଥାଏ । ସେହି ଦାଣ୍ଡଦୁଆର ଆରପାଖୁ କିଣା ହେବ କି ଦୁଆର ମଝିରେ ସଉଦା ହେବ ।

ସେମାନେ ଚାଲିଯିବା ପରେ ମେସରେ କୋଳାହଳ ହୁଏ କେଉଁ ଭଦ୍ରଲୋକ କେତେ ତଳକୁ ଖସିଲେ ସେହି କଥା ନେଇ । ବହି ପଢ଼ାର ଯେତେ ନାୟକ ନାୟିକା—ସେଥିରୁ ଯେଉଁମାନେ ଗରିବ କି ସମାଜର ତଳଶ୍ରେଣୀର ସେମାନଙ୍କ ସାଙ୍ଗରେ ସେହି ଶୁଖୁଆବାଲା କି ଦାନ୍ତକାଠିବାଲାକୁ ତୁଳନା କରାଯାଏ ।

ଏହିମାନଙ୍କର ଗତାଗତ ଦେଖି ଦାଣ୍ଡଗଲି ଭିକାରୀ ସେଠି ଠିଆ ହୋଇ ମାଗିବାର ସାହସ ପାଆନ୍ତି । କିନ୍ତୁ ସେମାନେ କ'ଣ ପାଇଁ ଏହି ପଣ୍ଡିତଙ୍କର ମହୁଫେଣା ଭିତରକୁ ପଶିପାରିଲେ ସେହି ମର୍ମ ଅନ୍ଧ ଗ୍ଳେଣ୍ଟା ଓ ଅକର୍ମଣ୍ୟମାନେ ଜାଣନ୍ତି ନାହିଁ ।

ଚେଣ୍ଡ ଭିତରୁ ପାଟି ଶୁଭେ ବାବୁମାନେ ଭିକାରୀମାନଙ୍କୁ ଘଉଡ଼ଦେବା ପାଇଁ ଚୁକରକୁ ହୁକୁମ ଦେଉଛନ୍ତି । କେହି କେହି ସୁବିଧା ପାଇଲେ ଆସି କାମ କରିବାର ଉପକାରିତା ବିଷୟରେ ମଧ୍ୟ ଗ୍ଳେଣ୍ଟିଆ ଗ୍ଳେଣ୍ଟିଆ ବକ୍ତୃତା ଶୁଣାନ୍ତି ।

ଭିକାରୀମାନେ ଯଦି କହନ୍ତି 'ବାବୁ କାମ ନାହିଁ' ତା'ହେଲେ କୋଢ଼ିଆ ବୋଲି ଗାଳି ଖାଆନ୍ତି ।

ଠିକ୍ କଥା । କାରଣ ବାବୁମାନେ ଭଦ୍ରଲୋକ ହୋଇ ଏତେ କାମ ଦିନକୁ ପାଉଛନ୍ତି ଯେ ଦୈନିକ ଉପନ୍ୟାସଟିଏ ପୂରା ହୋଇ ପାରୁ ନାହିଁ ଆଉ ଏହି ଅଶିକ୍ଷିତ ଗୁଡ଼ିକଙ୍କୁ କାମ ମିଳୁ ନାହିଁ ।

ଚୁକର ବାବୁଙ୍କ ପଛପଟୁ ମୁଣ୍ଡ ଆଗକୁ କାଢ଼ି କହେ—ଯା, ପଳା । କାମ ପାଉ ନାହଁ ତ ସେହି ଆଗରେ କୋଠା ତିଆରି ହେଉଛି, ଗଡ଼ିଆ ଖୋଳା ହେଉଛି, ଯାଉ ନାହଁ, ଏଠି ଆସି ବାବୁମାନଙ୍କର କାମ ମାରି କରୁଛ କାହିଁକି ?'···କହି ଧସିଯାଏ ।

ଭିକାରୀମାନେ ପଳାନ୍ତି ।

ସେହି କୋଠାରେ ଶହେ ହାତ ଗୁଡ଼ି ଗୋଟିଏ କୋଠା ତିଆରି ଚାଲିଛି । ସକାଳର ସୂର୍ଯ୍ୟକିରଣ ଘରଭିତରକୁ ପକାଇବା ପାଇଁ ଝିଡ଼କି ଖୋଲିଦେଲେ ଦିଶେ ସକାଳ ପହରରୁ କାମ ଆରମ୍ଭ ହୋଇଗଲାଣି ।

ରେଜେଇ ଭିତରୁ କେହି କେହି ବାହାରି ଭଲ କରି ଦେହକୁ ଗରମ କନାରେ ଢାଙ୍କି ଆସି ଝରକା ପାଖରେ ବସନ୍ତି । କୁଲି ମାଇକିନିଆଙ୍କର ସାତଛାଡ଼ି ଲୁଗା ଭିତରି ଦେଇ ଦେହର ଯେ କେତେକ ଅଂଶ ଉପରେ ସୂର୍ଯ୍ୟଙ୍କର ରୁପେଲି କିରଣ ଖଚିତ୍ର ହୋଇ ପଡ଼ୁଥାଏ ସେତକ ଦେଖନ୍ତି ।

କିନ୍ତୁ ସେହି କୁଲିଗହଳି ଭିତରର ମର୍ଦ୍ଦମାନେ ଦେଖା-ପଡ଼ନ୍ତି ବାବୁଙ୍କ ଆଖିରେ । କାରଣ ମଝିରେ ମଝିରେ ସେମାନଙ୍କର ତୀକ୍ଷ୍ଣ ଗୃହାଣୀ ଆଗରେ ଦୋଷୀ ପରି ଏହି ବାବୁଗୁଡ଼ିକ ଆଖି ଫେରାଇ ନଅନ୍ତି । ଠିକ୍ ଯେମିତି ଏମାନଙ୍କ ସ୍ଥିର ଦୃଷ୍ଟି ତଳେ ତଳ-ମୁହାଁ ହୋଇ ଯୁବତୀମାନେ ଚାଲନ୍ତି ବୋଝ ନେଇ ।

ବାକି ଗୁଡ଼ିଏ ପିଲା । ଆଠ ବର୍ଷରୁ ବାର ବର୍ଷ ଯାଏ । ସେମାନେ ସେଠି କାମରେ ଲାଗିଥାନ୍ତି । ସକାଳର କୁହୁଡ଼ି ଭାଙ୍ଗି ଆସିଥାଏ କିନ୍ତୁ ପାଦ ତଳୁ ଜାକର ମରି ନ ଥାଏ । ଦେହରେ କିଛି ନାହିଁ । ମୁଣ୍ଡ ଉପରେ ବୋଝ ।

ସର୍ଦ୍ଦାରର ଚିତ୍କାର ସବୁବେଳେ ଶୁଭୁଥାଏ । 'ଆବେ, ହଇବେ, କାମକୁ ନ ପାରିବୁ ତ ଅଇଲୁ କାହିଁକି ? ଶଳା— କାଲିଠୁଁ ଯଦି ଆସିବୁ ତାହାହେଲେ—ଉଠା ମାଟି—ଆଉ ଢ'ଗଣ୍ଡା ନେ ।'

ପ୍ରତିବାଦ ନାହିଁ । ମୁଣ୍ଡ ଉପରର ବୋଝରେ ପିଠି ନଇଁ ପଡ଼ୁଥାଏ । ଧସେଇ ହୋଇ ନ ଚାଲିଲେ କି ଗୋଡ଼ ଥକି ଗଲେ ବେଳେ ବେଳେ ଗୋଟିଏ ଗୋଟିଏ ଗୁଟେଣି ବସିଯାଏ ।

ମେସ୍ କୋଠାରୁ ନବାବଗୁଡ଼ିକ ସେଇ କଥାକୁ ଉପଲକ୍ଷ କରି ଆଲୋଚନା କରୁଥାନ୍ତି । "ପିଲାଙ୍କୁ କାମରେ ଲଗାଇବା ମୂର୍ଖତା । ଖାଲି ପଇସା ନେବେ କିନ୍ତୁ କମ୍ କାମ ।"

ଆଉ ଜଣେ କହେ 'ନାହିଁ, ସେମାନେ ପଇସା ନଅନ୍ତି କମ୍ କିନ୍ତୁ କାମ ହୁଏ ବେଶି ।

ସେମାନଙ୍କର ଦୁଃଖ ବିଷୟରେ କାହାର ତୁଣ୍ଡରୁ ପଦେ ହେଲେ କଥା ବାହାରେ ନାହିଁ ।

କୋଠାରୁ ଦିଶୁଁଲେ ଟେଲିଗ୍ରାଫ୍ ଲାଇନ୍ ଦିଶେ । ସେହି ଧାଡ଼ିଧାଡ଼ି ତାର ସନ୍ଧିରେ ବୁଢ଼ୀଆଣୀ ମାଳମାଳ ହୋଇ ବସା ବାନ୍ଧିଥାନ୍ତି । ରାତିର କୁହୁଡ଼ି ଲାଗି ରହିଥାଏ । ସକାଳେ ସୂର୍ଯ୍ୟ ପଡ଼ିଲେ ତାର ଲାଇନଟାଯାକ ଏହି ଚିହ୍ନ ଦିଶେ ।

ଏହିମାନଙ୍କୁ ଖାଇବାକୁ ବଣି ଆସି ଠୁଳ ହୁଅନ୍ତି; କିନ୍ତୁ ଅବାଗିଆ ସ୍ଥାନରେ ହୋଇଥିବାରୁ ଖାଇ ପାରନ୍ତି ନାହିଁ ।

ମେସ୍‌ରେ ସେହି ଦୃଶ୍ୟ କେତେ ଆନନ୍ଦ ଦିଏ । ବଣିଗୁଡ଼ାକ କେଡ଼େ ଓଲୁ······ଆଉ ଏହି ବୁଢ଼ୀଆଣୀ ଟିକିଏ ଲୁଚି ଛପା ଯାଗାରେ ଘର ନ କରି ସେଠି ମେଲ୍‌ଟାରେ କରିଛନ୍ତି ।

ଘରେ ପହଁରୁଥିବା ଗୃହକର କହିଲା 'ବାବୁ ଲୁଚି କରି ଘର କଲେ ପୋକଜୋକ କେଉଁଠୁ ଆସି ଲାଗିବେ ? ସେମାନେ ଖାଇବେ କଣ ?'

ଅନ୍ୟମାନେ ହସିଲେ ଯେ ଗୃହକର ଯାହା ଜାଣେ ବାବୁଙ୍କୁ ତାହା ଜଣାନାହିଁ । ଆଉ ବି ସେମାନଙ୍କର ମୂର୍ଖତା ଧରାପଡ଼ିଲା ନାହିଁ । କିନ୍ତୁ ଯେଉଁ ବାବୁଙ୍କର ଭୁଲ ଧରାପଡ଼ିଗଲା ସେ ଗୃହକରକୁ ଧମକଦେଇ ପଚାରିଲେ ତାଙ୍କ କଥାରେ ସେ କଅଁ କଥା କହିଲା ? ······ଗୃହରଅଣା ଜୋରମାନା—

ଗୃହକର ସେହି ଘରୁ ବାହାରିଯିବା ବେଳେ ଭାବୁଥିଲା 'ଏମାନଙ୍କ ଘରେ ଯେତିକି ପୋଲ୍ ଟଙ୍କା ଅଛି ମୁଣ୍ଡ ଭିତରେ ସେତିକି ଗୋବର

ଅଛି । ପ୍ରତିଦିନ ସ୍ତ୍ରୀ'ଙ୍କୁ ମୁଁ ଚାରିଅଣା ଠକାଏ ଆଉ ମାସକୁ ଥରେ ଅଧେ ମୋତେ ସେ ଚାରିଅଣା ଜୋରିମାନା କରି ପୁଣି ମାଫି ଦିଅନ୍ତି ।

ମୋ ପିଲାଙ୍କୁ କେବେ ପାଠ ପଢ଼ାଇ ଏମିତି ଅପଦାର୍ଥ କରିବି ନାହିଁ ।

ଭିକାରି ଭିକମାଗିଲେ ବାବୁମାନେ କହନ୍ତି—ସେ କାମ ଖୋଜୁ । ସେ ନ ଖାଇଥିଲେ ବି ଉପାସ ରହୁ । କିନ୍ତୁ ଏଣେ ଚାକିରି ଠକୁଥାଉ । ପଇସା ସିଗାରେଟ୍ ଧୂଆଁ ବାଟେ କଲିଜା ଖରାପକରି ଆକାଶକୁ ଉଡ଼ିଯାଉ ।

କିନ୍ତୁ ଏମାନେ ଏଥି ଭିତରେ ଠାଏ ବି ଚାକିରି ପାଇବେ ନାହିଁ । ଅନ୍ନ ଧ୍ୱଂସ କରୁଛନ୍ତି ଖାଲି ଆକାଶ କଇଁଆ ଚୋଳି ଚୋଳି ।

ଏହି ଏତିକ ଦିନ ସେମାନେ କ'ଣ ଭିକାରି ନୁହନ୍ତି ? ଭିକାରି ତୁଣ୍ଡି ଖୋଲି ମାଗେ—ଯେଉଁମାନଙ୍କର ଅଛି ସେହିମାନଙ୍କୁ । କିନ୍ତୁ ତାହାର କୌଣସି ଅଧିକାର ନ ଥାଏ ।

ବାବୁମାନେ ଚିଠି ଲେଖି ମଗାନ୍ତି ଟଙ୍କା—ଦରକାର ଅଛି କହି । କିନ୍ତୁ ଫରକ ହେଉଛି ଯେ ମୁରବୀମାନେ ଟଙ୍କାଟା ଦେବେ, କାରଣ ଏମାନେ ତାଙ୍କର ପିଲା ।

ମେସର ଚାକର ପୂଝାରି ଯେତେ ତୁ' ତା' ରେ' ରି' ଶୁଣିଲେ ବି ପ୍ରକୃତରେ ଯାନ୍ତି ଏମାନଙ୍କ ଠାରୁ ବେଶି । କାରଣ ସେମାନେ ଅର୍ଜନ କରନ୍ତି । ଆଉ ଏମାନେ ଭିକ ମାଗନ୍ତି ଘରୁ ।

ସାମନାରେ କାମ କରୁଥିବା କୁଲି, ମର୍ଦ୍ଦ, ମାଇକିନିଆ ଓ ପିଲାମାନେ ଏମାନଙ୍କ ଆଖିରେ ଯେତେ ହୀନ ହେଲେ ବି ସମ୍ମାନର ଯୋଗ୍ୟ । କାରଣ ମୁଣ୍ଡ ଝାଳ ମାରି ଏମାନେ ପଇସା ଆଣନ୍ତି ।

ସାରା ଶୀତଦିନର ସକାଳଯାକ ଖରାପିଠିଆ ହୋଇ ବସି ବସି ଗୋଟିଏ ଚିନ୍ତା ଥାଏ ଏହି ବାବୁମାନଙ୍କର — 'ସେହି କୁଲି ପିଲାଗୁଡ଼ିକ କ'ଣ ମଣିଷ' ?

ଶୀତଦିନ ସକାଳେ, ଚିଆଁଲି ଦେହରେ ଖାଲି ପାଦରେ କଣ୍ଟା-ବଣ ଓ ପଥର ଢିମା ଉପରେ ଯାହାର ଜୀବିକା—ସେ କ'ଣ ମଣିଷ ?

ତର୍କ ଶେଷ ହୁଏ ! ପ୍ରମାଣ ହୁଏ ବାରମ୍ବାର ଯେ ସେହି କୁଲି-ମାନେ,—ଭିକାରୀମାନେ ମଣିଷ ନୁହନ୍ତି । କାରଣ ସେମାନେ ମଣିଷ ହେଲେ ଏହି ପରଭୋଜୀ, ବେକାର ଭଦ୍ରଲୋକଗୁଡ଼ିକ କ'ଣ ହେବେ ?

କାରଣ ଏମାନେ ମଣିଷ ।

# ଖାଲିହାତ

ଆକାଶ ବଦଳି ନାହିଁ, କିନ୍ତୁ ସେଥିରେ ଆଷାଢ଼ ଶ୍ରାବଣର ଅନ୍ଧାରୁଆ ମେଘ କମ୍ ହୋଇଆସିଲାଣି । ଅସମୟରେ ସବୁ କଥା ଘଟୁଛି । ପାଗଳାବାବା କହିଲେଣି ସୃଷ୍ଟି ବଦଳିଯିବ । ବିଶ୍ୱାସ ନ ଥିବା ଲୋକର ବି ସତ ଆସିବ ଏହି ସବୁ କଥା ଦେଖିଲେ ।

ସୁକୁମାର ତାହାର କୋଠରିଟିରେ ବସି କାଠଯୋଡ଼ିକୁ ଚାହିଁଥିଲା । ନଈଟା ପୋତିହୋଇ ଆସିଲାଣି । କଣ୍ଟ୍ରାକ୍ଟରଙ୍କର ମଟର ଟ୍ରକ୍ ସେଥିରୁ କେଜାଣି କେତେ ବାଲି ଉଠାଇଲାଣି । ବୋଧହୁଏ, କଟକ ଯାକ ଖାଲି ଘରମୟ ହେଉଛି । ତଥାପି ସରକାର ରାଜଧାନୀକୁ ବିବୃତି ଦ୍ୱାରା ଭୁବନେଶ୍ୱର ଯାଏ ଠେଲିଦେଲେଣି ।

ସରକାରଙ୍କର ଖର୍ଚ୍ଚକାଟ କମିଟି ବସିବାର ଢେର ଆଗରୁ ସେ ତାହାର ଖର୍ଚ୍ଚକାଟ ଆରମ୍ଭ କରିଦେଇଥିଲା । ଲୁଗାର ଦାମ୍ ଚାରିଗୁଣା ହେବାକୁ ଆରମ୍ଭ କଲା ଦିନୁଁ ସେ ଚିରା ସିଆଁ ଲୁଗା, ଗେରୁଆ ଲୁଙ୍ଗୀ ପିନ୍ଧୁଥିଲା । ସୋରିଷତେଲ ଛ'ଗୁଣାକୁ ଉଠିଲା ଦିନୁ ସେ ଦେହରେ ଖାଲି ବାଲି ଘଷି ଚମକୁ ମଜବୁତ୍ କରୁଛି । ଏହି ପ୍ରକାରରେ ସେ ତାଳୁଠୁଁ ତଳପାଯାଏ ଓ ଛତାରୁ ଯୋତାଯାଏ ଚାରିଆଡ଼େ ଖର୍ଚ୍ଚକାଟ କରିସାରିଲା ପରେ ଶୁଣିଲା, ସରକାରରେ ବି ଟଙ୍କା ନଅଣ୍ଟ ପଡ଼ିଲାଣି; କିନ୍ତୁ ଖର୍ଚ୍ଚର ମାତ୍ରା ବଢ଼ୁଛି ।

ଏଥିଭିତରେ ସବୁବେଳେ ଚେତ୍ ଓ ଫୂର୍ତ୍ତି ନ ରହିଲେ ସେ ମରିଯିବ କି ନାହିଁ, ଏହି କଥା ତାହାକୁ ଅନେକ ଦିନରୁ ତନ୍ମୟ କରି ରଖିଥିଲା । ଦିନକର ସନ୍ଧ୍ୟାବେଳେ ସେହି କଥା ସେ ଭାବୁଥିଲା ।

ସୁକୁମାର—ଜୀବନର ପଇଁତିରିଶ ବର୍ଷ ପାରିକଲା ପରେ ସେ ତାହାର ଗତ ଓ ଆଗତକୁ ଏକାଠି କରି ତଉଲୁଥିଲା । ଆକାଶରେ ଅସ୍ତଗାମୀ ସୂର୍ଯ୍ୟ ନଈବାଲି ଉପରେ ସୁନା ବୁଣିଦେଇଥିଲେ । ତାହାର ମୁହଁ ଉପରେ ସେହି କିରଣ ପଡ଼ି ତାହାକୁ ଯେମିତି ସୁନା କରିଦେଉଥିଲା ।

ସକାଳର ଟିଉସନ୍‌ରୁ ଛୁଟି ମିଳିଥିଲା । ଗୋଟିଏ ଝିଅକୁ ପଢ଼ାଏ । ବିବାହ କରିଛି । ସ୍ୱାମୀ ଦୂରରେ କେଉଁଠି ପଢ଼ୁଛନ୍ତି । ଝିଅଟି ସେଥିପାଇଁ ବାପଘରେ ରହି ପଢ଼ୁଛି । ସମୟ କାଟିବ ବୋଲି ପଢ଼େ ।

ପଢ଼ାର କି ସୁନ୍ଦର କୈଫିୟତ୍ । ସକାଳେ ପଢ଼ିବାକୁ ଆସିଲେ ପ୍ରତିଦିନ ନୂଆ ନୂଆ ଲୁଗା, ଜୋତା, ଗହଣାରେ ଦେହକୁ ମଣ୍ଡି-ଦେଇ ଆସେ । ଶୀତଦିନ ବୋଲି କେଉଁଦିନ ଲାଲ, କେଉଁ ଦିନ ନେଳି ଗରମକୋଟ ପିନ୍ଧେ । ଗଳାଖୋଲା କୋଟ ମଝିରେ ହାରର ଲକେଟ୍‌ଟା ଠିକ୍ ଝୁଲୁଥାଏ । କୋଟର ଦୁଇପାଖରେ ଜରିକାମ ଝ ଝଟକୁଥାଏ । ମୁଣ୍ଡ ଉପରେ କେଉଁ ଦିନ ତେଲ ଲଗାହୋଇ କୋଟି-କମ କରିଥାଏ ଓ କେଉଁଦିନ ମୋଟେ ତେଲ ନ ଲଗାଇ ନୂଆ ଫେସନ୍‌ରେ ଖାଲି ଫୁରୁଫୁରୁ କରୁଥାଏ ।

ତାହାର ବାପାଙ୍କର ତାଗିଦ୍ ଝିଅକୁ ଭଲକରି ବୁଝେଇ ପଢ଼େଇବେ, ଯେମିତି ତାହାକୁ ବୁଝିବା କି ମନେ ରଖିବା କଷ୍ଟ ହେବ ନାହିଁ । କେଉଁଦିନ ଝିଅ ଯଦି ଯାଇ ଗୁହାରିଆ ହୁଏ, ଯେ ମାଷ୍ଟ୍ରେ ଭଲ

ସରଳ କର ପଡାଇବାକୁ ବୁଝେଇ ପାରୁ ନାହାନ୍ତି, ତହିଁଆରଦିନ ବାପା ଆସି ସେହି କଥା ଚେତେଇଦେଇ ଯାଆନ୍ତି ।

ସୁକୁମାରର ସେହି ଗ୍ରୀଷ୍ମର ଦୁଇଦିନ ଛୁଟି ନେଇଥିଲି ସେ ଲାଗିଲାଗେ ତିନ ସପ୍ତାହ ପଡ଼ିଦେଲାରୁ ତାହାର ମୁଣ୍ଡରେ ଆଉ କିଛି ପଶୁ ନାହିଁ । ସୁକୁମାରକୁ ସେହି କାରଣରୁ ଦୁଇଦିନ ଛୁଟି ଦିଆହେଲାବେଳେ ସୁକୁମାର ଥରେ ତାହାର ଚଗଲୁଗା କୁର୍ତ୍ତା ଓ ଭଙ୍ଗି ପଡ଼ୁଥିବା ଦେହକୁ ଚାହିଁ ହସିଥିଲା । ଯାହାହେଉ ଏମାନେ ବି ତ ଈଶ୍ୱରଙ୍କର ସୃଷ୍ଟି, ମନ୍ଦ କଣ ?

ବସାଘରେ ସେଦିନ ସନ୍ଧ୍ୟାରେ ତାହାର ସବୁ କଥା ମନେ ପଡ଼ୁଥିଲା । ଲେଖା ପ୍ରତି ଭାରି ଝୋଁକ୍ ଥିଲା ବୋଲି ପଢ଼ା ଭଲ ହେଲା ନାହିଁ । ପଢ଼ା ଭଲ ହେଲା ନାହିଁ ବୋଲି ସରକାର ଭଲ ଚାକିରି ଦେଲେ ନାହିଁ । ଆଉ ଯେଉଁଟି ବି ସେ ପାଇଥିଲା ସେଇଟା ଖର୍ଚ୍ଚ-କାଟର ଦୌରାତ୍ମ୍ୟରେ ଆଗ ଉଡ଼ିଗଲା । ଖାଲି ଫଷ୍ଟ୍ରାନର ଗୋଟିଏ ବାଟ ରହିଥାଏ—ସେଇଟା ସେହି ଟିଉସନ୍ଟି । ଦରିଦ୍ର ଅସୁନ୍ଦର ଓ ସହଣିଆ ହୋଇଥିବାରୁ ସେତକ ଏଯାଏଁ ହାତଛଡ଼ା ହୋଇ ନାହିଁ ।

ବସାଘରୁ ନଈ ଦିଶୁଛି । ଖଟିଆ ଖଣ୍ଡିକ ପାଇଁ ମାସୁଆରି ଭଡ଼ା ଆଠଟଙ୍କା । ଘରେ ମଶା ଯେତିକ, ଖଟଟିରେ ଓଡ଼ଶ ସେତିକ । ପୂଝାରିର ଡାଲତରକାରିରେ ପାଣି ଯେତିକ, ଭାତରେ ଗୋଡ଼ି ସେତିକ । ତଥାପି ସେ ଖାଉଛି । ପଢ଼ିଲାବେଳେ ସେ ଶସ୍ତା ସମୟରେ ମାସୁଆରି ପଚିଶ ଟଙ୍କା ଖର୍ଚ୍ଚ କରି ସାହିତ୍ୟ ଲେଖୁଥିଲା । ଆଜି ସେ ପଚିଶ ଟଙ୍କାରେ ନିଜର ଖର୍ଚ୍ଚ ଚଳେଇ, ଘରର ଭଲମନ୍ଦ ଆବୋରି ରହିଛି ।

ଆଏନ୍ଦା ଦିନଗୁଡ଼ିକ କଥା ଭାବିଲେ ଛାତି ଦୁରୁଦୁରୁ କରୁଛି । ସେ ବଞ୍ଚିଯିବ କି ମରିଯିବ ସେହି କଥା ଭାବୁଛି । ଲୋକେ କହୁଛନ୍ତି ବିପ୍ଳବ ମାଡ଼ିଆସୁଛି, ସନ୍ଥ ସନ୍ନ୍ୟାସୀମାନେ କହୁଛନ୍ତି ସୃଷ୍ଟିର ପ୍ରଳୟ ଆସୁଛି । କେତେଦିନ ହା’ ହା’ କରି ସେମାନଙ୍କୁ ଡାକୁଛି, ଖୋଜୁଛି । କିନ୍ତୁ ପ୍ରଳୟ କି ବିପ୍ଳବ କେହି ଆସିବା ଆଗରୁ ତାହାର ସଂସାରରେ ଯେମିତି ଖାଲି ଆନ୍ଦୋଳନ ଆରମ୍ଭ ହୋଇଛି । ତାହାର ଜୀବନ ମରଣର ଆନ୍ଦୋଳନ ।

ଏହି ଦୁଃଖ ଝଞ୍ଜା ଭିତରେ ସୁକୁମାରର ସ୍ତ୍ରୀଟି ଗୋଟିଏ ପ୍ରହେଳିକା । ଦୟା ଦେଖାଇ କପେ ଲେଖାଁ ଗରମ ଚା’ ଅଣେଇଦିଏ ନିଜେ ଖାଇବ ବୋଲି ଛଳ ଦେଖାଇ । ଚା’ରେ ଦୁଧ ଚିନି ବେଶୀ ଖାଇବ ବୋଲି ବାହାନା କରି ଗରିବକୁ ଅଧକପେ ଦୁଧ ଦି’ଚାମୁଚ ଚିନି ଖୁଆଇଦିଏ । ସେଇଟି ଈଶ୍ୱରଙ୍କର ଗୋଟିଏ ଦୂତ । କେତେଥର ସୁକୁମାର ମନରେ ସେ ସ୍ପନ୍ଦନ ଜଗାଇଛି — ସହାନୁଭୂତିର ସ୍ପନ୍ଦନ । କେତେଥର ସୁକୁମାରର ହିମ ପାଲଟି ଆସୁଥିବା ହୃଦୟରେ ସେ ଢେଉ ଉଠାଇଛି—ଜୀବନର ଜୁଆର ଖୋଲିଦେଇଛି ।

ଥରେ ସ୍ତ୍ରୀ କହୁଥିଲା, ତାହାର ମୂଲ ପନ୍ଦର ହଜାର ଟଙ୍କା । ସୁକୁମାର ପଚାରିଲା କ’ଣ ଯୌତୁକ ପନ୍ଦର ହଜାର ? ସ୍ତ୍ରୀ ହସି କହୁଥିଲା ‘ନା – ନା—ମୋର ଯେଉଁ ଯୋଗ୍ୟତା ଅଛି ତାହାର ଖୁବ୍ କମ୍‌ରେ ମୂଲ ହେବ ପନ୍ଦର ହଜାର । ମୁଁ ଭଲ ଦେଖିବାକୁ, ଭଲ କଥା କହେ, ଗୀତ ବୋଲେ, ବୁଦ୍ଧି ଅଛି······

କଥା ଭାଙ୍ଗିଦେଇ ସୁକୁମାର କହିଲା, 'ଥାଉ—ପଢ଼ା କଥା ଦେଖିବା ଆଗ ।' ବହି ଟାଣିନେଇ ପାଠରେ ଆଖି ବୁଲେଇଲାବେଳେ ଦଶରଥ ମାଷ୍ଟ୍ର ସୁକୁମାର ଭାବୁଥିଲା, "ସୃଷ୍ଟି ବଦଳିଆସିଲାଣି—ପିଲାଟା କ'ଣ କହୁଛି ? କାହା ଆଗରେ ?"

'ପିଲାଟା ?' ଅଜାଣତରେ ପାଟିରୁ ବାହାରିପଡ଼ିଥିଲା ବୋଲି, କେତେକ ଉଦ୍ଧତ ଚାହାଣୀରେ ଛାତ୍ରୀ, ଚାହିଁଥିଲା । ଆଖି ତଳକୁ କରି ସୁକୁମାର କାମରେ ମନ ଦେବାକୁ ଗଲାବେଳେ ମନେ କରୁଥିଲା ସୃଷ୍ଟିରେ ନୂଆ କଥା ଅନେକ ହେଲାଣି । ସୁକୁମାର ଏହି ପରିବର୍ତ୍ତନ ଭିତରେ ହଜିଗଲାଣି ।

ଆମ ହିନ୍ଦୁଙ୍କର ଆଇନ ବଦଳିଲାଣି । ମାଇପେ ଆସି ଆମ ଅଫିସରେ ଚାକିରି କଲେଣି । ପୁରୁଷଙ୍କଠାରୁ ସଂଖ୍ୟାଧିକ ହୋଇ ଭୋଟର ହେଲେଣି ।...ହଁ ତାହାର ଏମିତି ଭାବନା ଭୁଲ୍ ।

ସେଦିନ ସନ୍ଧ୍ୟାରେ ନିଜ ଦୁଃଖଭିତରେ ବୁଡ଼ିରହିଥିଲାବେଳେ ଏଠୁ ସେଠୁ ହୋଇ ଏଇଗୁଡ଼ିଏ ମନେପଡ଼ୁଥିଲା । ଲେଖା ସେ ଛାଡିଦେଲାଣି । ରହିଥିବା ଘରଟି ପରି ସେ ପୁରୁଣା ହୋଇଯାଇଛି । ଘରର ଦିନେ ନୂଆ ହୋଇଥିବା କବାଟଝରକା ପରି ବର୍ଷା ଖରା ଖାଇ ସେ ଫୁଟିଫାଟି ଯାଇଛି ।

ପନ୍ଦର କୋଡ଼ିଏ ବର୍ଷ ତଳେ ସେ ଲେଖୁଥିଲା । କାହାକୁ ଦେଖିଦେଲେ ତାହାର ଦେହରେ ଯେମିତି ବିଜୁଳି ଛୁଟିଯାଉଥିଲା । ଶୀତଦିନେ ସେ ଖଣ୍ଡେ ଧଳା କୁର୍ତ୍ତାରେ ବି ଚାଲିଯାଉଥିଲା । ସାମାନ୍ୟ ସାମାନ୍ୟ କଥାରେ ସେ ବହି ଲେଖିବାକୁ ବସିଯାଉଥିଲା ।

ଏହି ପନ୍ଦର ବରଷ ତାହାର ଉପରେ ଗଡ଼ିଯାଇଛି । ସେହି ଗଡ଼ିଗଲାବେଳେ ସେ ଯିମିତି ଟିକିଏ ଟିକିଏ କରି ସବୁ କାଟି-ଦେଇଛି । ଗୁଡ ଭିତରୁ ଉଷୁମତା ବି ଟାଣିନେଇଛି । ତାହାର ମନ ଆଉ ଚହଲୁ ନାହିଁ । ଅଣ୍ଡା ନ ଥିଲେ ବି ତାହାକୁ ଶୀତ ଲାଗେ, ତଣ୍ଟି ଫଟା ହେଲେ ବି ସେ ଭିତରେ ଧଁପ୍ରସ୍ତ ପିଇବେ । ଗୁଲେ ଥରି ଥରି । କଥା କହେ ଡରିଡରି .। କଲମ ଗ୍ଧଳ ନାହିଁ । ହାତ ଥରି ବାନ୍ଧ ହୋଇଯାଏ ।

ଭିତରେ ଏହି ଅବସ୍ଥା ଥିଲେ ସେ ବିଚରା କ'ଣ କରିବ ? ଲେଖକ ନୂଆ କଥାଟିକୁ ଦେଖା ପରଖା କରି ଆଣି ବାଢ଼ିଦିଏ ଓ ଦେଖା ପରଖା କଥାଟିକୁ ନୂଆ କରି ତିଆ କରିଦିଏ । ଏ ଦୁଇଟି ଯାକ କାମକୁ ସେ ଅଭାଜନ ।

ସେ ଯେମିତି ସୃଷ୍ଟିର ଆଉ ପାଞ୍ଚଟା ଜିନିଷକୁ ବୁଝିପାରୁ ନାହିଁ, ସେମିତି ତାହାର ଏହି ଅସାମର୍ଥ୍ୟ ମଧ୍ୟ ବୁଝିପାରେ ନାହିଁ ।

ସବୁ ହରାଇ ଖାଲି ହାତରେ ସେଦିନ ସନ୍ଧ୍ୟାରେ ବସିଥିଲା ବେଳେ ସେ ମନେକରୁଥିଲା ନିଜର କଥାଗୁଡ଼ିକ । ଲେଖକ କ'ଣ ଖାଲିହାତରେ ବଞ୍ଚେ ? ସଂସାରର ଆଦର ସୋହାଗ, ସ୍ନେହ ସହାନୁଭୂତି ନ ପାଇଲେ ସେ କ'ଣ ତାହାର ଜୀବନରେ ସ୍ପନ୍ଦନ ଆଣିପାରେ ? ନିଜର ହୃଦୟ ଜଡ଼ ପାଲଟିଗଲେ ସେ କ'ଣ ଅନ୍ୟକୁ ଆଉ ଉଠେଇପାରେ ?

ଶୀତ ପାଇଁ ଛିଣ୍ଡାକନ୍ଥାର ଖଣ୍ଡେ ଗୁଡ଼େଇହୋଇ ସେଦିନ ସେ ସଂସାରକୁ ଅଭିଶାପ ଦେଉଥିଲା—ଧନୀଙ୍କୁ ନୁହେଁ, ଦରିଦ୍ରଙ୍କୁ

ମୁହେଁ, ହୃଦୟହୀନ ଲୋକଙ୍କୁ । ଲେଖକ ହେଉଛନ୍ତି ଆଦର୍ଶବାଦୀ । ସେ ବଞ୍ଚିରହିଥାଏ ବୋଲି ସଂସାରର ଅନେକ ଦୁଃଖ ସହ୍ୟ-ହୋଇଯାଏ ।

କିନ୍ତୁ ସଂସାରର ଲୋକେ ତାକୁ ମାରି ଫୋପାଡ଼ି ଦେଉଛନ୍ତି, ତାହାଠାରୁ ସବୁ ଶୋଷିନେଇ ସ୍ତୂପାକର ବାସ୍ତାକୁ ଠେଲି ଦେଉଛନ୍ତି । ତାହାକୁ ବଞ୍ଚେଇ ରଖିବା ପାଇଁ ଯେଉଁ ଟିକକ ଦରଦ ସ୍ନେହ ଦରକାର ସେତକ କାଟି ଦେଉଛନ୍ତି । ସେ ନିଜେ ଆଜି 'ସେମିତି 'ମରିଗଲା —ହଜିଯିବ ।

ଆଃ 'ଅଣ୍ଡା'—କପେ ଚା' ପାଇଁ ହେଲେ ପଇସା ଥାଆନ୍ତା ? ସୁକୁମାରର ମନ କୃତଜ୍ଞତାରେ ପୂରି ଯାଉଥିଲା ତାହାର ଅନ୍ନ-ଦାତାଟି ପୁଞ୍ଜି—ଗୁଣୀଟି ପ୍ରଭୁ ।

ଯେଉଁମାନେ ଜାଣିଥିଲେ 'ସେମାନେ 'ଭୁଲିଗଲେ—ପାଶୋରି-ଗଲେ । କିନ୍ତୁ ଯେଉଁମାନେ ନୂଆ ପରିଚୟ କରୁଛନ୍ତି ସେମାନେ ତାହାକୁ କେବଳ ବଞ୍ଚେଇ ରଖିଛନ୍ତି—ପଦେ କଥା, କପେ ଚା', ମୁଠାଏ ଲେଖାଏଁ ପଇସା ଦେଇ ।

କିନ୍ତୁ ଲେଖକ ହୋଇ ସଂସାରକୁ ଜୀଆଇଁ ହସେଇ ରଖିବ ବୋଲି ସେ ଆଜି ହୀନ ଓ ଦରିଦ୍ର ଯାହାଙ୍କ ପାଇଁ ହୋଇଥିଲା ସେମାନେ ଆଜି ଭାବୁଛନ୍ତି କଣ୍ଟ୍ରୋଲଦୋକାନୀ ଲେଖକଠାରୁ ଅଧିକ ମୂଲ୍ୟବାନ୍ ।